

# ଉତ୍କଳ ପ୍ରସଙ୍ଗ



ଥେଚର - ଇନ୍ଦିରା ସାକ୍ଷାତ... MRS THATCHER MEETS MRS GANDHI

ଜାତିସଂଘ ଜନନିୟନ୍ତ୍ରଣ ପୁରସ୍କାର
SMT GANDHI RECEIVING UN POPULATION AWARD



# ଉତ୍କଳ ପ୍ରସଙ୍ଗ

କାର୍ତ୍ତିକ/ମାର୍ଗଶୀର ୧୯୦୫ ଶକାବ୍ଦ ୪୦ ଭାଗ ୪ର୍ଥ/୫ମ ସଂଖ୍ୟା ନଭେମ୍ବର/ଡିସେମ୍ବର ୧୯୮୩

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ : ଶ୍ରୀ ଭୋଳାନାଥ ରାଉତରାୟ

ସହ ସମ୍ପାଦକ : ପ୍ରଜ୍ଞଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ବି: ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦

ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଜାତୀୟ ଏକତା ଓ ସଂହତି | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଖଣ୍ଡଗିରି | ଡା: ନବୀନ କୁମାର ସାହୁ | ୬ |
| ଶିଳ୍ପର ଗୁଣାତ୍ମକ ବିକାଶ କ୍ଷେତ୍ରରେ ଗୁରୁତ୍ୱ | ଶ୍ରୀ ଅଭୟାନନ୍ଦ ରଥ | ୯ |
| ଯୌତୁକ——ଏକ ସାମାଜିକ ବ୍ୟାଧି | ଶ୍ରୀ ମଙ୍ଗୁଲୁ ଚରଣ ବିଶ୍ୱାଳ | ୧୧ |
| ଉଦ୍ୟାନ କୃଷି ଓ ଓଡ଼ିଶା | ଡକଟର ରମେଶ ଚନ୍ଦ୍ର ଦାଶ | ୧୫ |
| ଓଡ଼ିଶାର ପର୍ବ ପର୍ବାଣୀରେ ନୌବାଣିଜ୍ୟର ପ୍ରଭବ | ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି | ୧୮ |
| ପଲ୍ଲୀ ପରିବାର ଓ ପ୍ରଗତି ପ୍ରକଳ୍ପ | ଶ୍ରୀ ଅରବିନ୍ଦବନ୍ଧୁ ମିଶ୍ର | ୨୦ |
| ଆକାଶବାଣୀ ଶିଶୁ କାର୍ଯ୍ୟକ୍ରମ | ଶ୍ରୀ ଯତୀନ୍ ଦାସ | ୨୨ |
| ଓଡ଼ିଶାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା | ଡକ୍ଟର ସୀତାକାନ୍ତ ମହାପାତ୍ର | ୨୫ |
| ଭଗବତ ଧର୍ମ, ଅତିବଡ଼ୀ ଓ ଶ୍ରୀଜଗନ୍ନାଥ | ଶ୍ରୀ ନାରାୟଣ ସାହୁ | ୨୭ |
| ବୃତ୍ତିଗତ ମାର୍ଗ ଦର୍ଶନ ଓ ବିଦ୍ୟାଳୟ କାର୍ଯ୍ୟକ୍ରମ | ଶ୍ରୀ ଧ୍ରୁବ ଚରଣ ମିଶ୍ର | ୩୦ |
| ଜାତୀୟ କବି ସୁବ୍ରମନିଆ ଭରତୀ | ଶ୍ରୀ ସୂର୍ଯ୍ୟନାରାୟଣ ପଣ୍ଡା | ୩୩ |
| ଜାତୀୟ ବିକାଶ ପଥେ ଇନ୍‌ସାଟ | ଡକ୍ଟର ଜଗନ୍ନାଥ ମହାନ୍ତି | ୩୬ |
| ସମୃଦ୍ଧିର କୋଡ଼ିଏ ପାହାଚ | ଶ୍ରୀ ସୁରେନ୍ଦ୍ର ନାଥ ପାଢ଼ୀ | ୩୯ |
| ଓଡ଼ିଶାରେ ଲକ୍ଷ୍ମୀ ପୂଜା | ଶ୍ରୀ ଗଣେଶ ପ୍ରସାଦ ପରିଜା | ୪୩ |
| ଶିଶୁ ଶ୍ରମିକ | ଶ୍ରୀ ମୁରଲି ମୋହନ ଜେନା | ୪୭ |
| ଶିଳ୍ପାନୁଷ୍ଠାନରେ ଶାନ୍ତି ପ୍ରତିଷ୍ଠା ଲାଗି ଶ୍ରମିକ ୟୁନିୟନର ଭୂମିକା | ଶ୍ରୀ ଏ: ଏନ: ବୁଚ୍ | ୫୦ |
| ପ୍ରଗତି ପ୍ରସଙ୍ଗ | | ୫୨ |




# ଜାତୀୟ ଏକତା ଓ ସଂହତି

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମତିଥି 'କ୍ୱାମି ଏକତା ଦିବସ' ରୂପେ ପାଳିତ ହୋଇ ଆସୁଛି । ଏହି ଅବସରରେ ଆମର କର୍ତ୍ତବ୍ୟ, ଦେଶରେ ମୁଣ୍ଡ-ଟେକି ଉଠୁଥିବା ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବିଷୟରେ ଜନସାଧାରଣଙ୍କୁ ସତର୍କ କରାଇବା । ଆମ ଦେଶରେ ଏକ ସମ୍ବିଧାନ ପ୍ରଚଳିତ ହେବା ପରେ ଆମର ଏକତା ପ୍ରତି କୌଣସି ବିପଦ କିମ୍ବା ଅସୁବିଧା ନାହିଁ ବୋଲି ଭାବିବା ଠିକ୍ ନହେଁ । ସ୍ୱାଧୀନତା ପରେ ବିଭିନ୍ନ କ୍ଷେତ୍ରରେ ବହୁ ବିଚ୍ଛିନ୍ନତାବାଦୀ ଶକ୍ତି ମୁଣ୍ଡ ଟେକୁଛନ୍ତି । ଭାରତଠାରୁ ବିଚ୍ଛିନ୍ନ ହେବା ପାଇଁ ଭାରତର ଉତ୍ତର ପୂର୍ବ ସୀମାନ୍ତ ଅଞ୍ଚଳରେ ନାଗା ଓ ମିଜୋମାନଙ୍କ ଭିତରେ ଏବଂ ଅନ୍ୟ କେତେକ ଶକ୍ତିଙ୍କ ଭିତରେ କ୍ରମାଗତ ଆନ୍ଦୋଳନ ଓ ବିଦ୍ରୋହ ଲାଗି ରହିଛି । ସାଂପ୍ରଦାୟିକ କ୍ଷେତ୍ରରେ ନାନା ଭେଦଭାବ ଓ ବିବାଦ ସୃଷ୍ଟି ହୋଇ ତାହା ଅତି ହିଂସାତ୍ମକ ଘଟଣାରେ ପରିଣତ ହେଉଛି । ବିଭିନ୍ନ ରାଜ୍ୟ ଭିତରେ ପ୍ରାଦେଶିକତା ଏଭଳି ଏକ ରୂପ ନେଉଛି, ଯେଉଁଥିରେ ଜାତୀୟତା ବିପନ୍ନ ହେବା ପାଇଁ ବସିଛି । ତେଣୁ, ବିଚ୍ଛିନ୍ନତାବାଦୀ ଶକ୍ତିମାନଙ୍କ ବିରୁଦ୍ଧରେ ସଚେତନ ହେବା ପାଇଁ କ୍ୱାମି ଏକତା ଦିବସର ଆହ୍ୱାନ । ଭାରତୀୟ ଭାବରେ ଏ ଦିଗରେ ଚିନ୍ତା କରି କାର୍ଯ୍ୟ କରିବା ଆମର କର୍ତ୍ତବ୍ୟ ।

## ଯୁଗେ ଯୁଗେ ସାଂସ୍କୃତିକ ଏକତା

ଆମର ଶାସ୍ତ୍ର, ପୁରାଣ, ସଂସ୍କୃତି ଓ ଧର୍ମରେ ଭାରତ-ବର୍ଷକୁ ଗୋଟିଏ ଦେଶ ବୋଲି କଳ୍ପନା କରାଯାଇଛି । ଏ ଦେଶରେ ଯୁଗେ ଯୁଗେ ସାଂସ୍କୃତିକ ଏକତା ରହି ଆସିଛି । ଏ ମାଟିରେ ଯେଉଁ ମହାପୁରୁଷମାନେ ଆବିର୍ଭୂତ ହୋଇଛନ୍ତି, ସେମାନେ ସାରାଦେଶ ପରିଭ୍ରମଣ ନ କରିବା ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ ଶେଷ କରି ନାହାନ୍ତି । ଆମର କବି ଓ ଲେଖକମାନେ ସାରା ଭାରତବର୍ଷକୁ ଉପଜୀବ୍ୟ କରି ମହାକାବ୍ୟମାନ ରଚନା କରିଛନ୍ତି । ବ୍ୟାସଦେବ ମହାଭାରତ ରଚନା କରିଛନ୍ତି । ତା'ର ନାମ ହେଉଛି ମହାଭାରତ । ଅର୍ଥାତ୍ ସମଗ୍ର ଭାରତ ହେଉଛି ତା'ର ଉପଜୀବ୍ୟ । ପାଣ୍ଡବମାନେ ତୀର୍ଥ ଯାତ୍ରା କରୁଛନ୍ତି । ସାରା ଭାରତବର୍ଷ ପରିଭ୍ରମଣ ନ କରିବା ପର୍ଯ୍ୟନ୍ତ ତାଙ୍କର ତୀର୍ଥଯାତ୍ରା ଶେଷ ହେଉ ନାହିଁ । ରାମାୟଣ ଅଯୋଧ୍ୟାରୁ ଆରମ୍ଭ ହୋଇ ଲଙ୍କା ଏବଂ ଲଙ୍କା ପରେ ପୁଣି ଅଯୋଧ୍ୟା । କାଳିଦାସଙ୍କର ରଘୁବଂଶରେ ରଘୁଙ୍କର ଦିଗ୍‌ବିଜୟ ଆରମ୍ଭ ହୋଇଛି ହିମାଳୟଠାରୁ ଓ ଶେଷ ହୋଇଛି ସମୁଦ୍ର ତୀରରେ । ଭାରତର ମେଘଦୂତ କାବ୍ୟ ମଧ୍ୟ ଠିକ୍ ସେହିପରି ।

ସମସ୍ତ ଶ୍ରେଷ୍ଠ କବି ତାଙ୍କର କାବ୍ୟକୃତିରେ ଭାରତବର୍ଷକୁ ଗୋଟିଏ ଦେଶ ବୋଲି କଳ୍ପନା କରିଛନ୍ତି । ମହାପୁରୁଷ ଗୌତମ ବୁଦ୍ଧ କୌଣସି ଗୋଟିଏ ସ୍ଥାନରେ ନରହି ବାରମ୍ବାର ଭାରତ ବର୍ଷ ବୁଲିଛନ୍ତି । ତାଙ୍କର ମୃତ୍ୟୁ ପୂର୍ବରୁ ସେ ଯେଉଁ ଶେଷ କଥା କହିଥିଲେ, ତାହା ହେଉଛି—

'ଚିତ୍ରମ୍ ଜମ୍ବୁଦୀପଂ ମନୋରମଂ ଜୀବିତମ୍ ମନୁଷ୍ୟାଣାମ୍' । ଏ ଜମ୍ବୁଦୀପ ଅତି ସୁନ୍ଦର । ଏଠାରେ ଯେଉଁ ମନୁଷ୍ୟମାନେ ଜନ୍ମଗ୍ରହଣ କରିଛନ୍ତି ସେମାନେ ଧନ୍ୟ । ସେମାନଙ୍କର ଜୀବନ ସୁନ୍ଦର ।

## ସ୍ୱାଧୀନତାର ଜାତୀୟତା

ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଆସି ଭାରତର ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ଭାରତ ବର୍ଷ ବୁଲି ଦେଶର ଆତ୍ମାକୁ ଅନୁଭବ କରିଥିଲେ । ଭାରତ ବର୍ଷକୁ ଚିହ୍ନିବା ପାଇଁ ଆଗ ଚେଷ୍ଟାକଲେ । ସେ ଭାରତ ବର୍ଷର ଏକତା ପାଇଁ ସାରାଜୀବନ ଯେଉଁ କାର୍ଯ୍ୟ କଲେ, ସେଥିରୁ ଜନ୍ମ ହେଲା ଭାରତବର୍ଷର ଜାତୀୟତା । ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡରେ ପଞ୍ଜାବର ଲୋକେ ବିଶେଷ କ୍ଷତିଗ୍ରସ୍ତ ହେଲେ । କିନ୍ତୁ ମହାତ୍ମାଗାନ୍ଧୀ କହିଲେ, ଏହା ସମଗ୍ର ଭାରତୀୟ ଜାତିପ୍ରତି ଅପମାନ ଏବଂ ସମଗ୍ର ଭାରତବର୍ଷକୁ ଏଥିପାଇଁ ଠିଆ ହେବାକୁ ପଡ଼ିବ । ୧୯୩୪ ମସିହାରେ ବିହାରରେ ଭୂମିକଂପ ହେଲା । ବିହାର ଲୋକେ ସେଥିରେ କ୍ଷତିଗ୍ରସ୍ତ ହେଲେ । ମହାତ୍ମାଗାନ୍ଧୀ କହିଲେ, ଏହା କେବଳ ବିହାରର ସମସ୍ୟା ନୁହେଁ । ଏହା ସାରା ଭାରତ ବର୍ଷର ସମସ୍ୟା । ତେଣୁ ବିହାର ଭୂମିକଂପ ପାଇଁ ଗୋଟିଏ ଜାତୀୟ ପାଣ୍ଠି ଗଠନ କରାଯାଇଥିଲା । କୌଣସି ଜାତି ବା ପ୍ରଦେଶର ସମସ୍ୟାକୁ ସେ ସାରା ଭାରତବର୍ଷର ସମସ୍ୟା ରୂପେ ଗ୍ରହଣ କରୁଥିଲେ । ଗାନ୍ଧିଜୀ ଏହିପରି ଭାବରେ ଭାରତବର୍ଷର ଜାତୀୟ ଆନ୍ଦୋଳନ ଓ ଏକତାକୁ ନିର୍ମାଣ କରିଥିଲେ ।

## ସମ୍ବିଧାନ ସୌଧ

ପଣ୍ଡିତ ଜବାହାରଲାଲଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ହୋଇ ଭାରତ ବର୍ଷ ଏକ ହେଲା । ପ୍ରଥମ ହୋଇ ଭାରତ ବର୍ଷ ଜାତୀୟ କ୍ଷେତ୍ରରେ ଓ ଶାସନ କ୍ଷେତ୍ରରେ ଏକ ରାଷ୍ଟ୍ରରେ ପରିଣତ ହେଲା ଏବଂ ଏ ରାଷ୍ଟ୍ରର ଚାରୋଟି ନିର୍ଦ୍ଦିଷ୍ଟ ନୀତି ରହିଲା । ତାହା ହେଲା; ଜାତୀୟତା, ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମାଜବାଦ । ଜାତୀୟତାର ସ୍ତମ୍ଭ ଉପରେ ଭାରତୀୟ ସମ୍ବିଧାନର ସୌଧ ନିର୍ମାଣ କରାଯାଇଛି । ଜାତୀୟତାର ସ୍ତମ୍ଭ ଦୋହଲି ଗଲେ ସମଗ୍ର ଭାରତବର୍ଷ ଦୋହଲି ଯିବ । ଜାତୀୟତା ବିପନ୍ନ ହେଲେ ଧର୍ମ ନିରପେକ୍ଷତା ଓ ଗଣତନ୍ତ୍ର ରହିବ ନାହିଁ । ଜାତୀୟତା ବିପନ୍ନ ହେଲେ ସମାଜବାଦ କଦାପି ସମ୍ଭବ ନୁହେଁ । ସବୁରି ମନରେ, ଧ୍ୟାନରେ ଏବଂ କାର୍ଯ୍ୟରେ ଜାତୀୟତାଭାବ ରହିବା ଆବଶ୍ୟକ ।

## ପଦ୍ମଫୁଲର ପାଖୁଡ଼ା

ଓଡ଼ିଶା ବହୁ କାଳ ଧରି ବଙ୍ଗଳା, ବିହାର ଓ ମାଦ୍ରାଜ ପ୍ରଦେଶ ସହିତ ରହିଥିଲା । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଉତ୍କଳ ସମ୍ମିଳନୀ ନାମରେ ଗୋଟିଏ ବିରାଟ ଆନ୍ଦୋଳନ ଆରମ୍ଭ କରାଗଲା । ଏହି ସମ୍ମିଳନୀର ଅଧିବେଶନ ଉପଲକ୍ଷରେ କବିବର ରାଧାନାଥ ରାୟ ଯେଉଁ ସଙ୍ଗୀତ ରଚନା କଲେ, ତା'ର ନାମ ହେଲା 'ଭାରତ ଗୀତିକା' । 'ଉତ୍କଳ ଗୀତିକା' ନୁହେଁ । ଏହି ସଙ୍ଗୀତର ପ୍ରଥମ ଧାଡ଼ି ହେଲା ସମସ୍ତଙ୍କର ଜନନୀ ଭାରତବର୍ଷ । ଭାରତବର୍ଷ ଗୋଟିଏ ପଦ୍ମଫୁଲ ଓ ଓଡ଼ିଶା ହେଉଛି ଏହି ପଦ୍ମଫୁଲର ପାଖୁଡ଼ା । ଏଥିରୁ ସହଜରେ ଅନୁମାନ କରିହେବ ଯେ ଆମ ଦେଶର କବି, ଲେଖକ, ଦାର୍ଶନିକ, ଓ ସାଧୁସନ୍ଥମାନେ ସମଗ୍ର ଭାରତବର୍ଷକୁ ଏକ ବୋଲି ବିଚାର କରି ତାଙ୍କ ଜୀବନର କାର୍ଯ୍ୟ କରି ଯାଇଛନ୍ତି । ଏଣୁ ଭାରତ ବର୍ଷକୁ ଏକ, ଅବିଚ୍ଛିନ୍ନ ଭାବରେ କଳ୍ପନା କରି ଆମର ସମସ୍ତ ଚିନ୍ତା ଓ କାର୍ଯ୍ୟରେ ତାହା ପ୍ରକାଶ କରିବା ଉଚିତ ହେବ ।

## ବଳିଷ୍ଠ ଜାତୀୟ ଭାଷା

ଭାରତବର୍ଷରେ ଏକତା ପାଇଁ ଅନେକ କାର୍ଯ୍ୟ କରିବା ପାଇଁ ରହିଛି । ପ୍ରଥମେ ଦେଶର ଏକ ଭାଷା ରାଷ୍ଟ୍ରଭାଷା ରୂପେ ଗୃହୀତ ହେବା ଆବଶ୍ୟକ । ବର୍ତ୍ତମାନ ସାଧାରଣରେ ଗୃହୀତ ଭାଷା ଇଂରାଜୀ । ମାତ୍ର ଏହା ଜନଗଣଙ୍କର ଭାଷା ନୁହେଁ ।

## ସଂସ୍କୃତ ଭାଷା ଓ ଜାତୀୟତା ଭାବ

ଗୋଟିଏ ସମୟରେ ସଂସ୍କୃତ ଭାଷା ଥିଲା ସମଗ୍ର ଭାରତର ଭାଷା । ଭାରତୀୟ ସାଂସ୍କୃତିକ ଏକତା ପ୍ରତିଷ୍ଠିତ ହୋଇଥିଲା ସଂସ୍କୃତ ଭାଷା ମାଧ୍ୟମରେ । ଯେଉଁ କବିମାନେ ସବୁ ସଂସ୍କୃତ ଭାଷାରେ ଲେଖୁଥିଲେ ସେମାନଙ୍କର ଗୋଟିଏ ନିୟମ ଥିଲା । ସେମାନେ ନିଜର ଜନ୍ମସ୍ଥାନ କେଉଁଠାରେ ହେଲେ ଲେଖୁ ନ ଥିଲେ । କାରଣ ସ୍ଥାନ ଲେଖିଲେ, ସେଥିରୁ ପ୍ରାଦେଶିକତା ସୃଷ୍ଟି ହେବ । ସେଥିପାଇଁ 'ରଘୁବଂଶ'ର କବି କାଳିଦାସ 'ପଞ୍ଚତନ୍ତ୍ର'ର ଲେଖକ ବିଷ୍ଣୁଶର୍ମା ପ୍ରଭୃତି ପ୍ରସିଦ୍ଧ କବି ଓ ଲେଖକମାନେ କେଉଁଠି ଜନ୍ମ ହୋଇଥିଲେ, ତାହା ସେମାନଙ୍କର ଲେଖାରେ ଉଲ୍ଲେଖ କରି ନାହାନ୍ତି । ସେହିପରି ନୈଷଧ, ଭାରବୀ ପ୍ରଭୃତି ଯେଉଁ ବଡ଼ ବଡ଼ କାବ୍ୟ ସଂସ୍କୃତରେ ରଚନା କରାଯାଇଛି, ସେଥିରେ କବିଙ୍କର ଜନ୍ମସ୍ଥାନର ଉଲ୍ଲେଖ ନାହିଁ ।

## ପାଲି ଭାଷା

ସଂସ୍କୃତ ଭାଷା ପରେ ପରେ ଗୋଟିଏ ଉଦ୍ୟମ ଆରମ୍ଭ ହୋଇଥିଲା ଧାର୍ମିକ ସ୍ତରରେ । ତାହା ହେଉଛି

ପାଲି ଭାଷା । ବୁଦ୍ଧ ଓ ମହାବୀରଙ୍କର ଶିଷ୍ୟଗଣ ପାଲି ଭାଷାରେ କଥାବାର୍ତ୍ତା କରୁଥିଲେ । କାଳକ୍ରମେ 'ପାଲି' ଏକ ସର୍ବଭାରତୀୟ ଭାଷାରେ ପରିଗଣିତ ହେଲା । କିନ୍ତୁ ଏହି ଭାଷା ବେଶୀ ଦିନ ରହି ପାରି ନ ଥିଲା ।

## ବ୍ରିଜ୍ ଭାଷା

ପରବର୍ତ୍ତୀ ପର୍ଯ୍ୟାୟରେ ବୈଷ୍ଣବମାନଙ୍କ ପକ୍ଷରୁ ଗୋଟିଏ ଉଦ୍ୟମ ପ୍ରକାଶ ପାଇଲା । ତାହା ହେଉଛି ବ୍ରିଜ ଭାଷା ବା ବ୍ରଜ ଭାଷା । ଓଡ଼ିଶାର ରାୟ ରାମାନନ୍ଦଙ୍କଠାରୁ ଆରମ୍ଭ କରି ଚଣ୍ଡିଦାସଙ୍କ ପର୍ଯ୍ୟନ୍ତ ବହୁ କବି ବ୍ରିଜ୍ ଭାଷାରେ ଲେଖନୀ ଚାଳନା କଲେ । ଭାରତବର୍ଷରେ ଯେମିତି ଗୋଟିଏ ନୂଆ ଭାଷା ସୃଷ୍ଟି ହେବ, ସେଥିପାଇଁ ଉତ୍ତର ପ୍ରଦେଶର ଯମୁନାଠାରୁ ଆରମ୍ଭକରି ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଚେଷ୍ଟା କରାଗଲା । କିନ୍ତୁ ଏଭାଷା ମଧ୍ୟ ବେଶୀ ଦିନ ତିଷ୍ଠି ପାରିଲା ନାହିଁ ।

## ଉର୍ଦ୍ଦୁ ଭାଷା

ମୋଗଲମାନଙ୍କ ସମୟରେ ଉର୍ଦ୍ଦୁ ଭାଷା ଗୋଟିଏ ସର୍ବଭାରତୀୟ ଭାଷା ରୂପେ ବ୍ୟବହୃତ ହେଉଥିଲା । ଉର୍ଦ୍ଦୁ ଭାଷା କେବଳ ଉତ୍ତର ଭାରତର କେତେକ ଅଞ୍ଚଳର ଭାଷା ନୁହେଁ, ଏହା ଦାକ୍ଷିଣାତ୍ୟର ମଧ୍ୟ ବହୁ ଅଞ୍ଚଳର ଭାଷା । ପୁରାତନ ହାଇଦ୍ରାବାଦ ରାଜ୍ୟ ଭିତରେ କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶର ଅନେକ ଅଂଶ ରହିଛି । ନିଜର ମାତୃଭାଷା ବ୍ୟତୀତ, ଏ ସମସ୍ତ ଅଞ୍ଚଳର ଦ୍ୱିତୀୟ ଭାଷା ଥିଲା ଉର୍ଦ୍ଦୁ । ତେଣୁ, ଯେଉଁମାନେ ସେଠାରେ ଶିକ୍ଷା ପାଉଥିଲେ, ସମସ୍ତେ ଉର୍ଦ୍ଦୁ ଭାଷାରେ ଶିକ୍ଷା ପାଉଥିଲେ ।

## ଭାରତୀୟ ଭାଷା ହିନ୍ଦୁସ୍ଥାନୀ

ଭାରତ ସ୍ୱାଧୀନ ହେବା ପରେ ମହାତ୍ମା ଗାନ୍ଧୀ ସ୍ଥିର କଲେ ଯେ ଏଭଳି ଗୋଟିଏ ଭାଷା ଭାରତ ପାଇଁ ଠିକ୍ ହେବ, ଯେଉଁ ଭାଷାର ନାମ ହେବ ହିନ୍ଦୁସ୍ଥାନୀ । ସେ ଭାଷାଟି ଭାରତବର୍ଷର କଥିତ ଭାଷାରୂପେ ପ୍ରଚଳିତ ହେବ । ଉର୍ଦ୍ଦୁ ଜାଣିଥିବା ଲୋକେ ଏହି ଭାଷାକୁ ଜାଣିବେ ଓ ହିନ୍ଦୀ ଜାଣିଥିବା ଲୋକେ ମଧ୍ୟ ଜାଣିବେ । ଅନ୍ୟ ପ୍ରଦେଶ କାଳକ୍ରମେ ଏହାକୁ ଶିକ୍ଷା କରିବେ । କିନ୍ତୁ ଦୁଃଖର ବିଷୟ ଏହାକୁ କେହି ଗ୍ରହଣ କଲେ ନାହିଁ ଏବଂ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ହେବ ବୋଲି ସ୍ଥିର ହେଲା । ସେ ପୁଣି 'କଥିତ ହିନ୍ଦୀ ବା ହିନ୍ଦୁସ୍ଥାନୀ ନୁହେଁ । ଏହା ହେଉଛି ଅତିଶୟ ସଂସ୍କୃତ ବହୁଳ ହିନ୍ଦୀ—ଯେଉଁ ହିନ୍ଦୀକୁ ବୁଝିବା କଷ୍ଟକର । ତେଣୁ ଏଭଳି ଭାବରେ ଗୋଟିଏ ଭାଷା ବର୍ତ୍ତମାନ ସୃଷ୍ଟି ହୋଇଛି, ଯେଉଁ ଭାଷାକୁ ସାଧାରଣ ଭାବରେ ପ୍ରଚଳନ କରିବା କଷ୍ଟକର । ସେ ଦୃଷ୍ଟିରୁ ଆମର ଗୋଟିଏ ଭାରତୀୟ ଭାଷା ବର୍ତ୍ତମାନ ରହିବା ଦରକାର, ଯେଉଁ ଭାଷା ଅଧିକାଂଶ ଲୋକଙ୍କର କଥିତ ଭାଷା ହେବା ସଙ୍ଗେ ସଙ୍ଗେ ସହଜରେ ଗ୍ରହଣକରି ହେବ । ମହାତ୍ମାଗାନ୍ଧୀ ଯେଉଁ ହିନ୍ଦୁସ୍ଥାନୀର କଥା କହିଥିଲେ, ତାହା ଏକ ସର୍ବ ଭାରତୀୟ ତଥା ରାଷ୍ଟ୍ରୀୟ ଭାଷାରୂପେ ପ୍ରଚଳିତ ହେବା ଉଚିତ କି ନୁହେଁ ଆମେ ଚିନ୍ତା କରିବା ଦରକାର ।

ସାମ୍ରାଜ୍ୟବାଦୀମାନେ ଯେଉଁ କାରଣରୁ ଇଂରେଜ ଭାଷାକୁ ଭାରତବର୍ଷକୁ ଆଣିଥାନ୍ତୁ ନା କାହିଁକି, ସେ ଭାଷା ଭାରତବର୍ଷରେ ରହିବ । କେହି ତାକୁ ବିତାଡ଼ିତ କରିବାର ପ୍ରଶ୍ନ ଉଠୁ ନାହିଁ । ଭାବ ବିନିମୟ ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ଇଂରେଜ ଆମର ଭାଷା ହୋଇ ରହିବ । କିନ୍ତୁ ବର୍ତ୍ତମାନ ଏପରି ଅବସ୍ଥା ଯେ ଇଂରେଜୀ ଭାଷା ଭାରତୀୟ ଆତ୍ମାକୁ ଗ୍ରାସକରି ରହିଲାଭଳି ଜଣା ପଡ଼ୁଛି । ଆମେ ମଧ୍ୟ ଆମର ନିଜ ଭାଷାକୁ ଇଂରେଜୀର ପ୍ରଭାବରେ ସଂପୂର୍ଣ୍ଣଭାବେ ଭୁଲିଯିବା ପାଇଁ ବସିଛୁ । ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଚଳନ ସରକାରୀ ସ୍ତରରେ କରିବା ପାଇଁ ସ୍ଥିର ହୋଇଛି । ଓଡ଼ିଆ ଯେପରି ଜାତୀୟ ଭାଷା, ଭାରତରେ ଆଉ ସେପରି ୧୪ଟି ଜାତୀୟ ଭାଷା ରହିଛି । ସମସ୍ତ ଜାତୀୟ ଭାଷାର ବିକାଶ ହେବା ଦରକାର । କିନ୍ତୁ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରୀୟ ଏକତା ପାଇଁ ଗୋଟିଏ ଭାଷା ରହିବା ଆବଶ୍ୟକ । ସଂସ୍କୃତ ଭାଷା ହେବା ଉଚିତ ଥିଲା । କାରଣ ଯଦି ହିବ୍ରୁ ଭାଷା ଇସ୍ରାଏଲ୍‌ରେ ହୋଇ ପାରିଲା, ତା' ହେଲେ ସଂସ୍କୃତ ଭାଷା ଭାରତରେ କାହିଁକି ହୋଇପାରି ନ ଥାନ୍ତା ? ଆଉ ପଛକୁ ଫେରିଯିବା ସଂଭବ ନୁହେଁ । ଗୋଟିଏ ଭାଷା ରହିବା ଦରକାର ଏବଂ ସେ ଭାଷାଟି ହିନ୍ଦୁସ୍ଥାନୀ ହେବା ଉଚିତ । କାରଣ ହିନ୍ଦୁସ୍ଥାନୀ ଭାଷାଟି ହେଉଛି ଅଧିକାଂଶ ଭାରତୀୟଙ୍କର କଥିତ ଭାଷା । ତେଣୁ, ହିନ୍ଦୁସ୍ଥାନୀ ଭାଷାକୁ ଭାରତବର୍ଷର ଭାଷା ରୂପେ ଗ୍ରହଣ କରାଯାଉ ।

## ଭାରତୀୟ ସୈନ୍ୟବାହିନୀ

ଜାତୀୟ ଭାଷାପରେ ଦ୍ୱିତୀୟ ପ୍ରଶ୍ନ ହେଉଛି ଭାରତୀୟ ସୈନ୍ୟବାହିନୀ । ଏହା ଗୋଟିଏ ନୂତନ ସୈନ୍ୟ ବାହିନୀ । ସେତେବେଳେ ବ୍ରିଟିଶମାନେ ଥିଲେ, ସେମାନେ ମାର୍ଶିଆଲ୍ ରେସ୍ ଥିଓରୀ ଦେଇଥିଲେ । ଭାରତବର୍ଷକୁ ଭାଗ ଭାଗ କରିବା ପାଇଁ ଗୋଟିଏ ଶ୍ରେଣୀର ଲୋକଙ୍କୁ କହୁଥିଲେ ସାମରିକ ଓ ଅନ୍ୟ ଶ୍ରେଣୀର ଲୋକଙ୍କୁ କହୁଥିଲେ ନନ୍-ମାର୍ଶିଆଲ୍ । ତା' ଭିତରେ ଓଡ଼ିଶା, ବଙ୍ଗଳା, ଆସାମ ଓ ଆନ୍ଧ୍ର ପ୍ରଦେଶର ଲୋକ ମାର୍ଶିଆଲ୍ ନୁହନ୍ତି । ପଞ୍ଜାବ, ମହାରାଷ୍ଟ୍ର ଓ ରାଜପୁତାନାର ଲୋକ ମାର୍ଶିଆଲ୍ । କେବଳ କେତେକ ଲୋକଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ବ୍ରିଟିଶ୍‌ମାନେ ଭାରତୀୟ ସୈନ୍ୟବାହିନୀ ଭିତରେ ଗୋଟିଏ ବିଭେଦ ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଦେଖାଗଲା, ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ହୋଇଥିବା ଭାରତର ସମସ୍ତ ଯୁଦ୍ଧରେ ଏସବୁ ଅଞ୍ଚଳର ଲୋକ ସମାନ ବୀରତ୍ୱ ପ୍ରଦର୍ଶନ କରିଛନ୍ତି । ୧୯୭୧ ମସିହା ଯୁଦ୍ଧରେ ନନ୍-ମାର୍ଶିଆଲ୍ କୁହାଯାଉଥିବା ଅଞ୍ଚଳର ଲୋକେ ମଧ୍ୟ

ସମାନ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଭାରତର ବିଭିନ୍ନ ଅଞ୍ଚଳ ଭିତରେ ମାର୍ଶିଆଲ୍ ଓ ନନ୍-ମାର୍ଶିଆଲ୍‌ର କୌଣସି ପ୍ରଶ୍ନ ନାହିଁ । ସ୍ୱାଧୀନତା ପରେ ଭାରତବର୍ଷରେ ଲୋକ ସଂଖ୍ୟା ଅନୁପାତରେ ସୈନ୍ୟବାହିନୀରେ ରିକ୍ରୁଟ୍‌ମେଣ୍ଟ କରାଯାଉଛି । ଯାହାଫଳରେ ଓଡ଼ିଶାର ଯେତିକି ଲୋକ ସୈନ୍ୟବାହିନୀରେ ଯାଉଥିଲେ, ବର୍ତ୍ତମାନ ତା'ର ତିନି ଗୁଣ ଲୋକ ଯାଉଛନ୍ତି । ସୈନ୍ୟବାହିନୀର ଭାଷା ହେଉଛି ହିନ୍ଦୁସ୍ତାନୀ । ବିଭିନ୍ନ ଭାଷାଭାଷୀ ଅଞ୍ଚଳର ଲୋକେ ସୈନ୍ୟ ବାହିନୀରେ ରହିଲେ ହେଁ ସେମାନେ ସମସ୍ତେ ହିନ୍ଦୁସ୍ତାନୀ ଭାଷା କହିଥାନ୍ତି । ଭାରତୀୟ ସୈନ୍ୟ-ବାହିନୀରେ ନିଯୁକ୍ତ ଜବାନ୍‌ମାନେ ୫ ବର୍ଷ ଚାକିରୀ କରି ଘରକୁ ଫେରିବା ପରେ ଅତି ଶିଷ୍ଟ ହିନ୍ଦୁସ୍ତାନୀ ଭାଷାରେ କଥାବାର୍ତ୍ତା କରିଥାନ୍ତି । ଭାବ ଓ ଭାଷା ବିନିମୟରେ ସେମାନଙ୍କର କିଛି ଅସୁବିଧା ହୁଏ ନାହିଁ । ଯଦି ଅଳ୍ପ ଶିକ୍ଷିତ ଲୋକ ସୈନ୍ୟବାହିନୀ ଭିତରେ ରହି ହିନ୍ଦୁସ୍ତାନୀ ଭାଷା ଶିଖି ପାରିଲେ, ତା'ହେଲେ ସାରା ଭାରତ-ବର୍ଷର ଲୋକ କାହିଁକି ହିନ୍ଦୁସ୍ତାନୀ ଶିଖି ପାରିବେ ନାହିଁ ? ଏ ହେଉଛି ଭାଷାର ପ୍ରଶ୍ନ । କିନ୍ତୁ ଭାରତୀୟ ସୈନ୍ୟ-ବାହିନୀରେ ସବୁ ଜାତି ଓ ସବୁ ଅଞ୍ଚଳର ଲୋକ ଯେପରି ବହୁ ସଂଖ୍ୟାରେ ଯାଉଛନ୍ତି, ସେ ଟ୍ରେଣ୍ଡ୍‌କୁ ଅବ୍ୟାହତ ରଖିବା ପାଇଁ ହେବ । କାରଣ ସୈନ୍ୟବାହିନୀ ଗୋଟିଏ ଏକତାର ସୂତ୍ର । ଦେଶର ଏକତା ତଥା ଦେଶକୁ ବାନ୍ଧି ରଖିବା ପାଇଁ ସୈନ୍ୟବାହିନୀ ହେଉଛି ଅନ୍ୟତମ ପ୍ରଧାନ କାରଣ ।

## ଦୁଇଟି ପ୍ରଧାନ ଶକ୍ତି

ଭାରତର ସ୍ୱାଧୀନତାକୁ ବାନ୍ଧି ରଖିବା ପାଇଁ ସାମରିକ ଶକ୍ତି, ବିଶେଷ ଭାବରେ ନୌବାହିନୀର ଶକ୍ତି ଆମକୁ ବୃଦ୍ଧି କରିବାକୁ ପଡ଼ିବ । କାରଣ, ଭାରତର ଇତିହାସରେ ଦୁଇଟି ପ୍ରଧାନ ଶକ୍ତି ହେଉଛି ହିମାଳୟ ପର୍ବତମାଳା ଓ ସମୁଦ୍ର । ଏ ଦୁଇଟି ଶକ୍ତିର ସୁରକ୍ଷା ହୋଇ ପାରିଲେ ଭାରତବର୍ଷ ସୁରକ୍ଷିତ ହୋଇ ପାରିବ । ତେଣୁ, ସାମରିକ ସୁରକ୍ଷା ହେଉଛି ଭାରତର ଏକତା ଏବଂ ସ୍ୱାଧୀନତା ରକ୍ଷା ପାଇଁ ବିଶେଷ ଭାବରେ ପରିକଳ୍ପିତ ।

## ଆଞ୍ଚଳିକ ଅଭିବୃଦ୍ଧି ଓ ସଂହତି ରକ୍ଷା

ଅର୍ଥନୈତିକ କ୍ଷେତ୍ରରେ ବିଭିନ୍ନ ଅଞ୍ଚଳ ମଧ୍ୟରେ ଥିବା ଅସାମଞ୍ଜସ୍ୟକୁ ଦୂର କରିବା ଦ୍ୱାରା ହିଁ ଭାରତର ସଂହତି ରକ୍ଷା କରାଯାଇ ପାରିବ । ଗୋଟିଏ ଅଞ୍ଚଳର କ୍ରମାଗତ ଅଭି-ବୃଦ୍ଧି ହେଉଥିବ ଏବଂ ଅନ୍ୟ ଅଞ୍ଚଳ ଦରିଦ୍ର ଥିବ, ତା'ହେଲେ ଭାରତ ବର୍ଷରେ ସଂହତି ପ୍ରତିଷ୍ଠା ହୋଇ ପାରିବ ନାହିଁ । ସୁଖର ବିଷୟ, ସ୍ୱାଧୀନତା ପରେ ଭାରତରେ ଯେଉଁ ନେତୃତ୍ୱ ଆସିଛି, ପଣ୍ଡିତ ଜବାହରଲାଲ ନେହରୁ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ତାହା ଆଞ୍ଚଳିକ ଅସମାନତାରେ ବିଶ୍ୱାସ କରେ ନାହିଁ । ଯେଉଁସବୁ ଅଞ୍ଚଳ ପଛରେ ପଡ଼ି ରହିଛି, ସେ ସବୁର ଯଦି ଆଞ୍ଚଳିକ ବିକାଶ ନ ଘଟି ଅନ୍ୟ ଅଞ୍ଚଳର ସମକକ୍ଷ ନ ହୁଏ, ତେବେ ଭାରତବର୍ଷର ଏକତା ଓ ସଂହତି ରକ୍ଷା ସମ୍ଭବ ନୁହେଁ । ସେଥିପାଇଁ ଯୋଜନା ଉଦ୍ଦିଷ୍ଟ ଏବଂ ଯୋଜନାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଏ କାର୍ଯ୍ୟକ୍ରମ ଅବ୍ୟାହତ ରହିବା ସଙ୍ଗେ ସଙ୍ଗେ ଅଧିକ ଦୃଢ଼ୀଭୂତ ହେବା ଦରକାର । ତା'ହେଲେ ଭାରତର ବିଭିନ୍ନ ଅଞ୍ଚଳ ଭିତରେ ଥିବା ଏକତା ଓ ସଂହତି ଭାରତର ଏକତା ଓ ସଂହତିକୁ ରକ୍ଷା କରି ପାରିବ ।

## ସାଂସ୍କୃତିକ ଭାବ ବିନିମୟ

ରେଡିଓ ଏବଂ ଟେଲିଭିଜନ ଜାତୀୟ ସଂହତିକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ସେହିପରି ରେଲୱେ ଲାଇନ୍ ବା ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜାତୀୟ ସଂହତିକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ଏହା ସଙ୍ଗେ ସଙ୍ଗେ ସଙ୍ଗୀତ ଓ ନାଟକ ପ୍ରଭୃତିରେ ଜାତୀୟ ସଂହତି ଅଧିକ ପ୍ରକାଶ ପାଇବା ଉଚିତ । ବର୍ତ୍ତମାନ ବିଭିନ୍ନ ରାଜ୍ୟ ଭିତରେ ଭାବ ବିନିମୟର ବ୍ୟବସ୍ଥା ରହିଛି । ଅନ୍ୟ ରାଜ୍ୟମାନଙ୍କରୁ କେତେକ ଆସି ତାଙ୍କ ସଙ୍ଗୀତ ଓ ନାଟକ ପରିବେଷଣ କରୁଛନ୍ତି । କାରଣ ସବୁ ଅଞ୍ଚଳ ବିଷୟରେ ଅନ୍ୟମାନଙ୍କର ଧାରଣା ହେବା ଆବଶ୍ୟକ । ଓଡ଼ିଶାର ସମୃଦ୍ଧିଶାଳୀ ସଂସ୍କୃତି ସଂପର୍କରେ ଅନ୍ୟ ଅଞ୍ଚଳର ଲୋକ ବୁଝିବା ଦରକାର । ଅନ୍ୟ ଅଞ୍ଚଳର ସମୃଦ୍ଧିଶାଳୀ ସଂସ୍କୃତିକୁ ଓଡ଼ିଶାର ଲୋକେ ଅନୁଭବ କରିବା ଉଚିତ । ତେଣୁ, ରାଜ୍ୟ ରାଜ୍ୟ ଭିତରେ ଏକ ସଂହତିପୂର୍ଣ୍ଣ ବାତାବରଣ ରହିବା ଲାଗି ସାଂସ୍କୃତିକ ଭାବ ବିନିମୟ ବ୍ୟବସ୍ଥା ଅଧିକ ଦୃଢ଼ୀଭୂତ ହେବା ଆବଶ୍ୟକ । ଓଡ଼ିଶା ଭିତରେ କିପରି ଏକ ସାଂସ୍କୃତିକ ଏକତା ପ୍ରତିଷ୍ଠିତ ହୋଇ ପାରିବ, ବିଭିନ୍ନ ଅଞ୍ଚଳ ଭିତରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହୋଇପାରିବ ଏବଂ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ଉନ୍ନତ କରିବା ପାଇଁ ଆମେ ଯେପରି ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରି ପାରିବା, ସେ ଦିଗରେ ଚିନ୍ତା କରାଯିବା ଆବଶ୍ୟକ । ସେଥିପାଇଁ ପଶ୍ଚିମ ଓଡ଼ିଶାର ବିକାଶ ଏବଂ ଆଦିବାସୀ ଅଧ୍ୟୁଷିତମାନଙ୍କର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି ।

## ଅଶୋକଙ୍କ ଶିଳା ଲେଖ

ଭାରତ ବର୍ଷର ଇତିହାସ ଆଲୋଚନା କଲେ ଜଣା-ଯାଏ ଯେ ଆଦିମ ଜାତିମାନେ ସବୁବେଳେ ଅନୁନ୍ନତ ଓ ଅବହେଳିତ ଅବସ୍ଥାରେ ରହିଛନ୍ତି । ସେମାନେ ସମତଳ ଅଞ୍ଚଳରୁ ଯାଇ ପାହାଡ଼ ପର୍ବତରେ ଆଶ୍ରୟ ଗ୍ରହଣ କରିଛନ୍ତି । ସେଇଥିପାଇଁ ଅଶୋକ ତାଙ୍କର ଶିଳାଲେଖାରେ କହିଛନ୍ତି "ପ୍ରତ୍ୟନ୍ତବାସୀଗଣ, ଯେଉଁମାନେ ଉପାନ୍ତ ଅଞ୍ଚଳରେ ରହିଛନ୍ତି ।

## ସବେ ଲୋକେ ପଜାଜନେ

ସମସ୍ତେ ହେଉଛନ୍ତି ମୋର ପ୍ରଜା । ସମସ୍ତଙ୍କର ଉନ୍ନତି କରାଯାଉ" । ତେଣୁ, ସବୁବେଳେ ବିଚ୍ଛିନ୍ନ ହୋଇ ରହିଥିବା ଆଦିବାସୀମାନେ ଯେପରି ଆମର ଜୀବନର ସ୍ରୋତ ସହିତ ସାମିଲ ହୁଅନ୍ତି, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । କାରଣ ଭାରତୀୟ ଏକତା ସଂହତି ପାଇଁ ଏହା ଏକାନ୍ତ ଆବଶ୍ୟକ ।

## ସଂହତର ସ୍ୱର

ଆମର ପବିତ୍ର ଜନ୍ମଭୂମି ଭାରତ ବହୁଧର୍ମର ପୁଣ୍ୟ ପୀଠସ୍ଥଳୀ । ପ୍ରତ୍ୟେକ ଧର୍ମର ପ୍ରାର୍ଥନାରେ ଭରି ରହିଛି ଏକତା ଓ ସଂହତିର ମଧୁମୟ ସ୍ୱର । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସେଇ ଏକତାର ମଧୁମୟ ଭାବାବେଶ ଆମକୁ ଅନୁପ୍ରାଣିତ କରୁ ।






# ଖଣ୍ଡଗିରି

ଡା: ନବୀନ କୁମାର ସାହୁ

ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ପ୍ରାଚୀନ କଳିଙ୍ଗର ଗୌରବମୟ ଐତିହ୍ୟ ଓ ଧାର୍ମିକ ପରଂପରା ଧାରଣ କରି ଖଣ୍ଡଗିରି ପାହାଡ଼ (୨୦° ୧୬' ଉତ୍ତର ଦ୍ରାଘିମା–୮୫° ୪୭' ପୂର୍ବ ଅକ୍ଷାଂଶ) ଅବସ୍ଥିତ । ଏହା ଖଣ୍ଡଗିରି ଓ ଉଦୟଗିରି ନାମରେ ଅଭିହିତ ଯୁଗ୍ମ ପାହାଡ଼ ହେଲେହେଁ ଜନସାଧାରଣଙ୍କ ମଧ୍ୟରେ କେବଳ ଖଣ୍ଡଗିରି ନାମରେ ସୁପରିଚିତ । ପ୍ରାଚୀନ କାଳରେ ଏହି ପାହାଡ଼ ଦୁଇଟିର ନାମ ଥିଲା କୁମାର ପର୍ବତ ଓ କୁମାରୀ ପର୍ବତ । ପାହାଡ଼ ଦୁଇଟିରେ ଉତ୍କୀର୍ଣ୍ଣ ହୋଇଥିବା ଅଭିଲେଖରୁ ଏହି ପ୍ରାଚୀନ ନାମ ଜଣା ପଡ଼େ । ପରବର୍ତ୍ତୀ କାଳରେ 'କୁମାର' ଶବ୍ଦ କୁ ସ୍କନ୍ଦ ବା କାର୍ତ୍ତିକେୟଙ୍କର ଅପର ନାମ ରୂପେ ଗ୍ରହଣ କରାଯାଇ କୁମାର ପର୍ବତକୁ ସ୍କନ୍ଦଗିରି କୁହାଗଲା ଏବଂ ତାହା କ୍ରମେ ପ୍ରାକୃତ ଭାଷାରେ ଖଣ୍ଡଗିରି ନାମରେ ସୁବିଦିତ ହେଲା । ଏହି ପର୍ବତ ଦ୍ୱୟ ମଧ୍ୟରେ କୁମାରୀ ପର୍ବତ ବହୁ ପ୍ରାଚୀନ କାଳରୁ ଧାର୍ମିକ ଓ ସାଂସ୍କୃତିକ ଖ୍ୟାତି ଅର୍ଜନ କରିଥିଲା । ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ ଜୈନ ଧର୍ମର ପ୍ରଚାରକ ମହାବୀର ସ୍ୱାମୀ ତତ୍‌କାଳୀନ କଳିଙ୍ଗ ରାଜାଙ୍କର ଆମନ୍ତ୍ରଣ କ୍ରମେ କଳିଙ୍ଗକୁ ଆସିଥିଲେ ଏବଂ କୁମାରୀ ପର୍ବତରେ ଅବସ୍ଥାନ କରି ସନ୍ୟାସୀଙ୍କ ନିମନ୍ତେ ପର୍ବତ ଗାତ୍ରରେ ଗୁମ୍ଫାଖନନ କରିବା ପରଂପରା ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ କାଳରୁ ଅନୁସୃତ ହୋଇଥିଲା । ବିହାର ରାଜ୍ୟର ଗୟାଜିଲ୍ଲାସ୍ଥ ବରାବର ପାହାଡ଼ରେ ଅଶୋକ ଆଜୀବକ ଧର୍ମର ସନ୍ୟାସୀମାନଙ୍କ ନିମନ୍ତେ ଗୁମ୍ଫାମାନ ଖୋଳାଇ ଥିଲେ । ସେହି ପାହାଡ଼ର ଲୋମଷଋଷି ଗୁମ୍ଫା ଏବଂ ସୁଦାମା ଗୁମ୍ଫାରେ ଅଶୋକଙ୍କର ଅଭିଲେଖ ଦେଖିବାକୁ ମିଳେ । ବରାବର ପାହାଡ଼ ସନ୍ନିକଟରେ ଥିବା ନାଗାର୍ଜୁନୀ ପାହାଡ଼ରେ ଅଶୋକଙ୍କର ପୌତ୍ର ଦଶରଥ ମଧ୍ୟ ଆଜୀବକ ଧର୍ମର ସନ୍ୟାସୀମାନଙ୍କ ଉଦ୍ଦେଶ୍ୟରେ ତିନୋଟି ଗୁମ୍ଫା ଖନନ କରାଇଥିଲେ । ସେହି ମୌର୍ଯ୍ୟ ସମ୍ରାଟ ଦ୍ୱୟଙ୍କର ଗୁମ୍ଫାଗୁଡ଼ିକରେ କଳା ବା ସ୍ଥାପତ୍ୟର ବିଶେଷ ଶୈଳୀ ବା ପରିପାଟି ନଥିଲା ଏବଂ ସେଗୁଡ଼ିକ ଆଦିମ ଶୈଳୀରେ ନିର୍ମିତ ହୋଇଥିଲା । ପରବର୍ତ୍ତୀ କାଳରେ ଭାରତର ପଶ୍ଚିମାଞ୍ଚଳରେ ଆଧୁନିକ ମହାରାଷ୍ଟ୍ର ରାଜ୍ୟରେ ଭାଜା, ବେଡ୍‌ସା, କୋଣ୍ଡାନେ, କାର୍ଲେ, କାନ୍ହେରି, ଏଲୋରା, ଅଜନ୍ତା ଆଦି ସ୍ଥାନରେ ପର୍ବତ ଗାତ୍ରରେ ଅତି ଉନ୍ନତ ଧରଣର ଗୁମ୍ଫାମାନ ବୌଦ୍ଧ ବିହାର ରୂପେ ଖୋଦିତ ହୋଇ ଥିବା ପରିଦୃଷ୍ଟ ହୁଏ । କୁମାର ପର୍ବତ ଓ

ଧର୍ମପ୍ରଚାର କରିଥିଲେ । ଜୈନ ଗ୍ରନ୍ଥମାନଙ୍କରେ ମହାବୀରଙ୍କର ଧର୍ମ ପ୍ରଚାରକୁ 'ବିଜୟ ଚକ୍ର ପ୍ରବର୍ତ୍ତନ' ବୋଲି ଉଲ୍ଲେଖ କରାଯାଇ ଅଛି । ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ କୁମାରୀ ପର୍ବତର ଧାର୍ମିକ ଗୌରବ ପ୍ରଖ୍ୟାପନ କରି କୁହାଯାଇ ଅଛି ଯେ ସେହି ପର୍ବତରେ ବିଜୟ ଚକ୍ର ସୁପ୍ରବର୍ତ୍ତିତ ହୋଇଥିଲା । ମହାବୀର ସ୍ୱାମୀ ଯେ କୁମାରୀ ପର୍ବତ ଚୂଡ଼ାରେ ଦଣ୍ଡାୟମାନ ହୋଇ କଳିଙ୍ଗ ବାସୀଙ୍କୁ ଜୈନ ଧର୍ମର ବାଣୀ ଶୁଣାଇ ଥିଲେ ତାହା ଖାରବେଳଙ୍କ କାଳ ଯାଏ ଜନଶ୍ରୁତିରେ ଉଜ୍ଜୀବିତ ଥିଲା ଏବଂ କଳିଙ୍ଗର ଲୋକେ ତାହା ଦ୍ୱାରା ସେହି ଧର୍ମରେ ଅନୁପ୍ରାଣିତ ହୋଇଥିଲେ ।

କୁମାରୀ ପର୍ବତ ଗାତ୍ରରେ କଳିଙ୍ଗ ସମ୍ରାଟ ଖାରବେଳ, ତାଙ୍କର ରାଣୀ, ପୁତ୍ର, ପୌତ୍ର ଏବଂ ଅନ୍ୟ ବହୁ ଉଚ୍ଚପଦସ୍ଥ କର୍ମଚାରୀ ଜୈନ ଅର୍ହତମାନଙ୍କ ନିମନ୍ତେ ସୁଦୃଶ୍ୟ ଗୁମ୍ଫାମାନ ଖନନ କରିଥିଲେ । କୁମାର ପର୍ବତରେ ମଧ୍ୟ ସେକାଳରେ ବହୁ ଉନ୍ନତ ଧରଣର ଗୁମ୍ଫା ଖୋଦିତ ହୋଇଥିଲା ଏବଂ ଉଭୟ କୁମାର ପର୍ବତ ଓ କୁମାରୀ ପର୍ବତ ଜୈନ ଧର୍ମ ଓ ସଂସ୍କୃତିର କେନ୍ଦ୍ର ରୂପେ ସମଗ୍ର ଭାରତରେ ପ୍ରସିଦ୍ଧି ଅର୍ଜନ କରିଥିଲା । ତପସ୍ୱୀ ଓ କୁମାରୀ ପର୍ବତରେ ଖାରବେଳଙ୍କ କାଳରେ ଯେଉଁ ସବୁ ଗୁମ୍ଫା ଜୈନ ଅର୍ହତମାନଙ୍କ ଉଦ୍ଦେଶ୍ୟରେ ଖୋଦିତ ହୋଇଥିଲା ସେଗୁଡ଼ିକ ଉପରୋକ୍ତ ଆଜୀବକ ଗୁମ୍ଫା ଏବଂ ବୌଦ୍ଧ ଗୁମ୍ଫା ସମୂହର ମଧ୍ୟବର୍ତ୍ତୀ କାଳରେ ଉତ୍‌ଖୋଦିତ ହୋଇଥିଲା ଏବଂ କଳା ଓ ସ୍ଥାପତ୍ୟ ଦୃଷ୍ଟିରୁ ସେହି ଉଭୟ ଶ୍ରେଣୀର ଗୁମ୍ଫା ଶୈଳୀର ସଂଯୋଜକ ଥିଲା । ପ୍ରାଚୀନ ଭାରତରେ ଗୁମ୍ଫା ଖନନ ପରମ୍ପରା ଅତି ମହନୀୟ ଥିଲା ଏବଂ ସେହି ପରଂପରା ଉତ୍ତର ଭାରତରୁ କଳିଙ୍ଗ ମଧ୍ୟ ଦେଇ ପଶ୍ଚିମ ଭାରତୀୟ ଅଞ୍ଚଳକୁ କାଳକ୍ରମେ ପ୍ରବହମାନ ହୋଇଥିବା ପରିଲକ୍ଷିତହୁଏ । ସେହି ମହାନ୍ ଧାର୍ମିକ ଓ ଐତିହାସିକ ପରଂପରାର ବିକାଶ ସାଧନ କରିବାରେ କଳିଙ୍ଗ ଶିଳ୍ପୀମାନଙ୍କର ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ । କୁମାର ପର୍ବତ ଏବଂ କୁମାରୀ ପର୍ବତର ଗୁମ୍ଫାମାନ ଭାରତୀୟ ସ୍ଥାପତ୍ୟରେ ଅତି ଗୌରବମୟ ବିବେଚିତ ହୁଏ ।

ଏହି ପର୍ବତ ଦ୍ୱୟର ଗୁମ୍ଫାମାନ ଜୈନ ଅର୍ହତମାନଙ୍କର ବର୍ଷାକାଳୀନ ବିଶ୍ରାମ ନିମନ୍ତେ ଖୋଦିତ ହୋଇଥିବା ଅଭିଲେଖରୁ ଜଣାପଡ଼େ । ଗୁମ୍ଫାଗୁଡ଼ିକର ଛାତ ଏବଂ ବାରଣ୍ଡା ସେକାଳର ସାଧାରଣ ଲୋକଙ୍କ ଘରଗୁଡ଼ିକର

ଅନୁକରଣରେ ଖୋଦିତ ହୋଇଥିଲା, ମାତ୍ର ଗୁମ୍ଫା ଆଭ୍ୟନ୍ତରୀଣ ଚଟାଣ ଗଡ଼ାଣିଆ ଭାବରେ ନିର୍ମିତ ହୋଇଥିଲା । ତଦ୍ଦ୍ୱାରା ଅର୍ହତମାନେ ମୁଣ୍ଡକୁ ଉଚ୍ଚସ୍ଥାନରେ ଏବଂ ଗୋଡ଼ ନିମ୍ନ ଭାଗରେ ରଖି ଶୋଇ ପାରୁଥିଲେ ଏବଂ ନିର୍ଝରିତ ବର୍ଷାଜଳ ସହଜରେ ନିଷ୍କାସିତ ହୋଇ ପାରୁ ଥିଲା । ଗୁମ୍ଫାଗୁଡ଼ିକର ପ୍ରବେଶ ଦ୍ୱାର ଏବଂ ତୋରଣରେ ଯେଉଁ ଚିତ୍ରମାନ ଖୋଦିତ ହୋଇଥିଲା ତାହାର ଉନ୍ନତ କଳା ଶୈଳୀ ତତ୍‌କାଳୀନ ଭାରତରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିଲା ।

ହାତୀଗୁମ୍ଫା ଅଭିଲେଖର ଚତୁର୍ଦ୍ଦଶ ପଂକ୍ତିରେ ଡକ୍ଟର ବେଣୀମାଧବ ବଡୁଆ 'ସତ ଦସ୍‌ଲେନ ସତଂ' ଉଲ୍ଲେଖ ହୋଇଛି ବୋଲି ପ୍ରଥମେ ପାଠ କରି ପରେ ତାହା ଭୁଲ ହୋଇ ଥିବା ଜାଣି ସଂଶୋଧିତ ପାଠ ପ୍ରକାଶ କରିଥିଲେ । ମାତ୍ର ଓଡ଼ିଶାର ; କେତେକ ଐତିହାସିକ ଡକ୍ଟର ବଡୁଆ ପ୍ରଥମେ ପ୍ରକାଶ କରିଥିବା ଭୁଲ ପାଠକୁ ଠିକ୍ ବୋଲି ଗ୍ରହଣ କରି ଉଲ୍ଲେଖ କରନ୍ତି ଯେ ଖାରବେଳ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଦ୍ୱୟରେ ୧୧୭ ଗୋଟି ଗୁମ୍ଫା ଖନନ କରାଇ ଥିଲେ । 'ସତ ଦସଲେନ ସତଂ' ର ଅର୍ଥ ୧୧୭ ଟି ଗୁମ୍ଫା ନୁହେଁ, ପାଲୀଭାଷାର ବ୍ୟାକରଣ ଅନୁସାରେ ତାହାର ଅର୍ଥ ହେଉଛି ୧,୭୦୦ଟି ଗୁମ୍ଫା । ତେବେ ଅଭିଲେଖରେ ସେହି ପ୍ରକାର ଉଲ୍ଲେଖ ଆଦୌ ନଥିବା ଦୃଷ୍ଟିରୁ ତାହାର ଆଲୋଚନା ନିରର୍ଥକ । ଏହି ପର୍ବତ ଦ୍ୱୟରେ କେତେ ଗୁମ୍ଫା ଖୋଦିତ ହୋଇଥିଲା ତାହା ଠିକ୍ ରୂପେ କହିବା ସମ୍ଭବ ନୁହେଁ, କାରଣ ବହୁ ଗୁମ୍ଫା ପରବର୍ତ୍ତୀ କାଳରେ ଭାଙ୍ଗି ପଡ଼ିଛି ଏବଂ ତନ୍ମଧ୍ୟରୁ ଅନେକ ଗୁମ୍ଫାର ଧ୍ୱଂସ ସାଧନ ମନୁଷ୍ୟକୃତ ହୋଇଥିବା ସ୍ପଷ୍ଟ ଜଣା ପଡୁଅଛି । ବର୍ତ୍ତମାନ ଉଭୟ ପାହାଡ଼ରେ ସର୍ବମୋଟ ୩୩ ଗୋଟି ଗୁମ୍ଫା ଥିବା ଦେଖିବାକୁ ମିଳେ— ସେଥି ମଧ୍ୟରୁ ଖଣ୍ଡଗିରି କୁମାର ପର୍ବତଠାରେ ୧୫ ଗୋଟି ଏବଂ ଉଦୟଗିରି (କୁମାରୀ ପର୍ବତ) ଠାରେ ୧୮ ଗୋଟି ଗୁମ୍ଫା ଗଣାପାଇ ଅଛି । ସେହି ଗୁମ୍ଫା ଗୁଡ଼ିକର ବର୍ତ୍ତମାନ ପ୍ରଚଳିତ ନାମ ନିମ୍ନରେ ପ୍ରଦତ୍ତ ହେଲା ।

## ଉଦୟଗିରି (କୁମାରୀ ପର୍ବତ) ର ଗୁମ୍ଫାମାନ:—

(୧) ରାଣୀ ଗୁମ୍ଫା, (୨) ବାଜାଘର ଗୁମ୍ଫା, (୩) ଛୋଟ ହାଥୀ ଗୁମ୍ଫା, (୪) ଅଲକା ପୁରୀ ଗୁମ୍ଫା, (୫) ଜୟ ବିଜୟ ଗୁମ୍ଫା, (୬) ପଣସ ଗୁମ୍ଫା, (୭) ଠାକୁରାଣୀ ଗୁମ୍ଫା, (୮) ପାତାଳ ପୁରୀ ଗୁମ୍ଫା, (୯) ମଞ୍ଚପୁରୀ ଗୁମ୍ଫା, (୧୦) ଗଣେଶ ଗୁମ୍ଫା, (୧୧) ଜମ୍ବେଶ୍ୱର ଗୁମ୍ଫା, (୧୨) ବ୍ୟାଘ୍ର ଗୁମ୍ଫା, (୧୩) ସର୍ପ ଗୁମ୍ଫା, (୧୪) ହାଥୀ ଗୁମ୍ଫା, (୧୫) ଧାନଘର ଗୁମ୍ଫା, (୧୬) ହରିଦାସ ଗୁମ୍ଫା, (୧୭) ଜଗନ୍ନାଥ ଗୁମ୍ଫା ଏବଂ (୧୮) ରୋଷାଇ ଗୁମ୍ଫା ।

## ଖଣ୍ଡଗିରି (କୁମାର ପର୍ବତ) ର ଗୁମ୍ଫାମାନ:—

(୧) ତତୋଆ ଗୁମ୍ଫା (ନମ୍ବର ୧), (୨) ତତୋଆ ଗୁମ୍ଫା (ନମ୍ବର ୨) (୩) ଅନନ୍ତ ଗୁମ୍ଫା, (୪) ତେନ୍ତୁଳି ଗୁମ୍ଫା, (୫) ଖଣ୍ଡଗିରି ଗୁମ୍ଫା (୬) ଧ୍ୟାନ ଗୁମ୍ଫା, (୭) ନବମୁନୀ ଗୁମ୍ଫା, (୮) ବାରଭୁଜୀ ଗୁମ୍ଫା, (୯) ତ୍ରିଶୂଳ ଗୁମ୍ଫା, (୧୦) ଅମ୍ବିକା ଗୁମ୍ଫା, (୧୧) ଲଲଟେନ୍ଦୁ କେଶରୀ ଗୁମ୍ଫା, (୧୨) ନାମ ଅଜ୍ଞାତ (୧୩) ନାମ ଅଜ୍ଞାତ, (୧୪) ଏକାଦଶୀ ଗୁମ୍ଫା, ଏବଂ (୧୫) ନାମ ଅଜ୍ଞାତ ।

ଖଣ୍ଡଗିରି ଓ ଉଦୟଗିରି ପାହାଡଦ୍ୱୟରେ କେତେ-ଗୁଡ଼ିଏ ପ୍ରାଚୀନ ଜଳଭଣ୍ଡାର ରହିଅଛି । ସେଗୁଡ଼ିକ ଗୁମ୍ଫାରେ ବାସ କରୁଥିବା ସନ୍ନ୍ୟାସୀମାନଙ୍କର ଜଳାଭାବ ଦୂର କରୁଥିଲା । ବର୍ତ୍ତମାନ ଉଦୟଗିରିଠାରେ ଦୁଇଗୋଟି ଏବଂ ଖଣ୍ଡଗିରିଠାରେ ଆଉ ଦୁଇଟି ଜଳ ଭଣ୍ଡାର ଦେଖି-ବାକୁ ମିଳେ । ଉଦୟଗିରିର ଗଣେଶ ଗୁମ୍ଫାର ପୂର୍ବପଟରେ ଯେଉଁ ଜଳଭଣ୍ଡାରଟି ଅଛି ତାହାର ନାମ ହାତୀନିଶୁଣୀ ଏବଂ ତାହାର ଉତ୍ତର–ପୂର୍ବରେ ରହିଛି ଲଳିତା କୁଣ୍ଡ । ହାତୀନିଶୁଣୀ ବର୍ତ୍ତମାନ ପ୍ରାୟ ରହିଛି ପରିତ୍ୟକ୍ତ ଅବସ୍ଥାରେ । ମାତ୍ର ଲଳିତାକୁଣ୍ଡର ଜଳ ବେଶ୍ ଗଭୀର ଓ ସ୍ୱଚ୍ଛ ଏବଂ ବ୍ୟବହାରୋପଯୋଗୀ । ଖଣ୍ଡଗିରିର ଲଳାଟେନ୍ଦୁକେଶରୀ ଗୁମ୍ଫା ନିକଟରେ ଥିବା ଜଳଭଣ୍ଡାର ପାହାଡ ଦେହରେ ଖୋଳା ଯାଇଥିଲା ଏବଂ ତାହା ଅଧୁନା ଆକାଶଗଙ୍ଗା ନାମରେ ନାମିତ । ପାହାଡରୁ ନିର୍ଗତ ହେଉଥିବା ଜଳଦ୍ୱାରା ଏହା ପରିପୁଷ୍ଟ ହୋଇ ଜଳପୂର୍ଣ୍ଣ ରହିଥାଏ । ଏହି ପାହାଡରେ ଖୋଦିତ ହୋଇଥିବା ଅନ୍ୟ ଜଳାଧାରଟି ରାଧାକୁଣ୍ଡ ନାମରେ ସୁପରିଚିତ । ଏହାର ନିର୍ମଳଜଳ ଜନସାଧାରଣଙ୍କ ଦ୍ୱାରା ଅତି ପବିତ୍ର ବୋଲି ବିବେଚିତ ହୁଏ । ଏଗୁଡ଼ିକ ଛଡା ଖଣ୍ଡଗିରି ପାହାଡରେ ଶ୍ୟାମକୁଣ୍ଡ ଓ ଗୁପ୍ତଗଙ୍ଗା ନାମକ ଆଉ ଦୁଇଟି କ୍ଷୁଦ୍ର ଜଳକୁଣ୍ଡ ଦେଖିବାକୁ ମିଳେ । ଏସ ଦୁଇଟିରୁ ବର୍ଷସାରା ପାନୀୟଜଳ ମିଳିପାରେ । ଲଳାଟେନ୍ଦୁ କେଶରୀ ଗୁମ୍ଫାରେ ସୋମବଂଶୀ ରାଜା ଉଦ୍ୟୋତ କେଶରୀ (ଖ୍ରୀ: ୧୦୪୦–୧୦୬୫)ଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ଉତ୍କୀର୍ଣ୍ଣ ହୋଇଥିବା ଅଭିଲେଖରୁ ଜଣାପଡେ ଯେ ସେହି ବର୍ଷ କୁମାର ପର୍ବତରେ ଥିବା ଜୀର୍ଣ୍ଣବାପୀ ଏବଂ ଜୀର୍ଣ୍ଣ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ଓ ସଂସ୍କାର କାର୍ଯ୍ୟ ସାଧିତ ହୋଇଥିଲା ।

ଅତି ପ୍ରାଚୀନ କାଳରୁ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ପର୍ଯ୍ୟନ୍ତ କୁମାରୀ ପର୍ବତ (ଉଦୟଗିରି)ର ଖ୍ୟାତି ଅକ୍ଷୁର୍ଣ୍ଣ ରହିଥିବା ଜଣାପଡେ । ଭୌମ-କର ବଂଶୀ ରାଜା ପ୍ରଥମ ଶାନ୍ତିକର ଦେବଙ୍କ ରାଜତ୍ୱ କାଳରେ ନନ୍ନଟ ଏବଂ ଲକ୍ଷ୍ମୀ-ଙ୍କର ପୁତ୍ର ବୈଦ୍ୟ ଭୀମଟ ୮୨୭ ଖ୍ରୀ:ରେ (ଭୌମାବ୍ଦ ୯୧) ଗଣେଶ ଗୁମ୍ଫାକୁ ଗଣେଶଙ୍କ ଉପାସନା ମନ୍ଦିର ରୂପେ ପରିଣତ [...]ରିଥିଲେ । ଭୌମ-କର ବଂଶ ଶାସନର ପତନ କାଳରୁ [...]ମାରୀ ପର୍ବତର ଧାର୍ମିକ ଖ୍ୟାତିର ଅବସାନ

ଘଟିଥିଲା ଏବଂ କ୍ରମେ କୁମାରୀ ପର୍ବତ (ଖଣ୍ଡଗିରି)ର ପ୍ରସିଦ୍ଧି ବୃଦ୍ଧିଲାଭ କଲା । ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱ କାଳରେ ଜୈନ ଆର୍ଯ୍ୟସଂଘର ପ୍ରଖ୍ୟାତ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କ ଶିଷ୍ୟ ଶୁଭଚନ୍ଦ୍ର ଉତ୍କଳରେ ଜୈନ ଧର୍ମର ବହୁ ଅଭିବୃଦ୍ଧି ସାଧନ କରିଥିଲେ । ସେ ରାଜପୃଷ୍ଠ ପୋଷକତା ଲାଭକରି ଉଦ୍ୟୋତକେଶରୀଙ୍କ ଅଷ୍ଟାଦଶ ବର୍ଷ ରାଜତ୍ୱ ବେଳେ କୁମାରୀ ପର୍ବତସ୍ଥ ନବମୁନୀ ଗୁମ୍ଫାକୁ ତୀର୍ଥଙ୍କରମାନଙ୍କର ଉପାସନା ମନ୍ଦିରରେ ପରିଣତ କରିଥିଲେ । ତାଙ୍କର ପ୍ରଚେଷ୍ଟାରେ ଉକ୍ତ ପର୍ବତରେ ଯେଉଁ ଜୈନ ବିହାର ଗଢ଼ିଉଠିଥିଲା ତହିଁରେ ବହୁ ପଣ୍ଡିତ ଓ ଛାତ୍ର ଅବସ୍ଥାନ କରି ଜୈନ ଧର୍ମ ଓ ଦର୍ଶନ, ଅଧ୍ୟାପନା ଓ ଅଧ୍ୟୟନ କରୁଥିବା ଜଣାପଡେ । ଛାତ୍ରମାନଙ୍କ ମଧ୍ୟରେ ବିଜୋ ଏବଂ ଶ୍ରୀଧରଙ୍କ ନାମ ଅଭିଲେଖରୁ ମିଳିଅଛି । ଶୁଭଚନ୍ଦ୍ରଙ୍କ ପ୍ରେରଣାରେ ତୀର୍ଥଙ୍କରମାନଙ୍କ ନିମନ୍ତେ ବିଭିନ୍ନ ମନ୍ଦିର ମଧ୍ୟ ନିର୍ମିତ ହୋଇଥିଲା ଏବଂ ସେଗୁଡ଼ିକର ଭଗ୍ନାବଶେଷ ବର୍ତ୍ତମାନ ଖଣ୍ଡଗିରି ପାହାଡରେ ମିଳୁଅଛି ।

ଗଙ୍ଗ ଏବଂ ସୂର୍ଯ୍ୟବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ (୧୨ଶ—୧୬ଶ ଖ୍ରୀ:) ଖଣ୍ଡଗିରିସ୍ଥ ଗୁମ୍ଫାଗୁଡ଼ିକରେ ଜୈନଧର୍ମ ସଂପର୍କୀୟ ବହୁ ଚିତ୍ର ଖୋଦିତ ହୋଇଥିଲା ଏବଂ ସେହି ଧର୍ମକୁ ଲୋକପ୍ରିୟ କରିବା ନିମନ୍ତେ ପ୍ରଚେଷ୍ଟା କରାଯାଇଥିଲା । ସେହି କାଳରେ ବାରଭୂଜୀ ଗୁମ୍ଫା ତ୍ରିଶୂଳ ଗୁମ୍ଫା ଆଦିରେ ୨୪ ତୀର୍ଥଙ୍କରଙ୍କ ସହିତ ପ୍ରତ୍ୟେକଙ୍କର ଶାସନ ଦେବୀଙ୍କ ପ୍ରତିମୂର୍ତ୍ତି ଖୋଦିତ ହୋଇଥିବା ଦେଖିବାକୁ ମିଳେ । ସେହି ସମୟ ମଧ୍ୟରେ କୁମାରୀ ପର୍ବତର ନାମ ଖଣ୍ଡଗିରି ରୂପେ ପରିଣତ ହୋଇଥିବା ମନେହୁଏ । ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟରେ ଖଣ୍ଡଗିରି ନାମର ବ୍ୟବହାର ବିଶେଷ ରୂପେ ପରିଲକ୍ଷିତ ହୋଇଥାଏ । ବାରଙ୍ଗ ଦାସଙ୍କ ବ୍ରହ୍ମକୁଣ୍ଡଳୀ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା ଏବଂ ରାଧାଚରଣ ନାୟକଙ୍କ ଲିଖିତ ରସରାମାୟଣ ମଞ୍ଜରୀ ଆଦି ପୁସ୍ତକରେ ଖଣ୍ଡଗିରିର ବର୍ଣ୍ଣନା ଲିପିବଦ୍ଧ ହୋଇଥିବା ମିଳେ । ସେକାଳର କେତେକ ସଂସ୍କୃତ ଗ୍ରନ୍ଥରେ ମଧ୍ୟ ଖଣ୍ଡଗିରି ନାମର ଉଲ୍ଲେଖ ଦେଖାଯାଏ । ଉନବିଂଶ ଶତାବ୍ଦୀରେ ମହାମହୋପାଧ୍ୟାୟ ବାମଦେବ ରଥଶର୍ମା ଖଣ୍ଡାଚଳ ମାହାତ୍ମ୍ୟ ନାମକ ଯେଉଁ ଉପାଦେୟ ଗ୍ରନ୍ଥ ରଚନା କରିଥିଲେ ତାହା ଏସଂପର୍କରେ ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ । ସେହି ଗ୍ରନ୍ଥରେ ସେ ଉଭୟ ଖଣ୍ଡାଚଳ ଓ ଉଦୟାଚଳ ନାମର ବହୁଳ ବ୍ୟବହାର କରି ଅଛନ୍ତି ଏବଂ ସେହି ପାହାଡ ଦ୍ୱୟରେ ଥିବା ଗୁମ୍ଫା ଓ ଜଳଭଣ୍ଡାର ଆଦିର ବର୍ଣ୍ଣନା ପ୍ରଦାନ କରି ଅଛନ୍ତି ।

ବିଭିନ୍ନ କାଳରେ ଖଣ୍ଡଗିରି ଓ ଉଦୟଗିରି ବହୁସିଦ୍ଧ ଓ ସନ୍ନ୍ୟାସୀଙ୍କ ଆବାସକ୍ଷେତ୍ର ଥିଲା ଏବଂ ଅନେକ ଜ୍ଞାନୀ, ଭକ୍ତ ସେଠାକୁ ଯାଇ ସେମାନଙ୍କୁ ଭେଟିବା ସଙ୍ଗେ ଗୁମ୍ଫାଗୁଡ଼ିକ ପରିଦର୍ଶନ କରିବା ସୁଯୋଗ ଲାଭ କରୁଥିଲେ । ଓଡ଼ିଶାରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବାର ଅବ୍ୟବହିତ ପରେ କଟକ ନିବାସୀ ମଞ୍ଜୁ ଚୌଧୁରୀ ଏବଂ ତାଙ୍କର ପୁତୁରା ଭବାନୀ ଦାଦୁ ଖଣ୍ଡଗିରି ପାହାଡର ଶୀର୍ଷଦେଶରେ ଯେଉଁ ଜୈନମନ୍ଦିର ନିର୍ମାଣ କରିଥିଲେ ତାହା ବହୁ ପରିଦର୍ଶକ ଓ ପର୍ଯ୍ୟଟକଙ୍କର ଦୃଷ୍ଟି ଆକର୍ଷଣ କରି ଆସିଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଏହିଯେ ଖଣ୍ଡଗିରି ଓ ଉଦୟଗିରିର କଳା ଓ ସ୍ଥାପତ୍ୟ ତଥା ସେଠାରେ ବାସକରୁଥିବା ଯୋଗୀ ଏବଂ ସିଦ୍ଧମାନଙ୍କ ପ୍ରତି ବହୁ ବ୍ୟକ୍ତି ଆକୃଷ୍ଟ ହୋଇ ଆସିଥିଲେ ମଧ୍ୟ ସେଠାର ଗୁମ୍ଫାଗୁଡ଼ିକରେ ଥିବା ଅଭିଲେଖମାନଙ୍କ ଉପରେ କାହାରି କେବେ ଦୃଷ୍ଟି ପଡ଼ିନଥିଲା । ୧୮୨୦ ସାଲରେ ଷ୍ଟାର୍ଲିଂ ସାହେବ ପ୍ରଥମେ ହାତୀଗୁମ୍ଫା ଅଭିଲେଖର ସନ୍ଧାନ ପାଇଥିଲେ ଏବଂ ତାହାର ଏକ ଗ୍ରସ୍ଥସ ନକଲ ଏସିଆଟିକ୍ ରିସାର୍ଚ୍ଚେସ୍ ପତ୍ରିକାରେ ପ୍ରକାଶ କରିଥିଲେ । ୧୮୩୭ ସାଲରେ କିଟୋ ସାହେବଙ୍କ ଦ୍ୱାରା ଅନ୍ୟ ଗୁମ୍ଫାଗୁଡ଼ିକରେ ଥିବା ଅଭିଲେଖମାନ ଆବିଷ୍କୃତ ହୋଇ ପାରିଥିଲା ଏବଂ ସେହିବର୍ଷ ପ୍ରିନ୍‌ସେପ୍ ସାହେବଙ୍କ ଦ୍ୱାରା ପ୍ରଥମ ହୋଇ ହାତୀ ଗୁମ୍ଫା ଅଭିଲେଖର ପାଠ ଏସିଆଟିକ୍ ସୋସାଇଟି, ବେଙ୍ଗଲ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତାହାଦ୍ୱାରା ପ୍ରାଚୀନ କଳିଙ୍ଗର ଇତିହାସ ଓ ସଂସ୍କୃତିର ଅଧ୍ୟୟନ ଓ ଗବେଷଣାରେ ନୂତନ ଅଧ୍ୟାୟ ଓ ନୂତନ ଦୃଷ୍ଟିକୋଣ ଉନ୍ମୋଚିତ ହୋଇ ପାରିଥିଲା ।

ପ୍ରତ୍ନତତ୍ତ୍ୱ ଉପଦେଷ୍ଟା,
ଭୁବନେଶ୍ୱର ।



# ଶିଳ୍ପର ଗୁଣାତ୍ମକ ବିକାଶ କ୍ଷେତ୍ରରେ ଗୁରୁତ୍ୱ

ଶ୍ରୀ ଅଭୟାନନ୍ଦ ରଥ

କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ତଥା କର୍ମନିଯୁକ୍ତିର ବ୍ୟାପକ ସମ୍ଭାବନାକୁ ହୃଦୟଙ୍ଗମ କରି ଭାରତ ସରକାର ୧୯୮୦ ମସିହାରେ ପ୍ରତ୍ୟେକ କ୍ଷୁଦ୍ରଶିଳ୍ପ ପାଇଁ ଅର୍ଥ ବିନିଯୋଗର ପରିମାଣ ୧୦ ଲକ୍ଷଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ । ତା' ସାଙ୍ଗକୁ ଆମ ରାଜ୍ୟ ସରକାର ୧୯୮୦ ଅଗଷ୍ଟ ମାସରେ ଗୋଟିଏ ବଳିଷ୍ଠ ଓ ପ୍ରଗତିଶୀଳ ଶିଳ୍ପନୀତି ପ୍ରବର୍ତ୍ତନ କରିଥିଲେ । ଏହି ଶିଳ୍ପ ନୀତିରେ ଶିଳ୍ପୋଦ୍ୟୋଗୀମାନଙ୍କ ନିମନ୍ତେ ବିଭିନ୍ନ ଆର୍ଥିକ ଓ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ରଖାଯାଇଥିଲା । ଓଡ଼ିଶାରେ ବିଗତ ଦଶନ୍ଧିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେତେ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ସେ ସଂପର୍କରେ ଶିଳ୍ପ ନିର୍ଦ୍ଦେଶକ ଗତବର୍ଷ ଏକ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷାରୁ ଜଣାପଡ଼ିଛି ଯେ ଏଦିଗରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଉଛି ତା ତୁଳନାରେ ସ୍ୱଳ୍ପ ମୂଳଧନକୁ ପାଥେୟକରି ବହୁସଂଖ୍ୟକ ପାରଂପରିକ ଶିଳ୍ପକାରଖାନା ପ୍ରତିଷ୍ଠିତ ହୋଇଛି । ପ୍ରତ୍ୟେକ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପାଇଁ ହାରାହାରି ୬୦ରୁ ୭୦ ହଜାରଟଙ୍କା ଅର୍ଥ ବିନିଯୋଗ କରାଯାଉଛି । ଏଭଳି ଛୋଟ ଛୋଟ ଶିଳ୍ପକାରଖାନା ରାଜ୍ୟରେ ଉପଯୋଗ ହୋଇନଥିବା ବିପୁଳ ପ୍ରାକୃତିକ ସଂପଦର ପୂର୍ଣ୍ଣ ଉପଯୋଗ କରିବା ପାଇଁ ସକ୍ଷମ ହୋଇନଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆର୍ଥିକଦାୟ ସେମାନଙ୍କର ଅଗ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କଲେ । ଏସବୁ ପରିସ୍ଥିତିର ସମ୍ମୁଖୀନ ହୋଇ ଶିଳ୍ପନିର୍ଦ୍ଦେଶାଳୟ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଏକ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଦାୟିତ୍ୱ ବହନକଲେ । ଉତ୍ପାଦନ, ଶିଳ୍ପୋଦ୍ୟୋଗୀ ଓ ସର୍ବୋପରି ସେବା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଘଟାଇବା ଆମର ଅଭିପ୍ରାୟ । ନିମ୍ନଲିଖିତ ପରିଚ୍ଛେଦରେ ଆମର ଆଭିମୁଖ୍ୟ ସଂପର୍କରେ ସଂକ୍ଷିପ୍ତଭାବେ ବର୍ଣ୍ଣନା କରାଯାଉଛି ।

ଗୋଟିଏ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବାପାଇଁ ଗ୍ରହିଁଥିବା ଜଣେ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଜିଲ୍ଲାଶିଳ୍ପକେନ୍ଦ୍ର ହେଉଛି ଏକକ ଯୋଗସୂତ୍ରକାରୀ ସଂସ୍ଥା । ଶିଳ୍ପୋ-ଦ୍ୟୋଗୀମାନଙ୍କୁ ତାଙ୍କର ଅଭିଜ୍ଞତା, ଅଭିରୁଚି ଏବଂ ଅର୍ଥ ବିନିଯୋଗ ସାମର୍ଥ୍ୟକୁ ସୁହାଇଲାଭଳି ଜିଲ୍ଲା ଶିଳ୍ପକେନ୍ଦ୍ର ବିଭିନ୍ନ ଧରଣର ପ୍ରକଳ୍ପ ଯୋଗାଇଥାଏ । ତା' ପରବର୍ତ୍ତୀ ପର୍ଯ୍ୟାୟରେ ଜମି, ଶିଳ୍ପକାରଖାନା, ଗୃହ, ଜଳ, ବିଦ୍ୟୁତ୍, ଋଣ ଓ ରିହାତି (ସବ୍‌ସିଡ଼ି) ଭଳି ଅନ୍ୟାନ୍ୟସେବା ଯୋଗାଇ ଦିଆଯାଇଥାଏ । ତେଣୁ ଜିଲ୍ଲା ଶିଳ୍ପ କେନ୍ଦ୍ର-ଗୁଡ଼ିକରେ ବିଭିନ୍ନ ପ୍ରକାରର ପ୍ରକଳ୍ପ ବିଶେଷକରି ଆଧୁନିକ ତଥା ଅତ୍ୟାଧୁନିକ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନାମାନ ରଖାଯାଇଛି । ରାଜ୍ୟର ୧୩ଟି ଜିଲ୍ଲାରେ ଆଇ. ଡି. ବି. ଆଇଙ୍କ ଦ୍ୱାରା ଅନୁମୋଦିତ ଖ୍ୟାତନାମା ପରାମର୍ଶଦାତା ସଂସ୍ଥାଙ୍କ ସହାୟତାରେ ଶିଳ୍ପକେନ୍ଦ୍ର ପ୍ରତିଷ୍ଠାପାଇଁ ଅନୁ-ସନ୍ଧାନ କାର୍ଯ୍ୟ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସମ୍ବଳଭିତ୍ତିକ, ବିକ୍ରୟ ଉପଯୋଗୀ ଓ ବୈଷୟିକ ଜ୍ଞାନ ସଂଶ୍ଳିଷ୍ଟ ୪୦୦ଟି ଯୋଜନା କାର୍ଯ୍ୟକାରୀ ହେବାଲାଗି ପ୍ରସ୍ତୁତ କରାଯାଇଛି । ଏହିସବୁ ଯୋଜନାରେ ଇଞ୍ଜିନିୟରିଂ ଧାତବ୍ୟ ବିଦ୍ୟା, ରାସାୟନିକ, ପ୍ଲାଷ୍ଟିକ ପୁଷ୍ଟଭାଜ (ପଲିମର) କାଚ ଓ ମୃତ୍ତିକା ଶିଳ୍ପ, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍, ଜଙ୍ଗଲ ଓ କୃଷିଭିତ୍ତିକ ସାମଗ୍ରୀଗୁଡ଼ିକର ଉପଯୋଗ କରାଯିବ । ଆପାତତଃ ଏ ସବୁ ପ୍ରକଳ୍ପରେ ନିର୍ଦ୍ଧାରିତ ସଂପଦ ଆକାରରେ ହାରାହାରି ୧୨ ଲକ୍ଷରୁ ୧୫ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି ପ୍ରକଳ୍ପ ଓ ନିକଟରେ କ୍ଷୁଦ୍ର ଶିଳ୍ପସଂସ୍ଥା ବିଭାଗରୁ ଅଣାଯାଇଥିବା ପ୍ରକଳ୍ପଗୁଡ଼ିକୁ ନେଇ ଜିଲ୍ଲା ଶିଳ୍ପ କେନ୍ଦ୍ରର 'ପ୍ରୋଜେକ୍ଟ ସେଲ୍‌ଫ' ଗଠିତ । ଏଭଳି ୧୨୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଗଲାଣି ଏବଂ ଏଥିପାଇଁ ମୋଟ୍ ୨୦ କୋଟି ଟଙ୍କା ମୂଳଧନ ଆକାରରେ ବିନିଯୋଗ କରାଯାଉଛି ଓ ଏଥିରେ ୨୭୦୦ ଜଣଙ୍କୁ କର୍ମନିଯୁକ୍ତି ଦିଆଯିବ ।

ଉପରେ ବର୍ଣ୍ଣିତ ଜିଲ୍ଲା ଅନୁସନ୍ଧାନ କାର୍ଯ୍ୟ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଚ ଓ ମୃତ୍ତିକା ଶିଳ୍ପ, ଇଲେକ୍ଟ୍ରୋନିକ୍, ପ୍ଲାଷ୍ଟିକ୍‌ସରେ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ସରଞ୍ଜାମ, କମାର ଚୁଲିରେ ହସ୍ତ ନିର୍ମିତ ସାମଗ୍ରୀ ଓ ସାଇକେଲର ଯନ୍ତ୍ରପାତି ଉତ୍ପାଦନ କଲାଭଳି ଶିଳ୍ପକାରଖାନାକୁ ନେଇ ସମନ୍ୱିତ ଶିଳ୍ପପୁଞ୍ଜ ପ୍ରତିଷ୍ଠା କରିବା ଲାଗି ଅନୁରୂପ ପରାମର୍ଶଦାତା ସଂସ୍ଥା ଆନୁକୂଲ୍ୟରେ ସମ୍ଭାବ୍ୟ ରିପୋର୍ଟମାନ ପ୍ରସ୍ତୁତ କରାଯାଉଛି । ଉକ୍ତ ଅନୁଧ୍ୟାନ ଫଳରେ ୧୫୦ଟି ଶିଳ୍ପକୁ ନିରୂପଣ କରାଯାଇଛି ଓ ସେଥି ମଧ୍ୟରୁ କେତେକ କାର୍ଯ୍ୟକାରୀ କରାଗଲଣି । ଏସବୁ ପ୍ରକଳ୍ପଗୁଡ଼ିକ ଆଧୁନିକ କ୍ଷୁଦ୍ର ଶିଳ୍ପ କାରଖାନା ପରିସରଭୁକ୍ତ ।

ଶିଳ୍ପୋଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି କରିବା ଲାଗି କେତେଗୁଡ଼ିଏ ପଦକ୍ଷେପ ପର୍ଯ୍ୟାୟ କ୍ରମେ ନିଆଯାଇଛି ।

ଏସ୍. ଆଇ. ଇଟି. ଓ. ଆର. ଜି, ଓ. ଆର. ଆଇ. ଟି. କୋ ଭଳି କ୍ଷୁଦ୍ର ଶିଳ୍ପାନୁଷ୍ଠାନ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଜ୍ଞତାଲବ୍ଧ କରିଥିବା ସଂସ୍ଥାଗୁଡ଼ିକ ସାହାଯ୍ୟରେ ସେମାନଙ୍କୁ ତାଲିମ ଦିଆଯାଉଛି । ଯେଉଁ ଶିଳ୍ପୋଦ୍ୟୋଗୀମାନେ କୌଣସି ଅତ୍ୟାଧୁନିକ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ସହିତ ସଂଶ୍ଳିଷ୍ଟ, ଯାହାଙ୍କୁ ଶିଳ୍ପ କାରଖାନା ସ୍ଥାପନ ନିମନ୍ତେ ଅର୍ଥ ମଂଜୁର ହୋଇଛି କିମ୍ବା ଯେଉଁ ବ୍ୟକ୍ତି କୌଣସି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଆରମ୍ଭ କରିଛନ୍ତି, ସେମାନେ ତାଲିମ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ ରୂପେ ଶିଳ୍ପୋନ୍ନତ ରାଜ୍ୟଗୁଡ଼ିକରେ ଅନୁରୂପ ଶିଳ୍ପାନୁଷ୍ଠାନ ସହିତ ତାଲିମ କାର୍ଯ୍ୟକ୍ରମକୁ ସଂଶ୍ଳିଷ୍ଟ କରାଇବା ଦ୍ୱାରା ତାହା ବିଶେଷ ଫଳପ୍ରଦ ହୋଇପାରିଛି । ଏହା ଫଳରେ ତାଲିମ ପାଉଥିବା ଶିଳ୍ପୋଦ୍ୟୋଗୀ କାରଖାନାର କର୍ମଚାରୀ ଓ କଳକବ୍ଜା ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ଯେଉଁ ଶିଳ୍ପୋଦ୍ୟୋଗୀମାନେ ସଫଳତା ଅର୍ଜନ କରିଛନ୍ତି, ସେମାନଙ୍କସହ ମିଶି ଅଭିଜ୍ଞତା ଲାଭ କରିବାର ସୁଯୋଗ ପାଉଥାନ୍ତି । ଗତବର୍ଷଠାରୁ ସଂଶୋଧିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ହାଇଦ୍ରାବାଦ, ବିଶାଖାପାଟଣା ଓ ବରୋଦାଠାରେ ଅବସ୍ଥିତ ଶିଳ୍ପ କାରଖାନାରେ ୧୨୦ଜଣ ଶିଳ୍ପୋଦ୍ୟୋଗୀମାନଙ୍କୁ ତାଲିମ ଦିଆଯାଇଛି ।

ଓଡ଼ିଶାରେ ଯେଉଁ ଶିଳ୍ପୋଦ୍ୟୋଗୀମାନେ ଶିଳ୍ପ କାରଖାନା ଚଳାଉଛନ୍ତି ସେମାନଙ୍କୁ ଦେଶର ଅନ୍ୟତ୍ର ସ୍ଥାପିତ ଅନୁରୂପ ଶିଳ୍ପ ପ୍ରତିଷ୍ଠାନ ବୁଲାଇ ଦେଖାଇବା ଲାଗି ଓଡ଼ିଶା ସରକାର ଏକ ଯୋଜନା ଆରମ୍ଭ କରିଛନ୍ତି । ଏହାଫଳରେ ସେମାନେ ଅଧିକ ଜ୍ଞାନ ଆହରଣ କରି ସେଗୁଡ଼ିକୁ ନିଜ କାର୍ଯ୍ୟରେ ଉପଯୋଗ କରିବେ । ପ୍ରଥମ ଶିଳ୍ପୋଦ୍ୟୋଗୀ ଦଳ ମହାରାଷ୍ଟ୍ର ଓ ଗୁଜୁରାଟର କେତେକ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ । ସେମାନଙ୍କର ଏହି ଗସ୍ତ ବେଶ୍ ଫଳପ୍ରଦ ହୋଇଛି ।

ସଫଳତାର ସହ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଚଳାଇବାକୁ ହେଲେ ଗୁଣାତ୍ମକ ଦିଗ୍‌ଦର୍ଶନ ଓ କ୍ଷିପ୍ରତାର ସେବା ଅତୀବ ପ୍ରୟୋଜନ । ଜିଲା ଶିଳ୍ପ କେନ୍ଦ୍ରରେ ଏଥି ନିମନ୍ତେ ବୈଷୟିକ ଜ୍ଞାନସଂପନ୍ନ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଓଡ଼ିଶା ରାଜ୍ୟ ଅର୍ଥ ନିଗମ, ଓଡ଼ିଶା ରାଜ୍ୟ ଶିଳ୍ପ ନିଗମ, ଶିଳ୍ପ ଉନ୍ନୟନ କର୍ପୋରେସନ, ଇ, ପି, ଜି, ଏମ୍, ଭଳି ଶିଳ୍ପ ପ୍ରୋତ୍ସାହନକାରୀ ସଂସ୍ଥାଗୁଡ଼ିକୁ ଏହି କାର୍ଯ୍ୟ ସୁଷ୍ଠୁରୂପେ ସଂପାଦନପାଇଁ ଯଥେଷ୍ଟ କ୍ଷମତା ଦିଆଯାଇଛି । ଅନେକ ଶିଳ୍ପୋଦ୍ୟୋଗୀ ସେମାନଙ୍କ ଶିଳ୍ପ ପ୍ରତିଷ୍ଠାପାଇଁ ଗୋଟିଏ ସ୍ଥାନରୁ ସେମାନଙ୍କର ଆବଶ୍ୟକୀୟ ସାମଗ୍ରୀଗୁଡ଼ିକ ପାଇପାରୁଛନ୍ତି । ସେମାନଙ୍କର ଉତ୍ପାଦନ ସାମଗ୍ରୀଗୁଡ଼ିକୁ ଯଥାଯଥ ଭାବେ ପରୀକ୍ଷା କରାଯାଇ ସେଗୁଡ଼ିକର ତତ୍ତ୍ୱାବଧାନ ନେବା ଦିଗରେ ସେମାନଙ୍କୁ ସାହାଯ୍ୟ କରାଯାଉଛି । ଉପରୋକ୍ତ ସାମଗ୍ରୀଗୁଡ଼ିକ ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ପରୀକ୍ଷାଗାରରେ ପରୀକ୍ଷା କରାଯାଇଥାଏ । ଓଡ଼ିଶା ଦେଶର ଅନ୍ୟତମ ରାଜ୍ୟ ଯେଉଁଠାରେ ବିବିଧ ଧରଣର ସୁଶୃଙ୍ଖଳିତ ପରୀକ୍ଷାଗାରର ସୁବିଧା ରହିଛି । ଉକ୍ତ ପରୀକ୍ଷାଗାରଗୁଡ଼ିକ ଏଭଳି ସ୍ଥାନରେ ଅବସ୍ଥିତ ଯେ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ସେଠାରେ ସେମାନଙ୍କର ଶିଳ୍ପପାଇଁ ଆବଶ୍ୟକ କଞ୍ଚାମାଲ୍ ଓ ତାଙ୍କର ଉତ୍ପାଦିତ ସାମଗ୍ରୀ ସହଜରେ ପରୀକ୍ଷା କରାଇନେଇ ପାରିବେ । ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରକଳ୍ପରୁ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଗୁଣାତ୍ମକ ବିକାଶ ପାଇଁ ଅନୁରୂପ ଗୁରୁତ୍ୱ ଦିଆଯାଇଛି । ଏ ସଂପର୍କରେ ନିକଟରେ ଖୁବ୍ ଲୋକପ୍ରିୟତା ହାସଲ କରିଥିବା (ଫୋର ଡାଇମଣ୍ଡ) ମାର୍କାର ସୋରିଷ ତେଲ ଓ ବାଦାମ ତେଲର ଉଦାହରଣ ଦିଆଯାଇପାରେ । ଉପରୋକ୍ତ ତେଲ ଦୁଇଟି ଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ଥିବା ତୈଳ ପ୍ରସ୍ତୁତ୍‌କରଣ ପଞ୍ଚାୟତ ଶିଳ୍ପାନୁଷ୍ଠାନ ଦ୍ୱାରା ଉତ୍ପାଦିତ ହେଉଛି ଏବଂ ବିଗତ କେତେମାସ ଧରି କେତେକ ବଛାବଛା ବଜାରରେ ଛୁଟୁରା ଟିଣରେ ତାହା ବିକ୍ରି କରାଯାଉଛି ।

ସଂପ୍ରତି ଯେଉଁ ଶିଳ୍ପାନୁଷ୍ଠାନଗୁଡ଼ିକ ତିଷ୍ଠି ରହିଛନ୍ତି ସେଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଯେପରି ଗୁରୁତ୍ୱ ଦିଆଯାଉଛି, ନୂଆ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଦିଗରେ ଅନୁରୂପ ପ୍ରାଧାନ୍ୟ ମଧ୍ୟ ଦିଆଯାଉଛି । ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସିନିଅର ଟେକ୍‌ନିକାଲ୍ ଅଫିସରମାନଙ୍କୁ ଏଭଳି ଶିଳ୍ପାନୁଷ୍ଠାନଗୁଡ଼ିକର ଦାୟିତ୍ୱରେ ରଖାଯାଇଛି । ସେମାନେ ନିୟମିତ ଭାବେ ଏସବୁ ଶିଳ୍ପାନୁଷ୍ଠାନ ପରିଦର୍ଶନ କରି ସେମାନଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଆର୍ଥିକ, କଞ୍ଚାମାଲ, ଭିତ୍ତିଭୂମିକ ଓ ବିକ୍ରିବଟାଭଳି ବିଭିନ୍ନ ବ୍ୟାପାରରେ ସହଯୋଗ କରିଥାନ୍ତି । କାର୍ଯ୍ୟକାରୀ ମୂଳଧନଜନିତ ସମସ୍ୟା ସମାଧାନ କରିବା ପାଇଁ ଅଗ୍ରଣୀ ବ୍ୟାଙ୍କ (ଲିଡ୍‌ବ୍ୟାଙ୍କ) ଅଫିସର ଓ ଅନ୍ୟାନ୍ୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ନେଇ ପ୍ରତି ମାସରେ ବୈଠକ କରାଯାଉଛି । ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ଯେପରି ସଦାସର୍ବଦା କର୍ମତତ୍ପର ରହିବେ ଏବଂ ଶିଳ୍ପୋଦ୍ୟୋଗୀମାନଙ୍କ ନ୍ୟାୟୋଚିତ ସେବା ଯୋଗାଇଦେବେ, ସେଥିନିମନ୍ତେ ଶିଳ୍ପ ନିର୍ଦ୍ଦେଶାଳୟ ଫଳପ୍ରଦ ପରିଚାଳନା ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି ।

ଶିଳ୍ପ ନିର୍ଦ୍ଦେଶକ,
ଓଡ଼ିଶା, କଟକ ।

# ଯୌତୁକ-ଏକ ସାମାଜିକ ବ୍ୟାଧି

ଶ୍ରୀ ମଂଗୁଲୁ ଚରଣ ବଶ୍ୱାଳ

ଯୌତୁକ ଏକ ସାମାଜିକ ବ୍ୟାଧି–ଏହି ବ୍ୟାଧିଟା ଯେତିକି ମାରାତ୍ମକ ସେତିକି ସଂକ୍ରାମକ ମଧ୍ୟ । ଏହାର କୁଫଳ ବା କୁପ୍ରଭାବ ଯୋଗୁଁ ସମାଜରେ ଶାନ୍ତି ନାହିଁ, ପ୍ରୀତିନାହିଁ, ସ୍ନେହନାହିଁ, ବିଶ୍ୱାସନାହିଁ । ଅଛି ଶାନ୍ତି ବଦଳରେ ଅଶାନ୍ତି, ପ୍ରୀତିବଦଳରେ ଅସୂୟା, ସ୍ନେହବଦଳରେ ଘୃଣା, ବିଶ୍ୱାସ ବଦଳରେ ଅବିଶ୍ୱାସ । ଏମିତି ପରିସ୍ଥିତିରେ ଆମେ ବଞ୍ଚିବା କିପରି ?

ଯୌତୁକ ପ୍ରଥାର ଅପକାରିତା ମଧ୍ୟବିତ୍ତ ଶ୍ରେଣୀର ଲୋକେ ବେଶି ଉପଲବ୍‌ଧି କରୁଛନ୍ତି । ଯାହା ସେମାନଙ୍କର ଆୟ ତାହା ତାଙ୍କର ତେଲ ଲୁଣ ସଂସାରକୁ ନିଅଣ୍ଟ । ତେବେ ତାଙ୍କର ସଞ୍ଚିତ ହୋଇ କ'ଣ ରହିଗଲେ ଝିଅଟିକୁ ଯୌତୁକ ଦେଇ ବିଦାକରିବେ । ବରଘରର ଲୋକେ ଆଗତୁରା ବିଚାର କରି ନେଉଛନ୍ତି ତାଙ୍କ ଘରେ ବନ୍ଧୁ ବାନ୍ଧିଲେ ଯୌତୁକ ମିଳିବତ ! ସେଠାରେ ଝିଅ ରୂପବତୀ ହୋଇ ମଧ୍ୟ ଉପଯୁକ୍ତ ବରପାତ୍ରଟିଏ ପାଇପାରେ ନାହିଁ । କଥାରେ ଅଛି ଝିଅ ଘିଅ ଘରେ ସାଇତି ରଖିଲେ ଗନ୍ଧାଏ । ତେଣୁ ନିଜ ଘରର ଷ୍ଟାଣ୍ଡାର୍ଡ ଠାରୁ ନିମ୍ନ ଷ୍ଟାଣ୍ଡାର୍ଡ ଘରର ପିଲାଟିକୁ ବିବାହ ଦେବା ନିମିତ୍ତ କନ୍ୟାର ପିତାମାତା ବାଧ୍ୟ ହୁଅନ୍ତି । ଝିଅର ମନମୁତାବକ ବରଘର ହୋଇ ନ ଥିବାରୁ ତାର ଦାଂପତ୍ୟ ଜୀବନ ସୁଖମୟ ହୋଇପାରେ ନାହିଁ । ସାରାଜୀବନ ହା ହତାଶ ମଧ୍ୟରେ କଟେ ।

ପିତାମାତା ସବୁକାଳେ ସ୍ନେହ-କାଙ୍ଗାଳ । ନିଜର ପିଲାମାନଙ୍କର ଆନନ୍ଦରେ ସେମାନଙ୍କର ଆନନ୍ଦ । ତେଣୁ ଝିଅ ବାହାଘର ପାଇଁ ଜମିବାଡ଼ି ବିକ୍ରିକରି ଲବ୍ଧ ଅର୍ଥରେ ଝିଅପିଲା ଯାହା ଯୌତୁକ ଦାବୀକଲେ ସେ ଦେଇ ଦିଅନ୍ତି । ଏପରିକି ଅନେକ ପିତାମାତା ଚଢ଼ା ସୁଧରେ ଟଙ୍କା କରଜ କରିବାକୁ ପଛାନ୍ତି ନାହିଁ । ବାଟଖର୍ଚ୍ଚ, ଭୋଜିଭାତ, ଜାନି ଯୌତୁକ ଇତ୍ୟାଦିରେ ମନଇଛା ଖର୍ଚ୍ଚକରନ୍ତି । ବାହାର ଲୋକଙ୍କ ଠାରୁ ବାହାବାଃ ପଦେ ପାଆନ୍ତି ସିନା ମାତ୍ର ସେମାନେ ଏପରି ଋଣଗ୍ରସ୍ତ ହୋଇ ପଡନ୍ତିଯେ ତାହା ପରିଶୋଧ କରି ନପାରି ସର୍ବସ୍ୱାନ୍ତ ହୁଅନ୍ତି । ତାଙ୍କର ଅନ୍ୟପିଲାମାନଙ୍କ କଥା ନକହିଲେ ଭଲ । କେତେକ କ୍ଷେତ୍ରରେ ବିବାହ ପୂର୍ବରୁ ଝିଅମାନେ ଅମୁକ ଦିଅ ସମୁକ ଦିଅ, ଅମୁକ ହେଲନାହିଁ, ସମୁକ ହେଲନାହିଁ କହି ପିତାମାତା ଭାଇ ଭାଉଜଙ୍କ ପାଖରେ ଅଡ଼ିବସନ୍ତି । ପରିବାରର ଆର୍ଥିକ ଅବସ୍ଥା ପ୍ରତି ଆଦୌ ଦୃଷ୍ଟି ଦିଅନ୍ତି ନାହିଁ । ସେମାନେ ବାପର ସଂପତ୍ତି ନେଇ ସ୍ୱାମୀ, ଶାଶୁ, ଶଶୁର, ଯା, ନଣନ୍ଦ ଦିଅର ମାନଙ୍କ ଆଗରେ ନିଜର ବାହାଦୁରୀ ଦେଖାଇ ହୁଅନ୍ତି । ଅବଶ୍ୟ ଏଇଟା ସେମାନଙ୍କର ଦୋଷ ବୋଲି କହିଲେ ହେବନାହିଁ । ଶାଶୁ ଶଶୁର, ଯା, ନଣନ୍ଦ ମାନଙ୍କର ପ୍ରିୟ-ପାତ୍ରୀ ହେବେତ ! ତେଣୁ ବାପମାଆ ଭାଇ ଭାଉଜଙ୍କୁ ଅଡ଼ିବସିବାକୁ ବାଧ୍ୟ । ଯୌତୁକ ପ୍ରଥାଟା ନଥିଲେ ଝିଅ-ମାନେ ଏପରି କରନ୍ତେ କାହିଁକି ? ଶାଶୁ ଶଶୁର କୌଣସି ଗୁଣରେ କମ୍ ନୁହନ୍ତି । ସେମାନେ ବୋହୂକୁ କହନ୍ତି–ପୁଅମୋର ଏତେ ପାଠ ପଢ଼ିଛି । ଡେପୁଟି ହୋଇଛି । ଗାଡ଼ିଖଣ୍ଡେ ପାଇନାହିଁ ବୋଲି ସେ ଲାଜରେ ବାଟଚାଲି ପାରୁନାହିଁ । ସାଙ୍ଗସାଥିରେ ମୁହଁ ଖୋଲି କଥାକହି ପାରୁନାହିଁ । ଏଥର ଗଲେ ବାପାକୁ କହ । ଗାଡ଼ିଖଣ୍ଡେ ଦେବେ । ଝିଅ ବିଚାରୀ କରେ କ'ଣ ? ବାପା ପାଖରେ ଅଳିକରେ । କାଳେ, ବାପା ଦେଇପାରିଲେତ ଭଲ । ଦେଇ ନପାରିଲେ ଶାଶୁ ଶଶୁରଙ୍କ ଗାଳିଫଜିତ୍ ବୋହୂ ଉପରେ ଅଜାଡ଼ି ହୋଇ ପଡେ । ବିଚାରୀ ପଣତ କାନିରେ ଲୁହ ପୋଛି ପୋଛି ଦିନକାଟେ । ଅତିଶୟ ଗାଳି ସହିନପାରି ଆତ୍ମହତ୍ୟା କରେ ।

କେତେକ ସ୍ଥଳରେ ଏମିତି ବି ହୁଏ ଝିଅଟିର ରୂପ ଗୁଣ ଓ ଶିକ୍ଷାଗତ ଯୋଗ୍ୟତାକୁ ଦେଖି ବରର ପିତାମାତା ତାକୁ ବୋହୂ କରିବାକୁ ଠିକ୍ କରନ୍ତି । ବିବାହ ହୁଏ । ସେମାନଙ୍କର ଡିମାଣ୍ଡ ନାହିଁ ବୋଲି ମୁହଁରେ ସିନା ସେମାନେ କୁହନ୍ତି; ମାତ୍ର ଭିତିରିଆ ଉଛାଟି ଥାଏ । ବିବାହପରେ ଯୌତୁକ ବ୍ୟାଧି ଆକ୍ରମଣ କରେଯେ ବୋହୂଟିକୁ ମିଛରେ ନାନା ନିନ୍ଦା, ଅପମାନ ଓ ଅପବାଦ ଦିଅନ୍ତି । ଝିଅଟିସବୁଦିନେ ଏମିତି ଗଞ୍ଜଣା ସହିବ ବା କେତେ ? ତେଣୁ କୌଣସି ଉପାୟ ନପାଇ ସେ ଆତ୍ମହତ୍ୟା କରେ । ବର୍ତ୍ତମାନ ଦେଖାଯାଉଛି ଯୌତୁକ ଜନିତ ମୃତ୍ୟୁ ହାର ଶତକଡ଼ା ପାଞ୍ଚ ।

ଯେଉଁମାନେ ଯୌତୁକ ଦେଇ ପାରୁ ନାହାନ୍ତି ସେମାନଙ୍କର ଝିଅମାନେ ପୂର୍ଣ୍ଣ ବୟସା ହୋଇ ବାପ ଘରେ ରହି ଯାଉଛନ୍ତି । ସେମାନଙ୍କର ସ୍ଥାନ ସମାଜରେ ଯେମିତି ନାହିଁ । ଘୃଣା, ଅଶ୍ଳୀଳ ଇଂଗିତ ଓ କଟୂକ୍ତି ଯେପରି ତାଙ୍କ ଭାଗ୍ୟରେ ଥୁଆ ।

ଆଉ ଗୋଟିଏ କଥା ଦେଖନ୍ତୁ । କନ୍ୟା ଯଦି କାଳି କିମ୍ବା ଛୋଟି, ଟେଙ୍ଗା, ଅଥବା ସେ କୌଣସି ଅବିଗୁଣର, କନ୍ୟା ପିତାମାନେ ସେ କ୍ଷେତ୍ରରେ ଝିଅଟି

ପିଲକୁ ଗାଡି ମଟରଠାରୁ ଆରମ୍ଭ କରି ଦାମି ଦାମି ସୁନା ଗହଣା ଓ ନଗଦ ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଲୋଭନ ଦେଖାନ୍ତି । ତେଣୁ ଅର୍ଥ ପିପାସୁ ଯୁବକ ସେ ପ୍ରଲୋଭନର ଶିକାର ହୁଏ । ଅଗୁଣର ଝିଅକୁ ବିବାହ କରେ । ମାତ୍ର କେଜାଣି କାହିଁକି ଦିନ କେଇଟାରେ ତାଙ୍କ ମନରୁ ଧନର ନିଶା ଭାଙ୍ଗିଯାଏ । ତାଙ୍କର ଦାମ୍ପତ୍ୟ ଜୀବନ ବିଷାୟିତ ହୋଇ ଉଠେ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ପୁରାପୁରି ଛାଡ଼ବାଡ଼ ହୋଇଯାଏ । ନିଜର ଯୌନ ଲାଳସାକୁ ଚରିତାର୍ଥ କରିବା ପାଇଁ କେବେ କେବେ ବେଶ୍ୟାସକ୍ତ ଓ ମଦ୍ୟପାନ ଭଳି ଘୃଣ୍ୟ ପନ୍ଥା ଭିତରକୁ ଆପେଆପେ ସେ ଟାଣି ହୋଇଯାଏ ।

ଗତ ଦଶବର୍ଷ ମଧ୍ୟରେ ଯେତେପ୍ରତିଏ ବାହାଘର ହୋଇଛି ଜଣାପଡିଛି ବରଘରର ଷ୍ଟାଣ୍ଡାର୍ଡ କନ୍ୟାଘରର ଷ୍ଟାଣ୍ଡାର୍ଡଠାରୁ ନିହାତି କମ୍ । ଶତକଡା ଅନୁପାତ ପଞ୍ଚସ୍ତରି ପଚିଶି । ଏସବୁ ଘଟୁଛି କାହିଁକି ? ସବୁ ସେହି ଯୌତୁକର ପ୍ରଲୋଭନ ଯୋଗୁଁ ।

ଆଗେ ବର ଘରର ପ୍ରଲୋଭନ ଥିଲା । ଏବେ ବି ଅଛି । ମାତ୍ର ସେକାଳର ପ୍ରଲୋଭନ ଏବେକାର ପ୍ରଲୋଭନ ଭିତରେ କିଛିଟା ଫରକ୍ ଅଛି । ଆଗେଥିଲା– ଆଭିଜାତ୍ୟର ପ୍ରଲୋଭନ । କୁଳୀନ ଘରର ଝିଅଟି ହେଲେ ହେଲା । ଜାନିଯୌତୁକ ଝିଅ ଘର୍ ଯାହା ଦେଲା ସେତିକିରେ ସନ୍ତୁଷ୍ଟ । ମାତ୍ର ଏବେ ବଂଶ କଥା ପଗ୍ରୁଛି- କିଏ ? ଅସଲ କଥା କ'ଣ ମିଳିବ । ସେଇଟା ଆଗେ ।

ଯୌତୁକ ଦିଆ ନିଆ କଥା ବନ୍ଧୁ ବନ୍ଧୁ ମଧ୍ୟରେ ବିବାହ ପୂର୍ବରୁ ଠିକ୍ ହୋଇ ସାରିଥାଏ । କେତେକ ସ୍ଥାନରେ ନିର୍ବନ୍ଧ ଭଳି ପବିତ୍ର ଦିନରେ ଠାକୁରଙ୍କ ସାମ୍ନାରେ ହାଟବଜାରରେ ବୋଦା ଛେଳି କିଣାବିକା କଲାପରି ଘୃଲେ । ହାତଗଣ୍ଠି ପଡିବା ପୂର୍ବରୁ ଯୌତୁକ ଜିନିଷ ବେଦୀ ଉପରକୁ ଆଣିବାକୁ କୁହା ଯାଏ । ତେଣୁ ଦେଖା- ଯାଉଛି ଯଦି ପ୍ରସ୍ତାବିତ ଜିନିଷମାନଙ୍କ ମଧ୍ୟରୁ ଗୋଟିକର ଊଣା ପଡିଥାଏ ହାତଗଣ୍ଠି ପଡିବା ଏକବାରେ ବନ୍ଦ । ସେହି ଯୌତୁକକୁ କେନ୍ଦ୍ର କରି ନାନା ହୋହଲ୍ଲା ହଇଚଇ ହବେ । ଶେଷରେ ହୋ-ହଲ୍ଲା ଏମିତି ରୂପ ଧାରଣ କରେ ଯେ ବର ବେଦୀରୁ ଫେରି ଯାଏ । ମଙ୍ଗୁଳା କନ୍ୟା ବାପ ଘରେ ରହିବା ନିଷିଦ୍ଧ । ଯାହି ତାହି ପିଲାଟିଏ ଧରିଆଣି ତା' ସହିତ ଝିଅର ବାହାଘର ହୁଏ । ଫଳରେ ଝିଅର ମନମୁତାବକ ବର ହୋଇନଥିବାରୁ ତାଙ୍କ ଦାମ୍ପତ୍ୟ ଜୀବନ ମଧୁମୟ ହୋଇ ପାରେ ନାହିଁ ।

ମାତ୍ର ଏସବୁ ଘଟୁଛି କାହିଁକି ? ତା'ର ଏକମାତ୍ର କାରଣ ହେଲା ଆମର ଚାରିତ୍ରିକ ସଙ୍କଟ । ନୈତିକତାର ଅଭାବ । ଯୌତୁକ ନେବା ଏକ ଘୃଣ୍ୟ ପନ୍ଥା । ଦେବା ମଧ୍ୟ ସେମିତି ଘୃଣ୍ୟ । ଯେ ପର୍ଯ୍ୟନ୍ତ ବରପିତା ଓ କନ୍ୟାପିତା ଏକଥା ଉପଲବ୍ଧି କରିନାହାନ୍ତି ଏ ଘୃଣ୍ୟ ପ୍ରଥାର ବିଲୋପ ହେବ ନାହିଁ । ଚରିତ୍ର ସଂହାର ଆମର ଘଟୁଛି କିପରି ? ନିର୍ବନ୍ଧ ପରେ ଯେତେବେଳେ ଆମର ଯୌତୁକକଳ୍ପିତ କାରଣରୁ ବାହାଘର ଭାଙ୍ଗି ଯାଉଛି ସେଠାରେ ଆମର ଚରିତ୍ର ସଂହାର ହେଉନାହିଁତ; ହେଉଛି କ'ଣ ? ସେଥିପାଇଁ ଆମେ ଟିକେ ସଂକୋଚ କରୁନାହୁଁ । ଦିନ ଥିଲା ଲୋକମାନେ ଥିଲେ । କଥା ଦେଇଛନ୍ତି କହିଲେ ସେମାନଙ୍କ ମୁଣ୍ଡ କଟିଗଲେ ବି ସେକଥା ଅକ୍ଷରେ ଅକ୍ଷରେ ପାଳନ କରିବେ । ସେମାନେ କହୁଥିଲେ– ମରଦ୍‌କା ବାତ୍; ହାତୀକା ଦାନ୍ତ୍ । ଏବେ ଯେ ସେମିତି ଲୋକ ନାହାନ୍ତି ମୁଁ କହୁନାହିଁ । କିନ୍ତୁ ସେମାନଙ୍କ ସଂଖ୍ୟା ନିହାତି କମ୍ । ତେବେ ଆପଣମାନେ ବୁଝନ୍ତୁ ଆମ ସମାଜ ତିଷ୍ଠିବ କେମିତି ? ଆମେ ତିଷ୍ଠିବା କିପରି ?

ଦ୍ୱିତୀୟତଃ ଅଗ୍ନିକୁ ସାକ୍ଷୀରଖି ବର କନ୍ୟାକୁ ପତ୍ନୀ ରୂପେ ଗ୍ରହଣ କରେ । ପରେ ଯୌତୁକ ଆଳରେ ତାକୁ ହନ୍ତସନ୍ତ କରିବା ଉଚିତ୍ କି? ତେଣୁ ଚରିତ୍ର ସଂହାର ସହିତ ନୈତିକବୋଧର ଅଭାବ ଆମର ଏଯାଏ ରହିଛି । ପ୍ରତ୍ୟେକ ଯୁବକ ଏ ପ୍ରଥାର ଭେଳଟା ହୃଦୟଙ୍ଗମ କରିବା ଉଚିତ୍ ।

ଚରିତ୍ର ସଂହାର ସଂପର୍କରେ ଆଉ ଗୋଟିଏ କଥା କହିପାରେ । କେତେ ଅର୍ଦ୍ଧଶିକ୍ଷିତ ଯୁବକ ନିଜକୁ ଉଚ୍ଚଶିକ୍ଷିତ ବୋଲି ପରିଚୟ ଦେଇ ଶିକ୍ଷିତ ଝିଅଟିକୁ ବିବାହ କରନ୍ତି । ଯୌତୁକ ବି ମିଳେ । ଯେତେ- ବେଳକୁ ପ୍ରକୃତ ଘଟଣାଟି ଜଣାପଡେ ଆଉ କିଛି କରିବାର ନଥାଏ । ଏ ପ୍ରକାର ପ୍ରତାରଣା କରିବା ଉଚିତ୍ କି ? କେତେକ କ୍ଷେତ୍ରରେ କନ୍ୟା ପିତା ମଧ୍ୟ କମ୍ ଠାଉଟରୀ କରନ୍ତି ନାହିଁ । ଅଳ୍ପ ପଢିଥିବା ଝିଅକୁ ଗ୍ରାଜୁଏଟ୍ କହି ଶିକ୍ଷିତ ବର ସାଥିରେ ବିବାହ କରି ଦିଅନ୍ତି । କାରଣ ତାଙ୍କ ପିଲାର ଯୌତୁକ ପ୍ରାପ୍ତିର ନିଶା ପ୍ରବଳ । ଯୌତୁକର ଲୋଭକୁ ସମ୍ବରଣ କରିନପାରି ଅଶିକ୍ଷିତ ଝିଅକୁ ବିବାହ କରନ୍ତି । ବିବାହ ପରେ ପ୍ରକୃତ ସତ୍ୟଟା ପ୍ରକାଶ ପାଇଯାଏ । ତେଣୁ ଦାମ୍ପତ୍ୟ ଜୀବନରେ ଆସେ ଭଙ୍ଗା ।

ଏବେ ଯୌତୁକର ଅନ୍ୟ ନାମ ଉପହାର ବୋଲି କୁହାଗଲାଣି । ବର୍ତ୍ତମାନ ଉପହାରର ଆଳଦେଖାଇ ଯୌତୁକ ଦିଆଯାଉଛି । କୁହାଯାଉଛି ଝିଅକୁ ଦିଆ- ଯାଉଛି, ତାଙ୍କୁ ନୁହେଁ । ଯୁକ୍ତି କରାଯାଉଛି–ତାଙ୍କୁ ଦିଆଗଲେ ସିନା ଯୌତୁକ, ଝିଅକୁ ଦେଲେ ଯୌତୁକ ଭାବରେ ପରିଗଣିତ ହେବ କିପରି?

ଯୌତୁକ ବ୍ୟାଧି ହୁହୁ ବଢିବା ପାଇଁ ଦାୟୀ କିଏ? ଦାୟୀ ଆମେ ସମସ୍ତେ । କନ୍ୟାପିତା ଶୁଣୁଛନ୍ତି ଯୌତୁକ ନେଇ ଝିଅଟା ଘରୁ ବିଦାହୋଇ ଯାଉ । ମୁଣ୍ଡରୁ ବୋଝ ଖସିଯାଉ । ଯୌତୁକ ଦେବାକୁ ସେ କେତେକାଂଶରେ ବ୍ୟଗ୍ର । ସେ ତାଙ୍କ ପିଲାକୁ କିମ୍ବା ତା'ର ପିତାମାତାଙ୍କୁ କିମ୍ବା କେହିତାର ଆତ୍ମୀୟ ସ୍ୱଜନଙ୍କୁ ଫୁସୁଲାଫୁସୁଲି କରି କହନ୍ତି– ଅମୁକ ଦେବୁ ସମୁକ ଦେବୁ ଇତ୍ୟାଦି । ସେତ ଯାଚି

ଦେଉଛନ୍ତି  ନନେବ ଝିଅଙ୍କ ପିଲା କେମିତି? ଧନସମ୍ପତ୍ତି କାହାକୁ ପିତା ଦେଉଛି ? ଝିଅଙ୍କ ପିଲାମାନେ କିପରି ଯୌତୁକ ପାଇଁ ଅଡି ବସିବେ ସେଥି ପାଇଁ କନ୍ୟାପିତାମାନେ ସୁଯୋଗ ସୃଷ୍ଟି କରୁଛନ୍ତି । ଏବେ ଫେର ଦେଖାଗଲାଣି ଜିନିଷପତ୍ର ଆକାରରେ ଆଉ ଯୌତୁକ ଦିଆଯାଉନାହିଁ । ଟଙ୍କା ଆକାରରେ ଦିଆ ଯାଉଛି । ମାତ୍ର କୁହାଯାଉଛି ବିନା ଯୌତୁକରେ ବାହାଘର ହେଉ ।

ଆଜି ଦେଶ ଆମର ସ୍ୱାଧୀନ ହୋଇଛି । ଶିକ୍ଷିତମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ମାତ୍ର ଯୌତୁକ କୁପରିଣାମ ସେମାନେ ଉପଲବ୍ଧି କରିପାରୁ ନାହାନ୍ତି । "ଯୌତକ ପ୍ରଥା ଲୋପକର ଯେତେ ସ୍ଲୋଗାନ" ଦେଲେବି ତାହା ଫଳପ୍ରଦ ହେବ ନାହିଁ । ଯେପର୍ଯ୍ୟନ୍ତ ଯୁବ ଗୋଷ୍ଠୀ ସଚେତନ ନ ହୋଇଛନ୍ତି ଏ ପ୍ରଥା ସେ ପର୍ଯ୍ୟନ୍ତ ରହିବ ହିଁ ରହିବ । ତେଣୁ ଯୁବଗୋଷ୍ଠୀ ଯୌତୁକ ନିରୋଧ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତୁ । ସେଥିପାଇଁ ସେମାନଙ୍କର ସଂସ୍କାର ଲୋଡା । ବିଶେଷତଃ ଚାରିତ୍ରିକ ସଂସ୍କାର । ଯେପର୍ଯ୍ୟନ୍ତ ଯୁବଗୋଷ୍ଠୀ ସମେତ ସମସ୍ତ ଦେଶବାସୀଙ୍କର ଚାରିତ୍ରିକ ସଂସ୍କାର ନ ଆସିଛି ସରକାର ଯେତେ କଠୋର ଆଇନ ପ୍ରଣୟନ କଲେ ବି କିଛି ଲାଭହେବ ନାହିଁ । ଯୌତୁକ ନେବାକୁ ଉତ୍କୋଚ ବା ଅପହରଣ ବୋଲି ମନେ କରିବା ଉଚିତ୍ । ଯୌତୁକ ଦେବାକୁ ମଧ୍ୟ ପାପ ବୋଲି ମନେ କରିବା ଉଚିତ୍ । ଏପରି ଗୋଟାଏ ଜାଗରଣ ସୃଷ୍ଟି ହେବା ଉଚିତ୍ ଯେଉଁଥିରେ ଝିଅମାନେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରି ପାରିବେ । ଝିଅମାନେ ଯୌତୁକ ଦାବୀ କରୁଥିବା ଯୁବକକୁ ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେବା ଉଚିତ୍ ।

ବିବାହରେ ଝିଅମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିବା ଦରକାର । ଝିଅର ମତକୁ ଉପେକ୍ଷା କରି ପିତାମାତା ଯୋରଜବରଦସ୍ତ କରି ଝିଅକୁ ବିବାହ କରି ଦେବା ଉଚିତ୍ ନୁହେଁ । ତେଣୁ ନାରୀ ଶିକ୍ଷା 'ନିହାତି ଦରକାର' । ନାରୀମାନେ ଶିକ୍ଷିତ ହେଲେ ଏ ଜାଗରଣ ଫଳପ୍ରଦ ହେବ । ନାରୀମାନେ ଯେ ଏ ଦିଗରେ କ୍ରମେ ସଚେତନ ହେଲେଣି ଏହା ଦେଶ ପାଇଁ ଶୁଭ ସୂଚନା ।

---

ପ୍ରଧାନଶିକ୍ଷକ, ଗୋବରା ହାଇସ୍କୁଲ
ସା: / ପୋ:—ଗୋବରା
ଭାୟା—ତେରା-୭୫୯୧୦୩
ଜି:—ଢେଙ୍କାନାଳ

## କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୋରାପୁଟ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଏବଂ ସୁନାବେଡ଼ା (ହାଲ୍) ସ୍ପୋର୍ଟସ୍ କ୍ଲବ୍‌ର ସହାୟତାରେ ସୁନାବେଡ଼ାଠାରେ ଅକ୍ଟୋବର ମାସ ୨୮ ତାରିଖଠାରୁ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା ନଭେମ୍ବର ୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ସେଠାରେ ୨ ଦିନ ଧରି ରାଉରକେଲା ଇସ୍‌ପାତ୍ କାରଖାନାର ଖେଳାଳୀ ଏବଂ କଟକ ଜିଲ୍ଲାର ଖେଳାଳୀଙ୍କ ମଧ୍ୟରେ ଚୂଡ଼ାନ୍ତ ଖେଳ ଅନୁଷ୍ଠିତ ହୋଇଥିଲା ।

ଗତ ନଭେମ୍ବର ୫ ତାରିଖ ଦିନ ରାଉରକେଲା ଦଳ ପ୍ରଥମ ଇନିଂସ୍‌ରେ ୨୧୮ ରନ୍ କରି ସମସ୍ତେ 'ଆଉଟ୍' ହୋଇଥିଲେ । ତା'ପରେ କଟକ ଦଳ ବ୍ୟାଟିଂ ଆରମ୍ଭ କରି ୩ ଉଇକେଟ୍ ହରାଇ ୩୧ ରନ୍ କରିଥିଲେ । ମଧ୍ୟାହ୍ନ ପରେ କଟକ ଦଳ ୧୬୭ ରନ୍ କରି ସମସ୍ତେ 'ଆଉଟ୍' ହୋଇଯାଇଥିଲେ । ପ୍ରଥମ ଇନିଂସ୍‌ରେ ୫୧ ରନ୍ ପଛରେ ରହି କଟକ ଦଳ ହାରି ଯିବାରୁ ରାଉରକେଲାର ଖେଳାଳୀମାନେ ଚଳିତ ବର୍ଷର ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତାରେ ବିଜୟୀ ଘୋଷିତ ହୋଇ ଚାମ୍ପିୟାନ୍ ହୋଇଥିଲେ ।

ଖେଳପରେ ସେଠାରେ ଅନୁଷ୍ଠିତ ଏକ ଉତ୍ସବରେ ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା କ୍ରିକେଟ୍ ଆସୋସିଏସନର ସଭାପତି ତଥା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ରାଉରକେଲା ଦଳକୁ 'କଳାହାଣ୍ଡି କପ୍' ପ୍ରଦାନ କରିଥିଲେ । କରିଥିଲେ ।

ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ୧୯୮୦ ମସିହାରେ ସରକାର ଶାସନ ଦାୟିତ୍ୱ ନେବା ପରେ କ୍ରୀଡ଼ାର ପ୍ରସାର ପାଇଁ ତତ୍ପରତା ପ୍ରକାଶ କରିଥିଲେ । ତଦନୁଯାୟୀ ପ୍ରତି ଜିଲ୍ଲା ସଦର ମହକୁମାରେ ଗୋଟିଏ ଷ୍ଟାଡ଼ିୟମ୍ ନିର୍ମାଣ ବାବଦରେ ୧ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଥିଲା । ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ପାଇଁ ଉଦ୍ୟମ ହେଉଛି ବୋଲି ସେ ସୂଚନା ଦେଇଥିଲେ ।

ଅର୍ଥମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଚଳିତ ଲଟେରୀ ଯୋଜନାରେ ବାର୍ଷିକ ପ୍ରାୟ ୨ କୋଟି ଟଙ୍କା ଆୟ ହେବ ଏବଂ ଏହାକୁ କ୍ରୀଡ଼ାର ବିକାଶ ତଥା ପ୍ରସାର ଦିଗରେ ବିନିଯୋଗ କରାଯିବ ।

# ଆପଣ ଜାଣନ୍ତି କି ?

ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଗର୍ଭନିରୋଧ ପଦ୍ଧତି ଗ୍ରହଣ କରୁଥିବା ଲୋକ ଓ ସେମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଇ ଥିବା ବ୍ୟକ୍ତିଙ୍କୁ ନିମ୍ନଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା କରିଛନ୍ତି ।

| | ଅସ୍ତ୍ରୋପଚାର ପାଇଁ ସାହାଯ୍ୟ | ଖାଦ୍ୟ ବାବଦକୁ ସାହାଯ୍ୟ | ଯାତାୟତ ବାବଦକୁ | ସର୍ବମୋଟ |
|---|---|---|---|---|
| ପୁରୁଷମାନଙ୍କର ଅସ୍ତ୍ରୋପଚାର (ଭାସାକ୍‌ଟୋମୀ) । | ଟ ୧୦୦ | ଟ ୧୦ | ଟ ୫ | ଟ ୧୧୫ |
| ନାରୀମାନଙ୍କର ଅସ୍ତ୍ରୋପଚାର (ଟ୍ୟୁବେକ୍‌ଟୋମୀ) । | ଟ ୧୦୦ | ଟ ୩୦ | ଟ ୫ | ଟ ୧୩୫ |
| | ଆର୍ଥିକ ସାହାଯ୍ୟ | | | |
| ନାରୀମାନଙ୍କର ଅନ୍ତଃଗର୍ଭାଶୟ ପଦ୍ଧତି (ଲୁପ୍ କିମ୍ବା କପର'ଟି') । | ଟ ୯ | — | .. | ଟ ୯ |

ଉପରୋକ୍ତ ପଦ୍ଧତି ଗ୍ରହଣ ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିଙ୍କୁ ସାହାଯ୍ୟ ପରିମାଣ—

ଭାସେକ୍‌ଟୋମୀ ପାଇଁ .. ଟ ୭

ଟ୍ୟୁବେକ୍‌ଟୋମୀ ପାଇଁ .. ଟ ୬

ଲୁପ୍ ବା କପର'ଟି' ପାଇଁ .. ଟ ୧

ଅସ୍ତ୍ରୋପଚାର ପରେ କିମ୍ବା ଲୁପ୍ ବା କପର'ଟି' ନେଇ ସାରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏହି ଆର୍ଥିକ ସାହାଯ୍ୟ ଦିଆଯାଉଛି ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ

ଭୁବନେଶ୍ୱର

# ଉଦ୍ୟାନ କୃଷି ଓ ଓଡ଼ିଶା

ଡକ୍ଟର ରମେଶ ଚନ୍ଦ୍ର ଦାଶ

ଉଦ୍ୟାନ ବିଜ୍ଞାନ ବା ଶାସ୍ତ୍ର ହେଉଛି ଏପରି ବିଜ୍ଞାନ ଯାହା ମଣିଷକୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଯୋଗାଇ ଥାଏ । ଏହା ମଧ୍ୟ ଏପରି କୃଷି ଯାହା କମ୍ ମାତ୍ରାରେ କରି ହେବ ବା ବ୍ୟବସାୟୀକ ଭିତ୍ତିରେ ବହୁ ପରିମାଣରେ ମଧ୍ୟ କରି ହେବ । ଘର ବାଡ଼ିବଗିଚାରେ ଗୋଟାଏ ଦୁଇଟା ଗଛ ଲଗାଇ ଚାଷ କରି ହେବ ବା ବଡ଼ ବଡ଼ ବଗିଚାରେ ଚାଷ କରି ଫଳ, ଫୁଲ, ପରିବା, ମସଲା ବା ଔଷଧ ଜାତୀୟ ଉଦ୍‌ଭିଦ ଅମଳ କରି ହେବ । ସହର ଆଭ୍ୟନ୍ତର ସାଜସଜ୍ଜାଠାରୁ ଆରମ୍ଭ କରି ବଡ଼ ବଡ଼ ପୁଷ୍ପ ବଗିଚା ତଥା ସହର ନଗର ଏପରିକି ପାର୍ବତ୍ୟାଞ୍ଚଳରେ ଭୂ-ଦୃଶ୍ୟ ଉଦ୍ୟାନ (ଲ୍ୟାଣ୍ଡ ସ୍କାପିଂ) ସୃଷ୍ଟି କରାଯାଇ ପାରିବ । ଗୃହ ବଗିଚାରେ ଗୋଟିଏ ଫଳ ଗଛ, କେତୋଟି ଲଙ୍କା ଗଛ, ଗୋଟିଏ ଦୁଇଟି ଔଷଧ ଉଦ୍‌ଭିଦ ଲଗାଇ ବ୍ୟବହାର କରାଯାଇ ପାରିବ ବା ସେଗୁଡ଼ିକୁ ବହୁ ପରିମାଣରେ ଚାଷ କରି ବ୍ୟବସାୟ ସୂତ୍ରରେ ଚାଷ କରା ଯାଇ ପାରିବ । କିନ୍ତୁ ଅଧିକାଂଶ ଶସ୍ୟ ଜାତୀୟ ଫସଲ (ଆଗ୍ରୋନୋମିକାଲ) ଗୁଡ଼ିକ ଉଦ୍ୟାନ ଫସଲ (ହର୍ଟିକଲ୍‌ଚରାଲ) ପରି ଚାଷ [illegible] ଯାଇ ନ ପାରେ । ସେଗୁଡ଼ିକୁ ବହୁ ପରିମାଣରେ [illegible] କେବଳ ଚାଷ କରାଯିବ । ଯେପରି ଧାନ, ମୁଗ, ଗହମ, କପା, ଛଣ, ଚିନାବାଦାମ ଇତ୍ୟାଦି ଫସଲ-ଗୁଡ଼ିକ ଅମଳ କରି ସଂଗେ ସଂଗେ ବ୍ୟବହାର କରା ଯାଇପାରେ ଓ ସେଗୁଡ଼ିକୁ ସଂରକ୍ଷଣ ଲାଗି ପ୍ରୋସେସିଂ କରି ବ୍ୟବହାର କରା ଯାଇ ପାରେ । ତେଣୁ ଉଦ୍ୟାନ ଫସଲ ଚାଷ ବ୍ୟବସାୟୀକ ତଥା ଶିଳ୍ପ ଉନ୍ନୟନ ଲାଗି କଞ୍ଚାମାଲ ମଧ୍ୟ ଯୋଗାଇ ପାରେ । ହଜାର କୋଟି ଟଙ୍କାରେ ହଜାରଟି ଶିଳ୍ପ ଓଡ଼ିଶାରେ ସୃଷ୍ଟି କରିବା ଲାଗି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୋଟିଏ ପଣ ନେଇଛନ୍ତି । କାରଣ ଓଡ଼ିଶାରେ ସବୁ ଆଉ କିଛି ନ ଥିଲା ପରି ଗୋଟିଏ ଚିତ୍ର ସେ ଦେଖିବାକୁ ପାଇଥିଲେ । ଏହି ଶିଳ୍ପ ଯେ କେବଳ କଳକାରଖାନା ବସାଇବାକୁ ବୁଝାଯାଏ ନାହିଁ, ଦରକାର ହେଉଥିବା କୃଷି-ଭିତ୍ତିକ ଶିଳ୍ପଲାଗି କଞ୍ଚାମାଲ ଓ ଅନେକ ଉଦ୍ୟାନ ଫସଲ ମଧ୍ୟ ଯୋଗାଇ ଥାଏ । ଏଥିରେ ସଂନ୍ଦେହ ନାହିଁ । ଯେପରି କାଜୁ ବାଦାମ, ଟେପିଓକୋ, ନଡ଼ିଆପରି ଅନେକ ଉଦ୍ୟାନ ଉଦ୍‌ଭିଦ ଯାହାର ଶିଳ୍ପ ଉନ୍ନୟନଲାଗି ବହୁତ ଆବଶ୍ୟକତା ରହିଛି । ଫଳ ଓ ପନି ପରିବା ବହୁ ପରିମାଣରେ ଚାଷକରି ସେଗୁଡ଼ିକୁ ଟଟକା ଅବସ୍ଥାରେ ବ୍ୟବହାର କରିବା ସଂଗେ ସଂଗେ ନାନା ବୈଜ୍ଞାନିକ ଉପାୟରେ ବ୍ୟବସାୟୀକ ଭିତ୍ତିରେ ସଂରକ୍ଷଣ କରା ଯାଇପାରେ, ଯେପରି ସେଗୁଡ଼ିକୁ ଟିଣ ଡ଼ବାରେ ସାଇତି ରଖିବା (କ୍ୟାନିଂ ଇଣ୍ଡଷ୍ଟ୍ରି), ଫଳ ରସ ତଥା ସ୍କ୍ୱାସ୍ ଇଣ୍ଡଷ୍ଟ୍ରି (ଫ୍ରୁଟ ଜୁସ୍ ଆଣ୍ଡ ସ୍କ୍ୱାସ ଇଣ୍ଡଷ୍ଟ୍ରି), ସାସ୍ (ସୋସ ଇଣ୍ଡଷ୍ଟ୍ରି), ଆଚାର (ପିକ୍‌ଲି ଇଣ୍ଡଷ୍ଟ୍ରି), ନିର୍ଜଳୀ କରଣ ଫଳ ଓ ପରିବା (ଡ଼ିହାଇଡ୍ରେଟେଡ଼ ଇଣ୍ଡଷ୍ଟ୍ରୀ) ହୀମିକରଣ ଫଳ ଓ ପରିବା (ଫ୍ରୋଜେନ ଫ୍ରୁଟ୍‌ସ ଆଣ୍ଡ ଭେଜିଟେବୁଲ୍‌ସ ଇଣ୍ଡଷ୍ଟ୍ରି) ଇତ୍ୟାଦି । ସେହିପରି ମସଲା ପ୍ରଭୃତି, ଔଷଧ ଜାତୀୟ ଉଦ୍‌ଭିଦରୁ ଔଷଧ ତିଆରି ବ୍ୟବସାୟ ହାତକୁ ନିଆ ଯାଇପାରେ । ତେଣୁ ଉଦ୍ୟାନ ଉଦ୍‌ଭିଦଗୁଡ଼ିକର ବହୁଳ ଭାବେ ଚାଷ କରି ନାନା ପ୍ରକାରର ଶିଳ୍ପ ମଧ୍ୟ ଗଢ଼ା ଯାଇପାରେ । ତେଣୁ ଉଦ୍ୟାନ କୃଷି ମାଧ୍ୟମରେ ବିଭିନ୍ନ ପ୍ରକାରର ଫଳ ଚାଷ, ମୂଳ ଜାତୀୟ ଫସଲ ଚାଷ (ରୁଟ୍ କ୍ରପସ୍) ପନି ପରିବା ଚାଷ, ଛତୁ ଚାଷ (ମସ୍‌ରୁମ୍), ରୋପଣ ଉଦ୍‌ଭିଦ (ପ୍ଲାନ୍‌ଟେସନ କ୍ରପ୍‌ସ) ଚାଷ, ପାନ ଚାଷ, ବିଭିନ୍ନ ମସଲା ଜାତୀୟ ଫସଲ ଚାଷ (ସ୍ପାଇସେସ) ପୁଷ୍ପ ଚାଷ (ଫ୍ଲାୱାର ପ୍ରୋଡ଼କ୍‌ସନ), କଲମ ଓ ଚାରା ତିଆରି ବ୍ୟବସାୟ (ଗ୍ରାଫ୍‌ଟସ ଆଣ୍ଡ ସିଡ଼୍‌ଲିଂ ପ୍ରୋଡ଼କ୍‌ସନ), ବିଭିନ୍ନ ଉଦ୍ୟାନ ଫସଲ ବିହନ ଚାଷ (ସିଡ଼୍ ପ୍ରୋଡ଼କ୍‌ସନ୍), ଔଷଧ ତଥା ସୁବାସ ପ୍ରଦାନକାରୀ ଉଦ୍‌ଭିଦ ଜାତୀୟ ଫସଲ ଚାଷ (ମେଡିସିନାଲ୍ ଆଣ୍ଡ ଆରୋମେଟିକ୍ କ୍ରପ୍‌ସ୍), ଫଳ ଓ ପନିପରିବା ସଂରକ୍ଷଣ ଶିଳ୍ପ, ଅତର ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ତିଆରି ଶିଳ୍ପ ଆଦି ଓଡ଼ିଶାରେ ଆରମ୍ଭ କରିବା ଲାଗି କ୍ଷେତ୍ର ରହିଛି । ଓଡ଼ିଶାର ଆୟତନ ୧୫,୫୪୦,୦୦୦ ହେକ୍ଟର ବା ୧,୫୦,୦୦୦ ବର୍ଗ କିଲୋମିଟର । ହିସାବରୁ ଜଣାଯାଏ ଯେ ଓଡ଼ିଶାରେ ୧,୪୯,୯୦୪ ହେକ୍ଟର ଜମିରେ ନାନା ପ୍ରକାରର ଫଳ ୫,୮୩,୦୩୨ ହେକ୍ଟର ଆଳୁ ତଥା ଅନ୍ୟାନ୍ୟ ପନିପରିବା ୪୫,୧୦୦ ହେକ୍ଟର ମୂଳ ଜାତୀୟ (ଟିଉବର କ୍ରପ୍‌ସ୍), ୨୦,୬୦୦ ହେକ୍ଟର କେତେକ ମସଲା ଜାତୀୟ (ସ୍ପାଇସ୍) ଫସଲ, ୧୧,୫୦୦ ହେକ୍ଟର ରୋପଣ ଫସଲ (ପ୍ଲାଣ୍ଟେସନ୍ କ୍ରପ୍‌ସ୍) ଚାଷ କରାଯାଉଛି । ପୁଷ୍ପ ଚାଷ, ଔଷଧ ଜାତୀୟ ଉଦ୍‌ଭିଦ ଚାଷ, ଛତୁ ଚାଷ, ପାନ ଚାଷ, ଫଳ ପରିବା ସଂରକ୍ଷଣ, ଉଦ୍ୟାନ ଫସଲ ବିହନ ଚାଷ, କଲମୀ ଓ ଚାରା ତିଆରି (ଗ୍ରାଫ୍‌ଟସ୍ ଆଣ୍ଡ ସିଡ଼୍‌ଲିଂ ପ୍ରୋଡ଼କ୍‌ସନ୍)ର ସଠିକ୍ ବିବରଣୀ ନାହିଁ ବୋଲି ଜଣାଯାଏ । ଓଡ଼ିଶାରେ ଜଙ୍ଗଲ ୬,୬୫୫,୦୦୦ ଜହିଲେ ଚଳେ

ହେକ୍ଟର, ୫,୯୯୭,୦୦୦ ହେକ୍ଟର ଧାନ ଚାଷ, ୪,୮୯,୦୦୦ ହେକ୍ଟରରେ ବୃକ୍ଷ, ୨୬୮,୦୦୦ ହେକ୍ଟର ଚାଷୋପଯୋଗୀ ବ୍ୟବହୃତ ଜମି, ୫୩୭,୦୦୦ ହେକ୍ଟର ଗୋଚର ଜମି ରହିଥିବା ହିସାବରୁ ଜଣା ପଡ଼େ । ତେଣୁ ଉଦ୍ୟାନ ଫସଲ ଲାଗି ଜମିର ସେପରି ଅଭାବ ଥିବା ଜଣା ପଡ଼େ ନାହିଁ । ଏଥିଲାଗି ଉଚିତ ଯୋଜନା, ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀ ଓ ଅର୍ଥ ଲଗାଣର ଆବଶ୍ୟକତା ରହିଛି । ଆମ ରାଜ୍ୟରେ ସମୁଦ୍ର କୂଳିଆ ଅଞ୍ଚଳ (କୋଷ୍ଟାଲ୍ ବେଲ୍ଟ୍) ପୂର୍ବ ପାର୍ବତ୍ୟ ଘାଟ ମାଳ ଅଞ୍ଚଳ (ଇଷ୍ଟର୍ଣ୍ଣ ଘାଟ ରିଜିନ୍) ଉତ୍ତରାଞ୍ଚଳ ନର୍ଦ୍ଦନ୍ ପ୍ଲାଟେନ୍) ଓ ମଧ୍ୟ ସମତଳ ଅଞ୍ଚଳ (ସେଣ୍ଟ୍ରାଲ୍ ଟେବୁଲ୍ ଲ୍ୟାଣ୍ଡ୍) ରହିଥିବା ଦୃଷ୍ଟିରୁ ଓ ଏହି ଅଞ୍ଚଳଗୁଡ଼ିକ ମଧ୍ୟରେ ମୃତ୍ତିକା ତଥା ଜଳବାୟୁର ଭିନ୍ନତା ଦୃଷ୍ଟିରୁ ନାନା ପ୍ରକାରର ଉଦ୍ୟାନ ଫସଲ ଅଞ୍ଚଳ ଭେଦରେ ବ୍ୟବସାୟୀକ ଭିତ୍ତିରେ ଚାଷ କରିବା ଯଥେଷ୍ଟ ସୁଯୋଗ ରହିଛି । ରାଜ୍ୟର ବର୍ଷାଧାର ତଥା ଶୁଷ୍କ ଅଞ୍ଚଳ (ଡ୍ରାଏ ଆଣ୍ଡ ରେନ୍‌ଫେଡ୍ ଲ୍ୟାଣ୍ଡ୍) ଗୁଡ଼ିକରେ ମଧ୍ୟ କେତେଗୁଡ଼ିଏ ଉଦ୍ୟାନ ଫସଲ ଯଥା :- ଡାଳିମ୍ବ, ତିନ୍ତୁଳି, ପିଜୁଳି, ବରକୋଳି, ଟେପିଓକା (ଗଛଆଳୁ), କାଜୁ ବାଦାମ୍, କନ୍ଦମୂଳ, ଅଁଳା, ଅଦା, ହଳଦି ଇତ୍ୟାଦି ଚାଷ କରା ଯାଇପାରେ ।

ତେଣୁ ବ୍ୟବସାୟୀକ ଭିତ୍ତିରେ ଚାଷ କରିବାକୁ ହେଲେ କେଉଁ ଅଞ୍ଚଳରେ କି ପ୍ରକାର ଉଦ୍ୟାନ ଉଦ୍ଭିଦ ଉତ୍ତମ ରୂପେ ଚାଷ କରାଯିବ ତାହା ନିର୍ବାଚନ କରିବା ନିତ୍ୟାନ୍ତ ଆବଶ୍ୟକ । ଅବଶ୍ୟ ଗୃହ ବଗିଚା ଭିତ୍ତିରେ (ହୋମ୍ ଗାର୍ଡନ୍ ସେଲ୍) ଅଧିକାଂଶ ଉଦ୍ୟାନ ଉଦ୍ଭିଦ ଯେ କୌଣସି ଅଞ୍ଚଳରେ ଚାଷ କରାଯାଇପାରେ । ବ୍ୟବସାୟୀକ ଭିତ୍ତିରେ କେଉଁ ଅଞ୍ଚଳରେ କେଉଁ କେଉଁ ଉଦ୍ୟାନ ଫସଲ କରାଯାଇପାରେ ତାହାର କେତୋଟି ଉଦାହରଣ ଦିଆଗଲା :—

୧ । ଉତ୍ତରାଞ୍ଚଳ—ଏହି ଅଞ୍ଚଳରେ ପ୍ରଧାନତଃ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ପାଲଲହଡ଼ା, ସବଡିଭିଜନ ଆଦି ଅଞ୍ଚଳ ବିଦ୍ୟମାନ । ଏହି ଅଞ୍ଚଳରେ ପାଚିଲା କଦଳୀ, କଞ୍ଚା କଦଳୀ, ସପୁରୀ, ଅମୃତଭଣ୍ଡା, କନ୍ଦମୂଳ, ଦେଶି ଆଳୁ, ସାରୁ, ଗଛଆଳୁ, (ଟେପିଓକା), ଆଳୁ, ଅନ୍ୟାନ୍ୟ ପନି ପରିବା ଚାଷ କରାଯାଇ ପାରେ । ଏହି ପ୍ରାନ୍ତର ଶୁଷ୍କ ଅଞ୍ଚଳରେ ବରକୋଳି, ଅଁଳା, ପିଜୁଳି, ସୀତାଫଳ, ରାମଫଳ. କେତେ ପକାରର ମସଲା ଜାତୀୟ ଫସଲ ଓ ଔଷଧ ଜାତୀୟ ଫସଲ ଚାଷ କରାଯାଇପାରେ ।

୨ । ମଧ୍ୟ ସମତଳ ଅଞ୍ଚଳ

ଏହି ଅଞ୍ଚଳରେ ପ୍ରଧାନତଃ ବଲାଙ୍ଗିର- ଦକ୍ଷିଣ ଢେଙ୍କାନାଳ, ବରଗଡ଼, ଆଠଗଡ଼, ସମ୍ବଲପୁର ଆଦି ଜିଲ୍ଲାକୁ ନେଇ ଗଠିତ । ଏହି ଅଞ୍ଚଳରେ ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ତଥା ଓଡ଼ିଶାର ଦେଶୀ ଆମ୍ବ ଚାଷ କରାଯାଇପାରେ । ଏହା ଛଡ଼ା ବେଲ, ଲିଚୁ, କମଳା, ସନ୍ତରା, ଲେମ୍ବୁ, କଦଳୀ, ସୀତାଫଳ, ଆଳୁ, ସାରୁ, ଶିମ୍ବ, ମଟର, ଟମାଟୋ ଆଦି ନାନା ପ୍ରକାରର ପନିପରିବା, ଲଙ୍କା ମରିଚ, ଜିରା, ମେଥି, ପାନ ମଧୁରୀ ଆଦି କେତେକ ମସଲା ଜାତୀୟ ଫସଲ ଚାଷ କରାଯାଇପାରେ ।

୩ । ପୂର୍ବ ପାର୍ବତ୍ୟାଞ୍ଚଳ ଘାଟମାଳା

ଏହି ଅଞ୍ଚଳ କୋରାପୁଟ, କଳାହାଣ୍ଡି, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାର କେତେକ ପାର୍ବତ୍ୟାଞ୍ଚଳକୁ ନେଇ ଗଠିତ । ଏହି ଅଞ୍ଚଳରେ ସନ୍ତରା, କଦଳୀ (କଞ୍ଚା ଓ ପାଚିଲା), କଖାରୁ ଜାତୀୟ ନାନା ପ୍ରକାରର ପନିପରିବା ଫସଲ, କାଗଜି ଲେମ୍ବୁ, ସପୁରୀ, ପଣସ, ଡାଳିମ୍ବ, ଆମ୍ବ, ଅଁଳା, ପିଆଜ, ରସୁଣ, ବାଇଗଣ ଜାତୀୟ ପନିପରିବା, କୋବି ଜାତୀୟ ଫସଲ ଓ ଶୀତ, ବର୍ଷା ତଥା ଖରାଟିଆ ପନିପରିବା ଫସଲ ଚାଷ କରାଯାଇପାରେ । ନାନା ପ୍ରକାରର ଔଷଧ ଜାତୀୟ ଫସଲ, ଅଦା, ହଳଦୀ, ଗୁଜୁରାତି, ଗୋଲ ମରିଚ, ଜୀରା, ଧନିଆଆଦି ମସଲା ଜାତୀୟ ଫସଲ, ତିନ୍ତୁଳି, ପାଳୁଅ, ସପେଟା, ଡିମିରି, ୟିରୋପିଅ ଛତୁଆଦି ବିଭିନ୍ନ ପ୍ରକାରର ଫସଲ କରାଯାଇପାରେ ।

୪ । ସମୁଦ୍ର କୂଳିଆ ଅଞ୍ଚଳ

କଟକ, ପୁରୀ, ବାଲେଶ୍ୱର, ପୂର୍ବ ଗଞ୍ଜାମ ଆଦି ଜିଲ୍ଲା ଏହି ପ୍ରାନ୍ତରେ ଅବସ୍ଥିତ । ଏହି ଅଞ୍ଚଳରେ ଆମ୍ବ, ନଡ଼ିଆ, ଗୁଆ, ସପେଟା, କଦଳୀ (କଞ୍ଚା ଓ ପାଚିଲା କିସମ୍), ସପୁରୀ, କାଗଜି ଲେମ୍ବୁ, କାଜୁ ବାଦାମ, ଲଙ୍କା ମରିଚ, ସୋରିଷ, ଡାଲଚିନି, ତିନ୍ତୁଳି, ପାନ, ପାଳ ଛତୁ, ସ୍ୱିଟ୍ କର୍ଣ୍ଣ ଓ ବର୍ଷ ସାରା ଅନେକ ପ୍ରକାରର ପନିପରିବା ଚାଷ କରା ଯାଇ ପାରେ ।

ଉଦ୍ୟାନରେ ଫଳ ଆଦି ଚାଷରେ ଖାଦ୍ୟ ଓ ସ୍ୱାସ୍ଥ୍ୟଲାଗି ଉପାଦାନ ମିଳିବା ସଙ୍ଗେ ସଙ୍ଗେ ଏହାର ଆଉ ଗୋଟିଏ ମୁଖ୍ୟ ଦିଗ ହେଲା ଶୋଭା ବଢାଇବା । ଗୃହ ଭିତରେ ଖାଇବା ଟେବୁଲ, ବାରଣ୍ଡା ସଜାଠାରୁ ଆରମ୍ଭ କରି ଗୃହ ଚତୁଃପାର୍ଶ୍ୱ, ଗ୍ରାମ, ନଗର, ସହର ତଥା ଖୋଲା ସମତଳ ତଥା ପାହାଡ଼ିଆ ଅଞ୍ଚଳଗୁଡ଼ିକର ଶୋଭା ବଢାଇବା ହେଉଛି ଆଉ ଏକ ପ୍ରଧାନ କାର୍ଯ୍ୟ, ଯାହାକି ମନକୁ ଆନନ୍ଦ ଓ ଶାନ୍ତି ଦେଇଥାଏ । ଏହା ଉଦ୍ୟାନ କୃଷିରକଳା ବା ଆର୍ଟ ବିଭାଗ ବୋଲି ଧରାଯାଏ । କାରଣ ଏହାର ସ୍ଥାପନାର ଶୈଳୀ ଓ ସେଗୁଡ଼ିକର ଅନବଚ୍ଛିନ୍ନ ପରିଚାଳନା କରିବା ଏକ ପ୍ରଧାନ ଉଦ୍ୟାନ ବିଦ୍ୟା । ଚିତ୍ରକର ପଟରେ ଚିତ୍ର ଆଙ୍କିଦେବା ପରେ ତାହାର କାର୍ଯ୍ୟ ଶେଷ ହୋଇଥାଏ କିନ୍ତୁ ଉଦ୍ୟାନବିତ୍‌କୁ ସେହି ଚିତ୍ରରେ ଅଙ୍କା ଯାଇଥିବା ବୃକ୍ଷ, ଗୁଳ୍ମ, ଲତା, ତୃଣ ଶଯ୍ୟା ଇତ୍ୟାଦି ଚିହ୍ନ ରୂପରେ ଥାଇ ଆରମ୍ଭରୁ ଶେଷ ଯାଏ ତାହାକୁ ସଞ୍ଜୀବିତ କରି ରଖିବାକୁ ହୋଇଥାଏ । ଯାହାକି ବଡ଼ କଠିନ ବ୍ୟାପାର । ଓଡ଼ିଶାରେ ଆମ ଗ୍ରାମ, ନଗର, ସହରଗୁଡ଼ିକରେ ପୁଷ୍ପୋଦ୍ୟାନର ବିକାଶ ଘଟାଇ ସୁନ୍ଦର

ତଥା ସ୍ୱାସ୍ଥ୍ୟକର ଓଡ଼ିଶା ଗଢ଼ିବାରେ ଏ କ୍ଷେତ୍ରରେ ଯଥେଷ୍ଟ ଆବଶ୍ୟକତା ରହିଛି । ବଡ଼ ସୁଖର କଥା ଓଡ଼ିଶାରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମହୋଦୟ ଏ ଦିଗରେ ଅଧିକ ଆଗ୍ରହ ଦେଖାଉଥିବା ଜଣା ପଡ଼େ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଥମେ ୪୫୦ ଏକର ଜମିରେ ଉଦ୍ୟାନ ବଗିଚା ସୃଷ୍ଟି କରିବାଲାଗି କାମ ହାତକୁ ନିଆଯାଇଛି ଓ ଭୁବନେଶ୍ୱର ରାସ୍ତା କଡ଼ଆଦି ସ୍ଥାନମାନଙ୍କରେ ବୃକ୍ଷ ରୋପଣ ଓ ପୁଷ୍ପ ବଗିଚା ଗଠନ କରିବା ଯୋଜନା କରା ଯାଇଛି । ଏହିପରି ଓଡ଼ିଶାସାରା ବଗିଚା ସ୍ଥାପନ କରିବା ଦ୍ୱାରା ଓଡ଼ିଶା ସମୃଦ୍ଧି ହେବା ସଙ୍ଗେ ସଙ୍ଗେ ଯେ ସୁନ୍ଦର ଓଡ଼ିଶାରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ । ଉଦ୍ୟାନ ଚାଷସହ ତତ୍‌ଜନିତ ଉଦ୍ୟାନ ଶିଳ୍ପ ଗଢ଼ି ଉଠିଲେ ଓଡ଼ିଶାର ଅବସ୍ଥା ବଦଳାଇବାରେ ନିଶ୍ଚୟ ସହାୟକ ହେବ ।

ଅଧ୍ୟକ୍ଷ,
କୃଷି ସଂପ୍ରସାରଣ ବିଭାଗ ଓ ପ୍ରଫେସର ଉଦ୍ୟାନ ବିଜ୍ଞାନ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର–୭୫୧୦୦୩

# ହାତୀବାଡ଼ି କୁଷ୍ଠ କୁଟୀର

ଷଷ୍ଠ ଯୋଜନା ସମୟରେ କୁଷ୍ଠ ରୋଗ ନିୟନ୍ତ୍ରଣ ଓ କୁଷ୍ଠ ରୋଗୀମାନଙ୍କୁ ଥଇଥାନ କରିବା ପାଇଁ ଯୋଜନା କମିଶନ ପ୍ରଥମେ ୪୦ କୋଟି ଟଙ୍କା ମଞ୍ଜୁର କରିଥିଲେ । ଏବେ ତାହାକୁ ୯୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ବି. ଶଙ୍କରାନନ୍ଦ କହିଛନ୍ତି । ସମ୍ବଲପୁରଠାରୁ ୨୫ କିଲୋମିଟର ଦୂର ହାତୀବାଡ଼ି ଠାରେ ହିନ୍ଦ୍ କୁଷ୍ଠ ନିବାରିଣୀ ସଂଘ ପକ୍ଷରୁ ନିର୍ମାଣ କରାଯାଇଥିବା ଦୁଇଶହ ଶଯ୍ୟା ବିଶିଷ୍ଟ କୁଷ୍ଠ କୁଟୀରକୁ ଶ୍ରୀ ଶଙ୍କରାନନ୍ଦ ଅଗଷ୍ଟ ୮ ତାରିଖରେ ଉଦ୍‌ଘାଟନ କରିଛନ୍ତି । ପୂର୍ବରୁ ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅଧା ଅଧା ସାହାଯ୍ୟ ଦେଉଥିଲେ । କିନ୍ତୁ ୧୯୮୧ ମସିହା ଅପ୍ରେଲ ପହିଲରୁ ଏହି ଯୋଜନାକୁ କେନ୍ଦ୍ର ସରକାର ସଂପୂର୍ଣ୍ଣ ସାହାଯ୍ୟ ଯୋଗାଇ ଦେଉଛନ୍ତି ।

କୁଷ୍ଠରୋଗ ମଧ୍ୟ ଅନ୍ୟ ରୋଗ ପରି ମାରାତ୍ମକ । ପ୍ରାରମ୍ଭରେ ଯଦି କୁଷ୍ଠ ରୋଗକୁ ଚିହ୍ନଟ କରାଯାଏ ତେବେ ଅତ୍ୟାଧୁନିକ ଔଷଧପତ୍ର ସାହାଯ୍ୟରେ ସେହି ରୋଗକୁ ସଂପୂର୍ଣ୍ଣ ଭାବେ ଭଲ କରି ଦିଆଯାଇ ପାରିବ । କିନ୍ତୁ କେତେକ ସାମାଜିକ କାରଣ ଯୋଗୁ ରୋଗୀମାନେ ନିଜ ରୋଗ ବିଷୟରେ କିଛି ଜଣାନ୍ତି ନାହିଁ । ଫଳରେ ଡାକ୍ତର ଓ ସମାଜସେବୀମାନେ ବହୁ ଅସୁବିଧାରେ ପଡ଼ି ଥାଆନ୍ତି । ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ କୁଷ୍ଠରୋଗ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ଉଚିତ । ତାହାହେଲେ ଏହି ରୋଗ ନେଇ ଯେଉଁ ସମସ୍ୟା ଉପୁଜିଛି ତାହାର ସମାଧାନ କରାଯାଇ ପାରିବ ।

ବର୍ତ୍ତମାନ ସମଗ୍ର ପୃଥିବୀରେ ପ୍ରାୟ ଏକ କୋଟି ୨୦ ଲକ୍ଷ କୁଷ୍ଠ ରୋଗୀ ଅଛନ୍ତି । ଏଥିମଧ୍ୟରୁ କେବଳ ଭାରତରେ ପ୍ରାୟ ୩୨ ଲକ୍ଷ କୁଷ୍ଠରୋଗୀ ଅଛନ୍ତି । ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗରେ କୁଷ୍ଠ ରୋଗର ପ୍ରାଦୁର୍ଭାବ ଟିକେ ବେଶୀ । ଯଦି ଏହିସବୁ ରାଜ୍ୟର ଲୋକମାନେ ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରନ୍ତି ତାହା-ହେଲେ ଏହି ସମସ୍ୟାର ସମାଧାନ କରାଯାଇ ପାରିବ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ୨୦ ଦଫା କାର୍ଯ୍ୟକ୍ରମରେ ଏଥିପ୍ରତି ଗୁରୁତ୍ୱ ଆରୋପ କରାଯାଇଛି । ଏହି ରୋଗକୁ ୨ ହଜାର ଖ୍ରୀଷ୍ଟାବ୍ଦ ସୁଦ୍ଧା ସଂପୂର୍ଣ୍ଣଭାବେ ମୂଳପୋଛ କରି ଦେବାକୁ ଶ୍ରୀମତୀ ଗାନ୍ଧୀ ପରାମର୍ଶ ଦେଇଥିବାରୁ ଏଥିପ୍ରତି ଅଗ୍ରାଧିକାର ଦିଆଯିବା ଉଚିତ ।

ଓଡ଼ିଶାରେ ପ୍ରାୟ ୩ ଲକ୍ଷ କୁଷ୍ଠ ରୋଗୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ହଜାର କୁଷ୍ଠ ରୋଗୀଙ୍କ ଅବସ୍ଥା ଅତି ଶୋଚନୀୟ । ଓଡ଼ିଶା ସରକାର ଏବଂ ହିନ୍ଦ୍ କୁଷ୍ଠ ନିବାରିଣୀ ସଂଘ ପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ-ମାନେ ବିଭିନ୍ନ କାର୍ଯ୍ୟକ୍ରମ କରିଆରେ ପ୍ରାୟ ୩ ହଜାର କୁଷ୍ଠ ରୋଗୀଙ୍କୁ କୁଷ୍ଠ କୁଟୀରମାନଙ୍କରେ ରଖିଛନ୍ତି । କୁଷ୍ଠ କୁଟୀରମାନଙ୍କରେ ରହୁଥିବା ଅନ୍ତେବାସୀମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ବିଭିନ୍ନ ବିଷୟରେ ତାଲିମ ମଧ୍ୟ ଦିଆଯିବ । ତା'ହେଲେ ସେମାନେ ଆତ୍ମନିଯୁକ୍ତିର ସୁବିଧା କରିପାରିବେ ।

ସୁଖର କଥା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ଶାଖାର ଚିଫ୍ ଜେନେରାଲ ମ୍ୟାନେଜର ଏହି ଅନୁଷ୍ଠାନକୁ ୫ ଲକ୍ଷ ୬୨ ହଜାର ଟଙ୍କାର ଏକ ଚେକ୍ ଏହି ପ୍ରକଳ୍ପ ନିମନ୍ତେ ଦାନ କରିଛନ୍ତି ।

# ଓଡ଼ିଶାର ପର୍ବପର୍ବାଣୀରେ ନୌବାଣିଜ୍ୟର ପ୍ରଭାବ

ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

କଳିଙ୍ଗର ପ୍ରାଚୀନ ଭୌଗୋଳିକ ଅବସ୍ଥିତି ନିରୂପଣ କଲେ ଜଣାଯାଏ ଯେ ପ୍ରାଚୀନ କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ମୁହାଁଣ ଯାଏ ସମୁଦ୍ର ଉପକୂଳ ଅଞ୍ଚଳରେ ବିସ୍ତୃତ ଥିଲା ଓ ତାହାର ପୃଷ୍ଠ ଦେଶରେ ଥିଲା ପର୍ବତ ଘେରା ମାଳଭୂମି । ସୁଦୀର୍ଘ ସମୁଦ୍ର ଉପକୂଳରେ ଏ ରାଜ୍ୟର ଅବସ୍ଥିତି ଥିବାରୁ କଳିଙ୍ଗର ଅଧିବାସୀମାନେ ନୌବାଣିଜ୍ୟରେ ପ୍ରସିଦ୍ଧିଲାଭ କରିଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍ ପର୍ଯ୍ୟଟକ ଟୋଲେମି (Ptolemy)ଙ୍କ ବର୍ଣ୍ଣିତ ପଲୁରା-ଗଞ୍ଜାମ ନିକଟସ୍ଥ ଏକ ନଗର, ନନିଗେନ-ପୁରୀ, କଙ୍କର୍ଦ୍ଦମ-କଟକ, କୋଣଗର-କୋଣାର୍କ, କୋଶସ-ବାଲେଶ୍ୱର, ପଲଷ୍ଟ-ଜଳେଶ୍ୱର, ଦୋସରନ୍-ବୈତରଣୀ, ଅଦମସ୍-ସୁବର୍ଣ୍ଣରେଖା ପ୍ରଭୃତି ବିଭିନ୍ନ ପ୍ରଧାନ ନଦୀ ଓ ନଗରମାନ ପ୍ରଥମ ଶତାବ୍ଦୀର ବହୁପୂର୍ବରୁ ସେମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା । ଉପକୂଳରେ ଥିବା ଚିଲିକା, ପୁରୀ, କୋଣାର୍କ ଓ ତାମ୍ରଲିପ୍ତ ସୁବର୍ଣ୍ଣରେଖା, ନରେଖା, ସାରଗୋ, ଛତୁଅ, ବାଲେଶ୍ୱର, ଲୈଉଟନପୁର, ଚୂଡ଼ାମଣ ଓ ଧାମରା ଓ ପ୍ରଭୃତି ବନ୍ଦରମାନ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଓଡ଼ିଆ ପୁଅର ଅର୍ଣ୍ଣବପୋତ ବା ବୋଇତ କରିବାର ପ୍ରଣାଳୀ, ବୋଇତନିର୍ମାଣ ପାଇଁ ଦରକାରୀ ସାମଗ୍ରୀ ବିଷୟରେ ମଧ୍ୟ ସ୍ୱଚ୍ଛ ଧାରଣା ଥିଲା । ନିଜ ଦେଶରେ ଗଢ଼ା ହାତୀ ଦାନ୍ତର ସୂକ୍ଷ୍ମକାମ, ସୂକ୍ଷ୍ମବସ୍ତ୍ର, ପାଟଲୁଗା ପ୍ରଭୃତି ନେଇ ଚୀନ୍, ଶ୍ୟାମ, ବ୍ରହ୍ମଦେଶ, ଗଙ୍ଗାସାଗର, ସୁବର୍ଣ୍ଣଦ୍ୱୀପ (ବୋର୍ଣ୍ଣିଓ, ଜାଭା, ସୁମାତ୍ରା, ବାଲି) ଓ ସିଂହଳ ଦେଶମାନଙ୍କରେ ବାଣିଜ୍ୟ କରୁଥିଲା ଓ ନିଜ ଦେଶକୁ ଅଜସ୍ର ଧନ ସଂପଦ ବୋହି ଆଣୁଥିଲା । ନିଜର ପରାକ୍ରମ ଓ କଳେବର ବିସ୍ତାର କରି ସମୁଦ୍ର ସେପାରିରେ ସାମ୍ରାଜ୍ୟ ସ୍ଥାପନ କରିଥିଲା ।

ଆଜି ଓଡ଼ିଆପୁଅର ପୂର୍ବ ବୀରତ୍ୱ ଓ ତେଜ ହଜିଯାଇଥିଲେ ମଧ୍ୟ ସେ ଅତୀତ ଗୌରବକୁ ଭୁଲି ପାରିନି । ସେହି ନୌବାଣିଜ୍ୟର କଥା, ସମୁଦ୍ର ସେପାରିରେ ସାମ୍ରାଜ୍ୟ ସ୍ଥାପନ କଥା ଏବେ ମଧ୍ୟ ତାର ପର୍ବ ପର୍ବାଣୀରେ ଲକ୍ଷିତ ହେଉଛି ।

ଉଦାହରଣ ସ୍ୱରୂପ, ଖୁଦୁରୁକୁଣୀ ଓଷା ପ୍ରସଙ୍ଗରେ ଆଲୋଚନା କରାଯାଉ । ଏହା ଉତ୍କଳର ପ୍ରତ୍ୟେକ ଘରେ ଭାଦ୍ରବ ମାସରେ କୁମାରୀମାନଙ୍କ ଦ୍ୱାରା ପାଳିତ ହୁଏ । ସମୁଦ୍ରରେ ବେପାର କରୁଥିବା ଗୋଟିଏ ସାଧବ ପରିବାରର ଅଲିଅଳ କନ୍ୟା ତଅପୋଇ । ସାଧବମାନେ ବଣିଜ କରିବାକୁ ଜାହାଜରେ ବିଦେଶ ଯାଉଥିବାବେଳେ ସେମାନଙ୍କ ସ୍ତ୍ରୀମାନେ କିପରି ନିଜର ନଣନ୍ଦକୁ ଦୁଃଖ କ୍ଲେଶ ଦେଉଛନ୍ତି ଓ ଭାଇମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ମଙ୍ଗଳ ଲାଗି ତଅପୋଇ କିପରି ପୂଜା ଆରାଧନା କରିଛି ତାହାହିଁ ଏ ଗଳ୍ପରେ ବର୍ଣ୍ଣନା କରାଯାଇଛି । ତେଣୁ ଅନେକ ସ୍ଥାନରେ କୁମାରୀମାନେ ପୂର୍ବ ନୌବାଣିଜ୍ୟକୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ଏହି ଓଷା ଦିନ ସକାଳେ କଦଳୀବାସୁଙ୍ଗା କିମ୍ବା ସୋଲରେ ନିର୍ମିତ ବୋଇତମାନ ଭସାଇଥାନ୍ତି ।

ଦୀପାବଳୀ ଦିନ ବୋଇତ ବନ୍ଦାଣର ଆଉ ଏକ ଉତ୍ସବ ପ୍ରତ୍ୟେକ ଓଡ଼ିଆଘରେ ପାଳନ କରାଯାଏ । ଅତି ପ୍ରତ୍ୟୁଷରୁ ଓଡ଼ିଆଘରର ସ୍ତ୍ରୀମାନେ ଅଗଣାରେ ମୁରୁଜ କିମ୍ବା ପୀଠଉରେ ବୋଇତ ବା ଡଙ୍ଗାର ଚିତ୍ରଲେଖି ସେହି ଚିତ୍ରିତ ବୋଇତ ଉପରେ ପେଟରା, ବାକ୍ସ ଓ ବାସନ ଆଦି ଆଣି ଜମାକରି ବୋଇତକୁ ବନ୍ଦାନ୍ତି । କେଉଁଠି କେଉଁଠି ମହାଳୟା ରାତ୍ରିରେ ବଡ଼ବଡ଼ୁଆଙ୍କୁ ଡାକିଲାବେଳେ ବୋଇତ ଚିତ୍ର ଆଙ୍କି ସେହି କଳ୍ପିତ ବୋଇତ ଉପରେ ଲୁଣ, ଯଅ, ସୋରିଷ, ଆଖୁ, ଡିଳ ପ୍ରଭୃତି ରଖି ପୂଜା ମାଧ୍ୟମରେ ବୋଇତକୁ ସ୍ୱାଗତ କରନ୍ତି ।

କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଳିତ ହେଉଥିବା 'ବାଲିଯାତ୍ରା' ସେହିପରି ଏକ ପର୍ବ । ଏହା ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିଲେ ହେଁ କଟକସ୍ଥିତ ଗଡ଼ଗଡ଼ିଆଘାଟଠାରେ ଅନୁଷ୍ଠିତ ଯାତ୍ରା ବିଶେଷ ଉପଭୋଗ୍ୟ । ଆଷାଢ଼ ସପ୍ତମୀଠାରୁ କାର୍ତ୍ତିକ ପର୍ଯ୍ୟନ୍ତ ଜଳଯାତ୍ରା ସୁବିଧାଜନକ ବୋଲି ଓଡ଼ିଆ ଘରର ଲୋକେ ବିପୁଳ ସଂଖ୍ୟାରେ ମହାନଦୀକୂଳରେ ଉପସ୍ଥିତ ରହି ଗଉଦାମୋଦରଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ କଦଳୀ ଓ ସୋଲରେ ନିର୍ମିତ ଛୋଟ ଛୋଟ ବୋଇତରେ ଲୁଣ, ସୋରିଷ, ଯଅ ଇତ୍ୟାଦି ରଖି ଦୀପାବଳୀଗୁଡ଼ିକୁ ସୁସଜ୍ଜିତ କରି ନଦୀଗର୍ଭକୁ ଭସାଇ ଦିଅନ୍ତି । ଚତୁର୍ଦ୍ଦିଗ "ଆକାମାଭୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର" ଧ୍ୱନିରେ ପ୍ରକମ୍ପିତ ହୁଏ । 'ଆ' ଅର୍ଥ ଆକାଶ, କା-ଅର୍ଥ-ପାଣି, ଓ ମା ଭୈ ଅର୍ଥ ଭୟନାହିଁ ଏ ଯେଉଁ ନିର୍ଭୟସୂଚକ ବାଣୀ ମନରେ ଉତ୍ସାହ ଦେବା ଦେବା ସଙ୍ଗେ ସଙ୍ଗେ ଓଡ଼ିଆ ପୁଅକୁ ପାରେ ସମୁଦ୍ର ବାଣିଜ୍ୟ କରିବାକୁ ପ୍ରେରଣା ଦିଏ ।

ଆଉ ଏକ ପର୍ବ କୈବର୍ତ୍ତମାନଙ୍କର ଅଛି । ତାହା ହେଉଛି ଚଇତିପର୍ବ । ଚୈତ୍ର ପୂର୍ଣ୍ଣିମା ପୂର୍ବରୁ ଧନରତ୍ନ ସହ ବିଦେଶରୁ ଫେରିଆସି ସେମାନେ ନିଜର କୁଳଦେବତା ଅଶ୍ୱିନୀକୁମାରଙ୍କୁ ପୂଜା କରନ୍ତି । ଋକ୍ ବେଦରୁ ଜଣାଯାଏ ଯେ ପ୍ରାଚୀନ କାଳରେ କୈବର୍ତ୍ତମାନେ ଅସୀମ ସମୁଦ୍ର ବକ୍ଷରେ ନୌଗମନ କରି ବିଭିନ୍ନ ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ ଓ ନାନା ପ୍ରକାର ବିଷାକ୍ତ ସାମୁଦ୍ରିକ-ରୋଗ ଭୋଗ କରି ମୃତ୍ୟୁ ମୁଖରେ ପତିତ ହେଉଥିଲେ । ସାମୁଦ୍ରିକ ବାତ୍ୟା ଆନ୍ଦୋଳନରେ ପଡ଼ି ମଧ୍ୟ ସେମାନଙ୍କର ଧନରତ୍ନ ପୂର୍ଣ୍ଣ ବାଣିଜ୍ୟପୋତମାନ ରସାତଳଗାମୀ ହେଉଥିଲା । ଏ ସମସ୍ତ ବିପଦରୁ ରକ୍ଷା ପାଇବା ପାଇଁ ସେମାନେ ବିପଦବେଳେ ଦେବ ବୈଦ୍ୟ ଶ୍ରୀ ଅଶ୍ୱିନୀକୁମାରଙ୍କୁ ସ୍ମରଣ କରୁଥିଲେ । ସ୍ୱୟଂ ଅଶ୍ୱିନୀକୁମାର ଘଟଣାସ୍ଥଳରେ ଆବିର୍ଭୂତ ହୋଇ ବିପଦ ଦୂର କରୁଥିଲେ ଓ ସେମାନଙ୍କୁ ଶକ୍ତି ପ୍ରଦାନ କରୁଥିଲେ । ତେଣୁ ନିର୍ବିଘ୍ନରେ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରି ସେମାନେ ଅଶ୍ୱିନୀକୁମାରଙ୍କୁ ପୂଜା କରୁଥିଲେ ଓ ଚୈତ୍ର ପୂର୍ଣ୍ଣିମା ଦିନକୁ ପୂଜା ପାଇଁ ଏକ ପ୍ରଶସ୍ତ ଦିବସ ରୂପେ ମନେ କରୁଥିଲେ ।

ବସୁମତୀ ସ୍ନାନ ପର୍ବ ପ୍ରାୟ ଅଳ୍ପ ବହୁତ ସମସ୍ତେ ଜାଣିଥିବେ । ଏହା ରଜର ତୃତୀୟ ଦିନ ପଡ଼େ । ସେହି ଦିନ ସକାଳେ ଓଡ଼ିଆ ଘରର ସ୍ତ୍ରୀ ଲୋକମାନେ ଅଗଣାରେ ମୁରୁଜ ଆଦିରେ ବୋଇତର ଚିତ୍ରକାଟି ତାହା ଉପରେ ବାକ୍ସ ଆଦି ରଖି ବନ୍ଦାପନ ଓ ଲକ୍ଷ୍ମୀ ପୂଜା କରନ୍ତି । ସମ୍ଭବତଃ ଏହା ବୋଇତ ଫେରି ଆସିବା ସମୟରେ କରା ଯାଉଥିବା ବନ୍ଦାପନାର ସ୍ମାରକ ।

ଉପରୋକ୍ତ ପର୍ବ ପର୍ବାଣି ପରି 'ଖୁଲଣା ସୁନ୍ଦରୀ' ବା 'ନିଶାମଙ୍ଗଳବାର ଓଷାରେ ବଣିକ ଧନେଶ୍ୱରଙ୍କର ନୌ ଯାତ୍ରାର ଚିତ୍ର ମଧ୍ୟ ରହିଛି । ନଦୀକୂଳରେ ଖୁଲଣା ନିଜର ପତି ଦେବତା ଓ ପୁତ୍ରର ମଙ୍ଗଳ ପାଇଁ ମା' ମଙ୍ଗଳାଙ୍କ' ପୂଜା କରିଥିବାରୁ ଅଦ୍ୟାବଧି ଓଡ଼ିଶାର ସ୍ତ୍ରୀ ଲୋକମାନେ ନଦୀ କୂଳରେ ମଙ୍ଗଳାଙ୍କ ପୂଜା କରି ଆସୁଛନ୍ତି ।

ଓଡ଼ିଆ ପୂର୍ବର ସମୁଦ୍ର ପାରି ଯାତ୍ରା, ସମୁଦ୍ର ପାରି ବାଣିଜ୍ୟ, ସର୍ବୋପରି ସମୁଦ୍ର ପାରି ସାମ୍ରାଜ୍ୟ ସ୍ଥାପନ ଯେ ତାର ବହୁ ପର୍ବ ପର୍ବାଣି ସହିତ ସଂଶ୍ଳିଷ୍ଟ ହୋଇ ଓଡ଼ିଶାର ଅତୀତ ଗୌରବକୁ ପରି ପ୍ରକାଶକରୁଛି ତାହା ନୁହେଁ, ସେମାନେ କିପରି ପୂର୍ବ ଗୌରବକୁ ଫେରାଇଆଣି ଦେଶକୁ ସମୃଦ୍ଧିଶାଳୀ ପଥରେ ଆଗେଇନେବେ ସେଥିପାଇଁ ସେମାନଙ୍କୁ ମଧ୍ୟ ପ୍ରେରଣା ଦେଉଛି ।

ଓଡ଼ିଶା ରାଜ୍ୟ ଅଭିଲେଖାଗାର
ଭୁବନେଶ୍ୱର

# ଔଷଧର ଗନ୍ତାଘର

ଡକ୍ଟର ସି. ଭି. ଭି. ରେଡ୍ଡି

ଉତ୍ତମ ସ୍ୱାସ୍ଥ୍ୟ ଓ ନୂତନ ଔଷଧ ନିର୍ମାଣ କରିବା ପାଇଁ ମଣିଷ ଯୁଗ ଯୁଗ ଧରି ଉଦ୍ୟମ କରିଆସିଛି । ସମୁଦ୍ରରୁ ଆମ୍ଭେମାନେ ଅନେକଗୁଡ଼ିଏ ଔଷଧ ପାଇଥାଉ । ସମଗ୍ର ପୃଥିବୀର ଶତକଡ଼ା ୭୧ ଭାଗ ସମୁଦ୍ର ମାଡ଼ି ରହିଛି । ଏଥିରେ ଅନେକ ଜୀବଜନ୍ତୁ ଏବଂ ଅନ୍ୟାନ୍ୟ ବହୁ ମୂଲ୍ୟବାନ ପଦାର୍ଥ ରହିଛି ।

ସାମୁଦ୍ରିକ ଲତା ଓ ଜୀବଜନ୍ତୁଗୁଡ଼ିକ ମଣିଷର ସ୍ୱାସ୍ଥ୍ୟ ରକ୍ଷାରେ ଅନେକ ସାହାଯ୍ୟ କରିଥାଆନ୍ତି । ଏମାନେ ଟିୟୁମର୍ ଭଲ କରି ଦେଇପାରିବେ । ବିଭିନ୍ନ ଜୀବାଣୁକୁ ମାରିଦେଇ ପାରିବେ । ଏପରି କେତେକ ସାମୁଦ୍ରିକ ଜୀବ ଅଛି, ଯାହାକି ଶରୀରର କ୍ଷତି ସାଧନ ମଧ୍ୟ କରିଥାଏ । ରୋଗଗୁଡ଼ିକର ଚିକିତ୍ସା କରିବା ପାଇଁ ସମୁଦ୍ରରୁ ଏତେ ପରିମାଣର ଔଷଧ ମିଳେ ଯେ ଏହାକୁ ଏକ ବିରାଟ ଔଷଧ ଭଣ୍ଡାର ସହିତ ତୁଳନା କରାଯାଇପାରେ । ରୋଗ ପ୍ରତିରୋଧକ ଶକ୍ତି, କର୍କଟ ରୋଗ ପାଇଁ ଔଷଧ ଏବଂ ସ୍ନାୟୁବିକ୍ ରୋଗ ପାଇଁ ବିଭିନ୍ନ କିସମର ଔଷଧ ଆମ୍ଭେମାନେ ଉଦ୍ଭାବନ କରୁଛୁ । କେତେକ କ୍ଷେତ୍ରରେ ସଫଳତା ଆଶାନୁରୂପକ ମିଳୁନାହିଁ । କିନ୍ତୁ ଏପରି କେତେକ ଦ୍ରବ୍ୟ ମିଳୁଛି ଯାହାକି ଆଶ୍ଚର୍ଯ୍ୟଜନକ ଭାବେ ଏହି ସବୁ ରୋଗକୁ ଭଲ କରି ଦେବାରେ ସାହାଯ୍ୟ କରୁଛି । ଏଗୁଡ଼ିକସବୁ ପ୍ରକୃତିରେ ହିଁ ବାସ କରୁଛନ୍ତି । କିନ୍ତୁ ହଠାତ୍ ଏ ଗୁଡ଼ିକ ମିଳିବେ ନାହିଁ ।

ବହୁବର୍ଷ ଗବେଷଣା ହେବା ପରେ ଆମ୍ଭେମାନେ କେତେକ ଔଷଧ ତିଆରି କରିଛେ ରୋଗ ଭଲ କରିବାପାଇଁ ।

ସାମୁଦ୍ରିକ ସ୍ପଞ୍ଜରୁ ସିରାଲେଡିନ ଓ ଆଉ କେତେକ ରୋଗ ପ୍ରତିରୋଧକାରୀ ଔଷଧ ତିଆରି ହୋଇଛି ।

ଆମ ଦେଶରେ ଅଳ୍ପଦିନ ହେଲା ସମୁଦ୍ରରୁ ଔଷଧ ସଂଗ୍ରହ ଗବେଷଣା ଆରମ୍ଭ ହୋଇଛି । ଏହା ୧୯୭୦ ମସିହାର ଘଟଣା । ଏ କ୍ଷେତ୍ରରେ ଜାତୀୟ ସାମୁଦ୍ରିକ ଗବେଷଣା ପ୍ରତିଷ୍ଠାନ ଓ ଲକ୍ଷ୍ନୌଠାରେ ଥିବା କେନ୍ଦ୍ରୀୟ ଔଷଧ ଗବେଷଣା ପ୍ରତିଷ୍ଠାନ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ଗବେଷଣାରୁ ଜଣାଯାଏ ଯେ, ସମୁଦ୍ରରୁ ମିଳୁଥିବା ଜୀବକୋଷଗୁଡ଼ିକ ମଣିଷର ସ୍ୱାସ୍ଥ୍ୟ ରକ୍ଷାରେ ଯଥେଷ୍ଟ ସାହାଯ୍ୟ କରିବ ।

# ପଲ୍ଲୀ ପରିବାର ଓ ପ୍ରଗତି ପ୍ରକଳ୍ପ

ଶ୍ରୀ ଅରବିନ୍ଦବନ୍ଧୁ ମିଶ୍ର

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କର ବିକାଶ କରିବାକୁ ହେଲେ ଅନେକଗୁଡ଼ିଏ ଦିଗପ୍ରତି ଦୃଷ୍ଟି ଦିଆଯିବା ଦରକାର । ଗ୍ରାମାଞ୍ଚଳ ଲୋକମାନଙ୍କର ପାର୍ଥିବ ପରିବେଶ, ସେମାନଙ୍କର ବିବିଧ ପ୍ରକାରର ଅଭାବ ବା ଆବଶ୍ୟକତା, ସାମାଜିକ ଓ ରାଜନୈତିକ ପରିବେଶ, ସାଂସ୍କୃତିକ ଓ ଧର୍ମଗତ ବିଶ୍ୱାସ, ସାଂସ୍କୃତିକ ପ୍ରଥା ଓ ମୂଲ୍ୟବୋଧ, ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ, ଜୀବନରୀତି, ସମୟ ଓ ଶକ୍ତି ଅନୁଯାୟୀ ସେମାନଙ୍କର ସର୍ବନିମ୍ନ ଦୈନନ୍ଦିନ ଆବଶ୍ୟକତା ପ୍ରଭୃତି ବିଭିନ୍ନ ଦିଗ । ଏଗୁଡ଼ିକ ବିଷୟରେ ଯଥେଷ୍ଟ ଧାରଣା ହେଲାପରେ ଅର୍ଥାତ୍ ଗାଁ ଗହଳରେ ଲୋକମାନଙ୍କୁ ଭଲ ଭାବରେ ଜାଣିଲାପରେ ସେମାନଙ୍କ ବିକାଶ ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ଉଚିତ୍ । ଉପରୋକ୍ତ ଦିଗଗୁଡ଼ିକ ପ୍ରତି ଦୃଷ୍ଟି ନଦେଇ ଯେଉଁ ଯୋଜନାମାନ କରାଯାଏ, ତାହା ଗ୍ରାମ ଲୋକଙ୍କଦ୍ୱାରା ପ୍ରାୟତଃ ଗ୍ରହଣ ହୋଇନଥାଏ । ଫଳରେ ଯୋଜନାଟି ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିପାରେନାହିଁ । ସରକାରୀ ବା ବେସରକାରୀ ସ୍ତରରେ ଯେ କୌଣସି ବିକାଶ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଭାବରେ ଗଢ଼ି ଉଠିଥାଏ । ତେଣୁ ଗ୍ରାମାଞ୍ଚଳ ଗରିବମାନଙ୍କର ବିକାଶ କଥା ଚିନ୍ତା କଲାବେଳେ ପରିବାରଟି ପ୍ରତି ପ୍ରଥମେ ଦୃଷ୍ଟି ଦେବା ବାଞ୍ଛନୀୟ—କୌଣସି ଜଣେ ସଭ୍ୟପ୍ରତି କେବଳ ନୁହେଁ ।

ଗ୍ରାମ୍ୟ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ପରିବାରର ଅଙ୍ଗ । ପରିବାର ଭିତରେ ଜନ୍ମ ହୁଅନ୍ତି ଓ ବଢ଼ନ୍ତି । ପରିବାର ସହ ଏମାନେ ଶାରୀରିକ, ମାନସିକ, ସାମାଜିକ ଇତ୍ୟାଦି ଦୃଷ୍ଟିରୁ ଲିପ୍ତ । ଚିର ଦାରିଦ୍ର୍ୟହେତୁ ସୃଷ୍ଟ ଏମାନଙ୍କର ନୈରାଶ୍ୟ, ଭାଗ୍ୟ-ବାଦୀ ଚିନ୍ତାଧାରା ଇତ୍ୟାଦି ନିଜ ବିଷୟରେ ଓ ବାହାର ଦୁନିଆ ବିଷୟରେ ଏମାନଙ୍କର ଧାରଣାକୁ ଆଚ୍ଛାଦିତକରି ରଖିଥାଏ । ସବୁ ସମୟରେ ଲାଗିରହିଥିବା ପାରିବାରିକ ଦାରିଦ୍ର୍ୟର କଷ୍ଟ, ଚିର-ରୁଗ୍ଣ ସ୍ୱାସ୍ଥ୍ୟ ସେମାନଙ୍କ ଦେହରୁ କାମକରିବାର ଶକ୍ତି ହଜାଇଦିଏ । ଜାଣିବା ବା ଶିକ୍ଷା କରିବାର ମନୋବୃତ୍ତି ଓ ଦକ୍ଷତାକୁ ଲୁପ୍ତ କରିଦିଏ । ନିଜର ସୀମିତ ଜ୍ଞାନ ଦୃଷ୍ଟିରୁ ଗ୍ରାମାଞ୍ଚଳର ଗରିବ ଚାଷୀ ସାହାସ ସହିତ କିଛି କରିପାରିନଥାଏ । ଏପରିକି ଗୋଟିଏ ନୂଆ ଅଧିକ ଅମଳକ୍ଷମ ଧାନ ବିହନ ପାଇଲେ ହେଲେ ଏଥିପ୍ରତି ଗୁରୁତ୍ୱଦେବା ଉଚିତ୍ । ଏହି ଦିଗଗୁଡ଼ିକ ଜାଣିବାକୁ ହେଲେ ଗ୍ରାମ ଲୋକଙ୍କସହ ଓ ଗ୍ରାମ୍ୟ ଜୀବନ ସହ ପ୍ରଥମେ ମିଶିବାକୁ ପଡ଼ିବ ଓ ଅଭିଜ୍ଞତା ଅର୍ଜ୍ଜନ କରିବାକୁ ପଡ଼ିବ । ବାସ୍ତବ ଅଭିଜ୍ଞତା ଉପରେ ବିକାଶ ଯୋଜନା ଗଠିତ ହେଲେ ଗ୍ରାମାଞ୍ଚଳର ପ୍ରକୃତ ଉନ୍ନତି ସମ୍ଭବ ହେବ ।

ଅନେକ ସମୟରେ ଦେଖାଯାଏ ଯେ ଗ୍ରାମ୍ୟ-ବିକାଶ କାର୍ଯ୍ୟକ୍ରମଗୁଡ଼ିକ ବ୍ୟକ୍ତି କୈନ୍ଦ୍ରିକ ହୋଇଥାଏ ଯଥା : ଗ୍ରାମ୍ୟ-ଶିଶୁ, ବିଦ୍ୟାଳୟ ଅନ୍ତର୍ଭୁକ୍ତ ଶିଶୁ ବା ବିଦ୍ୟାଳୟ ଶିକ୍ଷା ବଞ୍ଚିତ ଶିଶୁ, ଗ୍ରାମ୍ୟନାରୀ, ଯୁବଗୋଷ୍ଠୀ, କ୍ଷୁଦ୍ରଚାଷୀ ଇତ୍ୟାଦି ନିର୍ଦ୍ଦିଷ୍ଟ ନହୋଇ ସମଗ୍ର ପରିବାର ପ୍ରତି ପ୍ରସାରିତ ବିକାଶର ଲକ୍ଷ୍ୟ ବ୍ୟକ୍ତି-ନିର୍ଦ୍ଦିଷ୍ଟ ନହୋଇ ସମଗ୍ର ପରିବାର ପ୍ରସାରିତ ହେବା ଉଚିତ୍ । କାରଣ ଶିଶୁ, ଯୁବକ, ନାରୀ ବା ଚାଷୀ ଏମାନେ କେବଳ ବ୍ୟକ୍ତିଗତ ଭାବରେ ଗରିବ ନୁହନ୍ତି, ଅବହେଳିତ ନୁହଁନ୍ତି, ଏମାନେ ଯେଉଁ ଗରିବ ପରିବାରରେ ବାସ କରନ୍ତି ତାହା ମଧ୍ୟ ଦାରିଦ୍ର୍ୟ ବ୍ୟକ୍ତି ମଧ୍ୟରେ ସୀମିତ ନଥାଏ, ଏହା ପରିବାର ମଧ୍ୟରେ ବ୍ୟାପ୍ତ, ଗୋଷ୍ଠୀ ମଧ୍ୟରେ ବ୍ୟାପ୍ତ ଓ କେତେକାଂଶରେ ଗ୍ରାମ ମଧ୍ୟରେ ବ୍ୟାପ୍ତ । ଏହି ପାରିବାରିକ ଦାରିଦ୍ର୍ୟ ବହୁତ କ୍ଷେତ୍ରରେ ବଂଶାନୁକ୍ରମିକ ଚାଷରେ ବ୍ୟବହାର କରିବାର ସାହାସ ତା'ମନରେ ନଥାଏ । କାରଣ, ଏହା ଉପରେ ତା'ର ସ୍ୱାଭାବିକ ସନ୍ଦେହ, ପାଣିପାଗ ଉପରେ ସନ୍ଦେହ, ବିକ୍ରୀହେବା ନହେବାନେଇ ସନ୍ଦେହ—ଏତେ ସନ୍ଦେହ ଭିତରେ ସେ ଧନ୍ଦିହୁଏ । ତେଣୁ ସେ ପ୍ରଚଳିତ ଓ ସହଜ ଲବ୍ଧ ବିହନ ବ୍ୟବହାର କରେ—ଯାହାକି ଆମଦାନୀହେଉ ଅଥବା, ଏଥିଲାଗି ଯାହା କରଜ କରୁ ବା ତତ୍‌ଜନିତ ଅସୁବିଧା ଭୋଗୁ । ଗତାନୁଗତିକତାଠାରୁ, ନିଜର ଅଭିଜ୍ଞତାଠାରୁ ଓ ବଦ୍ଧମୂଳ ଧାରଣାଠାରୁ ଦୂରେଇ ଯିବାର ଭୟରେ ଏମାନେ ଦାରିଦ୍ର୍ୟର ବେଷ୍ଟନୀରେ ପଡ଼ିରହନ୍ତି । ସୁଯୋଗ ଆସିଲେ ବି ଲାଭବାନ୍ ହୁଅନ୍ତିନାହିଁ । ଏଇଥିପାଇଁ, ନିଜର ଆୟ ବଢ଼ାଇବା ଉଦ୍ଦେଶ୍ୟରେ ନୂଆବିହନ, ସାର, ଚାଷପ୍ରଣାଳୀ କୌଣସିଟିର ଉପଯୋଗ କରିବାକୁ ହଠାତ୍ ପ୍ରସ୍ତୁତ ହୁଅନ୍ତିନାହିଁ ।

ଲକ୍ଷ୍ୟ କରିବାର କଥା ଯେ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକୃତ ଗରିବ ପରିବାରମାନେ ଯଥେଷ୍ଟ ଲାଭବାନ୍ ହେଉ ନାହାନ୍ତି ବା ସ୍ଥଳ ବିଶେଷରେ ଆଦୌ ହୋଇପାରୁ ନାହାନ୍ତି । ସାଧାରଣତଃ, ଯେକୌଣସି ଗ୍ରାମରେ ଗରିବ ପରିବାରର ସଂଖ୍ୟା ଅତିକମ୍‌ରେ

ଅଧାଅଧି । କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଗ୍ରାମଟିର ସମସ୍ତ ପରିବାର ଗରିବ । । କୃଷି ସାହାଯ୍ୟ (ଯଥା : ବିହନ, ସାର, ଋଣ ଇତ୍ୟାଦି) ସ୍ୱାସ୍ଥ୍ୟ-ସାହାଯ୍ୟ, ଶିକ୍ଷା ସାହାଯ୍ୟ, ସମବାୟ ସଂସ୍ଥାମାନଙ୍କ ସାହାଯ୍ୟ ଇତ୍ୟାଦି ଅନେକ ସମୟରେ ବିଭିନ୍ନ କାରଣରୁ ଅଭାବୀ ପରିବାର ନିକଟରେ ଠିକ୍ ସମୟରେ ପହଞ୍ଚେ ନାହିଁ । ଗ୍ରାମରେଥିବା ଟିକିଏ ବଡ଼ଚାଷୀ, ସାମାନ୍ୟ ଶିକ୍ଷିତ ଚାଷୀ ବା ଅନ୍ୟମାନେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକରୁ କିଛି ବା ସବୁଲାଭ ପାଇ-ପାରିଲାବେଳେ, ଅଶିକ୍ଷିତ ଓ ଅଭାବୀ ଚାଷୀଟିଏ ଆପଣାଛାଏଁ ଦୂରେଇହୋଇ ରହିଯାଏ । ନିଜର ଅଜ୍ଞତା, ହୀନମନ୍ୟତା ଓ ଭାଗ୍ୟବାଦୀ ମନୋବୃତ୍ତି ତାକୁ ଦୂରେଇ ରଖିଥାଏ । ସାରମାନଙ୍କର ନାମ ଓ କାମ, ବ୍ୟବହାର ପ୍ରଣାଳୀ, ଋଣ ଆବେଦନ କରିବାର କାଗଜପତ୍ରକାମ, ଧାଁ ଧଉଡ଼ି ଇତ୍ୟାଦି ତା'ପାଇଁ କଷ୍ଟକର ହୋଇଥାଏ । ଗ୍ରାମାଞ୍ଚଳ ପରିବାରମାନଙ୍କରେ ପୁରୁଷମାନଙ୍କ ଅପେକ୍ଷା ଗରିବ ପରିବାରର ସ୍ତ୍ରୀମାନଙ୍କର ଅବସ୍ଥା ଆହୁରି ଶୋଚନୀୟ । ପୌଢ଼ ଶିକ୍ଷାରୁ, ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରୁ ଅଥବା ଏହି ପ୍ରକାରର କାର୍ଯ୍ୟକ୍ରମରୁ ଏମାନେ ସହଜରେ ଲାଭବାନ ହେବାକୁ ଅଗ୍ରସର ହୁଅନ୍ତି ନାହିଁ । ସେମାନଙ୍କର ପରିବାର, ସମାଜ, ଗୋଷ୍ଠୀ, ଜାତି, ଚଳଣି, ଅନ୍ଧବିଶ୍ୱାସ ଏବଂ ସର୍ବୋପରି ପରିବାରର ମୁଖ୍ୟ ପୁରୁଷର ଶେଷ ମତାମତ ଉପରେ ନିର୍ଭର—ଗ୍ରାମ୍ୟ ନାରୀକୁ ବିକାଶ ଯୋଜନାରୁ ବଞ୍ଚିତ କରିଥାଏ । ସେହିପରି, ବହିପତ୍ର, ପୋଷାକ, ଦରମା ବାବଦରେ ଖର୍ଚ୍ଚ ଯୋଗାଇ ନ ପାରିବାରୁ ଗରିବ ପରିବାରର ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହୋଇଥାଆନ୍ତି । ଏସବୁ ବାବଦରେ ଖର୍ଚ୍ଚ ବିଶେଷ ନ ହେଲେ ସୁଦ୍ଧା, ଗ୍ରାମ୍ୟ ଗରିବ ପରିବାର ପକ୍ଷରେ ଏହା ଏକ ସମସ୍ୟା । କାରଣ ସେମାନଙ୍କର ପ୍ରତିଦିନ ଖାଇବାର ଚିନ୍ତା ଥାଏ । ଶିଶୁକୁ ଶିକ୍ଷାଦେବା ପରିବର୍ତ୍ତେ, ପରିବାରର ରୋଜଗାର ପାଇଁ ସାହାଯ୍ୟ କଲାଭଳି ଯେ କୌଣସି କାମ ପାଇଁ ଉତ୍ସାହିତ କରାଯାଏ ।

ନିଜ ଅବସ୍ଥାର ଉନ୍ନତି କରିବା ପାଇଁ ପ୍ରତ୍ୟେକ ଲୋକର କିଛି ନା କିଛି ଦକ୍ଷତା ରହିଛି । ଏଥିପାଇଁ ଗ୍ରାମ୍ୟ ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ହେବ, ସୁଯୋଗ ଦେବାକୁ ହେବ ଓ ସାହାଯ୍ୟ କରିବାକୁ ହେବ । ଏସବୁ ଲାଗି ଯୁକ୍ତିଯୁକ୍ତ ବାସ୍ତବ ଉନ୍ନୟନ ଯୋଜନା ତିଆରି ହେବା ଉଚିତ୍ । ପରିବାର ବିକାଶ ପରି-ପ୍ରେକ୍ଷୀରେ ଏହି ଯୋଜନା ତିଆରି ହେଉ । ଯୋଜନା-ଗୁଡ଼ିକ ଫଳପ୍ରସୂ ହେବା ଲାଗି ଦୃଷ୍ଟି ଦିଆଯିବା ଦରକାର । ଯେ କୌଣସି ଗ୍ରାମ୍ୟ ବିକାଶ ଯୋଜନା ବ୍ୟକ୍ତି ଓ ସାମଗ୍ରିକ ଭାବରେ ପରିବାର ପ୍ରତି ବିଶେଷ ଦୃଷ୍ଟି ଦେବା ଦରକାର । ଆଗରୁ କୁହାଯାଇଛି, ଗ୍ରାମବାସୀର ବିକାଶ ପରିବାରର ଭିତ୍ତିଭୂମି ଉପରେ ଆଧାରିତ । କାରଣ ଗ୍ରାମର ଗରିବ ଲୋକ ପ୍ରଥମେ ଗୋଟିଏ ପରିବାରର ଲୋକ ଏବଂ ସେହି ପରିବାର ଦାରିଦ୍ର୍ୟ ବ୍ୟତୀତ ଅନ୍ୟ କିଛି ଜାଣେ ନାହିଁ । ପରିବାରର ମୋଟାମୋଟି ଅବସ୍ଥା ଭଲ ନହେଲେ, ବ୍ୟକ୍ତିର ଉନ୍ନତି ସଂଭବ ନୁହଁ । ପ୍ରତ୍ୟେକ ପରିବାର ଆର୍ଥିକ ଦୃଷ୍ଟିରୁ ଉନ୍ନତ ହେବା ଦରକାର, ଉପଯୁକ୍ତ ସ୍ୱାସ୍ଥ୍ୟ ସୁବିଧା ପାଇବା ଦରକାର, କୃଷି ଓ ଅନ୍ୟାନ୍ୟ ଉପାର୍ଜନ ଧନ୍ଦା ବିଷୟରେ ଧାରଣା ରଖିବା ଦରକାର, ଋଣ ଅଥବା ଅନ୍ୟ ଆର୍ଥିକ ସାହାଯ୍ୟ ସମ୍ବନ୍ଧରେ ଜାଣିବା ଦରକାର । ମୋଟା ମୋଟି ଭାବରେ ଗ୍ରାମ୍ୟ-ଗରିବ ପରିବାର ବିକାଶ ଯୋଜନା ସହ ନିଜକୁ ଜଡ଼ିତ କରିବା ଦରକାର ।

ଗ୍ରାମର ଗରିବ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ବିକାଶର ମୂଳସ୍ରୋତ ସହ ସାମିଲ କରିବା ଗ୍ରାମ୍ୟ ଉନ୍ନୟନ ଯୋଜନାର ଏକ ଦରକାରୀ ଅଥଚ କଠିନ ଦିଗ । ଏଥି ନିମନ୍ତେ ପ୍ରକଳ୍ପ ଓ କାର୍ଯ୍ୟକାରିତା ସହସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କର ଆବଶ୍ୟକ ଧୈର୍ଯ୍ୟ, ସାହସ, ଆଗ୍ରହ, ଅବିଚଳିତ ମନୋଭାବ, ଚତୁର ଭାବରେ କାମ କରିବାର ଦକ୍ଷତା, ଗ୍ରାମ୍ୟ ସାମାଜିକ, ସାଂସ୍କୃତିକ, ଆର୍ଥିକ, ରାଜନୈତିକ ବ୍ୟବସ୍ଥା ଓ ପରିବେଶ ବିଷୟରେ ଅନ୍ତରଙ୍ଗ ଧାରଣା, ଗ୍ରାମ୍ୟ ଲୋକଙ୍କ ମନୋବୃତ୍ତି, ବିଶ୍ୱାସ ଓ ମତାମତ ବିଷୟରେ ଧାରଣା ଇତ୍ୟାଦି । ଯୋଜନାକାରୀମାନେ ଏହିସବୁ ବିଷୟ ପ୍ରତି ସଚେତନ ରହିଲେ ପଲ୍ଲୀ ପ୍ରଗତି ତ୍ୱରାନ୍ୱିତ ହେବ ।

ଅଧ୍ୟାପକ,
ମନସ୍ତତ୍ତ୍ୱ ବିଭାଗ
ବି. ଜେ. ବି. କଲେଜ
ଭୁବନେଶ୍ୱର

—କୌଣସି ଦେଶରେ, ଯେତେ ପ୍ରାକୃତିକ ବିଭବ ଓ ଗୌରବମୟ ପରମ୍ପରା ଥାଉନା କାହିଁକି ଏକ ଦୃଢ଼ ନେତୃତ୍ୱର ଅଭାବ ଘଟିଲେ ସେ ଦେଶ କେବେ ଅଗ୍ରସର ହୋଇ ପାରିବନାହିଁ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଆକାଶବାଣୀ ଶିଶୁ କାର୍ଯ୍ୟକ୍ରମ

ଶ୍ରୀ ସତୀନ୍ ଦାସ

ବେତାର ଜରିଆରେ ଛୋଟ ଛୋଟ ପିଲାମାନଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ଦେବା ଏବଂ ସେଥି ସଙ୍ଗେ ସଙ୍ଗେ ସେମାନଙ୍କ ମନୋରଞ୍ଜନ କରିବା ଲାଗି ସ୍ୱତନ୍ତ୍ରତା ଧରଣର ଗୋଟିଏ କାର୍ଯ୍ୟକ୍ରମ ପ୍ରଚାର କରାଯିବାର ବ୍ୟବସ୍ଥା ରହିଛି । ତାକୁ କୁହାଯାଏ 'ଚିଲ୍‌ଡ୍ରେନ ପ୍ରୋଗ୍ରାମ' ବା ଶିଶୁ ସଂସାର କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ସାଧାରଣତଃ ରବିବାର ଦିନ ପ୍ରଚାର କରାଯାଏ । ଜଣେ ପରିଚାଳକ କିମ୍ବା ଜଣେ ପରିଚାଳିକା ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରନ୍ତି । ସେମାନଙ୍କୁ ଭାଇ ଓ ଅପା ବୋଲି ସମ୍ବୋଧନ କରାହୁଏ ।

ଶିଶୁମାନଙ୍କର ଏହି କାର୍ଯ୍ୟକ୍ରମ ସକାଶେ ଗୋଟିଏ ଧରାବନ୍ଧା ସମୟ ନିର୍ଦ୍ଦିଷ୍ଟ ରହିଛି । ସେଇ ସମୟ ଭିତରେ ପୌରାଣିକ କାହାଣୀରୁ ଆରମ୍ଭ କରି, ଇତିହାସର ଘଟଣାବଳୀ, ସାଧାରଣ ଜ୍ଞାନ, ନୀତିଶିକ୍ଷା, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟରକ୍ଷା, କ୍ରୀଡ଼ା କସରତ, ବିଜ୍ଞାନ ଏବଂ ପୁରାତନ ତଥା ଆଧୁନିକ ଆବିଷ୍କାର ସମେତ ଆହୁରି ନାନା ପ୍ରକାର ଶିକ୍ଷଣୀୟ ବିଷୟ ବସ୍ତୁ ପ୍ରଚାର କରାଯାଏ ।

ଏହି ପ୍ରୋଗ୍ରାମର ବିଶେଷତ୍ୱ ହେଉଛି, ଏଥିରେ କେବଳ ଶିଶୁମାନେହିଁ ଅଂଶ ଗ୍ରହଣ କରନ୍ତି । ମୋଟ ଉପରେ ଦେଖିବାକୁ ଗଲେ, ରେଡିଓରେ ଯେଉଁସବୁ କାର୍ଯ୍ୟକ୍ରମ ପ୍ରଚାରିତ ହେଉଛି, ସେଗୁଡ଼ିକ ମଧ୍ୟରୁ କେବଳ ସମ୍ବାଦ ଏବଂ ନାଟକକୁ ବାଦ ଦେଲେ ପ୍ରକୃତରେ ଶିଶୁସଂସାର କାର୍ଯ୍ୟକ୍ରମ ସବୁଠାରୁ ଅଧିକ ଲୋକପ୍ରିୟ କାର୍ଯ୍ୟକ୍ରମ ।

ବେତାର ମାଧ୍ୟମରେ ଶିଶୁମାନଙ୍କ ସକାଶେ କାର୍ଯ୍ୟକ୍ରମ କେବେଠାରୁ ପ୍ରଚାରିତ ହେଲା, ସେ ବିଷୟ ଜାଣିବା ପୂର୍ବରୁ, ଦେଶରେ ନିୟମିତ ବେତାର ପ୍ରଚାର କିପରି ଆରମ୍ଭ ହେଲା, ସଂକ୍ଷେପରେ ହେଲେ ମଧ୍ୟ ସେ ବିଷୟରେ କିଛି ଜାଣିବା ଦରକାର ।

୧୯୨୬ ମସିହାର କଥା ! ବେତାର ପ୍ରଚାରର ଢେଉ ରାଜା ପୃଥୁର ପକ୍ଷୀରାଜ ଘୋଡ଼ାପରି ସାତ ସମୁଦ୍ର ତେର ନଈ ପାର ହୋଇ, ଇଉରୋପରୁ ଆସି ଯେଉଁଦିନ ଭାରତରେ ପହଞ୍ଚିଲା, ବମ୍ବେର କେଇଜଣ ବ୍ୟବସାୟୀ ସେ ଦିନ ମନେ ମନେ ଭାରି ଖୁସି ହେଲେ । ତା'ର କିଛିଦିନ ପରେ ସେମାନେ ସମସ୍ତେ ଏକାଠି ମିଶି ଗୋଟିଏ କମ୍ପାନୀ ଗଢ଼ିଲେ । କମ୍ପାନୀର ନାଁ ଦିଆଗଲା 'ଇଣ୍ଡିଆନ ବ୍ରଡ଼କାଷ୍ଟିଂ କମ୍ପାନୀ' ।

ସେହିବର୍ଷ ଭାରତ ସରକାରଙ୍କ ସଙ୍ଗରେ କମ୍ପାନୀର ଗୋଟିଏ ଚୁକ୍ତି ହେଲା । ସେଇ ଚୁକ୍ତି ଅନୁସାରେ ପ୍ରଥମେ ଦୁଇଟି ରେଡିଓ ଷ୍ଟେସନ ଖୋଲିବା ସକାଶେ ସରକାର କମ୍ପାନୀକୁ ଲାଇସେନସ୍ ଦେଲେ । ୧୯୨୭ ମସିହା ଜୁଲାଇ ମାସ ୨୩ ତାରିଖ ଦିନ, ବମ୍ବେ ରେଡିଓ ଷ୍ଟେସନ ଏବଂ ସେଇବର୍ଷ ଅଗଷ୍ଟ ମାସ ୨୬ ତାରିଖ ଦିନ କଲିକତା ରେଡିଓ ଷ୍ଟେସନ ଖୋଲା ହେଲା ।

ଷ୍ଟେସନ ଦୁଇଟି ଖୋଲୁ ହେବାର କେଇବର୍ଷ ପରେ ଇଣ୍ଡିଆନ ବ୍ରଡ଼କାଷ୍ଟିଙ୍ଗ କମ୍ପାନୀର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଗଡ଼ିକଲା । ତଥାପି ଟାଣି ଓଟାରି ପ୍ରୋଗ୍ରାମ ଚଳାଇବା ସକାଶେ କମ୍ପାନୀ ତାର ପାରୁପଣେ ଚେଷ୍ଟା କଲା । କିନ୍ତୁ ଆୟ ଅପେକ୍ଷା ବ୍ୟୟ ଅଧିକ ହେବାରୁ ଆଉ ପାରିଲା ନାହିଁ । ୧୯୩୦ ମସିହା ମାର୍ଚ୍ଚ ମାସ ପହିଲା ତାରିଖ ଦିନ କମ୍ପାନୀ ଉଠିଗଲା । ସେହିବର୍ଷ ଏପ୍ରିଲ ମାସ ପହିଲା ତାରିଖଠାରୁ ଏହାର ପରିଚାଳନା ଦାୟିତ୍ୱ ସରକାରଙ୍କ ଶିଳ୍ପ ଓ ଶ୍ରମ ବିଭାଗ ହାତକୁ ଗଲା । ନୂଆ ନାଁ ଦିଆଗଲା "ଇଣ୍ଡିଆନ ଷ୍ଟେଟ ବ୍ରଡ଼କାଷ୍ଟିଙ୍ଗ ସର୍ଭିସ" ।

ଚାରି ବର୍ଷେ କିମ୍ବା ଦେଢ଼ବର୍ଷ ପରେ, ଦେଶରେ ପ୍ରଚଣ୍ଡ ଅର୍ଥ ସଙ୍କଟ ଦେଖାଦେଲା । ତା ଛଡ଼ା 'ବ୍ରଡ଼କାଷ୍ଟିଙ୍ଗ୍ ସର୍ଭିସ'ରୁ ପଇସାଟିଏ ହେଲେ, ଲାଭ ମିଳିଲା ନାହିଁ । ବରଂ ଦିନକୁଦିନ ଲୋକସାନ ହେବାକୁ ଲାଗିଲା । ଶେଷରେ ଆଉ କୌଣସି ଉପାୟ ନ ଦେଖି ବେତାର ପ୍ରଚାର ବନ୍ଦ କରିଦେବା ଲାଗି ସରକାର ନିଷ୍ପତ୍ତି ନେଲେ ।

ହେଲେ ଲୋକମାନେ ମାନିଲେ ନାହିଁ । ସେମାନେ ପାଟିତୁଣ୍ଡ କଲେ, ଖବର କାଗଜମାନଙ୍କରେ ଲେଖା ଲେଖି ଚାଲିଲା, ନେତାମାନେ ଏ ବିଷୟରେ ଆଇନ୍ ସଭାରେ ଯୁକ୍ତିତର୍କ କଲେ । ଶେଷରେ ସରକାର ଜନତାଙ୍କ ଦାବୀ ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ । ୧୯୩୨ ମସିହାରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଗଲା ଯେ, 'ଇଣ୍ଡିଆନ ଷ୍ଟେଟ ବ୍ରଡ଼କାଷ୍ଟିଙ୍ଗ ସର୍ଭିସ୍' ସରକାରଙ୍କ ପରିଚାଳନା ଅଧୀନରେ ରହିବ ।

ତା' ପରଠାରୁ ବେତାର ପ୍ରଚାରର ଉନ୍ନତି ଓ ଆୟ ବୃଦ୍ଧି ସକାଶେ ସରକାର ଯୋର ସୋରରେ ଲାଗି ପଡ଼ିଲେ । ୧୯୩୫ ମସିହା ଅଗଷ୍ଟ ମାସ ବି. ବି. ସି. ବା ବ୍ରିଟିଶ୍ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନରୁ ମିଷ୍ଟର ଫିଲ୍‌ଡେନଙ୍କୁ ବ୍ରଡ଼କାଷ୍ଟିଙ୍ଗ ବିଭାଗର କଣ୍ଟ୍ରୋଲର କରି ଅଣାଗଲା ।

ମିଷ୍ଟର ଫିଲଡ଼େନ ଆସିବା ପରେ ୧୯୩୬ ମସିହା ଜାନୁୟାରୀ ମାସ ୮ ତାରିଖ ଦିନ ଇଣ୍ଡିଆନ ଷ୍ଟେଟ ବ୍ରଡ଼କାଷ୍ଟିଙ୍ଗ ସର୍ଭିସ୍‌ର ନୂଆ ନାଁ ହେଲା "ଅଲଇଣ୍ଡିଆ ରେଡିଓ" ।

ତା' ପୂର୍ବରୁ ଦେଶର ବିଭିନ୍ନ ରାଜ୍ୟରେ କେତେ-ଗୁଡ଼ିଏ ଏ୍ୟାମେଚର ବା ସୌଖିନ୍ ରେଡିଓ କ୍ଲବ ପକ୍ଷରୁ ଶ୍ରୋତାମାନଙ୍କ ମନୋରଞ୍ଜନ ସକାଶେ ପ୍ରୋଗ୍ରାମ ପ୍ରସାର କରାଯାଉଥିଲା । ୧୯୨୪ ମସିହା ମଇମାସ ୧୬ ତାରିଖ ଦିନ "ମାଡ୍ରାସ ପ୍ରେସିଡ଼େନ୍‌ସି ରେଡିଓ କ୍ଲବ" ଗଢ଼ାଗଲା । କ୍ଲବଟି ତିନିବର୍ଷ ଯାଏ ପ୍ରୋଗ୍ରାମ ଚଳେଇ, ଖର୍ଚ୍ଚ ତୁଲେଇ ନ ପାରିବାରୁ ପ୍ରୋଗ୍ରାମ ବନ୍ଦ ହୋଇଗଲା । କ୍ଲବର ମାଲିକ ବାଧ୍ୟ ହୋଇ ଟ୍ରାନସ୍‌ମିଟର ଯନ୍ତ୍ରଟିକୁ ମାଡ୍ରାସ କର୍ପୋରେସନକୁ ବିକିଦେଲେ । କର୍ପୋରେସନ, ଶ୍ରୋତାମାନଙ୍କ ରୁଚି ସାଙ୍ଗରେ ଖାପ ଖୁଆଇ ନୂଆ ନୂଆ କାର୍ଯ୍ୟକ୍ରମ ପ୍ରସାର କରିବାରୁ ଲୋକମାନେ ଖୁସି ହେଲେ ।

୧୯୩୦ ମସିହା ଏପ୍ରିଲମାସ ପହିଲା ତାରିଖଠାରୁ ଶିଶୁମାନଙ୍କ ସକାଶେ ସର୍ବ ପ୍ରଥମ ଗୋଟିଏ କାର୍ଯ୍ୟକ୍ରମ ପ୍ରସାର କରାଗଲା । ତାମିଲ ଭାଷାରେ ଏହାର ନାଁ ରଖାଗଲା "ମିଲ୍ଲରଆର ସିନି କୋଇଚି" । ଛୁଟିଦିନ ବା'ଦେ ସପ୍ତାହରେ ଆଉ ସବୁଦିନ ଅପରାହ୍ନ ସାଢ଼େଚାରିଟାରୁ ସାଢ଼େ ପାଞ୍ଚଟାଯାଏ ପିଲାମାନଙ୍କ ସକାଶେ ଗପ ଏବଂ ଗପଛଳରେ ନାନା ପ୍ରକାର ଶିକ୍ଷଣୀୟ ବିଷୟବସ୍ତୁ ପ୍ରସାର କରାଯିବା ସଙ୍ଗେ ସଙ୍ଗେ ସଙ୍ଗୀତ ଶିକ୍ଷାର ମଧ୍ୟ ବ୍ୟବସ୍ଥା କରାଗଲା । କିନ୍ତୁ ୧୯୩୮ ମସିହା ଜୁନମାସ ୧୬ ତାରିଖ ତାରିଖଦିନ, ଅଲଇଣ୍ଡିଆ ରେଡିଓ ମାଡ୍ରାସ କେନ୍ଦ୍ର ଖୋଲା ହେବା ପରେ କରପୋରେସନ ପ୍ରୋଗ୍ରାମ ପ୍ରସାର ବନ୍ଦ କରିଦେଲା ।

୧୯୪୭ ମସିହା ଅଗଷ୍ଟମାସ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା । ଭାରତ ସରକାର ଦେଶର ପ୍ରଶାସନ ଭାର ଗ୍ରହଣ କଲା ପରେ ପରେ ସର୍ବ ପ୍ରଥମେ ବେତାର ପ୍ରସାର ପ୍ରତି ବିଶେଷ ଧ୍ୟାନ ଦେଲେ । ଫଳରେ ଦେଶର ବିଭିନ୍ନ ରାଜ୍ୟରେ ପର୍ଯ୍ୟାୟ କ୍ରମେ ନୂଆ ନୂଆ ରେଡିଓ ଷ୍ଟେସନ ଖୋଲା ହେଲା ।

'ବହୁଜନ ହିତାୟ ବହୁଜନ ସୁଖାୟ' - ଅଲଇଣ୍ଡିଆ ରେଡିଓର ଏହି ନୀତିକୁ ଅନୁସରଣ କରି ବେତାର କେନ୍ଦ୍ରର କର୍ମକର୍ତ୍ତାମାନେ ବିଭିନ୍ନ ଶ୍ରେଣୀର ଶ୍ରୋତାମାନଙ୍କ ରୁଚି ସହିତ ଖାପ ଖୁଆଇ ଯେଉଁସବୁ କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ ସେ ସବୁ କାର୍ଯ୍ୟକ୍ରମ ମଧ୍ୟରେ ଶିଶୁ ଏବଂ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ପ୍ରୋଗ୍ରାମକୁ ବିଶେଷ ପ୍ରାଧାନ୍ୟ ଦିଆଗଲା । ବିଭିନ୍ନ ରାଜ୍ୟର ଆଞ୍ଚଳିକ ଭାଷାରେ ଏହି ପ୍ରୋଗ୍ରାମର ନାମକରଣ କରାଗଲା ।

ଶିଶୁମାନଙ୍କ ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମକୁ କଲିକତା ବେତାର କେନ୍ଦ୍ରରୁ ବଙ୍ଗଳା ଭାଷାରେ ଘୋଷଣା କରାଗଲା 'ଶିଶୁମହଲ', ଅସମିୟା (ଆସାମୀ) ଭାଷାରେ କୁହାଗଲା 'ମଇନାମେଲ', ତେଲୁଗୁରେ 'ବାଲାନନ୍ଦମ୍' ତାମିଲରେ ମିଲ୍ଲରଆର ସିନି କୋଇଚି'; ହିନ୍ଦିରେ 'ବଚ୍ଚୋଁକେ ପ୍ରୋଗ୍ରାମ' ମରାଠିରେ 'ମୁଲାଂସାଠି କାର୍ଯ୍ୟକ୍ରମ' ଗୁଜରାଟିରେ 'ବାଲକୋ ମାଟେନା କାର୍ଯ୍ୟକ୍ରମ' ପଞ୍ଜାବିରେ 'ବଚ୍ଚେଁ ଆଁ ଦା ପ୍ରୋଗ୍ରାମ' ଏବଂ ଓଡ଼ିଆରେ କୁହାଗଲା 'ଶିଶୁ ସଂସାର' ।

ଓଡ଼ିଆରେ "ଶିଶୁ ସଂସାର" କାର୍ଯ୍ୟକ୍ରମ, କଟକ ରେଡିଓ ଷ୍ଟେସନ ଆରମ୍ଭ ହେବାର ବହୁ ପୂର୍ବରୁ କଲିକତା ବେତାର କେନ୍ଦ୍ରରୁ ସପ୍ତାହରେ ଥରେ ଲେଖା (ରବିବାର) ପ୍ରସାରିତ ହେଉଥିଲା ।

୧୯୪୮ ମସିହା ଜାନୁଆରୀମାସ ୨୮ ତାରିଖ ଦିନ ନବ ପ୍ରତିଷ୍ଠିତ କଟକ ବେତାର କେନ୍ଦ୍ରର ଶୁଭାରମ୍ଭ ହେଲା । ଏହାର ଉଦ୍‌ଘାଟନ କରିଥିଲେ ଡ଼କ୍ଟର କୈଳାସ ନାଥ କାଟଜୁ ଏବଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଡ଼କ୍ଟର ହରେକୃଷ୍ଣ ମହତାବ । ଡ଼କ୍ଟର କାଟଜୁ ଥିଲେ ସେତେବେଳେ ଓଡ଼ିଶାର ରାଜ୍ୟପାଳ ଏବଂ ଡ଼କ୍ଟର ମହତାବ୍ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

ଶିଶୁସଂସାର ପ୍ରୋଗ୍ରାମ ସେହିଦିନ ସନ୍ଧ୍ୟାରେ ପ୍ରସାର କରାଗଲା । ପ୍ରୋଗ୍ରାମଟି ଓଡ଼ିଶାର ଶିଶୁ-ମାନଙ୍କର ଏତେ ପ୍ରିୟ ହୋଇ ସାରିଥିଲା ଯେ, ସେ ଦିନ ସେମାନଙ୍କ ଗହଳି ସମ୍ଭାଳିବା କଷ୍ଟକର ହୋଇ ପଡ଼ିଲା । ଏକ ନମ୍ବର ଷ୍ଟୁଡିଓ (ସେତେବେଳେ ମଧୁପୁର କୋଠିରେ ଥିଲା)ର ଏତେ ବଡ଼ ଘର ଭିତରେ ମଧ୍ୟ ପାଦ ପକେଇବାର ଜାଗା ନ ଥିଲା । ଶହ ଶହ ଶିଶୁ ଷ୍ଟୁଡିଓ ବାହାରେ ଅପେକ୍ଷା କରୁଥିଲେ । ସେମାନଙ୍କ ସକାଶେ ହତା ଭିତରେ ଗୋଟିଏ ଲାଉଡ୍ ସ୍ପିକର ଖଞ୍ଜିବାକୁ ପଡ଼ିଥିଲା ।

ପ୍ରକୃତରେ "ଶିଶୁସଂସାର" ପ୍ରୋଗ୍ରାମ କେବେଠାରୁ ଆରମ୍ଭ ହେଲା ସେ ବିଷୟ ଜାଣିବାକୁ ହେଲେ, ଓଡ଼ିଆ ବେତାରର ଜନ୍ମ ଜାତକ ଦେଖିବାକୁ ପଡ଼ିବ । ଦେଶର ଏକ ଘଡ଼ି ସନ୍ଧି ମୁହୂର୍ତ୍ତରେ ଯେତେବେଳେ କି ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଆତଙ୍କରେ ସାରା ପୃଥିବୀ ଥର ହର କମ୍ପୁଥିଲା, ଠିକ୍ ସେତିକିବେଳେ ଓଡ଼ିଆ ବେତାରର ଜନ୍ମ ହେଉଥିଲା ପ୍ରବାସ (କଲିକତା)ରେ । ଯୁଦ୍ଧ ଆରମ୍ଭ ହେଲା ମାତ୍ରେ, ସେତେବେଳର ସରକାର (ବ୍ରିଟିଶ) ପ୍ରସାର ମାଧ୍ୟମକୁ ଶତ୍ରୁ ବିରୁଦ୍ଧରେ ଏକ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଲାଗିଲେ ।

ସେତେବେଳେ କଲିକତା ସହର ଏବଂ ତା ଆଖ-ପାଖରେ ଥିବା ଚଟକଳ ଇଲାକାଗୁଡ଼ିକୁ ମିଶେଇ ପ୍ରାୟ ତିନି ଚାରିଲକ୍ଷ ଓଡ଼ିଆ ରହୁଥିଲେ । ତା'ଛଡ଼ା ଆସାମ ଏବଂ ବ୍ରହ୍ମଦେଶରେ ମଧ୍ୟ ସେତେବେଳେ ଶହ ଶହ ଓଡ଼ିଆ ଚା ଓ ରବର ବଗିଚାରେ କାମ କରୁଥିଲେ ।

ବିଶେଷ କରି ସେଇମାନଙ୍କ ସକାଶେ ୧୯୩୯ ମସିହା ଅକ୍ଟୋବର ମାସ କଲିକତା ବେତାର କେନ୍ଦ୍ରରୁ ପ୍ରତିଦିନ ଅଧଘଣ୍ଟା ଲେଖା ଓଡ଼ିଆ ପ୍ରୋଗ୍ରାମର ବ୍ୟବସ୍ଥା କରାଯାଇଥିଲା । ତାକୁ କୁହାଯାଉଥିଲା 'ପ୍ରୋପାଗଣ୍ଡା

ପ୍ରୋଗ୍ରାମ" । ମନେ କରାଯାଉ ଥିଲା ଯୁଦ୍ଧଶେଷ ହୋଇଗଲେ ଅସ୍ଥାୟୀ ପ୍ରୋଗ୍ରାମ ବନ୍ଦ କରି ଦିଆହେବ। କିନ୍ତୁ ତା ହେଲାନାହିଁ । ପ୍ରୋଗ୍ରାମର ଲୋକପ୍ରିୟତା ଦୃଷ୍ଟିରୁ ଯୁଦ୍ଧ ପରେ ମଧ୍ୟ ଓଡ଼ିଆ ପ୍ରୋଗ୍ରାମ ନିୟମିତ ଭାବରେ ପ୍ରସାରିତ ହେଲା ।

ସେତେବେଳେ କଲିକତା ବେତାର କେନ୍ଦ୍ର ଏକ ନମ୍ବର ଗାର୍ଷ୍ଟିନ ପ୍ଲେସର ଗୋଟିଏ ଦୋ ମହଲା କୋଠାରେ ଥିଲା । (ବର୍ତ୍ତମାନ ଇଡ଼େନ୍ ଗାର୍ଡେନକୁ ଉଠିଗଲାଣି) । କୋଠାଟି ସରକାର ଭଡ଼ା ନେଇଥିଲେ । ସେଇ କୋଠାର ତଳ ମହଲାରେ ତିନ ଓ ଉପର ମହଲାରେ ଦୁଇ, ଏହିପରି ମୋଟ ପାଞ୍ଚଟି ଷ୍ଟୁଡିଓ ଥିଲା । ସେଇ ପାଞ୍ଚଟିଯାକ ଷ୍ଟୁଡିଓ ଭିତରୁ ଉପର ମହଲା ପାଞ୍ଚନମ୍ବର ଥିଲା ସବୁଠାରୁ ବଡ଼ ଷ୍ଟୁଡିଓ । ୧୯୪୫ ମସିହା ଜାନୁୟାରୀ ମାସର ପ୍ରଥମ ରବିବାର ଅପରାହ୍ନ ଠିକ୍ ସାଢ଼େ ପାଞ୍ଚଟାରେ ସେହି ଷ୍ଟୁଡିଓରୁ ଶିଶୁସଂସାର କାର୍ଯ୍ୟକ୍ରମ ଆରମ୍ଭ ହେଉଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ବୟୋଜ୍ୟେଷ୍ଠ ପ୍ରବୀଣ ନାଟ୍ୟକାର ନାଟ୍ୟାଚାର୍ଯ୍ୟ ଶ୍ରୀ ଅଶ୍ୱିନୀ କୁମାର ଘୋଷ (ପରଲୋକ ହୋଇଗଲେଣି) ପ୍ରଥମେ ଗ୍ରାମଫୋନ ରେକର୍ଡରେ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କର ଗୋଟିଏ ଭକ୍ତି ସଙ୍ଗୀତ (ଜଗନ୍ନାଥ ଜଣାଣ) ବଜାଯାଇ ପ୍ରୋଗ୍ରାମ ଆରମ୍ଭ ହୋଇଥିଲା । 'ବନ୍ଦେ ଉତ୍କଳ ଜନନୀ' ସମବେତ କଣ୍ଠ ସଙ୍ଗୀତସହ ସେ ଦିନର କାର୍ଯ୍ୟକ୍ରମ ଶେଷ କରାଯାଇଥିଲା । ପ୍ରୋଗ୍ରାମର ପରିଚାଳନା କରିଥିଲେ ଯତୀଭାଇ ।


ସେଇ ଉପଲକ୍ଷେ ସେ ଦିନ ସେ, ଶିଶୁ ସଂସାରର ଅଗଣିତ ଶିଶୁଭାଇ, ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ସେମାନଙ୍କ ଭବିଷ୍ୟତ ସୁଖ-ସମୃଦ୍ଧି କାମନା କରି କହିଥିଲେ —

ତୁମେମାନେ ହେଉଛ ଦେଶର ଭବିଷ୍ୟତ, ଜାତିର ଗୌରବ, ବଂଶର ମର୍ଯ୍ୟାଦା । ତୁମମାନଙ୍କ ଭିତରୁ ଯେ କେହି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବଡ଼ ବଡ଼ ନେତା, ଅଭିନେତା ସାହିତ୍ୟିକ, ସଙ୍ଗୀତଜ୍ଞ କିମ୍ବା ବୈଜ୍ଞାନିକ ନ ହେବ ସେ କଥା କିଏ କହି ପାରିବ ? ସେହି ଆଶାରେ ବାପା, ମା, ଆତ୍ମୀୟ କୁଟୁମ୍ବ ଏପରିକି ଦେଶର କୋଟି କୋଟି ଲୋକ ତୁମରି ଆଡ଼କୁ ଅନେଇ ବସିଛନ୍ତି ।

ସେମାନଙ୍କ ଆଶା ପୂରଣ ହେଉ, ଈଶ୍ୱର ତୁମ ସମସ୍ତଙ୍କୁ ଦୀର୍ଘ ପରମାୟୁ ଦିଅନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ-ମୟ ହେଉ, ଜୀବନ ସଂଗ୍ରାମରେ ଜୟୀହୁଅ । ଦେଶ ତଥା ଜାତିର ସେବା କରିବାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ତୁମମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ । ତାଙ୍କ ଶ୍ରୀଚରଣରେ ମୁଁ ସବୁଦିନେ ଏତିକି ପ୍ରାର୍ଥନା କରିଯିବି ।

—ଜ ୟ ହି ନ୍ଦ—

ସି. ଇ. ଟି. (ଏନ. ସି. ଇ. ଆର. ଟି.)
ଶ୍ରୀ ଅରବିନ୍ଦ ଆଶ୍ରମ
ଶ୍ରୀ ଅରବିନ୍ଦ ମାର୍ଗ,
ନୂଆଦିଲ୍ଲୀ-୧୧୦୦୧୬



ନିର୍ମାଣର ଶେଷ ପର୍ଯ୍ୟାୟରେ କଟକ ଷ୍ଟାର୍ ଓଭର୍ ବ୍ରିଜ୍ ।

# ଓଡ଼ିଶାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା

ଡକ୍ଟର ସୀତାକାନ୍ତ ମହାପାତ୍ର

ଭାରତର ଅଗ୍ରଗାମୀ ରାଜ୍ୟ ତୁଳନାରେ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଟିକିଏ ପଛରେ । ନିମ୍ନଲିଖିତ ପରିସଂଖ୍ୟାନ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅନଗ୍ରସରତା ସଂକ୍ରାନ୍ତରେ ସମ୍ୟକ ସୂଚନା ଦେବ ।

| ରାଜ୍ୟର ନାମ | ଶତକଡ଼ା ସାକ୍ଷରତା (୧୯୭୧) | ଶତକଡ଼ା ସାକ୍ଷରତା (୧୯୮୧) |
|---|---|---|
| କେରଳ | ୬୦·୦୦ | ୬୯·୧୭ |
| ତାମିଲନାଡୁ | ୩୯·୩୯ | ୪୫·୭୮ |
| ପଞ୍ଜାବ | ୩୩·୩୯ | ୪୦·୭୪ |
| ମହାରାଷ୍ଟ୍ର | ୩୯·୦୮ | ୪୭·୩୭ |
| ଗୁଜୁରାଟ | ୩୫·୭୭ | ୪୩·୭୫ |
| ପଶ୍ଚିମ ବଙ୍ଗ | ୩୩·୦୧ | ୪୦·୮୮ |
| କର୍ଣ୍ଣାଟକ | ୩୧·୫୪ | ୩୮·୪୧ |
| ଓଡ଼ିଶା | ୨୬·୧୨ | ୩୪·୧୨ |
| ସର୍ବଭାରତୀୟ ସାକ୍ଷରତା | ୨୯·୩୪ | ୩୬·୧୭ |

(ଆସାମ ଓ ଜାମ୍ମୁ କାଶ୍ମୀର ବ୍ୟତୀତ)

ସୁତରାଂ ଓଡ଼ିଶାକୁ ଏକ ଉନ୍ନତ, ପ୍ରଗତିଶୀଳ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ହେଲେ ସୁପରିକଳ୍ପିତ ଶିକ୍ଷା ବ୍ୟବସ୍ଥାର ଫଳପ୍ରଦ ପ୍ରବର୍ତ୍ତନ କିଭଳି ଜରୁରୀ ଏଥିରେ ଦ୍ୱିମତର ଅବକାଶ ନାହିଁ । କାରଣ ଶିକ୍ଷା ଜାତି ତଥା ଦେଶର ମୂଳପିଣ୍ଡ । ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ତଥା ଦ୍ରୁତ ଅର୍ଥନୈତିକ ପ୍ରଗତି ହାସଲ ନିମନ୍ତେ ଶିକ୍ଷାର ଭୂମିକା ଅନସ୍ୱୀକାର୍ଯ୍ୟ । ଆଜି ଯେଉଁ ଦେଶରେ ଶୈକ୍ଷିକ ପ୍ରଗତି ଯେତେ ବେଶୀ, ସେ ଦେଶ ସେତିକି ଉନ୍ନତ, ସେ ଜାତି ସେତିକି ଅଗ୍ରଗାମୀ । ସେ ଦେଶର ଅର୍ଥନୈତିକ ଓ ସାମାଜିକ ସ୍ଥିତି ସେତିକି ସୁଦୃଢ଼ ।

ଆମ ଦେଶର ଶିକ୍ଷା ବ୍ୟବସ୍ଥା ସାଧାରଣତଃ ତିନୋଟି ପର୍ଯ୍ୟାୟରେ ବିଭକ୍ତ, ଯଥା—ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ଓ ଉଚ୍ଚ ଶିକ୍ଷା । ପ୍ରାଥମିକ ଶିକ୍ଷା ଏହାର ସର୍ବନିମ୍ନ ସ୍ତର । ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ଏହା ମୂଳଦୁଆ । କହିବା ବାହୁଲ୍ୟ ଯେ ଯେଉଁ ଘରର ମୂଳଦୁଆ ଯେତିକି ସୁଦୃଢ଼ ସେ ଘର ସେତିକି ସ୍ଥାୟୀ ଓ ମଜବୁତ୍ । ସୁତରାଂ ଧନୀ ଦରିଦ୍ର, ଜାତି ଓ ବୃତ୍ତି ନିର୍ବିଶେଷରେ ସମସ୍ତେ ଆଜି ପ୍ରାଇମେରୀ ଶିକ୍ଷା ବା ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇବା ଆବଶ୍ୟକ ଓ ସେଥିପାଇଁ ସେମାନେ ହକ୍‌ଦାର । ଆମର ସମ୍ବିଧାନରେ ଏଥିପାଇଁ ସୁସ୍ପଷ୍ଟ ନିର୍ଦ୍ଦେଶ ରହିଛି । ସୁତରାଂ ଏହି ସାମ୍ବିଧାନିକ ନିର୍ଦ୍ଦେଶ ଆମର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଓ ମୌଳିକ ମୂଲ୍ୟବୋଧ ପ୍ରତି ସଜାଗ ଦୃଷ୍ଟି ରଖି ଫଳପ୍ରଦ ଭାବେ କାର୍ଯ୍ୟକାରୀ ହେବା ଉଚିତ୍ ।

ସୁସ୍ଥ ଓ ପ୍ରଗତିଗାମୀ ସମାଜ ଗଠନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମୌଳିକ ମାନବିକ ମୂଲ୍ୟବୋଧର ଦୃଢ଼ୀକରଣ ପାଇଁ ପ୍ରାଥମିକ ଶିକ୍ଷାର ସାଂପ୍ରତିକ ସୂଚୀ, ଶିକ୍ଷାଦାନ ପ୍ରଣାଳୀରେ ଯୁଗୋପଯୋଗୀ ପରିବର୍ତ୍ତନ ଓ ମୂଲ୍ୟାୟନ ମଧ୍ୟ ଜରୁରୀ । ଫଳରେ ପ୍ରାଥମିକ ତଥା ବିଦ୍ୟାଳୟ ଶିକ୍ଷା କେବଳ ଶ୍ରେଣୀ ଗୃହରେ ସୀମିତ ନ ହୋଇ ସମାଜର ଅର୍ଥନୈତିକ, ସାମାଜିକ ଓ ଅନ୍ୟାନ୍ୟ ଉନ୍ନୟନ ଯୋଜନା ସହିତ ଜଡ଼ିତ ହୋଇ ପାରିବ । ଶିକ୍ଷାର ପରିମାଣ ଓ ଗୁଣାତ୍ମକ ବିକାଶ ନିମନ୍ତେ ବିପୁଳ ପରିମାଣର ସମ୍ବଳ ଆବଶ୍ୟକ । ଏଥିପାଇଁ ସରକାରୀ ବ୍ୟବସ୍ଥା ସହିତ ସମାଜର ସ୍ୱେଚ୍ଛାକୃତ ସାହାଯ୍ୟର ମଧ୍ୟ ଆବଶ୍ୟକତା ରହିଛି । ବସ୍ତୁତଃ ପ୍ରାଥମିକ ଶିକ୍ଷାର ଯୁଗୋପଯୋଗୀ ପରିଣାତ୍ମକ ତଥା ଗୁଣାତ୍ମକ ବିକାଶରେ ସ୍ଥାନୀୟ ବ୍ୟକ୍ତି, ସମାଜ ଓ ବିଶେଷକରି ଅଭିଭାବକମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଏସଂକ୍ରାନ୍ତରେ ଶିକ୍ଷାବିତ, ଶିକ୍ଷାପ୍ରେମୀ ଜନସାଧାରଣ ଓ ଶିକ୍ଷା ଯୋଜନାକାରୀଙ୍କ ବିଜ୍ଞ ପରାମର୍ଶ ଓ ଆଲୋଚନା ଆମର ପ୍ରାଥମିକ ଶିକ୍ଷା ଯୋଜନାର ପରିବର୍ତ୍ତନ ଓ ଗୁଣାତ୍ମକ ବିକାଶ ଦିଗରେ ବିଶେଷ ସହାୟକ ହେବ ।

ଆମ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ସାର୍ବଜନୀନ ବାଧ୍ୟତାମୂଳକ ଓ ଅବୈତନିକ ପ୍ରାଥମିକ ଶିକ୍ଷା ସାରା ଦେଶରେ ୧୯୬୦ ମସିହା ସୁଦ୍ଧା ପ୍ରବର୍ତ୍ତନ କରାଯିବା କଥା ଥିଲା । ସ୍ୱାଧୀନତା ପ୍ରାପ୍ତି ପରଠାରୁ ସୀମିତ ସମ୍ବଳ ମଧ୍ୟରେ ଏହି ସାମ୍ବିଧାନିକ ଲକ୍ଷ୍ୟ ପୂରଣ ପାଇଁ ପ୍ରତ୍ୟେକ ରାଜ୍ୟ ନାନା ମତେ ଚେଷ୍ଟା ଚଳାଇ ଆସିଛନ୍ତି । ହେଲେହେଁ ଏହି ସାମ୍ବିଧାନିକ ନିର୍ଦ୍ଦେଶନା ଏ ଯାବତ୍ ଅର୍ଥନୀତିକ, ସାମାଜିକ ବହୁ କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ । ସାର୍ବଜନୀନ ପ୍ରାଥମିକ ଶିକ୍ଷାରୁ ଦେଶ ତଥା ରାଜ୍ୟରେ

କରିବା ପାଇଁ ଆମକୁ ଆହୁରି ବହୁପଥ ଅତିକ୍ରମ କରିବାକୁ ହେବ । ଏଥି ସହ ସଂଶ୍ଳିଷ୍ଟ ଐତିହାସିକ, ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଓ ଆର୍ଥିକ ବିଭିନ୍ନ ସମସ୍ୟାକୁ ସତର୍କତାର ସହିତ ବିଚାର କରି ବାସ୍ତବ କର୍ମଯୋଜନା ତଥା ସମାଧାନର ସୂତ୍ର ବାହାର କରିବାକୁ ପଡ଼ିବ। ପରିବର୍ତ୍ତିତ ସମାଜର ପୁନର୍ଗଠନ ଓ ସୁପରିକଳ୍ପନା ନିମନ୍ତେ ପ୍ରାଥମିକ ଶିକ୍ଷାକୁ ଅଧିକ ଭାବରେ ଅଂଶୀଦାର ଓ ଆଗୁଆ କରିବାକୁ ହେବ । ନୂତନ ଚେତନା, ନୂତନ ଶକ୍ତି ଓ ଗଭୀର ଆନ୍ତରିକତା ଆମକୁ ଏ କ୍ଷେତ୍ରରେ ଆଗେଇ ନେବ ।

ସୁଖର କଥା ଯେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶିକ୍ଷାଲାଭର ସୁବିଧା ସୁଯୋଗ ପ୍ରଦାନ ଓ ବିଶେଷ କରି ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ସଂପ୍ରତି ସଙ୍କଳ୍ପବଦ୍ଧ । ଏହା ଆମର ସାମାଜିକ କାର୍ଯ୍ୟକ୍ରମର ଅନ୍ୟତମ ମୌଳିକ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀଙ୍କର ୨୦ ଦଫା କାର୍ଯ୍ୟକ୍ରମ ମଧ୍ୟରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଛି । ଫଳରେ ପ୍ରାଥମିକ ଶିକ୍ଷାକୁ ସଂପ୍ରତି ଏକ ବ୍ୟାପକ ଆନ୍ଦୋଳନ ଭିତ୍ତିରେ ରୂପାୟିତ କରିବା ପାଇଁ ଆମକୁ ଯେଉଁ ସୁଯୋଗ ମିଳିଛି, ଏହା ଓଡ଼ିଶା ପକ୍ଷେ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ—ସବୁଦିଗରୁ ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ ।

୧୯୯୦ ମସିହା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାରେ ୬ରୁ ୧୧ ବର୍ଷ ବୟସ ସୀମା ମଧ୍ୟରେ ଥିବା ସମସ୍ତ ବାଳକ ବାଳିକା ଓ ୧୧ରୁ ୧୪ ବର୍ଷ ବୟସ ସୀମା ମଧ୍ୟରେ ଥିବା ଶତକଡ଼ା ୫୦ ଭାଗ କିମ୍ବା ଊର୍ଦ୍ଧ୍ୱ ବାଳକ ବାଳିକାମାନଙ୍କୁ ପ୍ରାଥମିକ ଓ ନିମ୍ନ ପ୍ରାଥମିକ ଶିକ୍ଷା ଦାନର ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଜାତୀୟ ଭିତ୍ତିରେ ଗତବର୍ଷ "ଗୁରୁ ଦିବସ" ଠାରୁ ନଭେମ୍ବର ୧୪ ତାରିଖ ଅର୍ଥାତ୍ "ଶିଶୁ ଦିବସ" ପର୍ଯ୍ୟନ୍ତ ଏକ "ପ୍ରାଥମିକ ଶିକ୍ଷା ଅଭିଯାନ" ସାରା ଦେଶରେ ଆରମ୍ଭ କରାଯାଇଥିଲା । ଆମ ରାଜ୍ୟରେ ଗତବର୍ଷ ଅଭୂତପୂର୍ବ ପ୍ରଳୟଙ୍କରୀ ବନ୍ୟା ଓ ନାନା ପ୍ରତିକୂଳ ପ୍ରାକୃତିକ ପରିସ୍ଥିତି ସତ୍ତ୍ୱେ, ଏ ଅଭିଯାନ ବହୁ ଜିଲ୍ଲାରେ ସଫଳ ହୋଇଥିଲା । କିନ୍ତୁ ଏହି ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମକୁ ଆହୁରି ବହୁ ପଥ ଅତିକ୍ରମ କରିବାକୁ ପଡ଼ିବ । ରାଜ୍ୟରେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ଯେପରି ଶିକ୍ଷା ମାଧ୍ୟମରେ ପୂରଣ ହୋଇ ପାରିବ ଓ ରାଜ୍ୟରେ ଦ୍ରୁତ ଅର୍ଥନୈତିକ, ସାମାଜିକ ଓ ଶିକ୍ଷାଗତ ଅଭିବୃଦ୍ଧି କ୍ଷେତ୍ରରେ ଶିକ୍ଷା ଯେପରି ଫଳପ୍ରଦ ଭାବେ କାର୍ଯ୍ୟ କରିବ ସେଥିପ୍ରତି ବାସ୍ତବ ଦୃଷ୍ଟିକୋଣରୁ ବିଚାର କରି ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ହେବ । ଏଥିପାଇଁ ଆମ ସମସ୍ତଙ୍କର ସହଯୋଗ ଆଜି ଅଧିକ ଲୋଡ଼ା ।

ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖ "ଗୁରୁଦିବସ" ଠାରୁ ନଭେମ୍ବର ୧୪ ତାରିଖ "ଶିଶୁଦିବସ" ପର୍ଯ୍ୟନ୍ତ ଓଡ଼ିଶାରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ ଓ ବ୍ୟାପକତର କରାଯାଉଛି । "ଛାତ୍ର ନାମ ଲେଖା ଅଭିଯାନ" ସ୍କୁଲୁ ରଖିବା, ବର୍ଷ ମଝିରୁ ପାଠପଢ଼ା ଛାଡ଼ି ଚାଲି ଯାଉଥିବା ବାଳକ ବାଳିକାମାନଙ୍କୁ ପୁଣି ସ୍କୁଲ ପରିସରଭୁକ୍ତ କରିବା, ଅତି ନିଘଞ୍ଚ ଜଙ୍ଗଲ ଓ ପାହାଡ଼ ଘେରା ନିପଟ ମଫସଲ ତଥା ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଅଭିଭାବକ, ପିତା ମାତାମାନଙ୍କୁ ବୁଝାଇ ସୁଝାଇ ସେମାନଙ୍କର ପିଲାମାନଙ୍କୁ ସ୍କୁଲରେ ନାମଲେଖାଇବା, ଝିଅପିଲାମାନଙ୍କୁ ଅଧିକ ସଂଖ୍ୟାରେ ପ୍ରାଥମିକ ସ୍କୁଲ ପରିସରଭୁକ୍ତ କରିବା ଏବଂ ପ୍ରାଥମିକ ଶିକ୍ଷାକୁ ଅଧିକ ଲୋକପ୍ରିୟ ଓ ଆକର୍ଷଣୀୟ କରି ଜନ ସହଯୋଗ ଲାଭ କରିବା ଏହି ଜାତୀୟ ଅଭିଯାନର ମୁଖ୍ୟ ଲକ୍ଷ୍ୟ ।

ଆଜିର ଏହି ଅଭିଯାନର ସଫଳତା ପାଇଁ ସଭିଙ୍କର ଦାୟିତ୍ୱ ରହିଛି । କହିବା ନିଷ୍ପ୍ରୟୋଜନ ସବୁଠୁ ବଡ଼ ଦାୟିତ୍ୱ ଶିକ୍ଷକଙ୍କର । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଶିକ୍ଷକତା କରୁଥିବା ଶିକ୍ଷକଙ୍କୁ ଏ ଦିଗରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । ଯେଉଁ ବାପ ମା ପିଲାଙ୍କୁ ସ୍କୁଲକୁ ନ ପଠାଉଛନ୍ତି, ସେମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାକୁ ପଡ଼ିବ । ଥରେ, ଦୁଇଥର ହୁଏତ ପାଞ୍ଚଥର ବୁଝାଇବାକୁ ପଡ଼ିବ । ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ସ୍ଥାନୀୟ ଜନ ନେତା, ସମାଜ ସେବୀ ଓ ଅଭିଭାବକମାନଙ୍କୁ ଏ ଦିଗରେ ଯଥେଷ୍ଟ ଉଦ୍ୟମ କରିବାକୁ ହେବ । କେବଳ ଶିକ୍ଷକ ସମାଜ ଉପରେ ସବୁତକ ଦାୟିତ୍ୱ ଲଦିଦେଇ ବସିଗଲେ ଠିକ୍ ହେବନାହିଁ ।

ମୋର ଦୃଢ଼ ବିଶ୍ୱାସ ସଂପୃକ୍ତ ଅଞ୍ଚଳର ସ୍କୁଲ ସବ୍-ଇନ୍ସ୍‌ପେକ୍ଟର, ଶିକ୍ଷା ପ୍ରେମୀ ଜନସାଧାରଣ, ମାନ୍ୟବର ବିଧାୟକ ଓ ଶିକ୍ଷକମାନଙ୍କ ମିଳିତ ଚେଷ୍ଟାରେ ଓଡ଼ିଶାର ସର୍ବତ୍ର ଓ ବିଶେଷକରି ଆଦିବାସୀ ଅଧ୍ୟୁଷିତ କୋରାପୁଟ, କଳାହାଣ୍ଡି, ଫୁଲବାଣୀ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଏହି ଅଭିଯାନ ଉତ୍ସାହପ୍ରଦ ହେବା ସଙ୍ଗେ ସଙ୍ଗେ ସର୍ବାଙ୍ଗୀନ ସଫଳତା ଲାଭ କରିବ ।

ରାଜ୍ୟରୁ ଅଶିକ୍ଷା, ନିରକ୍ଷରତା ଓ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଆମର ନମସ୍ୟ ଶିକ୍ଷକ ସମାଜ ନୈତିକ ପ୍ରଭାବ ଓ ଉତ୍ସାହ ପ୍ରଦାନ କରି ଚଳିତ ବର୍ଷ ଏ 'ଜାତୀୟ ଅଭିଯାନ"କୁ ସଫଳ କରାନ୍ତୁ—ଏଥିପାଇଁ ପୁଣିଥରେ ସେମାନଙ୍କୁ ବିନମ୍ର ନିବେଦନ ।

ଶିକ୍ଷା ଶାସନ ସଚିବ, ଓଡ଼ିଶା

# ଭାଗବତ ଧର୍ମ, ଅତିବଡ଼ୀ ଓ ଶ୍ରୀଜଗନ୍ନାଥ

ଶ୍ରୀ ନାରାୟଣ ସାହୁ

ଭାଗବତ ଧର୍ମ, ଅତିବଡ଼ୀ ଜଗନ୍ନାଥ ଦାସ ଓ ଶ୍ରୀଜଗନ୍ନାଥ ଓତଃପ୍ରୋତଭାବେ ଜଡ଼ିତ । ଶ୍ରୀଜଗନ୍ନାଥ ପରମ ଭାଗବତମୟ ଓ ବିଶ୍ୱର ସକଳ ଧର୍ମ ଦର୍ଶନର ସମନ୍ୱିତ ବିଗ୍ରହ । ବିଶ୍ୱର ସକଳ ଧର୍ମ ଦର୍ଶନର ଚରମ ଲକ୍ଷ୍ୟ ମୋକ୍ଷ ବା ମୁକ୍ତି ଚେତନା । ଜଗନ୍ନାଥଙ୍କ ଚରଣରେ ଆତ୍ମ ସମର୍ପଣ, ତାଙ୍କ ନାମ ସ୍ମରଣ ଓ ଆଦର୍ଶ ନୀତିମୟ ଜୀବନଯାପନ ଦ୍ୱାରା ଏ ଲକ୍ଷ୍ୟ କେତେକାଂଶରେ ଚରିତାର୍ଥ ହୋଇଥାଏ । ଏଇଥିପାଇଁ ଭାରତୀୟ ଧର୍ମଧାରାରେ ୧୬ଶ ଶତାବ୍ଦୀରେ କେତେକ ସାଧୁସନ୍ଥଙ୍କ ଦ୍ୱାରା ଭକ୍ତି ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ତନ୍ମଧ୍ୟରୁ ପୂର୍ବ ଭାରତରେ ଶଙ୍କର ଦାସ, ପଶ୍ଚିମ ଭାରତରେ ଏକନାଥ, ନରହରି, ନାମଦେବ ଓ ତୁକାରାମ, ଦକ୍ଷିଣ ଭାରତରେ ପୋତନା, ଶ୍ରୀନାଥ, ଉତ୍ତର ଭାରତରେ ସୁରଦାସ, ମୀରା, ତୁଳସୀଦାସ, କବୀର, ନାନକ, ଦକ୍ଷିଣ ପୂର୍ବ ଭାରତରେ ଚୈତନ୍ୟ, ନିତ୍ୟାନନ୍ଦ, ରାମାନନ୍ଦ ଓ ଓଡ଼ିଶାର ପଞ୍ଚସଖା ଅଗ୍ରଗଣ୍ୟ । ପଞ୍ଚସଖାଙ୍କ ମଧ୍ୟରେ ଜଗନ୍ନାଥ ଦାସଙ୍କ ସ୍ଥାନ ଶୀର୍ଷରେ । କାରଣ ତାଙ୍କ ରଚିତ ଓଡ଼ିଆ ଭାଗବତ ଭାରତରେ ସୁପରିଚିତ ଓ ଜନସାଧାରଣଙ୍କର ମୁକ୍ତି ଚେତନାର ପ୍ରତୀକ ।

ଶ୍ରୀଜଗନ୍ନାଥ ହିଁ ଅବତାରୀ । ଯୁଗେ ଯୁଗେ ଅବତାର ତାଙ୍କଠାରୁ ପ୍ରସୂତ । ସତ୍ୟରେ ସେ ବିଷ୍ଣୁ ବା ନାରାୟଣ, ତ୍ରେତାରେ ସେ ଶ୍ରୀରାମ, ଦ୍ୱାପରରେ ସେ ଶ୍ରୀକୃଷ୍ଣ ଓ କଳିରେ ସେ ଶ୍ରୀଜଗନ୍ନାଥ । ଜଗତକର୍ତ୍ତାଙ୍କୁ ହିନ୍ଦୁମାନେ ବିଷ୍ଣୁ, ଇହୁଦିମାନେ ଜିହୋଭା, ଖ୍ରୀଷ୍ଟିଆନମାନେ ଯୀଶୁ ଓ ମୁସଲମାନମାନେ ଆଲ୍ଲା ବୋଲି କହିଥାଆନ୍ତି । ଜଗତ କର୍ତ୍ତାହିଁ ମୁକ୍ତିର ହେତୁ ଓ ଭାଗବତମୟ ।

## ଭାଗବତ ଧର୍ମର ଉତ୍ପତ୍ତି

ଇତିହାସରେ ଭାଗବତ ଧର୍ମ—

(କ) ବିଶ୍ୱଇତିହାସ:–ଭାଗବତର ଠାକୁର ଜଗତ କର୍ତ୍ତା ଶ୍ରୀଜଗନ୍ନାଥ [ବା ବିଷ୍ଣୁ (ବିଶ+ନୁ) ବା ବାସୁଦେବ ବା ବିଶ୍ୱବ୍ୟାପୀ]

(୧) ବିଷ୍ଣୁଙ୍କ ଧର୍ମକୁ ବୈଷ୍ଣବ ଧର୍ମ ଓ ବୈଷ୍ଣବ ଧର୍ମକୁ ଭାଗବତ ଧର୍ମ କୁହାଯାଏ । ଋକ୍‌ବେଦ ବିଶ୍ୱଇତିହାସରେ ପ୍ରାଚୀନତମ ଗ୍ରନ୍ଥ । ଋକ୍‌ବେଦରେ ପ୍ରଥମେ ଯେଉଁ ୧୧ଜଣ ଦେବତାଙ୍କ ନାମ ମିଳେ ତନ୍ମଧ୍ୟରୁ ବିଷ୍ଣୁ ଅନ୍ୟତମ । ପରେ ୧୧×୩=୩୩×କୋଟି=୩୩ କୋଟି ସଂଖ୍ୟାରେ [illegible] ।

(୨) ପାଣିନିଙ୍କ ସମୟରେ (ଖ୍ରୀ: ପୂ: ୫୦୦) ବିଷ୍ଣୁ ବା ବାସୁଦେବଙ୍କ ପୂଜାର ପ୍ରସିଦ୍ଧି ଥିଲା ।

(୩) ଗ୍ରୀକ୍ ରାଜଦୂତ ହେଲିଓଡୋରସ (ଖ୍ରୀ: ପୂ: ୨୦୦) ନିଜକୁ 'ଭାଗବତ' କହି ଗୌରବାନ୍ୱିତ ମନେ କରୁଥିଲେ ।

(୪) ବିଷ୍ଣୁ ଯୁଗେ ଯୁଗେ ଧରାଧାମରେ ଅବତାର ଗ୍ରହଣ କରିଥାନ୍ତି । ବେଦରେ ସୂର୍ଯ୍ୟର ମିତ୍ର ବରୁଣ ନାମରେ ବିଷ୍ଣୁଙ୍କ ରଥ ।

(ଖ) ଭାରତ ଇତିହାସ:—ଜଗତନାଥ ବ୍ରହ୍ମଭାବେ ବିଶ୍ୱକୁ ସୃଷ୍ଟି କରି, ବିଷ୍ଣୁଭାବେ ପାଳନ କରି, ମହେଶ୍ୱର (ଶିବ) ଭାବେ ବିନାଶ କରିଥାନ୍ତି । ଅଷ୍ଟାଦଶ ମହା-ପୁରାଣ ଏହାକୁ କେନ୍ଦ୍ର କରି ସୃଷ୍ଟି । ବ୍ରହ୍ମାଙ୍କ ପାଇଁ ବ୍ରହ୍ମାଣ୍ଡ, ବ୍ରହ୍ମବୈବର୍ତ୍ତ, ବ୍ରହ୍ମ, ବାମନ, ଭବିଷ୍ୟ ଓ ମାର୍କଣ୍ଡ ପୁରାଣ; ବିଷ୍ଣୁଙ୍କ ପାଇଁ ବିଷ୍ଣୁ, ଭାଗବତ, ଗରୁଡ଼, ପଦ୍ମ ବରାହ ଓ ନାରଦୀୟ ପୁରାଣ ଏବଂ ମହେଶ୍ୱରଙ୍କ (ଶିବ) ପାଇଁ ଲିଙ୍ଗ, ସ୍କନ୍ଦ, ଅଗ୍ନି, ବାୟୁ, ମତ୍ସ୍ୟ କୂର୍ମ ପୁରାଣ ରଚିତ ।

(୨) ତିନିଙ୍କ ମଧ୍ୟରୁ ବିଷ୍ଣୁ ଜନତାର ଠାକୁର । ସେ ଜନତାର ସୁଖଦୁଃଖରେ ଭାଗ ନେଇଥାନ୍ତି । ମଣିଷ ଭାବେ ବିଶ୍ୱରେ ଅବତାର ନେଇଥାନ୍ତି । ଏଣୁ ସେ ସମାଜରେ ଅତି ଆପଣାର ।

(୩) ରାମାୟଣରେ ଶ୍ରୀରାମ ଓ ମହାଭାରତରେ ଶ୍ରୀକୃଷ୍ଣଙ୍କ ଲୀଳା ରୂପାୟିତ ।

(୪) ଖ୍ରୀ: ଚତୁର୍ଥ ଶତାବ୍ଦୀରେ ଚନ୍ଦ୍ରଗୁପ୍ତ (୨) ଗୁପ୍ତ ସମ୍ରାଟଗଣ ନିଜେ ନିଜେ ପରମ ଭାଗବତ ଉପାଧି ଧାରଣ କରିଥିଲେ ।

(୫) ୮ମ ଶତାବ୍ଦୀରେ ଦକ୍ଷିଣ ଭାରତରେ ଅଲୱାର ପନ୍ଥୀ, ୧୦ମ. ଶତାବ୍ଦୀରେ ରାମାନୁଜ, ମାଧ୍ୱାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ନିମ୍ବାର୍କ; ୧୨ଶ ଶତାବ୍ଦୀରେ ଜୟଦେବ ଓ ୧୬ଶ ଶତାବ୍ଦୀରେ ଚୈତନ୍ୟ, ପଞ୍ଚସଖା, ମୀରା, ନାନକ, କବୀର, ଏକନାଥ, ଶଙ୍କର ଦାସ ପ୍ରଭୃତି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ ।

(୬) ମରହଟ୍ଟା ଛତ୍ରପତି 'ଶିବାଜୀଙ୍କୁ' ପରମ ଭାଗବତ ଭାବେ ଗୁରୁ ସନ୍ଥ ତୁକାରାମ ରୂପାୟିତ କରିଥିଲେ ।

ଓଡ଼ିଶା ଇତିହାସ:—ବୈଷ୍ଣବ ଧର୍ମ ବା ଭାଗବତ ଧର୍ମର ପ୍ରଚାର ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ହୋଇଥିଲା ।

(୧) ଖ୍ରୀ: ୫ମ ଶତାବ୍ଦୀରେ ମାଠରବଂଶୀ ପରମ-ଦୈବତ, ପରମ ଭାଗବତ ରାଜାଗଣ ହସ୍ତୀବର୍ମା, ଉମାବର୍ମା ପ୍ରଭୃତି ପ୍ରଥମେ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ ।

(୨) ନନ୍ଦବଂଶ ରାଜା ସ୍କନ୍ଦବର୍ମା (ଖ୍ରୀ: ୫ମ ଶତାବ୍ଦୀ) ବିଷ୍ଣୁଙ୍କର ଏକ ପାଦପୀଠ ନିର୍ମାଣ କରିଥିଲେ ।

(୩) ସୋମବଂଶୀ ରାଜାମାନେ ପରମ ବୈଷ୍ଣବ, ପରମ ଭାଗବତ ଉପାଧିରେ ଭୂଷିତ ହୋଇଥିଲେ । ରାଣୀ ବା ସତୀ ଓ ପୁତ୍ର ମହାଭବଗୁପ୍ତ ଭାଗବତ ବା ବୈଷ୍ଣବ ଥିଲେ ।

(୪) ଶୈଳୋଦ୍ଭବ ତାମ୍ରଶାସନରେ ବାମନାବତାର ବର୍ଣ୍ଣିତ ।

(୫) ଭୌମକର ବଂଶୀ (ଖ୍ରୀ: ୬୪୦—୯୪୦) ରାଜାଗଣ ପରମ ଭାଗବତ, ପରମ ମାହେଶ୍ୱର ଓ ପରମ ସୌଗତ ଥିଲେ ।

(୬) ଯଯାତି କେଶରୀ (୬ଷ୍ଠ ଶତାବ୍ଦୀ) ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉଦ୍ୟମ କରିଥିଲେ ।

(୭) ଗଙ୍ଗବଂଶ (ଖ୍ରୀ: ୧୦୪୨—୧୪୩୫), ସୂର୍ଯ୍ୟବଂଶ ଖ୍ରୀ: (୧୪୩୫—୧୫୩୪) ଓ ଭୋଇବଂଶ (୧୫୩୪—୧୫୬୮) ରାଜବଂଶ ପରମ-ବୈଷ୍ଣବ ଥିଲେ ଓ ଭାଗବତ ଧର୍ମ ପ୍ରଚାର ଓ ପ୍ରସାର କରିଥିଲେ । ଗଙ୍ଗବଂଶୀ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ହୋଇଥିଲା ଓ ସେ ବିଶୁଦ୍ଧ ହିନ୍ଦୁ ଦେବତା ଭାବେ ପୂଜିତ ହେଉଥିଲେ । ସୂର୍ଯ୍ୟବଂଶୀ ରାଜା ପ୍ରତାପରୁଦ୍ର ଦେବ (ଖ୍ରୀ: ୧୪୯୫—୧୫୩୨)ଙ୍କ ସମୟରେ ଶ୍ରୀଚୈତନ୍ୟ ଓ ପଞ୍ଚସଖାଙ୍କ ପ୍ରଭାବରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବୈଷ୍ଣବ ବା ଭାଗବତ ଧର୍ମର ଚରମ ପ୍ରଚାର ଓଡ଼ିଶା ଓ ଓଡ଼ିଶା ବାହାରେ ଆରମ୍ଭ ହେଲା । ଶ୍ରୀଜଗନ୍ନାଥ ବିଷ୍ଣୁ ବା ଭାଗବତ ବା ବାସୁଦେବ-ଭାବେ ପୂଜିତ ହେବା ସଙ୍ଗେ ସଙ୍ଗେ ବୈଦିକ ଅନାର୍ଯ୍ୟ, ଆର୍ଯ୍ୟ, ଜୈନ, ବୌଦ୍ଧ, ସୌର, ଗାଣପତ୍ୟ, ଶୈବ, ଶାକ୍ତ, ତାନ୍ତ୍ରିକ, ନିରାକାର, ସାକାର ପ୍ରଭୃତି ସଂପ୍ରଦାୟର ସଂଗ୍ରହ ଓ ପୋଷଣର ସମନ୍ୱୟ ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ ହେଲା । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚିତ ହୋଇ ଉତ୍କଳ ତଥା ଉତ୍କଳ ବାହାରେ ପ୍ରଚାରିତ ହେଲା ଓ ଭାଗବତ-ଟୁଙ୍ଗୀ ଗ୍ରାମେ ଗ୍ରାମେ ଜନ୍ମଲାଭ କଲା । ଶ୍ରୀଜଗନ୍ନାଥ ପରମ ଭାଗବତ ଭାବେ ପୂଜିତ ହେଲେ ।

## ସାହିତ୍ୟରେ ଭାଗବତ ଧର୍ମ

(କ) ବିଶ୍ୱ ସାହିତ୍ୟ:—ବେଦ ବିଶ୍ୱର ପ୍ରାଚୀନ ସାହିତ୍ୟ । ଋକ୍ ବେଦରେ ବିଷ୍ଣୁଙ୍କ ସ୍ତୋତ୍ରାଦିର ବର୍ଣ୍ଣନା ଭାଗବତ ବା ବାସୁଦେବଙ୍କ ଆରାଧନାର ପ୍ରଥମ ସଙ୍କେତ ଭାବେ ସୂଚିତ ।

(ଖ) ଭାରତ ସାହିତ୍ୟ:—ଭାରତୀୟ ସାହିତ୍ୟ ଭାଗବତ ଧର୍ମ ସାହିତ୍ୟରେ ସମୃଦ୍ଧ ।

(୧) ଭାରତରେ ବୈଦିକ ସଂସ୍କୃତ, ପାଣିନୀ ସଂସ୍କୃତ ଓ ଲୌକିକ ସଂସ୍କୃତ ସାହିତ୍ୟରେ ବିଷ୍ଣୁ ବା ବାସୁଦେବ ବା ଭାଗବତଙ୍କ ପୂଜା ସ୍ତୋତ୍ରାଦି ବର୍ଣ୍ଣିତ ।

(୨) ହିନ୍ଦୀ ସାହିତ୍ୟରେ 'ଭକ୍ତିକାଳ' (ଖ୍ରୀ: ୧୩୭୫—୧୭୦୦)ରେ ତୁଳସୀ ଦାସଙ୍କ ଦ୍ୱାରା ବୈଷ୍ଣବ ରାମ ସାହିତ୍ୟ ଓ ସୁର ଦାସ ପ୍ରଭୃତିଙ୍କ ଦ୍ୱାରା ବୈଷ୍ଣବ କୃଷ୍ଣ ସାହିତ୍ୟ ସମୃଦ୍ଧ ଓ ପ୍ରଚାରିତ ।

(୩) ଆସାମୀ ସାହିତ୍ୟରେ 'ବୈଷ୍ଣବ ଯୁଗ' (ଖ୍ରୀ: ୧୫—୧୬ଶ ଶତାବ୍ଦୀ)ର ମୁଖ୍ୟ କର୍ଣ୍ଣଧାର ଶଙ୍କର ଦାସ ଜଗନ୍ନାଥଙ୍କ ଓଡ଼ିଆ ଭାଗବତ ଆସାମୀ ଲିପିରେ ପ୍ରଚାରିତ । ଓଡ଼ିଶାରେ ଭାଗବତ ଟୁଙ୍ଗୀ ପରି ଆସାମର ଗ୍ରାମେ ଗ୍ରାମେ 'ନାମଘର' ପ୍ରତିଷ୍ଠିତ ।

(୪) କନ୍ନଡ଼ ସାହିତ୍ୟର ବୈଷ୍ଣବ ଯୁଗ (ଖ୍ରୀ: ୧୫ଶ—୧୮ଶ ଶତାବ୍ଦୀ) ରେ କୁମାର ବ୍ୟାସଙ୍କ 'ଭାଗବତ' କୃଷ୍ଣ ସାହିତ୍ୟର ଚରମ ବିକାଶ ।

(୫) କାଶ୍ମୀରୀ ସାହିତ୍ୟରେ 'ମାନବିକ ଯୁଗ' (ଖ୍ରୀ: ୧୫ଶ—୧୮ଶ ଶତାବ୍ଦୀ) ରୂପଭବାନୀଙ୍କ 'ଗୀତାବଳୀ' ଭକ୍ତିରସରେ ପରିପୂର୍ଣ୍ଣ ।

(୬) ଗୁଜୁରାଟୀ ସାହିତ୍ୟରେ 'ଭକ୍ତିବାଦ ଯୁଗ' (ଖ୍ରୀ: ୧୫ଶ—୧୮ଶ ଶତାବ୍ଦୀ) 'ମୀରା' ପ୍ରଭୃତିଙ୍କ ରଚନାରେ ବୈଷ୍ଣବ ସାହିତ୍ୟ ସମୃଦ୍ଧ ।

(୭) ତାମିଲ ସାହିତ୍ୟରେ ବୈଷ୍ଣବ ଯୁଗ 'ଅଲୱାର' (୧୨ ମୁନି) ଯୁଗ ରୂପେ କଥିତ (ଖ୍ରୀ: ୧୨ଶ—୧୫ଶ ଶତାବ୍ଦୀ) ଏ ଯୁଗରେ ଦିବ୍ୟ ପ୍ରବନ୍ଧ ଏକ ପ୍ରାମାଣିକ ବୈଷ୍ଣବଗ୍ରନ୍ଥ ।

(୮) ତେଲୁଗୁ ସାହିତ୍ୟରେ 'ବୈଷ୍ଣବ ଯୁଗ' (ଖ୍ରୀ: ୧୫ଶ—୧୭ଶ ଶତାବ୍ଦୀ) ପୋତନାଙ୍କ ରଚିତ ତେଲୁଗୁ ଭାଗବତ ଆନ୍ଧ୍ରର ଘରେ ଘରେ ପରିଚିତ ।

(୯) ପଞ୍ଜାବୀ ସାହିତ୍ୟରେ 'ଶିଖ ଧର୍ମ ଯୁଗ' (ଖ୍ରୀ: ୧୫ଶ—୧୮ଶ ଶତାବ୍ଦୀ)ରେ 'ଗ୍ରନ୍ଥ ସାହେବ' ଲିଖିତ; କବୀର ନାନକଙ୍କ ଅବଦାନ ଅନବଦ୍ୟ ।

(୧୦) ବଙ୍ଗଳା ସାହିତ୍ୟରେ 'ବୈଷ୍ଣବ' ବା 'ଚୈତନ୍ୟ ଯୁଗ' (ଖ୍ରୀ: ୧୬ଶ-୧୭ଶ ଶତାବ୍ଦୀ) ରେ ବିବିଧ ଲେଖକଙ୍କ ଦ୍ୱାରା ବୈଷ୍ଣବ ସାହିତ୍ୟ ସମୃଦ୍ଧ ।

(୧୧) ମହାରାଷ୍ଟ୍ରୀ ସାହିତ୍ୟରେ 'ଧାର୍ମିକ ଯୁଗ' (ମରାଠୀ ଯୁଗ) (ଖ୍ରୀ: ୧୬୦୦-୧୭୦୦)ରେ ସନ୍ଥ ତୁକାରାମଙ୍କ ଭାଗବତ ପାଇଁ ଅବଦାନ ଚରମ । ଶିଷ୍ୟ ଛତ୍ରପତି ଶିବାଜୀଙ୍କୁ ସେ ପରମ ଭାଗବତ କରି ଗଢ଼ି ତୋଳିଥିଲେ ।

(୧୨) ତୁକାରାମଙ୍କ ବ୍ୟତୀତ ନାମଦେବ, ଏକନାଥ, ବିଶୋପନ୍ଥ, ରାମ ଦାସ ପ୍ରଭୃତିଙ୍କ ଅବଦାନ ବୈଷ୍ଣବ ସାହିତ୍ୟ ପ୍ରତି ଅତୁଳନୀୟ । ମାଲୟାଲମ୍ ସାହିତ୍ୟରେ ଲୀଳାତିଳକମ୍ ବା ଭକ୍ତିଯୁଗ (ଖ୍ରୀ: ୧୫ଶ-୧୭ଶ ଶତାବ୍ଦୀ) ମାଲବାର ବଂଶୀ ରାଜାଙ୍କ ପୃଷ୍ଠପୋଷକତାରେ ସମୃଦ୍ଧ । ଏ ଯୁଗରେ ଭାଗବତର ମାଲୟାଲୀ ପଦ୍ୟାନୁବାଦର ନାମ 'କୃଷ୍ଣ ଗାଥା' ।

## (ଗ) ଓଡ଼ିଆ ସାହିତ୍ୟ ଓ ଅଡିବଡୀ


ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଯୁଗ, ବୈଷ୍ଣବ ଯୁଗ ବା ଜଗନ୍ନାଥ ଯୁଗ (ଖ୍ରୀ: ୧୬ଶ-୧୬୫୦)ରେ ଶ୍ରୀଚୈତନ୍ୟ ଓ ପଞ୍ଚସଖା-ଜଗନ୍ନାଥ, ବଳରାମ, ଯଶୋବନ୍ତ, ଅଚ୍ୟୁତ ଓ ଅନନ୍ତଙ୍କ ଦ୍ୱାରା ସମୃଦ୍ଧ । ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଉତ୍କଳର ଘରେ ଘରେ ପଠିତ ଓ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀ ସ୍ଥାପିତ । ଗଜପତି ପ୍ରତାପରୁଦ୍ରଙ୍କ ଦ୍ୱାରା ଭାଗବତ ଧର୍ମର ଚରମ ବିକାଶ ଓ ପ୍ରସାର ସମ୍ଭବ ହୋଇଛି । ଏହା ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗଭାବେ ପରିଚିତ । ଶ୍ରୀଜଗନ୍ନାଥ:-ଭାଗବତ ଶ୍ରୀଜଗନ୍ନାଥ ବା ବିରାଟ ପୁରୁଷଙ୍କ ସ୍ୱରୂପ ବା ଅଙ୍ଗମୟ । ଦ୍ୱାଦଶସ୍କନ୍ଧ ଯଥାକ୍ରମେ ତାଙ୍କର ୧-ବାମ ପାଦ, ୨-ଦକ୍ଷିଣ ପାଦ, ୩-ଦକ୍ଷିଣ ଗୋଡ଼, ୪-ବାମ ଗୋଡ଼, ୫-ନାଭି, ୬-ଉଦର, ୭-ବାମ ବାହୁ, ୮-ଡାହାଣ ବାହୁ, ୯-କକ୍ଷ ୧୦-ହୃଦୟ, କଣ୍ଠ, ୧୧-ମସ୍ତିଷ୍କ, ମୁଖ, ଓ ୧୨-ସହସ୍ରାର ଓ ଶରୀର ବିସ୍ତାର ।

ଭାଗବତର ଉଦ୍ଭବ ଶ୍ରୀଜଗନ୍ନାଥଙ୍କଠାରୁ-ଶ୍ରୀଜଗନ୍ନାଥଙ୍କ ଅଙ୍ଗରୁ ବିଦ୍ରୁଜାତ । କିନ୍ତୁ ୩ ଭାଗରେ ବିଭକ୍ତ ହୋଇ ତ୍ରିବୀଜ ଓ ତ୍ରିଦେବଙ୍କ ସୃଷ୍ଟି । ତିନିରୁ ନାମ ବ୍ରହ୍ମ ବା ଶବ୍ଦବ୍ରହ୍ମ ସୃଷ୍ଟି ହୋଇଛନ୍ତି । ଶବ୍ଦବ୍ରହ୍ମ ମହା-ଶୂନ୍ୟରୁ ଶୂନ୍ୟ ପ୍ରଣବ, ତହିଁରୁ ଓଁକାର, ଓଁ ଏକାକ୍ଷର ଜାତ । ଓଁକାରରୁ ନାମ ଓ ନାମରୁ ବେଦ ଜାତ । ବେଦରୁ ଶାସ୍ତ୍ରାଦି ଜାତ । ଏକାକ୍ଷର ଅନନ୍ତ ମୁଖରୁ ଜାତ । ତା' ସେ ପ୍ରଥମେ ବାସୁକୀକୁ ଦେଲେ, ବାସୁକୀ ବ୍ରହ୍ମାକୁ ଦେଲେ, ବ୍ରହ୍ମା ନାରଦଙ୍କୁ ଦେଲେ, ନାରଦ ବ୍ୟାସଙ୍କୁ ଦେଲେ, ବ୍ୟାସଙ୍କଠାରୁ ଶୁକ, ଶୁକଙ୍କଠାରୁ ପରୀକ୍ଷିତ, ପରୀକ୍ଷିତଙ୍କଠାରୁ ସୁତଶୌନକ, ଶୌନକଙ୍କଠାରୁ ମୈତ୍ରେୟ ଓ ମୈତ୍ରେୟଙ୍କଠାରୁ ବିଦୁର ଭାଗବତ ନାମ ଗ୍ରହଣ କଲେ ।

ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଶାରେ ବୈଷ୍ଣବ ବା ପଞ୍ଚସଖା ଯୁଗରେ ଜଗନ୍ନାଥ ଦାସଙ୍କ ଭାଗବତ ଜରିଆରେ ଓ ଚୈତନ୍ୟଙ୍କ ନାମ ମାଧ୍ୟମରେ ଭାଗବତ ଧର୍ମର ଚରମ ପ୍ରଚାର ହୋଇଛି ।

ଭାଗବତ ଧର୍ମ ଏକ ସୁପ୍ରତିଷ୍ଠିତ ଧର୍ମଧାରା । ବୈଦିକ ଯୁଗରୁ ଏ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ଭାଗବତମୟ କୁହା ଯାଇଛି । ଉତ୍କଳର ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ସରକାରୀ ତଥା ବେସରକାରୀ ସ୍ତରରେ ଉଦ୍ୟମ କରାଗଲେ ଭାଗବତକାର ଜଗନ୍ନାଥ ଦାସ ଓ ଶ୍ରୀଜଗନ୍ନାଥଙ୍କ ପାଇଁ ଉଚିତ ସେବା କରିବାର ସୁଯୋଗ ମିଳି ପାରନ୍ତା ।

ଶ୍ରୀମନ୍ଦିର ଭ୍ରମର ସେବକ,
ଝାଞ୍ଜପିଟା ମଠ
ପୁରୀ



# ବୃତ୍ତିଗତ ମାର୍ଗଦର୍ଶନ ଓ ବିଦ୍ୟାଳୟ କାର୍ଯ୍ୟକ୍ରମ

ଶ୍ରୀ ଧ୍ରୁବ ଚରଣ ମିଶ୍ର

ସରକାରୀ ବା ବେସରକାରୀ ଅନୁଷ୍ଠାନମାନଙ୍କରେ ଆଜି କାଲି ଖଣ୍ଡେ ଚାକିରୀ ପାଇଁ କେତେ ଭିଡ଼, ଧାଁ ଦଉଡ଼ ଆପଣ ମାନେ ଜାଣିଥିବେ । କୌଣସି ଖବର କାଗଜରେ ଚାକିରୀ ବିଷୟରେ ବିଜ୍ଞାପନ ପ୍ରକାଶ ପାଇଲେ ଏଥିପାଇଁ ନିମ୍ନତମ ଆବଶ୍ୟକ ଯୋଗ୍ୟତାଠାରୁ ଆରମ୍ଭକରି ବହୁତ ଉଚ୍ଚ ଯୋଗ୍ୟତା ସଂପନ୍ନ ବ୍ୟକ୍ତିଙ୍କର ଦରଖାସ୍ତ ଆସୁଛି । ଏପରିକି ଗୋଟିଏ ପିଅନ ଚାକିରୀ ପାଇଁ ହଜାର ହଜାର ଦରଖାସ୍ତ ମିଳୁଥିବାର ଉଦାହରଣ ବିରଳ ନୁହେଁ । ପ୍ରତିଦିନ କର୍ମ ଯୋଗାଣ ଅଫିସରେ ତଥା ବଡ଼ ବଡ଼ ଶିଳ୍ପାନୁଷ୍ଠାନମାନଙ୍କରେ ଚାକିରୀ ପାଇଁ ଖରା ବରଷା ନ ମାନି ଆମର ଯୁବକ ବନ୍ଧୁମାନେ ପାଗଳ ପରି ଘୁରି ବୁଲିବାର ଆପଣମାନେ ଦେଖୁଥିବେ । ଅନ୍ୟ ଦିଗରେ ମାଟ୍ରିକ ପାଶ୍ କରୁଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଜ୍ୟାମିତିକ ଅଭିବୃଦ୍ଧି ହାରରେ ଆଗେଇ ଚାଲିଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ କଲେଜକୁ ଯାଉଥିବେ ଓ ଅନ୍ୟମାନେ ଛୋଟ ଛୋଟ ଅପେକ୍ଷାକୃତ ଛୋଟ ବଡ଼ ସହରମାନଙ୍କରେ ରାସ୍ତାଘାଟରେ ଦୁର୍ଭାଗ୍ୟର ଘୋର ଅନ୍ଧକାର ମଧ୍ୟରେ କାଳ ଯାପନ କରୁଥିବେ । କଲେଜ ଓ ବିଶ୍ୱ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କ ଅବସ୍ଥା ମଧ୍ୟ ସହଜରେ ଅନୁମେୟ । ଏ ହେଲା ଆଜିର ଶିକ୍ଷିତ ବେକାର ସମସ୍ୟା । ଏ ସମସ୍ୟା ସାରା ଭାରତର ଅର୍ଥନୀତିକୁ ଦୁର୍ବଳ କରି ଦେଉଛି । ଓଡ଼ିଶା ପରି ଏକ ବିକାଶୋନ୍ମୁଖୀ ରାଜ୍ୟ ପକ୍ଷରେ ଏ ସମସ୍ୟା ଯେପରି ଅଧିକରୁ ଅଧିକ ଜଟିଳତର ନହୁଏ ସେଥିପ୍ରତି ଜନସାଧାରଣ ସଜାଗ ରହିବା ଆବଶ୍ୟକ ।

ଓଡ଼ିଶାରେ ବର୍ତ୍ତମାନ ଶିଳ୍ପର ବିକାଶ ହେତୁ ସରକାରଙ୍କ ଚେଷ୍ଟାରେ କୋଟି କୋଟି ଟଙ୍କାର ମୂଳଧନ ବିନିଯୋଗ କରାଯାଇ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରା ଯାଉଛି । ଏ ଅବସରରେ କର୍ମ ଯୋଗାଣ ଭିତ୍ତିକୁ ଆଖି ଆଗରେ ରଖି ସାଧାରଣ ଶିକ୍ଷା ସହିତ ଯୁକ୍ତ(+୨) ଶିକ୍ଷା ବ୍ୟବସ୍ଥାକୁ ସରକାର କାର୍ଯ୍ୟକାରୀ କରାଉଛନ୍ତି । ଏ ପ୍ରକାର ବୃତ୍ତିଗତ ଶିକ୍ଷା ହାସଲକଲେ ଶିଳ୍ପ ବିକାଶ ମାଧ୍ୟମରେ ଶିଳ୍ପଭିତ୍ତିକ କେତେକ ବୃତ୍ତିଗତ ଧନ୍ଦାରେ ଶିକ୍ଷିତ ଯୁବକମାନେ ଯୋଗଦେଇ ପାରିବେ । ଆତ୍ମନିଯୁକ୍ତି କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମକୁ ସରଳ କରାଯାଇ ଲୋକମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଇ ପାରିବ । ଏହା ବ୍ୟତୀତ ରାଜ୍ୟର ଅନେକଗୁଡ଼ିଏ ଶିଳ୍ପସଂସ୍ଥାର ଅଣକୁଶଳୀ, ଅର୍ଦ୍ଧ କୁଶଳୀ ଓ କୁଶଳୀ କାରିଗରମାନଙ୍କର ଆବଶ୍ୟକତା ରହିଛି ।

## ଶିକ୍ଷାଗତ ଯୋଗ୍ୟତା

ଆଜିର ଯୁବକମାନେ ମନେରଖିବା ଉଚିତ୍ ଯେ କେତେକ ନିର୍ଦ୍ଦିଷ୍ଟ ଚାକିରୀପାଇଁ ସବୁପ୍ରକାର ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ କିମ୍ବା ନିର୍ଦ୍ଦିଷ୍ଟ ଶିକ୍ଷା-ଗତ ଯୋଗ୍ୟତା ଥାଇ ସବୁପ୍ରକାର ଚାକିରୀ ପାଇବାକୁ ମନବଳାଇବା ଆବଶ୍ୟକ । ଆଗ୍ରହୀ ମନୋଭାବ, ଶାରୀରିକ ଯୋଗ୍ୟତା, ବୈଷୟିକ ଜ୍ଞାନ, ବୟସ ସୀମା ଓ ଶିକ୍ଷାଗତ ଯୋଗ୍ୟତା ହେଉଛି ନିର୍ଦ୍ଦିଷ୍ଟ ବୃତ୍ତିଗତ ଆବଶ୍ୟକତା । ଛାତ୍ରଛାତ୍ରୀମାନେ ପାଠପଢ଼ା ସମୟରୁ ସ୍କୁଲରେ ହେଉ ବା କଲେଜରେ ହେଉ ନିଜର ସାମର୍ଥ୍ୟ ବିଷୟରେ ସଚେତନ ହେବା ଉଚିତ୍ । ଏହିସବୁ ସାମର୍ଥ୍ୟ ତଥା ବ୍ୟକ୍ତିଗତ ଯୋଗ୍ୟତାକୁ ଆଖିଆଗରେ ରଖି ନିର୍ଦ୍ଦିଷ୍ଟ ବୃତ୍ତିଟିଏ ବାଛି ପାରିଲେ ନିଜର ତଥା ସମାଜର ଆବଶ୍ୟକତାକୁ ପୂରଣ କରିବା ସଙ୍ଗେ ସଙ୍ଗେ ବେକାରୀ ସମସ୍ୟାର ସମାଧାନ ହୋଇପାରିବ ।

ଏଠାରେ ପ୍ରଶ୍ନ ଉଠିପାରେ ଯେ ବ୍ୟକ୍ତିଟିଏ ଚାକିରୀ ବାଛିପାରିବ କିପରି ? ଦେଖନ୍ତୁ କୌଣସି ବ୍ୟକ୍ତିବିଶେଷର ଯେପରି କିଛି ନିର୍ଦ୍ଦିଷ୍ଟ ଗୁଣାବଳୀ ଓ କ୍ଷମତା ରହିଛି, ପ୍ରତ୍ୟେକ ବୃତ୍ତିବିଶେଷର ମଧ୍ୟ ସେଭଳି କେତେକ ନିର୍ଦ୍ଦିଷ୍ଟ ଧର୍ମ ଓ ଗୁଣ ରହିଛି । ମନେକରନ୍ତୁ ଜଣେ ବ୍ୟକ୍ତି ମେଟ୍ରିକ୍ କିମ୍ବା କଲେଜରୁ ପାଶ୍ କଲେ, ତାଙ୍କର ସାଧାରଣ ବ୍ୟକ୍ତିତ୍ୱ, ଦକ୍ଷତା, ସାମର୍ଥ୍ୟ ଓ ଗୁଣାବଳୀ ଅନ୍ୟ ସମବୟସ ସାଥୀମାନଙ୍କଠାରୁ ପୃଥକ୍ ଓ କେତେକାଂଶରେ ସୀମିତ । ସେ କୌଣସି ଏକ ବଡ଼ ହୋଟେଲର କିରାଣୀ ଚାକିରୀପାଇଁ ପ୍ରାର୍ଥୀ ହେଲବେଳେ ନିମ୍ନଲିଖିତ କେତେକ ମୌଳିକ ଯୋଗ୍ୟତା ପ୍ରତି ଦୃଷ୍ଟି ଦେବା ଉଚିତ୍ । ସେଗୁଡ଼ିକ ମଧ୍ୟରେ, ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ତାଲିମ, ବୟସ ସୀମା, ଆଗ୍ରହ, ଚାକିରୀପାଇଁଥିବା ସର୍ତ୍ତାବଳୀର ପାଳନ, ଆବଶ୍ୟକ ହେଉଥିବା କେତେକ ବୈଦେଶିକ ଭାଷାରେଦକ୍ଷତା,ଅତିଥି ପରାୟଣତା, ଶାରୀରିକ ଯୋଗ୍ୟତା, ସହନଶୀଳତା, ସଂଯମ, ସହଯୋଗିତା, ଧର୍ମନିରପେକ୍ଷତା, ସାଧୁତା ଓ ନମ୍ରତା ଓ କଷ୍ଟ ସହିଷ୍ଣୁତା ଆଦି ପ୍ରଧାନ । ବ୍ୟକ୍ତି ଜଣକ ନିଜର ହାସଲ କରିଥିବା ଗୁଣାବଳୀ ସହିତ ଆବଶ୍ୟକ ହେଉଥିବା ଗୁଣାବଳୀକୁ ତୁଳନା କରିପାରିବେ । ତେବେ ଯାଇ ସେ କହିପାରିବେ ଯେ ସେ ଉପରୋକ୍ତ କିରାଣୀ କାର୍ଯ୍ୟପାଇଁ ଉପଯୁକ୍ତ କି ନା ! ଏ କାର୍ଯ୍ୟ ତାଙ୍କୁ ଦେଲେ ମଧ୍ୟ ସ୍ଥାୟୀଭାବରେ ସେ କାର୍ଯ୍ୟ ତୁଲାଇବାକୁ କେତେଦୂର ସମର୍ଥ କେବଳ ସେ

କହିପାରିବେ । ଅନ୍ଧଭାବରେ କୌଣସି କଥାକୁ ବିଚାର ନକଲେ ଯେକୌଣସି ଚାକିରୀ ପାଇଁ ପ୍ରାର୍ଥୀ ହେଲେ ଅଯଥା ଶକ୍ତି ଓ ସମୟର ଅପଚୟ ଘଟିବ ଓ ବୟସ ଗଡ଼ିଯିବ । ବେଳ ଥାଉଁ ଥାଉଁ ଉପାୟଟିଏ ସ୍ଥିରକରିବା ବୁଦ୍ଧିମାନ ଯୁବକର କାମ ।

## ଲୋକଶକ୍ତି ବିନିଯୋଗ

ସମାଜର ଆବଶ୍ୟକତା ପୂରଣ କରିବାକୁ ଆମର ଲୋକଶକ୍ତିର ବିନିଯୋଗ ଏକାନ୍ତ ଲୋଡ଼ା । ଲୋକଶକ୍ତିର ଉପଯୁକ୍ତ ଯୋଜନା ଓ ନିୟନ୍ତ୍ରଣ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ କରିହେବ । କୌଣସି ରାଜ୍ୟରେ ଲୋକମାନଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବାକୁ ହେଲେ ଗଠନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ହୁଏ । ଏଥିପାଇଁ ଗୋଟିଏ ଅଣକୁଶଳୀ ବା ଅର୍ଦ୍ଧକୁଶଳୀ ବ୍ୟକ୍ତିର ଆବଶ୍ୟକତା ଯେତିକି ଗୋଟିଏ କୁଶଳୀ କାରୀଗରର ଆବଶ୍ୟକତା ମଧ୍ୟ ସେତିକି । ହୁଏତ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଲୋକଙ୍କର ସଂଖ୍ୟା ଅଧିକ ପ୍ରୟୋଜନ । ମାତ୍ର ଚାହିଦାକୁ ଚାହିଁ କୁଶଳୀ କାରୀଗର ସୃଷ୍ଟି କରିବା ବିଜ୍ଞତାର ପରିଚାୟକ । ତେଣୁ ପ୍ରଥମାବସ୍ଥାରୁ ସମସ୍ତଙ୍କୁ କୁଶଳୀ ବା ନିର୍ଦ୍ଦିଷ୍ଟ ଚାକିରୀ କରିବାକୁ ପ୍ରବର୍ତ୍ତାଇବା ଯେତିକି ଅସଙ୍ଗତ ପ୍ରତ୍ୟେକ ବ୍ୟକ୍ତି ପାଖରେ ସବୁପ୍ରକାର ଗୁଣ ଓ ସାମର୍ଥ ଥିବାର କଳ୍ପନା କରିବା ମଧ୍ୟ ସେତିକି ଅମନସ୍ତାତ୍ତ୍ୱିକ ।

ଏପରି ଏକ ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ପାଇଁ ତଥା ଅଭିଭାବକମାନଙ୍କ ପାଇଁ ବୃତ୍ତିଗତ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ଖୁବ୍ ସହାୟକ । ଏ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ପିଲମାନଙ୍କର ସାମର୍ଥ୍ୟକୁ ଓ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ଘଟୁଥିବା କେତେକ ସ୍ୱତନ୍ତ୍ର ଗୁଣାବଳୀକୁ ଲୋକଲୋଚନକୁ ଅଣାଯାଇଥାଏ । ଅଭିଭାବକମାନଙ୍କୁ ମଧ୍ୟ ସେମାନଙ୍କ ପିଲମାନଙ୍କର ଆଗ୍ରହ ଓ ଦକ୍ଷତା ସଂପର୍କରେ ସଚେତନ କରାଇ ଦିଆଯାଇଥାଏ । ଏ ସବୁ ଗୁଣାବଳୀର ମାଧ୍ୟମରେ କେଉଁ ପ୍ରକାର ବୃତ୍ତିପାଇଁ ସେ ଭବିଷ୍ୟତରେ ଉପଯୁକ୍ତ ହୋଇପାରେ ବୋଲି ସମ୍ଭାବ୍ୟ ସୂଚନା ଦିଆଯାଏ ଦିଆଯାଏ । ଏ ସବୁ କାର୍ଯ୍ୟକ୍ରମ ମଧ୍ୟରୁ କେତେକ ବିଷୟରେ ସୂଚନା ଦିଆଗଲା ଯେଉଁଗୁଡ଼ିକ ବିଦ୍ୟାଳୟର କାର୍ଯ୍ୟକ୍ରମ ମାଧ୍ୟମରେ ସଂପାଦନ କରି ହେବ ।

## ସମସ୍ୟା ନିରୂପଣ

ଛାତ୍ରଛାତ୍ରୀମାନଙ୍କୁ କୌଣସି ବୃତ୍ତି ବିଷୟରେ ବାଛିବା ପାଇଁ ପରାମର୍ଶ ଦେବା ପୂର୍ବରୁ ସେମାନେ ପାଠ ପଢ଼ା ବେଳେ କେଉଁ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଶିକ୍ଷକ ଜାଣିବା ଦରକାର ।

ଗବେଷଣା ଲବ୍ଧ ଫଳରୁ ଜଣାପଡ଼େଯେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରାୟ ତିନିପ୍ରକାର:

(କ) ଉତ୍ତମରୂପେ ପାଠ ପଢୁନଥିବା ପିଲମାନେ ସୁଖରେ ଦିନ କାଟୁନାହାନ୍ତି ।

(ଖ) ବର୍ତ୍ତମାନର ଶିକ୍ଷା ଦିଆଯାଉଥିବା ବିଷୟଗୁଡ଼ିକ ପିଲଙ୍କପାଇଁ ଆକର୍ଷଣୀୟ ଓ ଅର୍ଥପୂର୍ଣ୍ଣ ହୋଇପାରୁନାହିଁ ।

(ଗ) ପିଲମାନେ ଭବିଷ୍ୟତ ବୃତ୍ତି ସମ୍ବନ୍ଧରେ ବିଶେଷ ଅବଗତ ନୁହଁନ୍ତି ।

ଛାତ୍ର ସମସ୍ୟାର ଏହି ତିନୋଟି ଦିଗ ଶିକ୍ଷାବିତ୍, ଶିକ୍ଷକ ଓ ଅଭିଭାବକମାନଙ୍କର ପ୍ରଣିଧାନର ବିଷୟ ।

## ଆଗ୍ରହର ଅନୁଶୀଳନ

ବିଦ୍ୟାଳୟ ସ୍ତରରେ ପିଲମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଓ ବୃତ୍ତିଗତ ଆଗ୍ରହ ଥିବାର ସୂଚନା ମିଳେ । ପିଲମାନେ କେତେକ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ ଅଂଶ ଗ୍ରହଣ କରିଥାଆନ୍ତି । ଶିକ୍ଷକ ସେ ସବୁ ଆଗ୍ରହ ଓ ଦକ୍ଷତାର ଅନୁଶୀଳନ କରି ଭବିଷ୍ୟତରେ କିଏ କେଉଁ ପ୍ରକାର କାର୍ଯ୍ୟପାଇଁ ଉପଯୁକ୍ତ ବିବେଚିତ ହୋଇପାରିବ ତାହା ଅନୁମାନ କରିପାରିବେ । ଏଥିପାଇଁ ବିଦ୍ୟାଳୟର ବିଭିନ୍ନ ପାଠ ସହଯୋଗୀ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇ ପାରିବ । ସୃଜନଶୀଳଲେଖା, ଖେଳ, ବ୍ୟାୟାମ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରୁ ଆରମ୍ଭକରି ଯନ୍ତ୍ରପାତି ନିର୍ମାଣ ଓ କୌଶଳ ଏ ପ୍ରକାର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇପାରେ ।

## ପାଠପଢ଼ାରେ ଦକ୍ଷତା ଓ ମାନସିକ ଦକ୍ଷତା

ପାଠ ପଢ଼ିବା ସମୟରେ ସବୁ ପିଲ ସମାନ ଭାବରେ କୃତିତ୍ୱ ହାସଲ କରନ୍ତି ନାହିଁ । ଯେଉଁ ପିଲମାନଙ୍କର ପାଠ ପଢ଼ାରେ ଦକ୍ଷତା ସ୍ୱତନ୍ତ୍ର ସେମାନଙ୍କର ମାନସିକ ସ୍ତର ମଧ୍ୟ ସ୍ୱତନ୍ତ୍ର । ସବୁ ପିଲଙ୍କ ପାଇଁ ଏକା ପ୍ରକାର ପାଠ ଦାନର ବ୍ୟବସ୍ଥା ଥିଲେ ମଧ୍ୟ କେଉଁ ବିଷୟଗୁଡ଼ିକ ପିଲମାନଙ୍କର ସ୍ୱତନ୍ତ୍ର ବୃତ୍ତି ବାଛିବାରେ ସହାୟକ ସେଗୁଡ଼ିକ ସୂଚାଇ ଦେବା ଆବଶ୍ୟକ । ପାଠ ପଢ଼ାଇବା ବେଳେ ପିଲମାନଙ୍କର ଉଚ୍ଚତର ବୌଦ୍ଧିକ ସ୍ତର ଜାଣିବା ଓ ହାସଲ କରାଇବା ପାଇଁ ବିଭିନ୍ନ ପ୍ରକାର ପ୍ରଶ୍ନର ସାହାଯ୍ୟ ନେଇ ପରୀକ୍ଷା କରିବା ଉଚିତ । ଆଜିକାଲି ବୃତ୍ତି ପରୀକ୍ଷା, ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଓ ବ୍ୟାଙ୍କ ଚାକିରୀପାଇଁ ଆବଶ୍ୟକ ହେଉଥିବା କେତେକ ନିର୍ଦ୍ଦିଷ୍ଟ ପରୀକ୍ଷା ପାଇଁ ପ୍ରଚଳିତ ପାଠଦାନ ଓ ମୂଲ୍ୟାୟନ ଯଥେଷ୍ଟ ନୁହେଁ । ଏ ପ୍ରକାର ପ୍ରଶ୍ନଗୁଡ଼ିକର ଉତ୍ତର କରିବା ପାଇଁ ପିଲମାନଙ୍କୁ ପାଠ ପଢ଼ାଇବା ବେଳୁହିଁ ପ୍ରସ୍ତୁତ କରିବାକୁ ପଡ଼ିବ । ଶିକ୍ଷଣ ପ୍ରକ୍ରିୟାକୁ ବୁଦ୍ଧିସଂପନ୍ନ ଛାତ୍ରଙ୍କପାଇଁ ଆକର୍ଷଣୀୟ କରିବାକୁ ହେଲେ କେବଳ ମନେ ରଖିବା ଉପରେ ଅଧିକ ଗୁରୁତ୍ୱ ନ ଦେଇ ବୁଦ୍ଧି ପ୍ରୟୋଗ ଉପରେ ଧ୍ୟାନ ଦିଆଯିବା ଉଚିତ ।

## ପ୍ରତିକାରମୂଳକ ପାଠ ଦାନ ବ୍ୟବସ୍ଥା

ଶ୍ରେଣୀରେ ଅପେକ୍ଷାକୃତ ଦୁର୍ବଳ ଛାତ୍ରଙ୍କ ନିମ୍ନ-କୃତିତ୍ୱର ସୁଧାର ନିମିତ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ । ଏଠାରେ ବିଚାରିବାର କଥା ଯେଉଁ ଶିକ୍ଷା ଦାନରୁ ଦୁର୍ବଳ ଛାତ୍ରମାନେ କୌଣସି ଲାଭ ନ ପାଇଲେ ତା'ର ପୁନରାବୃତ୍ତି ଦ୍ୱାରା ସେମାନେ କ୍ଷତି ପୂରଣ ପାଇ ପାରିବେକି ? ଛାତ୍ରର ଅନ୍ୟାନ୍ୟ ଅନେକ ବ୍ୟକ୍ତିଗତ କାରଣ ବ୍ୟତୀତ ଏକ ମୁଖ୍ୟ କାରଣ ହେଲା ପୂର୍ବଜ୍ଞାନର ଅଭାବ ।

## ବିଭିନ୍ନ ବୃତ୍ତି ସମ୍ବନ୍ଧରେ ଆଲୋଚନା, ସଭା ଓ ପ୍ରଦର୍ଶନୀ

ପିଲାମାନଙ୍କୁ ଭବିଷ୍ୟତରେ ବୃତ୍ତି ନିର୍ବାଚନର ଆବଶ୍ୟକତା ବିଷୟରେ ସଚେତନ କରାଇବା ପାଇଁ ବିଭିନ୍ନ ବୃତ୍ତି ଉପରେ ତଥ୍ୟସବୁ ଆଲୋଚନା କରାଯାଇ-ପାରିବ । ଭବିଷ୍ୟତରେ ଓ ଆଗାମୀ ଶତାବ୍ଦୀରେ ଆଶା କରାଯାଉଥିବା କେତେକ ବୃତ୍ତି ବିଷୟରେ ଓ ସେ ବୃତ୍ତିଗତ କାର୍ଯ୍ୟାବଳୀ ଉପରେ ପ୍ରଦର୍ଶନୀ କରାଯାଇପାରେ । ଏହି ପ୍ରଦର୍ଶନୀରୁ ପିଲାମାନେ ଅନେକ ବୃତ୍ତି ବିଷୟରେ ସୂଚନା ପାଇ ପାରିବେ । ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବେ । ଛାତ୍ରମାନେ, ନିଜନିଜର ରୁଚି ଅନୁସାରେ କେତେକ ବୃତ୍ତି ବିଷୟରେ ମଧ୍ୟ ବିବରଣୀ ସଂଗ୍ରହ କରିବାକୁ ପ୍ରେରଣା ପାଇବେ । ବୃତ୍ତିଗତ କର୍ମଚାରୀମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କଠାରୁ ପ୍ରତ୍ୟକ୍ଷ ବିବରଣୀ ସଂଗ୍ରହ କରାଯାଇ ପାରିବ ।

## ପିତାମାତା ଓ ଅଭିଭାବକମାନଙ୍କ ସଭା

ବିଦ୍ୟାଳୟ ପରିସର ମଧ୍ୟକୁ ସମାଜକୁ ଟାଣି-ଆଣିବା ଓ ବିଦ୍ୟାଳୟକୁ ଏକ ସମାଜ କେନ୍ଦ୍ରିକ କରିବାର ଅଦମ୍ୟ ପ୍ରୟାସ ଶିକ୍ଷକଙ୍କର । ଶିକ୍ଷକ ପ୍ରତି ମାସରେ ପିତାମାତାଙ୍କ ସହିତ ଯୋଗସୂତ୍ର ସ୍ଥାପନ କରି ଭବିଷ୍ୟତ ବୃତ୍ତି ଓ ମାର୍ଗ ପ୍ରଦର୍ଶନ ପାଇଁ ପିତାମାତାଙ୍କ ମନରୁ ଭ୍ରମ ଦୂର କରିବା ଉଚିତ । ଚାକିରୀ ବିଷୟରେ ଓ ପାଠ ପଢ଼ାଇବା ବିଷୟରେ ସନ୍ତାନ ସନ୍ତତିଙ୍କର ଯୋଗ୍ୟତା ଓ କ୍ଷମତାକୁ ଆଲୋଚନା କରି ସମସ୍ତେ ସବୁ ପ୍ରକାର ବୃତ୍ତିପାଇଁ ଉପଯୁକ୍ତ ହୋଇ ପାରିବେ ନାହିଁ ବୋଲି ଧାରଣା ଦିଆ ଯାଇପାରେ । ପାଠ ପଢ଼ାଇବାରେ ବିଭିନ୍ନ ବିଷୟ ନିର୍ବାଚନ ଓ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟତା ନିରୂପଣ, ପିଲାମାନଙ୍କର ନିଜର ଦକ୍ଷତା ଉପରେ ନିର୍ଭର କରିବ ।

## ଧାରାବାହିକ ବିବରଣ ପତ୍ରିକା

ପିଲାମାନଙ୍କର ବିଭିନ୍ନ ବୃତ୍ତିଗତ ରୁଚି, ଆଗ୍ରହ, ଦକ୍ଷତା ଆଦି କଲେଜସ୍ତର ପର୍ଯ୍ୟନ୍ତ ଏ ପ୍ରକାର ପତ୍ରିକାରେ ସ୍ଥାନ ପାଇବା ଉଚିତ । ବିଦ୍ୟାଳୟ ଜରିଆରେ ବୃତ୍ତିଗତ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ସଫଳ ହେଲେ, ଛାତ୍ର ସମାଜ ଉପକୃତ ହେବେ ଓ ଶିକ୍ଷିତ ବେକାରୀ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଆଶା କରାଯାଏ ।

ପରୀକ୍ଷାମୂଳକ ଭାବରେ ଆମ ରାଜ୍ୟରେ ପ୍ରାୟ ୩୦ଟି ଆଧୁନିକ ବିଦ୍ୟାଳୟରେ ଏ ପ୍ରକାର କେତେକ କାର୍ଯ୍ୟକ୍ରମ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି । କେତେକ ବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟ ଦିଆଯାଇ ଏହି କାର୍ଯ୍ୟକ୍ରମକୁ ଜନପ୍ରିୟ କରାଇବାକୁ ଉଦ୍ୟମ ଚାଲିଛି । ଅନ୍ୟ କେତେକ ରାଜ୍ୟରେ ଏ ପ୍ରକାର କାର୍ଯ୍ୟର ସଫଳତା ପରିଲକ୍ଷିତ ହେଉଛି । ଆଶା କରାଯାଏ, ଓଡ଼ିଶାର ଯୁବ ସମାଜ ବିଦ୍ୟାଳୟ ସ୍ତରର ଏ ପ୍ରକାର ଚେଷ୍ଟାକୁ ସ୍ୱାଗତ କରିବେ ଓ ସମସ୍ତେ ବୃତ୍ତିଗତ ମାର୍ଗ ଦର୍ଶନ ପାଇଁ ମନ ବଳାଇବେ ।

---

ଅଧ୍ୟାପକ, ରାଜ୍ୟ ଶିକ୍ଷା ଗବେଷଣା
ଓ ତାଲିମ ପରିଷଦ,
ଭୁବନେଶ୍ୱର ।

ପାରାଦ୍ୱୀପ ଫସଫେଟ୍ କାରଖାନା ନିର୍ମାଣରେ ଅଗ୍ରଗତି ।



# ଜାତୀୟ କବି ସୁବ୍ରମନିଆ ଭାରତୀ

ଶ୍ରୀ ସୂର୍ଯ୍ୟନାରାୟଣ ପଣ୍ଡା

ସାହିତ୍ୟର ପ୍ରଗତି ସହ ଦେଶର ପ୍ରଗତି ଓତଃପ୍ରୋତଃ ଭାବେ ଜଡିତ । ସେଥିପାଇଁ ପ୍ରତ୍ୟେକ ଦେଶରେ କବି, ଲେଖକ, ଗାଳ୍ପିକମାନଙ୍କର ସ୍ୱତନ୍ତ୍ର ସମ୍ମାନ ରହିଛି । ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତକରିବାରେ ଓ ଦେଶରେ ନବଜାଗରଣ ସୃଷ୍ଟିକରିବାରେ ଏମାନଙ୍କର ଅଦମ୍ୟ ପ୍ରଚେଷ୍ଟା ଉଲ୍ଲେଖନୀୟ । ଭାରତବର୍ଷ ଯେତେବେଳେ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ଥିଲା ଓ ଜାତୀୟତାବୋଧ ଦାୟିତ୍ୱ ଭାରତବାସୀଙ୍କ ମାନସପଟରେ ମ୍ଳାନ ହୋଇ ଯାଇଥିଲା, ସେତେବେଳେ ଦେଶକୁ ଏହି ଘୋର ସଙ୍କଟରୁ ରକ୍ଷା କରିବା ନିମିତ୍ତ ସାହିତ୍ୟ ସାଧକମାନେ ନିଜର ବଳିଷ୍ଠ ଲେଖନୀ ଚାଳନା କରି ଜନମାନସରେ ଦେଶାତ୍ମବୋଧର ଦୀପ୍ତ ଚେତନା ସୃଷ୍ଟି କରିଥିଲେ ।

ବାସ୍ତବରେ ଏହି ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଯୁଗେ ଯୁଗେ ବହୁ ଯୁଗଜନ୍ମା କବି ଓ ମହାପୁରୁଷଙ୍କୁ ନିଜ ବକ୍ଷରେ ଧରି ଧନ୍ୟା ହୋଇଛି । ସୁବ୍ରମନିଆ ଭାରତୀ ଏହି ଯୁଗଜନ୍ମାଙ୍କ ମଧ୍ୟରୁ ଅନ୍ୟତମ, ଯେ କି କେବଳ ଭାରତବର୍ଷ କାହିଁକି ଏପରିକି ସମଗ୍ର ବିଶ୍ୱ ଦରବାରରେ ମଧ୍ୟ ଏକାଧାରରେ ଜଣେ କବି, ଦେଶପ୍ରେମୀ, ବିଦ୍ରୋହୀ, ସଂସ୍କାରକ ଓ ବାସ୍ତବବାଦୀ ରୂପେ ସୁପରିଚିତ ।

ବିଂଶ ଶତାବ୍ଦୀର ସମସ୍ତ ତାମିଲ୍ ସାହିତ୍ୟିକଙ୍କ ମଧ୍ୟରେ ସୁବ୍ରମନିଆ ଭାରତୀ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି । ଜଣେ ସୁସାହିତ୍ୟିକ, ମାନବ ପ୍ରକୃତି ଅଧ୍ୟୟନକାରୀ, ଆଦର୍ଶ ସ୍ୱଦେଶାନୁରାଗୀ, ବାସ୍ତବବାଦୀ ଓ ସଂସ୍କାରକରୂପେ ସେ ସର୍ବଦା କର୍ମ ତତ୍ପର ଥିଲେ । ବାସ୍ତବରେ ସେ ଥିଲେ ଜଣେ "କର୍ମଯୋଗୀ" ସୁବ୍ରମନିଆ ସମାଜର ବୁଦ୍ଧିଜୀବୀମାନଙ୍କୁ ଜାଗ୍ରତ ହେବା ନିମିତ୍ତ ସ୍ୱରୋତ୍ତଳନ କରିଥିଲେ ଏବଂ ନିଦ୍ରିତ ଭାରତୀୟ ଜନମାନସରେ ଜାତୀୟ ଜୀବନ ସୃଷ୍ଟି କରିଥିଲେ । ଜାତୀୟ କବି ସୁବ୍ରମନିଆ ଭାରତୀଙ୍କ ଅଗ୍ନିବର୍ଷୀ ଦେଶାତ୍ମବୋଧ ସଙ୍ଗୀତ ଭାରତବର୍ଷର କୋଣ ଅନୁକୋଣରେ ଝଙ୍କୃତ ହୋଇ ସ୍ୱାଧୀନତାର ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ନିମିତ୍ତ ଯୁବଗୋଷ୍ଠୀକୁ ଆହ୍ୱାନ କରୁଥିଲା ।

ଏହି ମହାନ୍ ଜାତୀୟ କବି ଥିଲେ ଚିନାସ୍ୱାମୀ ଆୟାରଙ୍କ ପୁତ୍ର । ଆଜକୁ ପ୍ରାୟ ଏକଶତ ବର୍ଷ ପୂର୍ବେ ଅର୍ଥାତ୍ ୧୮୮୨ ମସିହା ଡିସେମ୍ବର ୧୧ ତାରିଖ ଦିନ ତାମିଲନାଡୁ ପ୍ରଦେଶସ୍ଥ ତିରୁନେଲଭାଲି ଜିଲ୍ଲାର ଏକ ଅଜଣା ଅଖ୍ୟାତ ପଲ୍ଲୀ ଏଟ୍ଟାୟାପୁରରେ ସେ ଜନ୍ମଗ୍ରହଣ କରିଥିଲେ । ଏହି କବିଙ୍କର ଆବିର୍ଭାବ ଭାରତର ତିମିରାଚ୍ଛନ୍ନ ଆକାଶରେ ଏକ ନବ ସ୍ଫୂର୍ତ୍ତିର ସୃଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଅତି ବାଲ୍ୟାବସ୍ଥାରୁ ସୁବ୍ରମନିଆ ସଙ୍ଗୀତ ରଚନାରେ ନିଜର ପାରଦର୍ଶିତା ଦେଖାଇଥିଲେ । ମାତ୍ର ସାତବର୍ଷ ବୟସରୁ ସେ ସଙ୍ଗୀତ ରଚନା ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଛୋଟ ଛୋଟ କବିତାମାନ ରଚନା କରୁଥିଲେ । ତାଙ୍କୁ ଯେତେବେଳେ ୧୧ ବର୍ଷ ବୟସ ସେତେବେଳେ ସେ ସମୟର ବିଶିଷ୍ଟ କବିମାନେ ସରସ୍ୱତୀଙ୍କ ବରପୁତ୍ରରୂପେ ସୁବ୍ରମନିଆଙ୍କୁ "ଭାରତୀ" ଉପାଧିରେ ଭୂଷିତ କରିଥିଲେ ।

ଭାରତୀ ନିଜର ପିତାମାତାଙ୍କୁ ୧୬ ବର୍ଷ ବୟସ ମଧ୍ୟରେ ହରାଇ ବନାରସରେ ମାମୁଁଘରେ ରହି ଶିକ୍ଷା ଲାଭ କଲେ । କୃତିତ୍ୱର ସହ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ଆଲହାବାଦ୍ ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ । ଭାରତୀ ୨୦ ବର୍ଷ ବୟସରେ ପଦାର୍ପଣ କରିବା ପରେ ରାଜକବି ହେବା ସହିତ ରାଜାଙ୍କ ଅଧୀନସ୍ଥ ଏଟ୍ଟାୟାପୁରମ୍‌ର ଜମିଦାରୀରେ ମଧ୍ୟ ନିଯୁକ୍ତି ପାଇଲେ । ସେ ୧୯୦୪ ମସିହାରେ "ସ୍ୱଦେଶ ମିତ୍ରନ୍" ନାମକ ଦୈନିକ ତାମିଲ ସମ୍ବାଦପତ୍ରର ସହ ସମ୍ପାଦକ ହେଲେ । ସହ-ସମ୍ପାଦକ ଥିବା ବେଳେ ଭାରତୀ ୧୯୦୫ ଓ ୧୯୦୬ରେ ବନାରସ ଓ କଲିକତାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇ ମହୀୟସୀ ମହିଳା ସିଷ୍ଟର ନିବେଦିତାଙ୍କ ସଂସ୍ପର୍ଶରେ ଆସିଲେ । ସେ ତାଙ୍କୁ ଜଣେ ଆଦର୍ଶ ଦେଶପ୍ରେମୀ ହେବା ନିମିତ୍ତ ପ୍ରେରଣା ଦେଇଥିଲେ ।

ଜାତୀୟତାବାଦର ମହତ୍ ଆଦର୍ଶ ପ୍ରଚାର କରିବା ନିମିତ୍ତ ଏକ ତାମିଲ ପତ୍ରିକାର ଆବଶ୍ୟକତା ଭାରତୀ ଗଭୀରଭାବେ ଅନୁଭବ କରି "ଭାରତ" ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ଏହି ପତ୍ରିକାରେ ଭାରତୀ ଅଗ୍ନି ବର୍ଷୀ ଦେଶାତ୍ମବୋଧ ସଙ୍ଗୀତମାନ ସନ୍ନିବେଶିତ କଲେ । ଏଗୁଡିକର କାବ୍ୟିକ ଆବେଗ ଓ ଦେଶାତ୍ମବୋଧ ସମସ୍ତ ବିପ୍ଳବୀଙ୍କ ମନରେ ମନ୍ତ୍ରବତ୍ କାର୍ଯ୍ୟ କରୁଥିଲା ଓ ସେମାନଙ୍କ ମନୋବଳ ଦୃଢ଼ ରଖିବାରେ

ସହାୟକ ହେଉଥିଲା । ଜାତୀୟ ବିପ୍ଳବକୁ ମଧ୍ୟ ଉତ୍ସାହିତ ଓ ପ୍ରଜ୍ଜ୍ୱଳିତ କରୁଥିଲା । ଭାରତୀ ବ୍ରିଟିଶ ସରକାରଙ୍କୁ ତାଚ୍ଛଲ୍ୟ କରିବା ସଙ୍ଗେ ସଙ୍ଗେ ଦେଶାତ୍ମବୋଧର ବୀଜ ଦେଶବାସୀଙ୍କ ମଧ୍ୟରେ ବପନ କରୁଥିବାରୁ ବ୍ରିଟିଶ ସରକାରଙ୍କ ବିଷ ଦୃଷ୍ଟିରେ ପଡିଲେ । ପୋଲିସ ଅନୁସନ୍ଧାନରୁ ରକ୍ଷା ପାଇବା ନିମିତ୍ତ ସେ ସପରିବାର ଫରାସୀ ସରକାରଙ୍କ ଅଧୀନସ୍ଥ ପଣ୍ଡିଚେରୀରେ ଅବସ୍ଥାନ କଲେ । ଭାରତୀଙ୍କର ଏହି ପଣ୍ଡିଚେରୀକୁ ନିର୍ବାସନ ସମୟକୁ ତାମିଲ ସାହିତ୍ୟ ଇତିହାସରେ ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୀର୍ଘ ୧୦ ବର୍ଷର ଏହି ନିର୍ବାସନ କାଳରେ ପଣ୍ଡିଚେରୀରେ ଭାରତୀ କେତେକ ଅତ୍ୟୁଜ୍ଜ୍ୱଳ ଓ ସାହିତ୍ୟ ଜଗତର ହୀରକ ସଦୃଶ ଅନେକ ଉତ୍କୃଷ୍ଟ ଗ୍ରନ୍ଥ ରଚନା କରିଥିଲେ । ସେଗୁଡିକ ମଧ୍ୟରେ କାନନ୍ ସଙ୍ଗୀତା ବଳୀ, ପାଞ୍ଚାଳୀ, ଶପଥମ୍, କୋଇଲି ପଟ୍ଟୁ ଇତ୍ୟାଦି ପ୍ରଧାନ ।

ଦାରିଦ୍ର୍ୟ ଓ ବେକାରୀ ଯୋଗୁଁ ସୁବ୍ରମନିଆ ତାଙ୍କର ସହଧର୍ମିଣୀ ଚିଲ୍ଲାମାଲ ଏବଂ ଦୁଇଟି ୧୩ ଓ ୧୯ ବର୍ଷ ବୟସ୍କା କନ୍ୟାଙ୍କୁ ଯତ୍ନ ନେବା ପାଇଁ ଅସମର୍ଥ ହେଲେ । ଏଣୁ ବାଧ୍ୟ ହୋଇ ସେ ପରିବାର ସହ ପଣ୍ଡିଚେରୀରୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ପଣ୍ଡିଚେରୀ ସୀମାନ୍ତ ଅତିକ୍ରମ କରିବା ସମୟରେ ପୋଲିସ ଦ୍ୱାରା ବନ୍ଦୀ ହେଲେ । ଏହାର ୩୪ ଦିନ ପରେ ଭାରତୀ ମୁକ୍ତ ହେଲେ । ଏହାପରେ ସେ ୧୯୧୯ ମସିହାରେ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କଲେ । ଲୋକମାନ୍ୟ ତିଳକ, ଲାଲା ଲଜପତ୍ ରାୟ, ବିପିନ୍ ଚନ୍ଦ୍ର ପାଲ, ମହର୍ଷି ଅରବିନ୍ଦ ଆଦିଙ୍କର ସେ ଥିଲେ ଜଣେ ଅନୁଗାମୀ ।

୧୯୨୦ ମସିହାରେ "ସ୍ୱଦେଶ ମିତ୍ରନ୍" ତାମିଲ ଦୈନିକ ସମ୍ବାଦପତ୍ରର ସହ-ସମ୍ପାଦକ ରୂପେ ଭାରତୀ ପୁନଃନିଯୁକ୍ତ ହେଲେ । ମାତ୍ର ସେତେବେଳକୁ ତାଙ୍କର ଜୀବନ ଦୀପ ନିଷ୍ପ୍ରଭ ହୋଇ ଆସୁଥିଲା । ମାଡ୍ରାସର ଟ୍ରିପ୍ଲିକେନ୍ ମନ୍ଦିରରେ ସୁବ୍ରମନିଆ ଏକ ହସ୍ତୀକୁ ଭକ୍ତିପୁତ ଭାବରେ ଏକ ନାରିକେଳ ଦେବା ସମୟରେ ଦୁର୍ଭାଗ୍ୟବଶତଃ ଆହତ ହେଲେ । ସକଳ ଚେଷ୍ଟା ସତ୍ତ୍ୱେ ଜାତୀୟ କବି ସୁବ୍ରମନିଆ ଭାରତୀ ୧୯୨୧ ମସିହା ସେପ୍ଟେମ୍ବର ୧୨ ତାରିଖ ଦିନ ୩୯ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ । ଭାରତୀଙ୍କର ଲେଖନୀ ନିଃସୃତ ଉନ୍ମାଦଭରା ଜାତୀୟ ସଙ୍ଗୀତର ଝଙ୍କାରରେ ଯେତେବେଳେ ଦେଶବାସୀ ଉଦ୍‌ବୁଦ୍ଧ ଓ ସ୍ୱାଧୀନତା ପ୍ରାପ୍ତି ନିମିତ୍ତ ଅହିଂସା ସଂଗ୍ରାମର ମନ୍ତ୍ରଦାତା ଓ କର୍ଣ୍ଣଧାର ମହାତ୍ମାଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱରେ ବିପ୍ଳବର ତରଙ୍ଗରେ ଆନ୍ଦୋଳିତ, ସେତେବେଳେ ଭାରତ ଜନନୀର ଏହି ଯୋଗ୍ୟ ସନ୍ତାନଙ୍କର ଅକାଳ ମୃତ୍ୟୁ ଦେଶ ଓ ଦେଶବାସୀଙ୍କ ପକ୍ଷରେ ମର୍ମନ୍ତୁଦ ହୋଇଥିଲା ।

ଯୋଗଜନ୍ମା ଜାତୀୟ କବି ସୁବ୍ରମନିଆ ଭାରତୀଙ୍କ ମାନସପଟରେ ସ୍ୱାଧୀନ ଭାରତର ରଙ୍ଗୀନ ସ୍ୱପ୍ନ ବାରମ୍ବାର ଉଙ୍କି ମାରୁଥିଲା ଏବଂ ସେହି ରଙ୍ଗୀନ ସ୍ୱପ୍ନରାଶି ତାଙ୍କର ଅମର ଲେଖନୀ ଧାରରେ ଅତ୍ୟନ୍ତ ସରଳ, ଓ ଭାବୋଦ୍ଦୀପକ ଭାଷାରେ ରୂପାୟିତ ହେଉଥିଲା । ଭାରତୀଙ୍କ ଦୃଷ୍ଟିରେ ଜନ୍ମଭୂମି ଭାରତବର୍ଷ ଏପରି ଏକ ଦେଶରେ ପରିଣତ ହେଉ, ଯାହାକି ପ୍ରାଚୁର୍ଯ୍ୟମୟୀ, ବିଭବଶାଳୀ, ଓ ଶକ୍ତିଶାଳୀ ହୋଇଥିବ, ଯେଉଁଠି ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମହାଭାରତୀୟ ଭାବଧାରା ବିକଶିତ ହେଉଥିବ, ସମଗ୍ର ଦେଶ କୁସଂସ୍କାର ଓ ଅନ୍ଧ ବିଶ୍ୱାସରୁ ମୁକ୍ତ ହୋଇଥିବ ଏବଂ ଦେଶରେ ନ୍ୟାୟ ଶାସନ ପ୍ରଚଳିତ ହେଉଥିବ । ନିଜର ବଳିଷ୍ଠ ଲେଖନୀରେ ଭାରତମାତାର ସ୍ୱରୂପକୁ ଚିତ୍ରଣ କରିବାକୁ ଯାଇ ସେ ଲେଖିଛନ୍ତି, "ଭାରତମାତାର ୩୬ କୋଟି ମୁଖ, ମାତ୍ର ତାର ହୃଦୟ ଏକ । ୧୮ଟି ଭାଷା, ମାତ୍ର ମନ ଏକ ।"

ଶିକ୍ଷା ସମ୍ବନ୍ଧରେ ଭାରତୀ ବିଶ୍ୱାସ କରୁଥିଲେ ଯେ ଶିକ୍ଷା ହେଉଛି ସର୍ବସାଧାରଣ ସମ୍ପତ୍ତି ଏବଂ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଉଛି ଶିକ୍ଷା ଲାଭ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବା । ଏ ସମ୍ପର୍କରେ ସେ ମତ ବ୍ୟକ୍ତ କରିଛନ୍ତି, "ହଜାର ଧର୍ମଶାଳା ନିର୍ମାଣ ବା ଦଶହଜାର ମନ୍ଦିର ନିର୍ମାଣଠାରୁ ଜଣେ ଦରିଦ୍ର ବାଳକକୁ ଶିକ୍ଷାଲାଭ ନିମିତ୍ତ ସାହାଯ୍ୟ କରିବା ଅଧିକ ପୁଣ୍ୟ କାର୍ଯ୍ୟ ।"

ଭାରତୀଙ୍କ ରଚନାବଳୀରେ ଗଭୀର ଧର୍ମଭାବ ଉଦ୍ଦୀପ୍ତ ସଙ୍ଗୀତଗୁଡିକ ପ୍ରଧାନ । ଓଁ ଆଲ୍ଲା, ଯୀଶୁଖ୍ରୀଷ୍ଟ, ବୁଦ୍ଧ, ଶ୍ରୀକୃଷ୍ଣ ଆଦି ଦେବା ଦେବୀଙ୍କୁ ପ୍ରଶଂସାକରି ଲେଖିଥିବା କବିତାଗୁଡିକ ବିଶେଷ ଜନାଦୃତ ହୋଇଛି । ଅନେକ କ୍ଷୁଦ୍ରଗଳ୍ପ ଓ ସୁନ୍ଦର ପ୍ରବନ୍ଧ ମଧ୍ୟ ସେ ଲେଖି ଯାଇଛନ୍ତି ।

ସିଷ୍ଟର ନିବେଦିତାଙ୍କୁ ଭାରତୀ ଆଧୁନିକ ଯୁଗର ମହୀୟସୀ ମହିଳା ରୂପେ ସମ୍ମାନ ଦେଉଥିଲେ ଏବଂ ତାଙ୍କୁ ନିଜର ଗୁରୁ ବୋଲି ସ୍ୱୀକାର କରିଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତୀୟ ସମାଜରେ ନାରୀ ଶିକ୍ଷା, ନାରୀ ଜାଗରଣ ପାଇଁ ଲେଖନୀ ଚାଳନ କରିଥିଲେ । ଭାରତୀ କହିଥିଲେ, "ନାରୀମାନଙ୍କୁ କ୍ରୀତଦାସ ରୂପେ ବିଚାର ନ କରି ସମାଜର ଏକ ମୁଖ୍ୟ ଅଙ୍ଗବୋଲି ବିଚାର କରିବା ଉଚିତ ।"

ଜାତୀୟ କବିରୂପେ ସୁବ୍ରମନିଆ ଭାରତୀଙ୍କ ଖ୍ୟାତି ଆଜି ସମଗ୍ର ପୃଥିବୀରେ ପରିବ୍ୟାପ୍ତ । ତାଙ୍କ ରଚିତ କାବ୍ୟ କବିତାସବୁ ବିଶ୍ୱ ଦରବାରରେ ଆଦୃତ ଓ ଅଧିକାଂଶ ଇଂରାଜୀ, ଜର୍ମାନୀ, ରୁଷୀୟ ଓ ଫରାସୀ ପ୍ରଭୃତି ବିଦେଶୀ ଭାଷାରେ ଅନୂଦିତ ହୋଇଛି । ସେ ସବୁ ଭାରତୀଙ୍କ ଉଦାର ଆଦର୍ଶ ରୂପେ ଅଦ୍ୟାବଧି ଜନସାଧାରଣଙ୍କୁ ଅନୁପ୍ରାଣିତ କରୁଛି ଓ ସଂକୀର୍ଣ୍ଣ ବର୍ଣ୍ଣ ବିଦ୍ୱେଷ ନୀତି ବିରୁଦ୍ଧରେ ସ୍ୱରୋତ୍ତୋଳନ କରିବାକୁ ଉଦ୍ଧାର ଯୋଗାଉଛି ।

ସମସ୍ତ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାଗତ ସଙ୍କୀର୍ଣ୍ଣ ମନୋଭାବ ଦୂର କରି ସମଗ୍ର ମାନବ ଜାତି ମଧ୍ୟରେ ମାନବିକତାର ପ୍ରସାର ପାଇଁ ଯେଉଁ ମହାମନିଷୀ ଅଗ୍ରଗଣ୍ୟ ଥିଲେ, ସେମାନଙ୍କ ମଧ୍ୟରେ ଭାରତୀ ହେଉଛନ୍ତି ଅନ୍ୟତମ ଯୁଗଜନ୍ମା ମହାପୁରୁଷ । ଭାରତୀଙ୍କର ସ୍ମୃତିକୁ ଚିର ଜାଜ୍ଜ୍ୱଲ୍ୟମାନ ରଖିବା ନିମିତ୍ତ ତାଙ୍କର ପୁଣ୍ୟ ଜନ୍ମଭୂମି ଏଟ୍ଟାୟାପୁରମ୍‌ରେ "ଭାରତୀ ମେମୋରିୟାଲ" ନାମକ ଏକ ସ୍ମୃତିପୀଠ ସ୍ଥାପନ କରାଯାଇଛି । ତାଙ୍କର ଶତବାର୍ଷିକୀ ନିକଟରେ ଭାରତର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଯାଇଛି ।

ମହାପୁରୁଷମାନଙ୍କର ଜୀବନୀ ପୁଣ୍ୟ ସାଧନା ଓ ଆତ୍ମତ୍ୟାଗର କାହାଣୀ । ସେମାନଙ୍କର ଜୀବନୀର ପ୍ରଭାବ ହେଉଛି ଐଶୀ ପ୍ରଭାବ, ଦେବ ସୁଲଭ ଗୁଣାବଳୀର ଅମୂଲ୍ୟ ଆଧାର । ତେଣୁ ଦେଶପ୍ରେମୀ ଜାତୀୟ କବି ସୁବ୍ରମନିଆ ଭାରତୀଙ୍କର ମହାନ୍ ଜୀବନୀକୁ ଅନୁଶୀଳନ କରି ତାଙ୍କର ଆଦର୍ଶ ଜୀବନୀକୁ ଅନୁସରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ହେବା ଉଚିତ । ତାହାହିଁ ହେବ ସୁବ୍ରମନିଆ ଭାରତୀଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି । ବାସ୍ତବରେ ସୁବ୍ରମନିଆ ଭାରତୀ ଜଣେ ଜାତୀୟବାଦୀ କବିର ମହାନ୍ ଲକ୍ଷ୍ୟ ପୂରଣ କରିଥିଲେ । ସେ ଥିଲେ ଜାତୀୟ ସଂହତିର ପ୍ରତୀକ, ସମାଜ ସଂସ୍କାରକ ଏବଂ ବହୁଗୁଣ ସମ୍ପନ୍ନ ରାଷ୍ଟ୍ରନାୟକ । ତାଙ୍କର ମହାନ୍ ଆଦର୍ଶ ଯୁଗ ଯୁଗଧରି ଭାରତବାସୀଙ୍କୁ ଉଦ୍‌ବୁଦ୍ଧକରୁ ।

ପଡୁହାଁପଦା,
ବାଲେଶ୍ୱର ।

# ଶସ୍ୟ ସଂରକ୍ଷଣ ଅଭିଯାନ

ଭାରତ ସରକାରଙ୍କ ଖାଦ୍ୟ ବିଭାଗର ଶସ୍ୟ ସଂରକ୍ଷଣ ଅଭିଯାନ କେନ୍ଦ୍ର ଭୁବନେଶ୍ୱରଠାରେ ୧୯୭୬ ମସିହାରେ ଆରମ୍ଭ କରାଯାଇଥିଲା । ଉକ୍ତ ସଂସ୍ଥା ଚାଷୀମାନଙ୍କୁ ଶିକ୍ଷା ଦେଇ ଏବଂ ପ୍ରବର୍ତ୍ତାଇ ବୈଜ୍ଞାନିକ ପ୍ରଣାଳୀରେ ଶସ୍ୟ ସଂରକ୍ଷଣ କରିବା ପାଇଁ ରାଜ୍ୟସାରା ତାଲିମ୍ ପ୍ରଦର୍ଶନ ଏବଂ ପ୍ରଚାର ଚଳାଇବା ସହ ଉପରୋକ୍ତ କାର୍ଯ୍ୟମାନ ସମ୍ପାଦନା କରି ଆସୁଅଛି ।

୧୯୭୬ ମସିହାଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକରି ବର୍ତ୍ତମାନ କଟକ, ପୁରୀ, ଗଞ୍ଜାମ, ବାଲେଶ୍ୱର ଏବଂ ସମ୍ବଲପୁର ଜିଲ୍ଲାର ଗଡ଼ଗାଁ, କଟକ ସଦର, ବାରଙ୍ଗ, ଧର୍ମଶାଳା, ନିମାପଡ଼ା, ନୟାଗଡ଼, ଓଡ଼ଗାଁ, ବାରଙ୍ଗ, ଧର୍ମଶାଳା, ନିମାପଡ଼ା, ନୟାଗଡ଼, ଓଡ଼ଗାଁ, ଢେଙ୍କାନାଳ, ଜଟଣୀ, ଭୁବନେଶ୍ୱର, ହିଞ୍ଜିଳିକାଟୁ, କୁକୁଡ଼ାଖଣ୍ଡି, ରାୟଗଡ଼ା, ଆର. ଉଦୟଗିରି, ନୀଳଗିରି ଓ ମନେଶ୍ୱର ବ୍ଲକରେ ସଘନଭାବେ କାର୍ଯ୍ୟ କରିବା ଆରମ୍ଭ କରାଯାଇଛି ।

ଜାତିସଂଘର ଶିଶୁ କଲ୍ୟାଣ ପାଣ୍ଠି ତରଫରୁ ସାହାଯ୍ୟ ମିଳି ନିମାପଡ଼ା ବ୍ଲକରେ ୬ ଦିନିଆ ଭତ୍ତାପ୍ରାପ୍ତ ତାଲିମ ସହ ରିହାତି ଦରରେ ଧାତବ-ଡ୍ରୋଲି ଯୋଗାଣ, ପ୍ରଚଳିତ କୋଠିଗୁଡ଼ିକର ଉନ୍ନତିକରଣ, ନିମାପଡ଼ା ବ୍ଲକରେ ୧୯୭୭ ମସିହାରୁ ଆରମ୍ଭ ହୋଇ ୧୯୮୦ ମସିହାରେ ସମୁଦାୟ ପୁରୀ ଜିଲ୍ଲାରେ ଏବଂ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିଲା ।

ଇଉରୋପୀୟ ଆର୍ଥିକଗୋଷ୍ଠୀ ତରଫରୁ ୧୯୮୧ ମସିହାରୁ ଧାତବ କୋଠି ଯୋଗାଣ ପାଇଁ ଋଣ, ପକ୍କା କୋଠିର ପ୍ରଦର୍ଶନ, ଚାଷୀଘରେ ପକ୍କା କୋଠିପାଇଁ ପଲିଥିନ୍ ଚଦର, ପ୍ରବେଶ ଦ୍ୱାର, ପ୍ରଚଳିତ ଶସ୍ୟାଧାରର ଉନ୍ନତିକରଣ ପାଇଁ ପଲିଥିନ ଚଦର, କାଠଭାଡ଼ି ପ୍ରଭୃତି କ୍ଷୁଦ୍ର ଚାଷୀମାନଙ୍କୁ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଶସ୍ୟ ସଂରକ୍ଷଣ ଅଭିଯାନର ଆଦର୍ଶ ଗ୍ରାମମାନଙ୍କରେ ଏହି କାର୍ଯ୍ୟକ୍ରମ ଚାଲୁରହିଛି ।

ଓଡ଼ିଶାର କଲେଜମାନଙ୍କରେ ଜାତୀୟ ସେବା ସଂଘ ଯୁବକ୍ଲବ, ମହିଳା ମଣ୍ଡଳ, କୃଷି ବିଭାଗ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ବିଭାଗ ଏହି କାର୍ଯ୍ୟକ୍ରମରେ ସହାୟତା କରି ଆସୁଛନ୍ତି ।

ଆଦର୍ଶ ଗ୍ରାମଗୁଡ଼ିକ ହେଲା, କଟକ ଜିଲ୍ଲାର – ସନ୍ତୋଳ, ଅମଣ, ଶାସୋଳ, ପୁରୀ ଜିଲ୍ଲାର ବିଷ୍ଣୁପୁର, ଗରବଡପୁର, ଦଳଭାଣପୁର, ଓଳକଣା, ଦଳଗାଁ, ତୁଳସୀପୁର, ବାମନାଳ, ଲକ୍ଷ୍ମୀନାରାୟଣପୁର, ପୋରଡ଼ିଆ, ପଦ୍ମସାହି, ଘଟୁଆଳ, ରଙ୍ଗଣୀପାଟଣା, ଦାଉଁସିଆ, ରଘୁନାଥପୁର, ଗଞ୍ଜାମ ଜିଲ୍ଲାର ବଡ଼ଖଣ୍ଡି, ଜିରଙ୍ଗ, ବାଲେଶ୍ୱର ଜିଲ୍ଲାର ମିତ୍ରପୁର, ଟେଣ୍ଡା ଓ ସମ୍ବଲପୁର ଜିଲ୍ଲାର ବଡ଼ଗାଁ ।

ଏହି ଅଭିଯାନ ପକ୍ଷରୁ ୧୯୮୨ ମସିହା ଡିସେମ୍ବର ଶେଷ ସୁଦ୍ଧା ମୋଟ ୪୭ଟି ତାଲିମ ଶିବିର କରିଆରେ ୨୩୪୯ ଜଣ ଯୁବ ଚାଷୀଙ୍କୁ ତାଲିମ ଦିଆଯାଇଛି ଏବଂ ୧୩୪,୯୦୦ ଟଙ୍କା ସେମାନଙ୍କୁ ଭତ୍ତା ଆକାରରେ ଦିଆଯାଇଛି । ଏତଦ୍‌ବ୍ୟତୀତ ୟୁନିସେଫ୍ ସଂସ୍ଥାର ସହାୟତାରେ ୨୪ଟି ତାଲିମ ଶିବିର କରିଆରେ ୬୦,୦୦୦ ଟଙ୍କା ଭତ୍ତା ଦିଆଯାଇ ମୋଟ ୧୨୦୦ ମହିଳା କୃଷକ ଏବଂ କୃଷକମାନଙ୍କୁ ତାଲିମ ଦିଆଯାଇଥିଲା । ବିନା ଭତ୍ତାରେ ମଧ୍ୟ ୧୦୧୯ ଜଣ ସ୍ୱେଚ୍ଛାସେବକ କୃଷକଙ୍କୁ ଶସ୍ୟ ସଂରକ୍ଷଣ ସଂକ୍ରାନ୍ତରେ ତାଲିମ ଦିଆଯାଇଛି ।

ପୋକ ଏବଂ ମୂଷା କବଳରୁ ଏ ପର୍ଯ୍ୟନ୍ତ ରକ୍ଷା କରାଯାଇଥିବା ଶସ୍ୟର ମୂଲ୍ୟ ଆନୁମାନିକ ତିନିକୋଟି ଟଙ୍କାରୁ ଅଧିକ ହେବ ବୋଲି ହିସାବ କରି ଦେଖାଯାଇଛି ।

# ଜାତୀୟ ବିକାଶ ପଥେ ଇନ୍‌ସାଟ୍

ଡ଼କ୍‌ଟର ଜଗନ୍ନାଥ ମହାନ୍ତି

ସଂପ୍ରତି ସମଗ୍ର ଦେଶରେ ଇନ୍‌ସାଟ୍ ଏକ ଆଲୋଡ଼ନ ସୃଷ୍ଟି କରିଛି । ଯୋଗାଯୋଗ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ୧୯୮୨ ମସିହା ଏପ୍ରିଲ ୩୦ ତାରିଖରେ ଇନ୍‌ସାଟ୍ ୧ କ (INSAT.IA) ମହାକାଶକୁ ପ୍ରେରିତ ହୋଇଥିଲେ ହେଁ ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟକରି କେତେକ ଯାନ୍ତ୍ରିକ ବିଶୃଙ୍ଖଳା ଯୋଗୁଁ ଅଚଳ ହୋଇ ପଡ଼ିଥିଲା । ତା ପରେ ଭାରତୀୟ ବୈଜ୍ଞାନିକମାନଙ୍କର ପ୍ରଗାଢ଼ ପ୍ରଚେଷ୍ଟା ଓ ଅବିରତ ଅଧ୍ୟବସାୟ ଫଳରେ ଇନ୍‌ସାଟ୍ ୧ ଖ (INSAT.IB) ୧୯୮୩ ମସିହା ଅଗଷ୍ଟ ୩୦ ତାରିଖରେ ସଫଳତାର ସହିତ ମହାକାଶକୁ ଯାତ୍ରା କରିବା ସଙ୍ଗେ ସଙ୍ଗେ ଅକ୍‌ଟୋବର ୧୫ ତାରିଖରୁ ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇ ପାରିଛି । ବହୁ ରକ୍ଷଣଶୀଳ ରାଜନୀତିଜ୍ଞ ଓ ଅର୍ଥନୀତିଜ୍ଞ ଏହାକୁ ଏକ ବ୍ୟୟ ବହୁଳ ପରୀକ୍ଷା ବୋଲି କହୁଥିଲେ ହେଁ ଡ଼ାକତାର ବିଭାଗ, ପାଣିପାଗ ବିଭାଗ, ରେଡ଼ିଓ ଓ ଟେଲିଭିଜନ କ୍ଷେତ୍ରରେ ଏହାର ଉପାଦେୟତା ଏବଂ ସର୍ବୋପରି ମହାଶୂନ୍ୟ କ୍ଷେତ୍ରରେ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅଭିଜ୍ଞତାର ଆବଶ୍ୟକତା ଦୃଷ୍ଟିରୁ ଏହାର ବ୍ୟୟକୁ ଏକ ମୂଲ୍ୟବାନ ଅର୍ଥଲଗାଣ (investment) ବୋଲି କୁହାଯାଉଛି ।

ବର୍ତ୍ତମାନ ଅବଶ୍ୟ ପ୍ରଶ୍ନ ପଚରାଯାଇ ପାରେ– ବ୍ୟୟ ତୁଳନାରେ ଏହା ଏକ ସୌଖିନ ଆଖିଝଲସିଆ ଆତସବାଜି କି ? ଏହା ଆତ୍ମ ବଡ଼ିମା ଓ ଆତ୍ମସନ୍ତୋଷର ଏକ ପ୍ରହସନ କି ? ଏହାର ଉତ୍ତରରେ ଏତିକି କୁହାଯାଇ ପାରେ ଏହି ପ୍ରକଳ୍ପ ଆମ ଦେଶକୁ ଆନ୍ତର୍ଜାତିକ କ୍ଷେତ୍ରରେ ନିଶ୍ଚୟ ନୂତନ ମର୍ଯ୍ୟାଦା ଓ ଗୌରବ ଆଣିଦେବ। ବ୍ୟୟ ତୁଳନାରେ ଆୟ ବା କ୍ଷତି ତୁଳନାରେ ଲାଭ ହୁଏତ ବର୍ତ୍ତମାନ କମ୍ ହୋଇ ପାରେ । ମାତ୍ର ଦେଶକୁ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନ୍ୟ ଉନ୍ନତ ରାଷ୍ଟ୍ର ସହିତ ସମକକ୍ଷ କରିବାକୁ ଏହି ବ୍ୟୟ ଏକାନ୍ତ ଆବଶ୍ୟକ । ବରଂ ଭବିଷ୍ୟତ ଦୃଷ୍ଟିରୁ ଏହାକୁ ମହାର୍ଘ ଅର୍ଥ ଲଗାଣ ଭାବରେ ଗ୍ରହଣ କରିବାକୁ ହେବ ।

ପାଣିପାଗ ଓ ଯୋଗାଯୋଗ ବିଶେଷତଃ ଟେଲିଭିଜନ ସୁବିଧା କ୍ଷେତ୍ରରେ ଇନ୍‌ସାଟ୍‌ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏକକାଳୀନ ଶ୍ରବଣ ଓ ଦର୍ଶନ ମାଧ୍ୟମରେ ସଫଳ ବାର୍ତ୍ତା ବିନିମୟର ସୁଯୋଗ ଦାନ ଏବଂ ଉପାନ୍ତ ଓ ଦୁର୍ଗମ ଅଞ୍ଚଳମାନଙ୍କରେ ଯୋଗାଯୋଗର ସୁବିଧା ପହଞ୍ଚାଇବା ନିମନ୍ତେ ଟେଲିଭିଜନ ବା ଦୂରଦର୍ଶନର କାର୍ଯ୍ୟକାରିତାକୁ ସମସ୍ତେ ଏକ ସ୍ୱରରେ ଅବଶ୍ୟ ସମର୍ଥନ ଜଣାଇଥାନ୍ତି । ଏଥିପାଇଁ କେତକ ଏହାକୁ "କୁହୁକ ପେଡ଼ି" (Magic Box) ଓ କେତେକ ଏହାକୁ "ଭେଳିକି ମୁଣି" (Wonder Box) କହିଥାନ୍ତି । କିନ୍ତୁ ସମାଜକୁ ଶିକ୍ଷାଦାନ କରିବାରେ ଏହାର ବିଶେଷ ଉପାଦେୟତା ଥିବାରୁ ଜଣେ ଅଷ୍ଟ୍ରେଲିଆନ୍ ଅଧ୍ୟାପକ ଏହାକୁ ଏହାକୁ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ" (Open University) ବୋଲି କହିଛନ୍ତି ।

ଏବେ ଏକ ଆନୁଷଙ୍ଗିକ ପ୍ରଶ୍ନ ହେଲା ଟେଲିଭିଜନର ଉପାଦେୟତା ସଂପର୍କରେ ଏବେ ଯେଉଁ କଥା କୁହାଯାଉଛି, ତାହା କଣ ଅସାର ବାଗାଡ଼ମ୍ବର ନା ଏହା ପଛରେ କୌଣସି ଅନୁଧ୍ୟାନର ଫଳାଫଳ ତଥା ସତ୍ୟତା ରହିଛି ? ବିଶ୍ୱ ବିଖ୍ୟାତ ଯୋଗାଯୋଗ ବିଜ୍ଞାନୀ ଉଇଲବର ସ୍ରାମ୍‌ଙ୍କ ମତରେ ସମସ୍ତ ମାଧ୍ୟମ ଭିତରେ ଶିକ୍ଷା ଦୂରଦର୍ଶନ ଉପରେ ସର୍ବାଧିକ ଅନୁଧ୍ୟାନ ତଥା ଗବେଷଣା ସଂଗଠିତ ହୋଇଛି । ସେଥିରୁ ସ୍ପଷ୍ଟ ଭାବରେ ଅଭିଜ୍ଞତା ମିଳିଛି ଯେ ଦୂରଦର୍ଶନ ଶିକ୍ଷା ପାରଂପରିକ ଶ୍ରେଣୀ ଶିକ୍ଷା ଦାନଠାରୁ ଅଧିକ ସାର୍ଥକ ଓ ସରସ ହୋଇ ପାରିଛି । ବିଶେଷତଃ ବିଜ୍ଞାନ ଶିକ୍ଷାରେ ଏହି ମାଧ୍ୟମର ସଫଳତା ସର୍ବାଧିକ ।

ଏଇଚ. ଏଲ୍. କୁମାଟା ଦୂର ଦର୍ଶନ ଶିକ୍ଷା ଉପରେ ସଂପାଦିତ ୭୪ଟି ଅନୁଧ୍ୟାନର ନିର୍ଯ୍ୟାସ ବାହାର କରି ମତ ଦେଇଛନ୍ତି ଯେ କେବଳ ଦୂରଦର୍ଶନରୁ ଶିକ୍ଷା କରିଥିବା ଛାତ୍ର ଛାତ୍ରୀଗଣ ଶ୍ରେଣୀ ଶିକ୍ଷାଦାନରୁ ଶିକ୍ଷା କରିଥିବା ଛାତ୍ର ଛାତ୍ରୀଙ୍କ ସହିତ ସମାନ ଏବଂ ଅନେକ ଥରେ ପ୍ରଥମୋକ୍ତ ଦଳ ଅଧିକ କୃତିତ୍ୱ ପ୍ରଦର୍ଶନ କରିଥାନ୍ତି । (୩) ଚୁ ଓ ସ୍ରାମଙ୍କ ସଂପାଦିତ ଏକ ଦୂରଦର୍ଶନ ଶିକ୍ଷାଦାନମୂଳକ ଅନୁଧ୍ୟାନରୁ ଅବଗତ ହୋଇଥାଉଁ ଯେ ଛାତ୍ର ଛାତ୍ରୀଗଣ ବିଶେଷତଃ ଅଳ୍ପ ବୟସରେ ଟେଲିଭିଜନରୁ ଅଧିକ ଶିକ୍ଷା ପାଉଥାନ୍ତି ।

ବିଲାତର ପ୍ରସିଦ୍ଧ ଯୋଗାଯୋଗ ବିଶେଷଜ୍ଞ ଆଲନ୍ ହ୍ୟାନ୍‌କକଙ୍କ ମତରେ ଦୃଷ୍ଟିକେନ୍ଦ୍ରିତ ଦୂରଦର୍ଶନ ଶିକ୍ଷା କାର୍ଯ୍ୟକ୍ରମରୁ ପିଲାମାନେ ଅଧିକ ସଫଳତା ଲାଭ କରିଥାନ୍ତି । ଏହାର ଦୃଷ୍ଟାନ୍ତ ସ୍ୱରୂପ ଆମେରିକାର ବିଖ୍ୟାତ "ସିସେମ୍ ଷ୍ଟ୍ରିଟ୍" (Sesame Street) ଦ୍ୱାରା ସମାଜର ଅସୁବିଧାଗ୍ରସ୍ତ [illegible] ଓ [illegible] ଛାତ୍ର ଛାତ୍ରୀମାନେ [illegible]

୫ ବର୍ଷ ବୟସ) ସମାନ ଭାବରେ ଉପକୃତ ହୋଇଥିଲେ । ଏହି ପ୍ରକଳ୍ପର ସାଧାରଣ ମତ ହେଲା ଯେ ଯେଉଁ ପିଲା ଯେତେ ବେଶୀ ଉକ୍ତ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖି ଥିଲେ ସେ ସେତେ ଅଧିକ ଉପକାର ପାଇଥିଲେ । ସେମିତି ଆମେରିକାର ଆଉ ଏକ ଜଣାଶୁଣା ଦୂରଦର୍ଶନ ଶିକ୍ଷା କାର୍ଯ୍ୟକ୍ରମ ହେଲା ଇଲେକ୍ଟ୍ରିକ୍ କଂପାନୀ" (Electric Company) ଯାହା ଭାଷା ଶିକ୍ଷାରେ ପିଲାମାନଙ୍କୁ ବିଶେଷ ସଫଳତା ପ୍ରଦାନ କରିଥିଲା ।

ଉଇଲବର ସ୍କ୍ରାମ୍ ଶିକ୍ଷା-ଦୂରଦର୍ଶନର ୩ଟି ପ୍ରସିଦ୍ଧ ପ୍ରକଳ୍ପ (୧) ଆମେରିକୀୟ ସାମୋଆ, (୨) ଏଲ୍‌ସାଲଭାଡ଼ର ଓ (୩) ଆଇଭୋରୀ କୋଷ୍ଟର ଅଧ୍ୟୟନ କରି ଦୂରଦର୍ଶନର ବିଶେଷ ଉପାଦେୟତା ଦେଖାଇଛନ୍ତି ପ୍ରଥମଟି ଇଂରେଜ ଭାଷା ଶିକ୍ଷାଦାନରେ, ଦ୍ୱିତୀୟଟି ଗଣିତ ସାମାଜିକ ଶିକ୍ଷା ଓ ପ୍ରକୃତି ବିଜ୍ଞାନରେ ଏବଂ ତୃତୀୟଟି ଆଧୁନିକ ଗଣିତ ଓ ମାତୃଭାଷାରେ ଦୂରଦର୍ଶନର ଯଥେଷ୍ଟ ଗୁରୁତ୍ୱ ପ୍ରଦର୍ଶନ କରିଛି । ଛାତ୍ର ଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ବ୍ୟତୀତ ସେମାନଙ୍କର ମନୋବୃତ୍ତି (attitude) ଓ କୌଶଳ (skill) ର ଉନ୍ନତି ଦିଗରେ ଦୂରଦର୍ଶନ ଉଲ୍ଲେଖଯୋଗ୍ୟ ସଫଳତା ଆଣିପାରିଛି ।

ଶିକ୍ଷା ବ୍ୟତୀତ ଜାତୀୟ ବିକାଶର ଅନ୍ୟାନ୍ୟ ବିଭାବ ଯଥା :— କୃଷି, ଶିଳ୍ପ, ତଥ୍ୟ, ସାମାଜିକ ସଚେତନାତ ପ୍ରଭୃତି ଦିଗରେ ଦୂରଦର୍ଶନ ପ୍ରଭୂତପ୍ରଭାବ ପକାଇ ପାରିଛି । ୧୯୭୩ ମସିହାରେ ରଣଜିତ୍ ସିଂହ ଓ ଶର୍ମାଙ୍କ ସମ୍ପାଦିତ ଏକ ଅନୁଧ୍ୟାନରୁ ଜଣା ପଡ଼ିଛି ଯେ, ଦୂରଦର୍ଶନ ଥିବା ଗ୍ରାମର କୃଷକଗଣ ଦୂରଦର୍ଶନ ନ ଥିବା ଗ୍ରାମର କୃଷକଗଣଙ୍କ ଅପେକ୍ଷା ବହୁ ଉତ୍ପାଦନକ୍ଷମ ଗହମ ଚାଷ କରିବାରେ ଅଧିକ ସଫଳତା ଦେଖାଇଛନ୍ତି । ୧୯୭୨ ମସିହାରେ ଇନ୍ଦ୍ରଜିତ ସୋଖେନ୍ ଅନ୍ୟ ଏକ ଅନୁଧ୍ୟାନ କରି ଦେଖାଇଛନ୍ତି ଯେ, ଗ୍ରାମର ଯେଉଁ କୃଷକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଯେତେ ଭଲ, ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖି ଉନ୍ନତ କୃଷିକାର୍ଯ୍ୟ କରିବାରେ ସେମାନେ ସେତେ ଆଗ୍ରହୀ ହୋଇପାରିଛନ୍ତି । ୧୯୬୮ ମସିହାରେ ଜାତୀୟ ପ୍ରୌଢ଼ଶିକ୍ଷା ପ୍ରତିଷ୍ଠାନ ଓ ୧୯୭୦ ମସିହାରେ ଇନ୍ଦ୍ରଜିତ ସୋଖେନ୍ ଦୁଇଟି ଅନୁଧ୍ୟାନ କରି ଦେଖାଇଛନ୍ତି ଯେ, କୃଷକମାନଙ୍କ ମଧ୍ୟରେ କୃଷି କୌଶଳ ଶିକ୍ଷା ଦେବାରେ ଦୂରଦର୍ଶନ ଅଧିକ ସଫଳ ହୋଇ ପାରିଛି । ଦୂରଦର୍ଶନ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ଓ ତଥ୍ୟ ପରିବେଷଣ ସହଜସାଧ୍ୟ ହେବା ଆଉ କେତେକ ଅନୁଧ୍ୟାନରୁ ଅନୁଭୂତ ହୋଇଛି ।

ଯୋଗାଯୋଗ କ୍ଷେତ୍ରରେ ଟେଲିଭିଜନର ଉପାଦେୟତା ଯୋଗୁଁ ଇନସାଟ୍ ପ୍ରକଳ୍ପ ଉପରେ ଭାରତ ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଉପଗ୍ରହ ସାହାଯ୍ୟରେ ଆନ୍ଧ୍ର, ଓଡ଼ିଶା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ବିହାର ଓ ଗୁଜୁରାଟରେ ରେଡିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ସମ୍ପ୍ରସାରିତ ହେବ । ଇନସାଟ୍ ପ୍ରକଳ୍ପର ପ୍ରଧାନ ଲକ୍ଷ୍ୟଗୁଡ଼ିକ ହେଲା :—

(୧) କୃଷି ଉତ୍ପାଦନରେ ବୃଦ୍ଧି ଘଟାଇବା;

(୨) ଜନସାଧାରଣ ବିଶେଷତଃ ଦୁର୍ବଳ ଗୋଷ୍ଠୀର ଲୋକମାନଙ୍କୁ ଅଧିକ ସଂଖ୍ୟାରେ ଏହି କାର୍ଯ୍ୟରେ ଭାଗନେବାକୁ ସୁଯୋଗ ଦେବା ;

(୩) ପରିବାର କଲ୍ୟାଣ ଓ ସାଧାରଣ ସ୍ୱାସ୍ଥ୍ୟସେବାର ଉନ୍ନତି ସାଧନ କରିବା ;

(୪) ସାମାଜିକ ନିରାପତ୍ତାର ସମ୍ପ୍ରସାରଣରେ ସହାୟକ ହେବା ;

(୫) କ୍ରୀଡ଼ା ଓ ବ୍ୟାୟାମରେ ଆଗ୍ରହ ବୃଦ୍ଧି କରିବା ;

(୬) ବୈଜ୍ଞାନିକ ଚିନ୍ତବୃତ୍ତିର ବିକାଶ ସାଧନ କରିବା ; ଏବଂ

(୭) ଜାତୀୟ ଓ ଆଞ୍ଚଳିକ ସଂହତିରେ ବିକାଶ ଘଟାଇବା ।

ଜାତୀୟ ଉନ୍ନୟନ କ୍ଷେତ୍ରରେ ଏହି କୃତ୍ରିମ ଉପଗ୍ରହର ସଫଳ ଉପଯୋଗ ନିମନ୍ତେ ବିଭିନ୍ନ ପ୍ରକାର ସାଙ୍ଗଠନିକ ଆୟୋଜନ ଓ ପ୍ରଶାସନିକ ତଥା ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଉଛି । ଦୂରଦର୍ଶନ କାର୍ଯ୍ୟକ୍ରମର ସଦୁପଯୋଗ ନିମନ୍ତେ ଜାତୀୟ ଓ ରାଜ୍ୟ ସ୍ତରରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଉଛି । ଗ୍ରାମଗୁଡ଼ିକ ବଛାଯାଇ ବିଦ୍ୟୁତ୍‌କରଣ ଓ ତତ୍ତ୍ୱାବଧାରକ ନିଯୁକ୍ତି ପରେ ଦୂରଦର୍ଶନ ସେଟ ଉପସ୍ଥାପିତ ହେଉଛି । ପ୍ରତ୍ୟେକ ରାଜ୍ୟରେ ନିମ୍ନଲିଖିତ ତିନୋଟି ଲେଖାଏଁ ଜିଲ୍ଲା ବଛାଯାଇ ଉପଗ୍ରହ ମାଧ୍ୟମରେ ଦୂରଦର୍ଶନ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ବ୍ୟବସ୍ଥାମାନ କରାଯାଉଛି ।

ଆନ୍ଧ୍ରପ୍ରଦେଶ – କୁରନୁଲ, ରଙ୍ଗାରେଡ଼ି ଓ ମେହେବୁବ୍‌ନଗର ।

ଓଡ଼ିଶା – ବଲାଙ୍ଗିର, ଢେଙ୍କାନାଳ ଓ ସମ୍ବଲପୁର ।

ବିହାର – ରାଞ୍ଚି, ପାଲାମୁ ଓ ସିଂହଭୂମ ।

ମହାରାଷ୍ଟ୍ର – ନାଗପୁର, ଭଣ୍ଡାରା ଓ ଚନ୍ଦ୍ରପୁର ।

ଗୁଜୁରାଟ – ରାଜକୋଟ, ଜାମନଗର ଓ ଜୁନାଗଡ଼ ।

ଉତ୍ତରପ୍ରଦେଶ – ଗୋରେଖପୁର, ଆଜାମଗଡ଼ ଓ ବସ୍ତି ।

ପ୍ରତ୍ୟେକ ଟେଲିଭିଜନ କେନ୍ଦ୍ରରେ ଦୁଇଜଣ ତତ୍ତ୍ୱାବଧାରକ ନିଯୁକ୍ତି ହୋଇଛନ୍ତି । ସେମାନେ ସ୍ଥାନୀୟ ଗ୍ରାମର ବାସିନ୍ଦା, ଦାୟିତ୍ୱପୂର୍ଣ୍ଣ ଓ ଗଣତାନ୍ତ୍ରିକ ମନୋଭାବାପନ୍ନ ହେବା ଉଚିତ । ଟେଲିଭିଜନ

କାର୍ଯ୍ୟକ୍ରମ ପ୍ରତି ସେମାନଙ୍କର ଅନୁକୂଳ ମନୋଭାବ ରହିବା ଉଚିତ । ଟେଲିଭିଜନ ସେଟ୍‌କୁ ନିରାପଦ ରଖିବା, ଯଥା ସମୟରେ ତାକୁ ବ୍ୟବହାର କରିବା, ସମ୍ପୃକ୍ତ ଅନ୍ୟମାନଙ୍କ ସହିତ ସହଯୋଗ ରକ୍ଷା କରିବା ଆଦି ସେମାନଙ୍କର କର୍ତ୍ତବ୍ୟ । ଏଥିପାଇଁ ସେମାନଙ୍କୁ ଆବଶ୍ୟକ ତାଲିମ୍ ଦିଆଯାଉଛି ଏବଂ ଉପଯୋଗୀ ସହାୟକ ସାମଗ୍ରୀମାନ (ସପୋର୍ଟ ମେଟେରିଆଲସ୍) ପ୍ରଦାନ କରାଯାଉଛି ।

୧୯୭୫ ମସିହା ଅଗଷ୍ଟ ପହିଲରୁ ୧୯୭୬ ମସିହା ଜୁଲାଇ ୩୧ ତାରିଖ ଯାଏ ଏକବର୍ଷ ପାଇଁ ପ୍ରସିଦ୍ଧ ଉପଗ୍ରହ ସହାୟକ ଦୂରଦର୍ଶନ ଶିକ୍ଷା କାର୍ଯ୍ୟକ୍ରମ ପରୀକ୍ଷା (SITE)ଟି ସଙ୍ଗଠିତ ହୋଇଥିଲା । ଏହା ମୁଖ୍ୟତଃ ଆନ୍ଧ୍ର, ବିହାର, ଓଡିଶା, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ରାଜସ୍ଥାନର ଅନୁନ୍ନତ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଉକ୍ତ ୬ଟି ରାଜ୍ୟର ପ୍ରାୟ ୨,୪୦୦ ଗ୍ରାମରେ ଟେଲିଭିଜନର ସଫଳତା ଅନୁଭୂତ ହୋଇଥିଲା ।

ଜାତୀୟ ବିକାଶରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ ସରକାରଙ୍କ ତରଫରୁ ପୁଣି ଚଳିତବର୍ଷଠାରୁ ଏହି ଇନସାଟ ପ୍ରକଳ୍ପର ପ୍ରଚେଷ୍ଟା । ସମ୍ପୃକ୍ତ ବିଭାଗଗୁଡିକର ପାରସ୍ପାରିକ ସହଯୋଗ ଓ ସମନ୍ୱୟରେ ଏହି ମୂଲ୍ୟବାନ୍ ସୁଯୋଗର ସଦୁପଯୋଗ କରାଯାଇ ପାରିବ । ଦୂରଦର୍ଶନପରି ମହାର୍ଘ୍ୟ ଓ ଶକ୍ତିଶାଳୀ ମାଧ୍ୟମରେ ପ୍ରଭୂତ ବିନିଯୋଗ ଫଳରେ ଜାତୀୟ ବିକାଶ ତ୍ୱରାନ୍ୱିତ ହୋଇପାରିବ । ଏବେ ମଧ୍ୟ ଗ୍ରାମବାସୀମାନଙ୍କ ମଧ୍ୟରେ ଯୁଗ ଯୁଗର ଜାଡ୍ୟ, ଉଦାସୀନତା ଓ ଅନ୍ଧ ବିଶ୍ୱାସ ଭରି ରହିଛି । ସେଗୁଡିକୁ ପୋଛି ଏହି ପ୍ରକଳ୍ପ ମାଧ୍ୟମରେ ଜନସାଧାରଣଙ୍କ ମନରେ ନବ ପ୍ରେରଣା, ଆଶା ଓ ଉତ୍ସାହ ସୃଷ୍ଟି କରିବାକୁ ହେବ ଏବଂ ଜାତୀୟ ବିକାଶର ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିବାକୁ ପଡିବ ।


କ୍ୱାର୍ଟରସ୍ ନଂ ୩।୧୨, ଟାଇପ ୫-ଏ
ୟୁନିଟ୍—୨, ଭୁବନେଶ୍ୱର—୭୫୧୦୦୯


# ନୂତନ ଧରଣର ଷ୍ଟୋଭ୍

ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ସଂପ୍ରତି ଦୁଇପ୍ରକାରର ଷ୍ଟୋଭ ବାହାର କରିଛନ୍ତି । ତୃତୀୟ ବିଶ୍ୱର ଗାଁଗହଳିର ଜାଳେଣୀ ହ୍ରାସ ନିମନ୍ତେ ଏହା ବିଶେଷ ସହାୟକ ହେବ ।

ଗୋଟିଏ ଷ୍ଟୋଭ ଲାଗି କାଠ ଦରକାର ହେଲାବେଳେ ଅନ୍ୟଟି ଲାଗି ଶୁଖିଲା ପାଳ, ଘସି ଏବଂ ପତ୍ର ଦରକାର ।

କାଠଜଳା ଷ୍ଟୋଭର ପ୍ରସ୍ତୁତ ପ୍ରଣାଳୀ ଖୁବ୍ ସହଜ । ଏହିଷ୍ଟୋଭର ମୁଖ୍ୟଅଂଶ ହେଲା ଯେ କୌଣସି ଧାତୁରେ ତିଆରି ଏକ ଫମ୍ପା ଟ୍ୟୁବ । ଏହାର ଲମ୍ବ ରାନ୍ଧୁଣିଙ୍କ ଉଚ୍ଚତାକୁ ସୁହାଇଲା ଭଳି ହୋଇଛି । ଫଳରେ ତାଙ୍କୁ ବସିକରି ରାନ୍ଧିବାକୁ ପଡ଼ିବ ନାହିଁ । ଏଥିରେ କେତେ ପରିମାଣର ଜାଳେଣୀ ଦରକାର ପଡ଼ିବ ତଦନୁଯାୟୀ ଏହାର ବ୍ୟାସ ତିଆରି କରାଯାଇଛି ।

ଟ୍ୟୁବର ନିମ୍ନ ଭାଗରେ କେତେକ କଣା ରହିଛି । ଏହି ଛିଦ୍ର ନିଆଁ ଜଳିବା ପାଇଁ ଆବଶ୍ୟକ କରୁଥିବା ପବନ ଆଣିବାରେ ସାହାଯ୍ୟ କରିବ । ଟ୍ୟୁବର ତଳ ଭାଗକୁ ଗୋଟିଏ ବଡ଼ ଫ୍ରେମ ଦ୍ୱାରା ଆବଦ୍ଧ କରି ରଖାଯାଇଛି । ଏଥିରେ ପାଉଁଶ ରହି ପାରିବ । ରନ୍ଧନ ପାତ୍ରକୁ ଏକ ସହାୟକ ଜିନିଷ ଦ୍ୱାରା ଟ୍ୟୁବର ଉପରିଭାଗରେ ରଖାଯିବ ।

ଷ୍ଟୋଭ ଜାଳିବାକୁ ହେଲେ ନିମ୍ନ ଭାଗରେ କେତେକ ଛୋଟ ଛୋଟ କାଠ ଖଣ୍ଡ କିମ୍ବା କୋଇଲା ଦେଇ ଅଗ୍ନି ସଂଯୋଗ କରିବାକୁ ହେବ । ସେଗୁଡ଼ିକ ନିଆଁ ଧରିବା ପରେ ଟୁକୁରା ଟୁକୁରା କାଠଖଣ୍ଡମାନ ସଂଯୋଗ କରାଯିବ । ମାତ୍ର ୪ ମିନିଟ ମଧ୍ୟରେ ଷ୍ଟୋଭ ଜଳିବା ଆରମ୍ଭ କରିବ ।

କୋଡ଼ିଏ ମିନିଟ ସମୟରେ ପ୍ରାୟ ୫୦୦ ଗ୍ରାମ ଓଜନର ଜାଳ ଜଳିବ ଏବଂ ଏଥିରୁ ୧୨୦୦ ଡ଼ିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପ ବାହାରିବ । ଚଉଦ ମିନିଟ ସମୟରେ ପ୍ରାୟ ୪ ଲିଟର ପାଣି ଗରମ ହୋଇ ପାରିବ । ଏକ କିଲୋ ଚାଉଳକୁ ରାନ୍ଧିବା ଲାଗି ୭୫୦ଗ୍ରାମ କାଠ ଦରକାର ହେବ ।

ଷ୍ଟୋଭର ଶିଖା ସିଧାସଳଖ ଭାବେ ରାନ୍ଧିବା ପାତ୍ରକୁ ଉତାପ ଯୋଗାଇ ଦେବ । ଏଥିରୁ ଧୂଆଁ ବାହାରିବ ନାହିଁ । ଏପରିକି ଜାଳ କଞ୍ଚା ହେଲେ ମଧ୍ୟ ଧୂଆଁ ନିର୍ଗତ ହେବ ନାହିଁ । ଏହାକୁ ଫୁଙ୍କିବା ବା ପଂଖା କରିବା ଦରକାର ନାହିଁ । ଏହି ଷ୍ଟୋଭକୁ ଅନ୍ୟାନ୍ୟ ଷ୍ଟୋଭ ଭଳି ଅଳ୍ପ ଜାଗାରେ ରଖାଯାଇ ପାରିବ । ପ୍ରତିଷ୍ଠାନର କ୍ୟାଣ୍ଟିନ୍‌କୁ ଏହିଭଳି ଦୁଇଟି ଷ୍ଟୋଭ ଯୋଗାଇ ଦିଆଯାଇଛି ଏବଂ ସେଗୁଡ଼ିକ ଭଲ କାମ ଦେଉଛି । ଗତ ଛ' ମାସ ମଧ୍ୟରେ ଏଥିରେ କୌଣସି ଅସୁବିଧା ଦେଖା ଦେଇ ନାହିଁ ।

ସଂକଳ୍ପ, ସାଧନା ଓ ସଫଳତା—ଏମାନେ ପରସ୍ପର ପରିପୂରକ । ଯେ କୌଣସି ସଂକଳ୍ପ ପାଇଁ ନିରବଛିନ୍ନ ଦୃଢ଼ ସାଧନାର ପ୍ରୟୋଜନ ଏବଂ ଏହି ବଳିଷ୍ଠ ସାଧନା ବଳରେ ସଫଳତା ସହଜ ଲଭ୍ୟ । ସଂପ୍ରତି ଆମଦେଶ ଓ ଜାତିର ସାମୂହିକ ପ୍ରଗତି ପାଇଁ ଆମର ପ୍ରିୟ ପ୍ରଧାନ ମନ୍ତ୍ରୀଙ୍କଦ୍ୱାରା ଘୋଷିତ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଆମପାଇଁ ଏକ ସଂକଳ୍ପ ସ୍ୱରୂପ । ଆମର ଏକନିଷ୍ଠ ସାଧନା ବଳରେ ହିଁ କେବଳ ଏହାର ସଫଳ ରୂପାୟନ ସମ୍ଭବ ହୋଇ ପାରିବ । ଏହି ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଦେଶର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ବ୍ୟବସ୍ଥା, ଶିଳ୍ପ, ଅର୍ଥନୀତି, ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଆମେ ଆଶାନୁରୂପ ଉନ୍ନତି କରିବା ସଙ୍ଗେ ସଙ୍ଗେ ବିଶ୍ୱ ଦରବାରରେ ଭାରତର ମର୍ଯ୍ୟାଦା ଓ ଗୌରବର ପ୍ରତିଷ୍ଠା ହୋଇ ପାରିବ । ବିଂଶସୂତ୍ରୀ ପ୍ରବର୍ତ୍ତନର ଏକବର୍ଷ ଅତିବାହିତ ହୋଇଥିବାରୁ ଆମେ ଏପର୍ଯ୍ୟନ୍ତ ଆମଲକ୍ଷ୍ୟ-ପଥରେ କେତେଦୂର ଅଗ୍ରଣୀ ହୋଇପାରିଛେ, ଆମର ସଂକଳ୍ପ କିପରି ସଫଳ ହୋଇଛି—ଆଜି ତାହାହିଁ ବିଗ୍ରର୍ଯ୍ୟ । ଏହି ପରିପ୍ରେକ୍ଷୀରେ ଆମ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ତଥା ସୁନ୍ଦରଗଡ଼ ଜିଲ୍ଲାରେ ଆମେ ବିଭିନ୍ନ କାର୍ଯ୍ୟକ୍ରମର ସର୍ବପ୍ରଥମେ ଏହି କାର୍ଯ୍ୟକ୍ରମ ସଂପର୍କରେ ବୟାନ କରାଯାଇଛି । ବିଭିନ୍ନ ଋତୁରେ କ୍ଷୁଦ୍ର, ମଧ୍ୟମ ଓ ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଭୟ ଭୂପୃଷ୍ଠ ଓ ଭୂତଳ ଜଳ ସଂପଦର ବିନିଯୋଗ କରାଯାଇ ମୋଟ ୫୯ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରିବାକୁ ଆମର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ରାଜ୍ୟରେ ଚଳିତ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୩୯୮,୫୧ କୋଟି ଟଙ୍କା ଖର୍ଚ୍ଚ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ଗତବର୍ଷ ଆମେ ବିଭିନ୍ନ ଜଳସେଚନ ପ୍ରକଳ୍ପଦ୍ୱାରା ୬୯୯୨ ହେକ୍ଟର ଜମିରେ ଜଳସେଚନର ସୁବିଧା କରିପାରିଛୁ । ଆଗାମୀ ବର୍ଷରେ ୫୩୫୦ ହେକ୍ଟର ଅଧିକ ଜମିରେ ଜଳସେଚନର ସୁବିଧା କରଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ଧାର୍ଯ୍ୟ ଲକ୍ଷ୍ୟଭିତରୁ ଆମେ ଜୁନ୍ ମାସ ଶେଷ ସୁଦ୍ଧା ୧୪୨୯ ହେକ୍ଟର ଜମିରେ ଜଳସେଚନର ସୁବିଧା ଯୋଗାଇ ଦେଇ ପାରିଛୁ । ସେହିଭଳି ଡ଼ାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧିଲାଗି ବିଶେଷ ପ୍ରଚେଷ୍ଟା ଚଳେଇବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ଗତ ଖରିଫ୍ ଋତୁରେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୪୬୪୦୦ ହେକ୍ଟର

# ସମୃଦ୍ଧିର କୋଡିଏ ପାହାଚ

ଶ୍ରୀ ସୁରେନ୍ଦ୍ରନାଥ ପାଢ଼ୀ

କ୍ଷେତ୍ରରେ କିପରି ସଫଳତା ହାସଲ କରିଛୁ—ସେ ସଂପର୍କରେ ଏଠାରେ କେତେକ ସୂଚନା ପ୍ରଦାନ କରାଯାଉଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଯଥାର୍ଥରେ ଦେଶର ସାମୂହିକ ଉନ୍ନତିପାଇଁ କୋଡ଼ିଏଟି ଅନୁପମ ସୂତ୍ର । ଏହି କୋଡ଼ିଏଟି ସୂତ୍ର ଭିତରେ ସୁନାର ଭାରତ ଆତ୍ମଗୋପନକରି ରହିଛି । ଏହି କୋଡ଼ିଏଟି ସୂତ୍ରହିଁ ଆମ ସଫଳତାର ଗୁବିକାଠି ।

## କୃଷି ବିକାଶ

ଭାରତ ଏକ କୃଷିପ୍ରଧାନ ଦେଶ । କୃଷିର ବିକାଶ-ଉପରେ ଆମର ଅର୍ଥନୀତି ତଥା ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳତା ନିର୍ଭରକରେ । କୃଷିପାଇଁ ଜଳସେଚନ ସର୍ବାଦୌ ଆବଶ୍ୟକ । ତେଣୁ ଜଳସେଚନ କ୍ଷମତା ବୃଦ୍ଧି କରିବା ସଂଗେ ସଂଗେ କୃଷି କ୍ଷେତ୍ରରେ ଆମର ବୈଷୟିକ ତଥା ବୈଜ୍ଞାନିକ ଜ୍ଞାନ ଓ ଉପକରଣ ପ୍ରୟୋଗର ବ୍ୟାପକ ପ୍ରସାର ଆବଶ୍ୟକ । ବିଂଶସୂତ୍ରୀ

ଜମିରେ ଡ଼ାଲି ଓ ତୈଳବୀଜ ଚାଷ କରାଯାଇଥିଲା । ଆଗାମୀ ଖରିଫ୍ ଋତୁରେ ପ୍ରାୟ ୬୩.୯୦୦ ହେକ୍ଟର ଜମିରେ ଡ଼ାଲି ଓ ତୈଳବୀଜ ଚାଷ କରାଯିବ । ଏହି ଧାର୍ଯ୍ୟ ଲକ୍ଷ୍ୟ ଆମ ଜିଲ୍ଲାର ଡ଼ାଲି ଓ ତୈଳବୀଜର ଆଶାନୁରୂପ ଆବଶ୍ୟକତା ପୂରଣ କରିପାରିବବୋଲି ଆଶା କରାଯାଏ ।

## ଗ୍ରାମାଞ୍ଚଳ ଉନ୍ନୟନ

ଭାରତ ଏକ ଗ୍ରାମବହୁଳ ଦେଶ । ଆମ ଦେଶର ପ୍ରାୟ ଶତକଡ଼ା ୮୦ ଭାଗରୁ ଊର୍ଦ୍ଧ୍ୱଲୋକ ଗ୍ରାମାଞ୍ଚଳରେ ବାସକରନ୍ତି । ଓଡ଼ିଶାର ଗତ ୮୧ ଜନଗଣନା ଅନୁସାରେ ମୋଟ ଜନସଂଖ୍ୟାର ପ୍ରାୟ ୮୮ ଭାଗଲୋକ ଗ୍ରାମରେ ବାସକରନ୍ତି । ତେଣୁ ଗ୍ରାମାଞ୍ଚଳରେ ଅର୍ଥନୈତିକ ବିକାଶ ଏବଂ କର୍ମନିଯୁକ୍ତିପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସମନ୍ୱିତ ଗ୍ରାମାଞ୍ଚଳ ବିକାଶ ଯୋଜନାକୁ ଅଗ୍ରାଧିକାର ଦିଆଯାଇଛି । ଗତବର୍ଷ ଏହି କାର୍ଯ୍ୟକ୍ରମଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ୧୨୪୧୦ଟି ପରିବାର ଉପକୃତ ହୋଇଛନ୍ତି ଏବଂ ଚଳିତବର୍ଷ ୧୦,୮୬୫ ପରିବାରଙ୍କୁ ସାହାଯ୍ୟ କରିବାର

ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସେହିଭଳି ଗତବର୍ଷ ଗ୍ରାମାଞ୍ଚଳ କର୍ମନିଯୁକ୍ତି କରିଆରେ ୫,୧୬,୯୭୫ ଶ୍ରମଦିବସର ଉପଯୋଗ କରାଯାଇଛି ଏବଂ ଚଳିତ ବର୍ଷ ତାହା ୨୫,୯୬.୩୯୬କୁ ବଢ଼ାଇବାପାଇଁ ଲକ୍ଷ୍ୟ ରଖାଯାଇଛି । କୃଷୋପଯୋଗୀ ଜମିର ସର୍ବୋଚ୍ଚସୀମା ଲାଗୁହେବା ସଂଗେ ସଂଗେ ସିଲିଂ ବହିର୍ଭୂତ ଜମିକୁ ଭୂମିହୀନମାନଙ୍କ ମଧ୍ୟରେ ବଣ୍ଟନ କରିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ଏହାଦ୍ୱାରା ଦାରିଦ୍ର୍ୟର ସୀମାରେଖା ତଳେଥିବା ନାଗରିକମାନଙ୍କର ଅର୍ଥନୈତିକ ଅବସ୍ଥା ସ୍ୱଚ୍ଛଳ କରାଯାଇପାରିବ । ଜମିର ସର୍ବୋଚ୍ଚସୀମା ଆଇନ କାର୍ଯ୍ୟକାରୀ ହେବାପରେ ପ୍ରାୟ ଦୁଇ ଲକ୍ଷ ଏକର ବଳକା ଜମି ଭୂମିହୀନ ଲୋକଙ୍କ ମଧ୍ୟରେ ବଣ୍ଟନନିମନ୍ତେ ମିଳିବବୋଲି ରାଜ୍ୟସ୍ତରରେ ହିସାବ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ସିଲିଂ ବହିର୍ଭୂତ ମିଳିଥିବା ଜମି ୯୯୩୮.୧୨ ଏକରରୁ ଏପର୍ଯ୍ୟନ୍ତ ୫୦୧୪ ଜଣ ଭୂମିହୀନଙ୍କୁ ୮୮୨୬.୨୧ ଏକର ଜମି ବଣ୍ଟନ କରାଯାଇଛି ଏବଂ ଚଳିତବର୍ଷ ୧୧୧୧.୯୧ ଏକର ଜମି ବଣ୍ଟନ କରାଯିବା ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏହି ଭୂମିହୀନମାନଙ୍କ ମଧ୍ୟରେ ୧୦୬୮ ଜଣ ହରିଜନ ଏବଂ ୨୮୪୧ ଜଣ ଆଦିବାସୀ ଉପକୃତ ହୋଇଛନ୍ତି । ସେହିଭଳି କୃଷି କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନଙ୍କୁ ନ୍ୟୁନତମ ମଜୁରୀ ମିଳିବା ସଂକ୍ରାନ୍ତ ଆଇନର ସମୀକ୍ଷା ଏବଂ ଏହାକୁ ଫଳପ୍ରଦଭାବେ ଲାଗୁକରିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଏକସୂତ୍ର ।

## ସର୍ବନିମ୍ନ ମଜୁରୀ ହାର

ଆମ ରାଜ୍ୟରେ ସର୍ବନିମ୍ନ ମଜୁରୀହାର ଫଳପ୍ରଦଭାବେ ଲାଗୁ ହୋଇ ପାରିଲେ ଲକ୍ଷ ଲକ୍ଷ ଶ୍ରମିକ · ଜମି ମାଲିକ-ମାନଙ୍କର ଶୋଷଣରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ନ୍ୟାଯ୍ୟ ପାଉଣା ଦ୍ୱାରା ନିଜ ନିଜର ଅର୍ଥନୈତିକ ଉନ୍ନତି କରି ପାରିବେ । ସୁନ୍ଦରଗଡ଼ ଜିଲ୍ଲାରେ ସର୍ବନିମ୍ନ ମଜୁରୀ ହାର ପ୍ରବର୍ତ୍ତନ କ୍ଷେତ୍ରରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ନହୁଏ, ସେଥିପାଇଁ ସବୁପ୍ରକାର ପ୍ରଶାସନିକ ଓ ବୈଧାନିକ ସତର୍କତା ଗ୍ରହଣ କରାଯାଇଛି । ଏହି ସର୍ବନିମ୍ନ ମଜୁରୀ ହାର ପ୍ରବର୍ତ୍ତନରେ ଖିଲପ କରିଥିବା ୩୨ଟି ଘଟଣା ଶ୍ରମ କମିସନଙ୍କ ଦୃଷ୍ଟିକୁ ଅଣା ଯାଇଛି ଏବଂ ତାର ଆଶୁ ପ୍ରତିକାର ପାଇଁ ସକଳ ପ୍ରକାର ବ୍ୟବସ୍ଥା ଗ୍ରହଣ କରା-ଯାଇଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟ ଏକ ବଡ଼ ସଂକଳ୍ପ ହେଲା ଗୋତି ଶ୍ରମିକମାନଙ୍କୁ ଥଇଥାନ କରିବା । ଗୋତି ପ୍ରଥା ଯଥାର୍ଥରେ ବ୍ୟକ୍ତି ସ୍ୱାଧୀନତାର ଏକ କଳଙ୍କ । ଯେ କୌଣସି ସ୍ୱାଭିମାନୀ ଆତ୍ମ ମର୍ଯ୍ୟାଦା ସଂପନ୍ନ ସଭ୍ୟ ସମାଜ ପ୍ରତି ଏହା ଏକ ଅଭିଶାପ ସ୍ୱରୂପ । ହେଲେ ଆମ ଦେଶରେ ଦାରିଦ୍ର୍ୟ ଓ ଅଜ୍ଞତାକୁ କେନ୍ଦ୍ରକରି ଏହି ଗୋତି ପ୍ରଥା ଦୀର୍ଘଦିନ ଧରି ଚଳି ଆସିଛି । ଗୋତି ପ୍ରଥା ଉଚ୍ଛେଦ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୯୭୬ ମସିହା ଗୋତି ଶ୍ରମିକ ପ୍ରଥା (ଉଚ୍ଛେଦ) ଆଇନ୍ ୧୯୭୫ ଅକ୍ଟୋବର ୨୫ ତାରିଖଠାରୁ କାର୍ଯ୍ୟକାରୀ ହୋଇ ଆସୁଛି । ସଂପ୍ରତି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଅଗ୍ରାଧିକାର ଭିତ୍ତିରେ ଏହି ସମସ୍ୟା ପାଇଁ ଜାତୀୟ କାର୍ଯ୍ୟକ୍ରମ ଗୃହୀତ ହୋଇଛି । ଓଡ଼ିଶା ସରକାର ରାଜ୍ୟର ସବୁ ଗୋତି ଶ୍ରମିକଙ୍କୁ ଠାବ କରି ସେମାନଙ୍କ ଥଇଥାନ ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ଯତ୍ନବାନ । ଆମ ସୁନ୍ଦରଗଡ଼ ଜିଲ୍ଲାରେ ବିଗତ ବର୍ଷ ୫୦୦ ଗୋତି ଶ୍ରମିକଙ୍କୁ ଠାବକରି ସେମାନଙ୍କୁ ଥଇଥାନ କରାଯାଇ ପାରିଛି ଏବଂ ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ୨୬୮ ଜଣ ଗୋତି ଶ୍ରମିକଙ୍କୁ ଠାବ କରି ଥଇଥାନର ବ୍ୟବସ୍ଥା କରାଯାଇଛି ।

ଗୋତିଶ୍ରମିକ ପ୍ରଥାପରି ଜାତିପ୍ରଥା ଆମ ସମାଜର ଅନ୍ୟ ଏକ କଳଙ୍କ । ହରିଜନମାନେ ହିନ୍ଦୁ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ସୁଦ୍ଧା ବିଭିନ୍ନ ସ୍ଥାନରେ ତଥା କଥିତ ଉଚ୍ଚ ବର୍ଣ୍ଣର ହିନ୍ଦୁମାନଙ୍କ ଦ୍ୱାରା ହରିଜନମାନେ ଅତ୍ୟାଚାରିତ ହେବାର ବହୁ ଘଟଣା ବେଳେ ବେଳେ ସମ୍ବାଦ ପତ୍ରରେ ପ୍ରକାଶ ପାଉଛି ।

## ଆଦିବାସୀ ଉନ୍ନୟନ

ସେହିଭଳି ଆଦିବାସୀ ସଂପ୍ରଦାୟ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଅତ୍ୟାଚାରର ଶୀକାର ହେଉଛନ୍ତି । ତେଣୁ କେନ୍ଦ୍ର ସରକାର ହରିଜନ ଆଦିବାସୀମାନଙ୍କର ଉନ୍ନତି କଳ୍ପେ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆମ ରାଜ୍ୟରେ ହରିଜନ ଆଦିବାସୀମାନଙ୍କ ସଂଖ୍ୟା ସମଗ୍ର ଲୋକସଂଖ୍ୟାର ପ୍ରାୟ ୪୪ ଭାଗ । ରାଜ୍ୟ ସରକାର ହରିଜନ ଆଦିବାସୀ ସଂପ୍ରଦାୟର ବିକାଶ ନିମନ୍ତେ ସ୍ୱତନ୍ତ୍ର ସମନ୍ୱିତ ଯୋଜନା, ହରିଜନ ଅର୍ଥ ସମବାୟ କର୍ପୋରେସନ୍, ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ୍, ଭିତ୍ତିଭୂମିକ ଉନ୍ନୟନ ଯୋଜନା, ଆଇନଗତ ସାହାଯ୍ୟ, ଘରଡିହ ଓ କୃଷି ଜମି ଯୋଗାଣ ଇତ୍ୟାଦି ବହୁ ପର୍ଯ୍ୟାୟରେ ହରିଜନ ଆଦିବାସୀ ଭାଇଭଉଣୀମାନଙ୍କୁ ସାହାଯ୍ୟ କରି ଆସୁଛନ୍ତି । ଆମ ସୁନ୍ଦରଗଡ଼ ବିଶେଷ ଭାବେ ଏକ ଆଦିବାସୀ ଓ ହରିଜନ ବହୁଳ ଜିଲ୍ଲା । ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା, ସ୍ୱତନ୍ତ୍ର କଂପୋନେଣ୍ଟ ଯୋଜନା, ସମବାୟ କର୍ପୋରେସନ୍ ଓ ଭିତ୍ତିଭୂମିକ ଉନ୍ନୟନ ଯୋଜନା ମାଧ୍ୟମରେ ଗତବର୍ଷ ୩୯୯୯ ହରିଜନ ପରିବାର ଏବଂ ୧୦୭୬୯ ଆଦିବାସୀ ପରିବାର ଉପକୃତ ହୋଇଛନ୍ତି । ସମବାୟ କର୍ପୋରେସନ ଜରିଆରେ ବୁଣାକାରମାନଙ୍କ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଓଡ଼ିଶା ଚମଡ଼ା କର୍ପୋରେସନ୍ ଜରିଆରେ କିଓସ୍କ, ଯନ୍ତ୍ରପାତି, ତାଲିମ ଓ ବୈଷୟିକ ଜ୍ଞାନ ଯୋଗାଇ ଦିଆଯାଉଛି । ସେହିଭଳି ରେଶମ ଶିଳ୍ପ, ମତ୍ସ୍ୟଚାଷ, ଫଳଉଦ୍ୟାନ, ଜଳସେଚନ, ପଶୁପାଳନ, ତାଲିମ କାର୍ଯ୍ୟକ୍ରମ, ଭୂମି ବଣ୍ଟନ ପ୍ରଭୃତି ମାଧ୍ୟମରେ ହରିଜନମାନଙ୍କର ଉନ୍ନତି ବିଧାନ ନିମନ୍ତେ ସମସ୍ତ ପ୍ରକାର ଚେଷ୍ଟା କରା-ଯାଉଛି । ଗତ ଦୁଇବର୍ଷରେ ୧୨୪୪ଟି ହରିଜନ ଓ

ଆଦିବାସୀ ବସ୍ତିକୁ ବିଜୁଳି ସଂଯୋଗ ଓ ପାନୀୟ ଜଳ-ଯୋଗାଣ ଉଦ୍ଦେଶ୍ୟରେ ହରିଜନ ବସ୍ତିରେ ୧୫୮୯ଟି ଓ ଆଦିବାସୀ ବସ୍ତିରେ ୧୩୩୮ଟି ନଳକୂପ ବସା-ଯାଇଛି । ଗତବର୍ଷ ୨୧୬୯ ଜଣ ଭୂମିହୀନଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ହରିଜନ ଓ ଆଦିବାସୀଙ୍କର ଶିକ୍ଷାର ପ୍ରସାର ପାଇଁ ୯ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ କାର୍ଯ୍ୟକାରୀ ହେଉଛି ।

## ଜଳଯୋଗାଣ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ପାନୀୟଜଳ କଷ୍ଟ ଭୋଗୁଥିବା ସୁନ୍ଦରଗଡ଼ ଜିଲ୍ଲାର ୯୬୭ ଗ୍ରାମକୁ ଜଳଭାବଗ୍ରସ୍ତ ଗ୍ରାମରୂପେ ଚିହ୍ନଟକରି ଅଗ୍ରାଧିକାର ଭିତ୍ତିରେ ନଳକୂପ ଓ ସାନିଟାରୀ କୂପ ଯୋଗାଇ ଜଳକଷ୍ଟ ଦୂର କରାଯାଇ ପାରିଛି । ସେହିଭଳି ଜିଲ୍ଲାର ଭୂମିହୀନ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଭିତରୁ ଘରଡିହ ନିମନ୍ତେ ବିଗତ ତିନିବର୍ଷରେ ୯୦୫ ଜଣଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ସମନ୍ୱିତ ଗୃହନିର୍ମାଣ ଯୋଜନା ମାଧ୍ୟମରେ ୪୧୭ଟି ଗୃହନିର୍ମାଣକରି ହରିଜନମାନଙ୍କୁ ୮୯ଟି, ଆଦିବାସୀ-ମାନଙ୍କୁ ୨୯୩ଟି ଏବଂ ଅନ୍ୟାନ୍ୟ ଭୂମିହୀନ ଓ ଆର୍ଥିକ ଦୁର୍ବଳଶ୍ରେଣୀର ଲୋକମାନଙ୍କୁ ୩୫ଟି ଘର ଯୋଗାଇ ଦିଆଯାଇଛି । ବସ୍ତି ଅଞ୍ଚଳର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି କଳ୍ପେ ୩୯ଟି ବସ୍ତିର ବିକାଶ ସାଧନ କରା-ଯାଇଛି । ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଣ ଅଗ୍ରାଧିକାର ଲାଭ କରିଛି ଏବଂ ଏହି କାର୍ଯ୍ୟକ୍ରମ ଜରିଆରେ ସୁନ୍ଦରଗଡ଼ ଜିଲ୍ଲାରେ ଗତବର୍ଷ ୬୦ଟି ଗ୍ରାମରେ ଓ ଏବର୍ଷ ନଭେମ୍ବର ସୁଦ୍ଧା ୪୧ଟି ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଏହି ସମୟ ଭିତରେ ୩୯୬ଟି ପମ୍ପସେଟ୍‌କୁ ମଧ୍ୟ ବିଦ୍ୟୁତ୍ ଯୋଗାଇ ଦିଆଯାଇ ପାରିଛି । ପାରିପାର୍ଶ୍ୱିକ ଉନ୍ନତି ବିଧାନ ପରି-ପ୍ରେକ୍ଷୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏକ ଅଗ୍ରଣୀ ଯୋଜନା । ଆମେ ସମସ୍ତେ ଏବେ ଜଙ୍ଗଲ ସଂପଦର କ୍ଷୟକ୍ଷତି ହେତୁ ଜଳବାୟୁ ଉପରେ କିପରି ତାର ପ୍ରଭାବ ପଡୁଛି ଏବଂ ଏଥିଯୋଗୁଁ ବନ୍ୟା, ମରୁଡ଼ି ଭଳି ବିପରି ସୃଷ୍ଟି ହେଉଛି; ସେ ବିଷୟରେ ଭଲ ଅଧିକେ ସଚେତନ । ତେଣୁ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରାଯିବା ପାଇଁ ସବୁ ସ୍ଥାନରେ ବ୍ୟାପକ ଚେଷ୍ଟା କରାଯାଉଛି । ଗତବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ୨୯୯୭ ହେକ୍ଟର ଜମିରେ ୧୮,୪୪,୧୦୫ଟି ବୃକ୍ଷ ରୋପଣ କରାଯାଇ ପାରିଛି ।

ରନ୍ଧନପାଇଁ ଯେପରି ଦୈନନ୍ଦିନ ବ୍ୟବହାରରେ ଅଧିକ ଜାଳେଣିକାଠ ବ୍ୟବହାର ନକରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ ସେଥିପାଇଁ ଆମଜିଲ୍ଲାରେ ଏପର୍ଯ୍ୟନ୍ତ ୧୦୨ଟି ବାଇଓ-ଗ୍ୟାସ-ପ୍ଲାଣ୍ଟ ବା ଗୋବରଗ୍ୟାସ ପ୍ଲାଣ୍ଟ କରାଯାଇ ପାରିଛି ।

## ପରିବାର କଲ୍ୟାଣ

ଦ୍ରୁତ ଜନସଂଖ୍ୟା ବୃଦ୍ଧି କେବଳ ଆମଦେଶରେ ନୁହେଁ, ପୃଥିବୀର ବହୁଦେଶରେ ବିପଦଜନକ ସମସ୍ୟାରୂପେ ଦେଖାଦେଇଛି । ଯେଉଁ ହାରରେ ଜନସଂଖ୍ୟାବୃଦ୍ଧି ପାଉଛି, ସେହି ହାରରେ ଉତ୍ପାଦନ ବୃଦ୍ଧି ଘଟୁନାହିଁ ବା ଘଟିବାମଧ୍ୟ ସମ୍ଭବନୁହେଁ । ତେଣୁ ସମଗ୍ର ପୃଥିବୀରେ ଭାରତଭଳି ବିକାଶଶୀଳ ଦେଶମାନଙ୍କରେ ଜନସଂଖ୍ୟା ବୃଦ୍ଧିକୁ ରୋକିବା ନିମନ୍ତେ ଆପ୍ରାଣ ଉଦ୍ୟମ କରାଯାଉଛି । ଚୀନଦେଶରେ ଏବେ 'ଓ୍ୱାନ ଚାଇଲ୍ଡ୍ ପର ଓ୍ୱାନ କପଲ୍' ବ୍ୟବସ୍ଥା ପ୍ରବର୍ତ୍ତନକରି ଗୋଟିଏ ଦଂପତିଙ୍କର ମାତ୍ର ଗୋଟିଏ ସନ୍ତାନନିମନ୍ତେ କଡ଼ାକଡ଼ି ବ୍ୟବସ୍ଥା କରାଯାଉଛି ଏବଂ ସେଥିରୁ ସୁଫଳମିଳିଛି । ତେଣୁ ଆମଦେଶରେ ଆମେ ସେହିଭଳି ଜନସଂଖ୍ୟା ବୃଦ୍ଧିଜନିତ ବିପଦ ସଂପର୍କରେ ସଚେତନହୋଇ ପରିବାର ନିୟୋଜନ ନିମନ୍ତେ ଯତ୍ନଶୀଳହେବା ବିଧେୟ । ସୁଖର କଥା, ସୁନ୍ଦରଗଡ଼ ଜିଲ୍ଲା ୧୯୮୧-୮୨ ବର୍ଷରେ ପରିବାର କଲ୍ୟାଣ କ୍ଷେତ୍ରରେ ସମଗ୍ର ରାଜ୍ୟରେ ପ୍ରଥମସ୍ଥାନ ଅଧିକାରକରି ରାଜ୍ୟସରକାରଙ୍କର ପ୍ରଶଂସାସୂଚକ ସିଲ୍ଡ଼ ଲାଭ କରିଥିଲା । ପରିବାର ନିୟୋଜନ କ୍ଷେତ୍ରରେ ଅସ୍ତ୍ରୋପଚାର, ଲୁପ୍, ଆଇ. ଇଉ. ଡି. ଗ୍ରହଣ, ନିରୋଧ ବ୍ୟବହାର ଏବଂ ଜନ୍ମ-ନିରୋଧକ ପିଲ୍‌ସେବନ ପ୍ରଭୃତି ପ୍ରଣାଳୀ ମାଧ୍ୟମରେ ଗତବର୍ଷ ମୋଟ ୧୭,୬୯୧ଜଣ ପରିବାର ନିୟନ୍ତ୍ରଣ କରିଛନ୍ତି । ଏବର୍ଷ ୨୪,[illegible]୦ଜଣଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିଭଳି ସାର୍ବଜନୀନ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧାର ବ୍ୟାପକ ଉନ୍ନତିସାଧନ କରିବା ସଂଗେସଂଗେ କୁଷ୍ଠ,ଯକ୍ଷ୍ମା ଓ ଦୃଷ୍ଟିଶକ୍ତି ହୀନତାର ନିୟନ୍ତ୍ରଣପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଗତବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜରିଆରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୬୯ଟି ସବ୍‌ସିଡିଆରୀ ହେଲ୍‌ଥ ସେଣ୍ଟର ଓ ୨୩୪ଟି ସବ୍-ସେଣ୍ଟର ଖୋଲାଯାଇ ପାରିଛି । ସ୍ୱାସ୍ଥ୍ୟ ଗାଇଡ୍ ପରିକଳ୍ପନା ଜରିଆରେ ଗତବର୍ଷ ୧୦୦ ଜଣଙ୍କୁ ନିଯୁକ୍ତି ମିଳିଛି ଏବଂ ଏବର୍ଷ ୧୬୮ଜଣଙ୍କୁ ନିଯୁକ୍ତି ଓ ତାଲିମ ଦେବାର ଲକ୍ଷ୍ୟ ରଖାଯାଇପାରିଛି । ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ୧,୪୫୮ଜଣ ନୂତନ କୁଷ୍ଠ ରୋଗୀଙ୍କୁ ଠାବ କରାଯାଇ ୪,୯୧୫ଜଣଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଇଛି । ସେହିଭଳି ୨,୩୭୩ଜଣ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟକରି ଚିକିତ୍ସା ସୁଯୋଗ ଯୋଗାଇ ଦିଆଯାଇଛି । ୧୦,୩୧୮ ଜଣଙ୍କୁ ଯକ୍ଷ୍ମା ନିରୋଧକ ଟୀକା ଦିଆଯାଇଛି । ଗତବର୍ଷ ୨୩,୮୧୫ଜଣଙ୍କର ଚକ୍ଷୁପରୀକ୍ଷା କରାଯାଇ ୨,୩୬୪ ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି ।

## ପୁଷ୍ଟିକର ଖାଦ୍ୟ ଯୋଗାଣ

ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ପ୍ରସୂତି ତଥା କୋମଳମତି ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାର

ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବିଶେଷତଃ ଆଦିବାସୀ, ପାର୍ବତ୍ୟ ଓ ଅନୁନ୍ନତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ଅଧିକ ସଂପ୍ରସାରିତ କରାଯାଉଛି । ହେତ, ବାଇବାଡ଼ି, ଅଙ୍ଗନବାଡ଼ି ଯୋଜନା ମାଧ୍ୟମରେ ୧୯,୪୫୨ଜଣ ମହିଳା ଓ ୮୩,୧୪୫ଜଣ ଶିଶୁ ଉପକୃତ ହୋଇଛନ୍ତି । ଖାଦ୍ୟ ସଂରକ୍ଷଣ ୧୭ଟି ଆଦିବାସୀ ବହୁଳ ପଞ୍ଚାୟତ ସମିତିରେ କାର୍ଯ୍ୟକାରୀ ହେଉଛି । ସେହିଭଳି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସାର୍ବଜନୀନ ମୌଳିକଶିକ୍ଷା ବ୍ୟବସ୍ଥାର ସଂପ୍ରସାରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ୬ବର୍ଷରୁ ୧୪ବର୍ଷ ବୟସସୀମା ଭିତରେ ଶିଶୁ ଓ କିଶୋରମାନେ ଯେପରି ଶିକ୍ଷାଲାଭରୁ ବଂଚିତ ନହେବେ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି ।

ଏହି ବୟସ ସୀମାଭିତରେ ସୁନ୍ଦରଗଡ଼ ଜିଲ୍ଲାର ୫,୦୨୫ଜଣ ବାଳକ ଓ ୧,୮୬୪ଜଣ ବାଳିକାମାନଙ୍କର ଅଣ-ଆନୁଷ୍ଠାନିକ ଶିକ୍ଷାର ବ୍ୟବସ୍ଥା କରାଯାଇଛି । ସେହିଭଳି ଗତବର୍ଷ ୩୦୦ ପ୍ରୌଢ଼ଶିକ୍ଷା କେନ୍ଦ୍ର ଜରିଆରେ ୯,୦୦୦ ପ୍ରୌଢ଼ ସାକ୍ଷର ହେବାର ସୌଭାଗ୍ୟ ଲାଭ କରିଛନ୍ତି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ ଦୋକାନ ଖୋଲି ସାଧାରଣ ବଣ୍ଟନ ବ୍ୟବସ୍ଥାର ଉନ୍ନତି ସାଧନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଦୁର୍ଗମ ଅଞ୍ଚଳରେ ଭ୍ରାମ୍ୟମାଣ ଦୋକାନ, କଳ କାରଖାନାର ଶ୍ରମିକମାନଙ୍କ ନିମନ୍ତେ ଉଚିତ ମୂଲ୍ୟର ଦୋକାନ, ଛାତ୍ର ଛାତ୍ରୀଙ୍କ ଲାଗି ଉଚିତ ଦର ଦୋକାନ ମାଧ୍ୟମରେ ପାଠ୍ୟ ପୁସ୍ତକ ଓ ଏକ୍ସରସାଇଜ୍ ଖାତା ଯୋଗାଣ ପ୍ରଭୃତି ଖାଉଟି ସୁରକ୍ଷା ଅଭିଯାନ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ସୁନ୍ଦରଗଡ଼ ଜିଲ୍ଲାରେ ଗତ ବର୍ଷ ୮୪୫ ଟି ଉଚିତ ଦର ଦୋକାନ ଓ ୧୬୭ ଟି ସମବାୟଭିତ୍ତିକ ଦୋକାନ ଖୋଲା ଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ୧,୭୩,୪୯୦ ଜାତୀୟକରଣ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି ।

ସେହିଭଳି ପୁଞ୍ଜି ଲଗାଣ ପ୍ରକ୍ରିୟାକୁ ଉଦାର ଓ ସରଳ ତଥା ଶିଳ୍ପ ନୀତିକୁ ସରଳ ଓ ପ୍ରଗତିକାମୀ କରାଯିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟତମ ସଙ୍କଳ୍ପ । ଯାହା ଫଳରେ କି ବିଭିନ୍ନ ପ୍ରକଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ସଂପୂର୍ଣ୍ଣହୋଇ ପାରିବ । ହସ୍ତଶିଳ୍ପ, ହସ୍ତତନ୍ତ, କ୍ଷୁଦ୍ର ଓ କୁଟୀର ଶିଳ୍ପର ଅଭିବୃଦ୍ଧି ଓ ପ୍ରସାର ତଥା ଏଗୁଡ଼ିକରେ ବୈଷୟିକ ଓ ଆଧୁନିକୀକରଣ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଆମ ଜିଲ୍ଲାରେ ଗତ ବର୍ଷ ୨୨୭ ଟି ହସ୍ତତନ୍ତର ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ଓ ୧୦୦ ଟି ହସ୍ତତନ୍ତର ଆଧୁନିକୀକରଣ କରାଯାଇଛି । ମୋଟ ୩୮୫ ଲକ୍ଷ ୫୮ ହଜାର ଟଙ୍କା ଆର୍ଥିକ ସହାୟତା ଦିଆ ଯାଇଛି ଓ ୨୮୫ ଟି କ୍ଷୁଦ୍ର ଓ କୁଟୀର ଶିଳ୍ପ କେନ୍ଦ୍ର ଗଢ଼ି ଉଠିଛି । ଏହା ଦ୍ୱାରା ୭୫୪ ଜଣ ମୌଳିକ ବୃତ୍ତିଧାରୀ ବ୍ୟକ୍ତି ଉପକୃତ ହୋଇଛନ୍ତି ଓ ଅଧିକ ୨,୧୦୦ ଜଣ ନିଯୁକ୍ତି ପାଇଛନ୍ତି । ବିଂଶସୂତ୍ରୀ କାର୍ଯ୍ୟକ୍ରମରେ କଳାବଜାରୀ, ବେଆଇନ ମହଜୁଦକାରୀ ଏବଂ ଟିକସ ଫାଙ୍କିବାଜଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ଗତ ବର୍ଷ ଆମ ଜିଲ୍ଲାରେ ୪୩୩ ଟି ବିକ୍ରୀ କର ଫାଙ୍କି, ୨୭୩ ଟି ଜଂଗଲଜାତ ପଦାର୍ଥର ବେଆଇନ କାରବାର, ୩,୯୫୬ ଟି ଯାନବାହନ ଚଳାଚଳରେ ଅନିୟମିତତା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ୭୭ ଜଣ ବେଆଇନ ମହଜୁଦକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମ ଜରିଆରେ ସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକରେ କାର୍ଯ୍ୟଦକ୍ଷତା ଉତ୍ପାଦନ କ୍ଷମତାର ଉପଯୋଗ ତଥା ଆଭ୍ୟନ୍ତରୀଣ ସଂପଦ ସୃଷ୍ଟି କରାଯାଇ ସେଗୁଡ଼ିକର କାର୍ଯ୍ୟକାରୀତାକୁ ଉନ୍ନତ କରାଯିବାର ଲକ୍ଷ୍ୟ ରଖା ଯାଇଛି । ମୋଟ ଉପରେ କହିବାକୁ ଗଲେ ଏହି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଦେଶର ସର୍ବାଙ୍ଗୀନ ଉନ୍ନତିର ସମସ୍ତ ସୁବିଧା ଓ ସୁଯୋଗର ସଙ୍କଳ୍ପ ରହିଛି । ଏହି କାର୍ଯ୍ୟକ୍ରମ ଗାନ୍ଧିଜୀ ଓ ନେହେରୁଙ୍କ ସ୍ୱପ୍ନର ଭାରତ ଗଠନରେ ଯେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ହେଲେ ଏଠାରେ ସ୍ମରଣ କରାଯାଇ ପାରେ ଦେଶର କୌଣସି ଯୋଜନା ଦେଶବାସୀଙ୍କର ଅକୁଣ୍ଠ ସାହାଯ୍ୟ, ସହାନୁଭୂତି ଓ ସହଯୋଗ ବିନା କେବେ ସଫଳ ହୋଇ ପାରିବ ନାହିଁ । ତେଣୁ ଆମେ ପରସ୍ପର ସହିତ ହାତ ମିଳାଇ ଏହି ବିଂଶସୂତ୍ରୀ ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଏକ ଉନ୍ନତ ଭାରତ ଗଠନରେ ନିଜକୁ ଉତ୍ସର୍ଗ କରିବା ।

ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼ ।

---

ଅତିଶୟ ଉତ୍କଟ ବ୍ୟକ୍ତିଗତ ବିବାଦ ଓ ପରସ୍ପର ପ୍ରତି ଘୋର ଈର୍ଷା ଯୋଗୁଁ ଓଡ଼ିଶା ଆଗକୁ ଯାଇ ପାରୁନାହିଁ । ସମସ୍ତ ଆଦର୍ଶ, ସମସ୍ତ ବିପ୍ଳବର ପରିକଳ୍ପନା ଯେପରି ଏହି ମହା ପଙ୍କ ମଧ୍ୟରେ ପଡ଼ି ନିଜକୁ ହରାଇ ଦେଉଛି । ଏଥିରୁ ଉଦ୍ଧାର ପାଇବା ପାଇଁ ଅଦମନୀୟ ମନୋବଳ, ଦରିଦ୍ର ଜନତାର ସେବାର ଭାବନା ଓ ଶ୍ରୀ ଜଗନ୍ନାଥଙ୍କର କରୁଣା ଆବଶ୍ୟକ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଶାରେ ଲକ୍ଷ୍ମୀପୂଜା

**ଶ୍ରୀ ଗଣେଶ ପ୍ରସାଦ ପରିଜା**

ଦେଢବର୍ଷ ପରେ ଓଡ଼ିଶାର ଗ୍ରାମାଞ୍ଚଳ ଆନନ୍ଦ ମୁଖର । ଗତବର୍ଷ ବନ୍ୟା, ବାତ୍ୟା, ମରୁଡ଼ିରେ ଗ୍ରାମାଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିଲା । ଯେଉଁ କ୍ଷେତକୁ ଦେଖି ଚାଷୀ ମୁଣ୍ଡରେ ହାତଦେଇ ବସୁଥିଲା ସେଇ କ୍ଷେତରେ ଫସଲ ଆଜି ମଥା ନୁଆଁଇ ପବନ ସହିତ ଖେଳୁଛି । ମାଳ ଅଞ୍ଚଳଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳରେ ଚାଷୀ ମୂଲିଆଙ୍କ ମୁହଁରେ ହସର ଢେଉ । ମା ଲକ୍ଷ୍ମୀ ଶ୍ରୀମନ୍ଦିରର ବେଢା ଭିତରୁ ବାହାରି ଆସି ଧାନକ୍ଷେତରେ ଭରି ଯାଇଛନ୍ତି । ସତେ ଯେପରି ସେ ଓଡ଼ିଆ ପୁଅ ଆଖି ଲୋତକ ଦେଖି ଆଉ ନୀରବରେ ରହି ପାରିଲେ ନାହିଁ । ଜାତିର ପିତା ଶ୍ରୀଜଗନ୍ନାଥ ମଧ୍ୟ ତାଙ୍କୁ କେବଳ ମନ୍ଦିର ଭିତରେ ଧନଧାନ୍ୟ ଧରି ବସିବାକୁ ନକହି ଶସ୍ୟ କ୍ଷେତ୍ରକୁ ଯିବାକୁ କହିଲେ । ତା ନହେଲେ ଛାଠିଏ ପଉଟି ମହାପ୍ରସାଦ ହେବ କିପରି ? ଆନନ୍ଦ ବଜାରରେ ଭକ୍ତମାନେ ହସ ହସ ମୁହଁରେ ମହା-ପ୍ରସାଦ ଗ୍ରହଣ କରିବେ କିପରି ?

ଏହି ଶସ୍ୟ ଲକ୍ଷ୍ମୀଙ୍କ ପାଇଁ ଯୁଗ ଯୁଗ ଧରି ମାନବ ବହୁ ଉଦ୍ୟମ କରି ଆସିଛି । ଖରାବର୍ଷାରେ ନିଜକୁ ଉତ୍ସର୍ଗ କରି ଜମିରେ କିପରି ଶସ୍ୟ ପୁରି ଉଠିବ ସେଥିପାଇଁ ହାତରଙ୍ଗା ଖଟଣି ଖଟିଛି । ମାତ୍ର ଯେଉଁବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଆସି ତାର ଶସ୍ୟକ୍ଷେତ୍ରକୁ ନଷ୍ଟକରିଦିଏ, ସେବର୍ଷ ସେ ନିରାଶ ହୋଇ ଦୁଃଖରେ ବଞ୍ଚି ରହେ । ଯେଉଁବର୍ଷ ଲକ୍ଷ୍ମୀ ତାପ୍ରତି ସୁଦୟ ହୁଅନ୍ତି ସେବର୍ଷ ତା ମୁହଁରେ ମୁଠା ମୁଠା ହସ ଫୁଟି ଉଠେ । ତାହାହିଁ ଏବର୍ଷ ଘଟିଛି । ଗତବର୍ଷ ବିଭିନ୍ନ ଦୁର୍ବିପାକରେ ସବୁକିଛି ଗ୍ରସିଯାଇଥିଲା ଓଡ଼ିଆ ଚାଷୀର । ସେ କିପରି ବଞ୍ଚିବ ତାହାଥିଲା ତାର ପ୍ରଧାନ ଚିନ୍ତା । ଅବସ୍ଥା ଦେଖି ଲୋକପ୍ରିୟ ସରକାର ବିଭିନ୍ନ ବିଷୟରେ ଋଣ ଦେଇ ଭିନ୍ନ ଭିନ୍ନ ଧନ୍ଦା ତଥା ବ୍ୟବସାୟରେ ନିଯୁକ୍ତ କରି ତାଙ୍କୁ ବଞ୍ଚାଇ ଆସିଛନ୍ତି । ତାର ଦୁଃଖ ସାଧନାରେ ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଭରିଯାଇଛନ୍ତି ତା ଶସ୍ୟକ୍ଷେତ୍ରରେ । ସେଥିପାଇଁ ସେ ଆନନ୍ଦ । ଗତବର୍ଷ ତାର ଶସ୍ୟ ଗଣ୍ଡାକ ନ ହେବାରୁ ତା ପାଇଁ, ତା ପିଲଙ୍କ ପାଇଁ ପୁନେଇ ପର୍ବରେ ଲୁଗାଖଣ୍ଡେ ବି କରି ପାରିନଥିଲା । ଖାଲି ଗଣ୍ଡେ ଯାଇତାର ଦାନା ଦେବାପାଇଁ ଏଣେ ତେଣେ ଧାଇଁ ଥିଲା । ବର୍ତ୍ତମାନ ଶସ୍ୟକ୍ଷେତ୍ର ଦେଖି ତାର ଆଶା ଭରସା ଫେରି ଆସିଛି ।

ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟକରି ଜମିରେ ଫସଲ କରିବାକୁ ମାନବ କେଉଁ ଆଦିମ କାଳରୁ ଚେଷ୍ଟାକରି ଆସିଛି । ମହାଲକ୍ଷ୍ମୀଙ୍କରୂପ କଳ୍ପନା କରି ଉଚ୍ଚସ୍ୱରରେ ଗାଇଛି—

ବାଳାର୍କଦ୍ୟୁତିମିନ୍ଦୁ ଖଣ୍ଡବିଳସତ୍ କୋଟୀରହାରୋ ଜ୍ଜ୍ୱଳାମ୍
ରତ୍ନାକଳ୍ପି ବିଭୂଷିତାଂ କୁଚନତାଂ ଶାଳେଃକରେର୍ମଞ୍ଜରୀମ୍ ॥

ପଦ୍ମ କୌସ୍ତୁଭରତ୍ନମପ୍ୟ ବିରତଂ ସଂବିଭ୍ରତୀଂ ସସ୍ମିତାମ୍
ଫୁଲ୍ଲାମ୍ଭୋଜବିଲୋଚନେତ୍ରୟଯୁତାଂ ଧ୍ୟାଯେତ୍ ପରାମ୍ବିକାମ୍ ॥

ବାଳସୂର୍ଯ୍ୟ ଭଳି ଯାହାଙ୍କର ଜ୍ୟୋତି, ଯେ ଇନ୍ଦୁଖଣ୍ଡ ଦ୍ୱାରା ଶୋଭିତ, କିରୀଟ ହାରୋଜ୍ଜ୍ୱଳା, ନାନାରତ୍ନ ବିଭୂ-ଷିତା, କୁଚଭାରେ ଅବନତା, ଶାଳିଧାନ୍ୟର ମଞ୍ଜରୀ, ପଦ୍ମ ଓ କୌସ୍ତୁଭମଣି ଯେ ସର୍ବଦା କରରେ ଧାରଣ କରିଥାନ୍ତି. ପ୍ରସ୍ଫୁଟିତ କମଳ ଭଳି ଯାହାଙ୍କର ତିନୋଟି ନେତ୍ର ସେହି ପରମା ଜନନୀଙ୍କୁ ମୁଁ ଧ୍ୟାନ କରୁଛି ।

ଏହି ରୂପରେ ମାନବର ବିଭିନ୍ନ ପ୍ରକାଶ ପାଇଛି । ଏହିରୂପ ଚିନ୍ତାକରି ସେ ହୋଇଛି ମା ଲକ୍ଷ୍ମୀଙ୍କର ବରପୁତ୍ର । ଯେତେବେଳେ ତା ମନକୁ ଅହମିକାର କଳାଛାଇ ଗ୍ରାସ କରେ ସେତେବେଳେ ସେ ନିକମା ହୋଇଯାଏ ଓ ଧନଧାନ୍ୟ ଦାୟିନୀ ଲକ୍ଷ୍ମୀଙ୍କଠାରୁ ଦୂରେଇ ଯାଏ । ବିଭିନ୍ନ ଶାସ୍ତ୍ରରେ ଧାନ, ଗହମ, ରବିଶସ୍ୟାଦି କୃଷିଜାତ ଦ୍ରବ୍ୟ ଫଳମୂଳ ବନସ୍ପତିକୁ ଲକ୍ଷ୍ମୀ ବୋଲି କୁହା ହୋଇଛି । ଏହିସବୁ ଦ୍ରବ୍ୟ ମାଟିରୁ ଜନ୍ମେ ବୋଲି ତାଙ୍କୁ କୁହା ହୋଇଛି—'ଭୂଲୀଳା' । ଭୂମିରେ ବୀଜବପନ ପାଇଁ ଆବଶ୍ୟକ ଲଙ୍ଗଳ । ତେଣୁ ଲକ୍ଷ୍ମୀଙ୍କର ଅନ୍ୟ ଏକ ନାମ ସୀତା । କୃଷିରେ କେବଳ କର୍ଷଣ ଯଥେଷ୍ଟ ନୁହେଁ । ସେଥିପାଇଁ ଆବଶ୍ୟକ ବର୍ଷଣ । ଏଥିପାଇଁ କେତେକ ଧ୍ୟାନରେ ଲକ୍ଷ୍ମୀଙ୍କ ହାତରେ ବର୍ଷଣର ଦେବତା ଇନ୍ଦ୍ରଙ୍କର ଆୟୁଧ ଅଙ୍କୁଶ ଧରାଇ ଦିଆଯାଇଛି । ବର୍ଷଣକ୍ଷମ ପର୍ଜ୍ଜନ୍ୟ ସୃଷ୍ଟି ନିମିତ୍ତ ଆବଶ୍ୟକ ସମୁଦ୍ରାଦି ଏବଂ ସୌର ତେଜର ପ୍ରଭାବ । ଏଥିପାଇଁ କେତେକ ଧ୍ୟାନରେ ଲକ୍ଷ୍ମୀଙ୍କର ଅନ୍ୟ ଏକ ହସ୍ତରେ ଜଳର ଅଧିପତି ବରୁଣଙ୍କ ଚିହ୍ନ 'ପାଶ' ରଖାଯାଇ ଲକ୍ଷ୍ମୀଙ୍କୁ କୁହା ହୋଇଛି । ଦ୍ୱାଦଶ ଆଦିତ୍ୟଙ୍କର ଅନ୍ୟତମ ବିଷ୍ଣୁଙ୍କର ପ୍ରିୟତମା ପତ୍ନୀ । ତେଣୁ ଦେବୀଙ୍କର ଅଙ୍ଗବର୍ଣ୍ଣନାରେ କୁହା ହୋଇଛି ତାଙ୍କର ବର୍ଣ୍ଣ ବାଳସୂର୍ଯ୍ୟ ଭଳି ପୀତାଭ । ପୁଣି ଲକ୍ଷ୍ମୀଙ୍କ ପୂଜାରେ ଅନ୍ୟତର ଅଙ୍ଗ ଦେବତାରୂପେ ବରୁଣ ଓ ସୂର୍ଯ୍ୟଙ୍କ ପୁତ୍ର ରେବନ୍ତଙ୍କ ପୂଜା ବିଧାନ ରହି ଆସିଛି । ଓଡ଼ିଶାର ପ୍ରାୟ ସମସ୍ତ ମନ୍ଦିର ମୁଖଶାଳାରେ ଓ ଶ୍ରୀମନ୍ଦିର ବେଢା ମଧ୍ୟରେ ଆରାଧିତା ହେଉଥିବା ଲକ୍ଷ୍ମୀଙ୍କ ଉପରେ ଛଡ଼ି-ଦିଗରୁ ଯୋଡ଼ିଏ ଗୋଟି କଳଶ ଦ୍ୱାରା ଜଳ ଢାଳିବା ଦେଖାଯାଏ ।

ଧ୍ୟାନରେ ମଧ୍ୟ ଗୁରୋଟି ବିଶାଳ ହସ୍ତୀ ଅମୃତୋପମ ଜଳଦ୍ୱାରା ଅଭିଷେକ କରୁଥିବା ଉଲ୍ଲେଖ ରହିଛି । ଏହାର ଅର୍ଥ କଲେ ଜଣାଯାଏ ଲକ୍ଷ୍ମୀଯଦି ସର୍ବଶସ୍ୟଦ୍ରିକା ହୁଅନ୍ତି ତେବେ ସେଥିପାଇଁ ଆବଶ୍ୟକ ହୁଏ ଜଳ । ଲକ୍ଷ୍ମୀଙ୍କ ଶ୍ରୀକରରେ ଶାଳିଧାନ୍ୟର ମଞ୍ଜରୀ । ଏହା ଶସ୍ୟ ଫଳନର ପ୍ରଥମ ଅବସ୍ଥା । ପରେ ଧାନ୍ୟ ପକ୍ୱ ହେଲେ ତାର ରଙ୍ଗ ହୁଏ ହିରଣ୍ମୟ । ଏହି ରଙ୍ଗଟି ନିଜ ଦେହରେ ମାଖି ଲକ୍ଷ୍ମୀ ହୋଇଛନ୍ତି 'କାନ୍ତା କାଞ୍ଚନ ସନ୍ନିଭ" । ପୁଣି ତାଙ୍କର ପୂଜାର ସମୟ ଶରତର ଶେଷ ଆଶ୍ୱିନ ପୂର୍ଣ୍ଣିମା, ମାର୍ଗଶୀର ମାସ ଓ ମାଘ ମାସ । ଏହି ସମୟ ମାନଙ୍କରେ ଭୂମିରୁ ଶସ୍ୟ ଉତ୍ପନ୍ନ ହୁଏ । ତେଣୁ ଲକ୍ଷ୍ମୀ ହେଉଛନ୍ତି ଶସ୍ୟ ଦେବୀ ।

ଶ୍ରୀମନ୍ଦିରର ବେଢ଼ାମଧ୍ୟରେ ଲକ୍ଷ୍ମୀଙ୍କର ଏକ ମନ୍ଦିର ଅଛି । ଏହି ମନ୍ଦିରରେ ଲକ୍ଷ୍ମୀ ଧନଧାନ୍ୟ ଓ ବର ଅଭୟ ଧାରଣ କରି ପଦ୍ମ ଉପରେ ବସିଛନ୍ତି । ଐତିହାସିକଙ୍କ ମତରେ ଏହି ଲକ୍ଷ୍ମୀଙ୍କ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ତତ୍ପୂର୍ବରୁ ଓଡ଼ିଶାର ରତ୍ନଗିରିରେ ଷଷ୍ଠ ସପ୍ତମ ଶତାବ୍ଦୀରେ ଗଢ଼ି ଉଠିଥିବା ବୌଦ୍ଧ ବିହାରର ତୋରଣରେ ଗଜଲକ୍ଷ୍ମୀଙ୍କ ଚିତ୍ର ଚିହ୍ନିତ ହୋଇଥିବା ଦେଖାଯାଏ । ଲକ୍ଷ୍ମୀଙ୍କର ସନ୍ଧାନ ନେବାକୁ ଯାଇ ଗବେଷକମାନେ ଖ୍ରୀଷ୍ଟପୂର୍ବ ତିନିହଜାର ବର୍ଷର ପ୍ରାଗ୍‌ବୈଦିକ ସଭ୍ୟତା ମହେଞ୍ଜୋଦାରୋ, ହରପ୍ପା, ଲୋଥାଲ ଆଦି ସ୍ଥାନମାନଙ୍କରୁ ଆବିଷ୍କୃତ ଦ୍ରବ୍ୟଗୁଡ଼ିକୁ ଲକ୍ଷ୍ୟ କରିଛନ୍ତି । ପୂର୍ବେ ସିନ୍ଧୁ ସଭ୍ୟତା ଖୁବ୍ ଉନ୍ନତ ଧରଣର ଥିଲା । ସେହି ସିନ୍ଧୁ ନାମରୁ ହିନ୍ଦୁ ହୋଇଥିବା କିଛି ଲୋକମାନେ କହନ୍ତି । ବୈଦିକ ସଭ୍ୟତା ପୂର୍ବରୁ ହିନ୍ଦୁମାନେ ମୂର୍ତ୍ତିପୂଜା କରୁଥିଲେ । ମାତ୍ର ବୈଦିକ ଉପାସନାରେ ମୂର୍ତ୍ତିପୂଜା ବିଷୟ ଉଲ୍ଲେଖ ହୋଇ ନାହିଁ । ସିନ୍ଧୁସଭ୍ୟତାର କଂସାର ଏକ ନଗ୍ନମୂର୍ତ୍ତିକୁ ଲକ୍ଷ୍ମୀ ବୋଲି ଧାରଣା କରାଯାଏ । ଏହି କଂସାମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱରେ ଏକ ପାତ୍ର ଅଛି । ଯାହାକୁ କି ଧାରଣା କରାଯାଉଛି ତାହା ଧନର ପାତ୍ର । ଏହି ମୂର୍ତ୍ତିର ଗଳାରେ ଗୋଟିଏ ହାର ଦେଖିବାକୁ ମିଳେ । ସେହି ହାରରେ ପଦ୍ମର କଢ଼ ରହିଛି । ପଦ୍ମସହିତ ଲକ୍ଷ୍ମୀଙ୍କର ସମ୍ବନ୍ଧ ଅତି ଘନିଷ୍ଠ । ଲକ୍ଷ୍ମୀଙ୍କର ବିଭିନ୍ନ ଧ୍ୟାନରେ ବିଭିନ୍ନ ବିଷୟ ଲେଖାଥିଲେ ମଧ୍ୟ ପ୍ରତ୍ୟେକ ଲକ୍ଷ୍ମୀମୂର୍ତ୍ତିରେ ପଦ୍ମ ରହିଛି । କେଉଁମୂର୍ତ୍ତିରେ ଲକ୍ଷ୍ମୀପଦ୍ମାସନାତ କେଉଁ ମୂର୍ତ୍ତିରେ ଲକ୍ଷ୍ମୀ ପଦ୍ମଧାରିଣୀ । ସେହିଭଳି ଦେଖିଲେ ଲକ୍ଷ୍ମୀଙ୍କର ସମ୍ବନ୍ଧ ଗଜ ସହିତ । ମହେଞ୍ଜୋଦାରୋ ହରପ୍ପାରୁ ମିଳିଥିବା ମୋହରମାନଙ୍କରେ ଗଜର ଚିହ୍ନ ରହିଛି । ପ୍ରାଚୀନକାଳରେ ଗଜ ବରୁଣଙ୍କ ବାହାନ ବୋଲି ଧରା ଯାଉଥିଲା । ପରେ ଇନ୍ଦ୍ରଙ୍କ ସହିତ ଐରାବତକୁ ସଂଯୁକ୍ତ କରାଗଲା । ହାତୀ ଆକୃତି ଥିବା ମୋହର ମହେଞ୍ଜୋଦାରୋରୁ ମିଳିଛି । ଗୋଟିଏ ମୋହରରେ ହାତୀ ଉପରେ ପଦ୍ମର ଚିତ୍ର ହୋଇଛି । ସେହିଭଳି ଅନ୍ୟ ମୋହରରେ ହାତୀ ଉପରେ ସ୍ୱସ୍ତିକଚିହ୍ନ ଅଙ୍କିତ ହୋଇଥିବା ଦେଖାଯାଏ । ଏହି ଦୁଇଟି ଚିହ୍ନ ଲକ୍ଷ୍ମୀଙ୍କ ସହିତ ଅଙ୍ଗାଙ୍ଗୀ ଜଡ଼ିତ ।

ମହେଞ୍ଜୋଦାରୋରୁ ମିଳିଥିବା ଗୋଟିଏ ମୋହରରେ ଏକ ଦେବୀମୂର୍ତ୍ତି ଚିତ୍ରିତ ହୋଇଛି । ଏହି ଚିତ୍ରରେ ଦେଖିବାକୁ ମିଳେ, ଗୋଟିଏ ଗୋଲ ପଥରରୁ ଦେବୀ ବାହାରି ତାଙ୍କ ଦୁଇ ପାର୍ଶ୍ୱରେ ଥିବା ପଦ୍ମ ମଧ୍ୟରେ ଛିଡ଼ା ହୋଇଛନ୍ତି । ତାଙ୍କ ସମ୍ମୁଖରେ ବୀରାସନରେ ଜଣେ ପୁରୁଷ ବସିଛି । ଏହି ପୁରୁଷର ପଛରେ ଗୋଟିଏ ଛେଳି ମାଳିପିନ୍ଧି ଛିଡ଼ା ହୋଇଛି । ଏହି ମୋହରର ତଳେ ସାତ ଆଠଜଣ ମଣିଷ ଛିଡ଼ା ହେବାର ଦେଖାଯାଏ । ଏହି ଲୋକମାନେ ଲମ୍ବା କୁରୁତା ପିନ୍ଧିଛନ୍ତି । ତତ୍କାଳୀନ ଦେବଉପାସନାର ଧାରା ପ୍ରଥମେ ଏହି ମୋହରରୁ ମିଳିଲାବୋଲି ଧାରଣା କରାଯାଏ । ଭାରତର କେତେକ ଅଞ୍ଚଳରେ ଲକ୍ଷ୍ମୀପୂଜା ଅବସରରେ ଜଣେ ରାଜାଙ୍କ ସହିତ ସାତଟି ମଣିଷଙ୍କ ଚିତ୍ର ଅଙ୍କନ କରାଯାଏ । ଓଡ଼ିଶାରେ ସାତ ସଂଖ୍ୟା ଶୁଭ ସୂଚକ । ସପ୍ତ ମାତୃକା, ସପ୍ତକନ୍ୟା, ସପ୍ତବାରାଦି ବହୁ ସାତ ସଂଖ୍ୟକ ଅଟେ । ମହେଞ୍ଜୋଦାରୋ ମୋହରରେ ଥିବା ଛେଳିଟି ବଳିପାଇଁ ମାଳିପିନ୍ଧି ଛିଡ଼ା ହୋଇଛି ଏହା ଧାରଣା କରିବା ଅଯୌକ୍ତିକ ନୁହେଁ ।

ଭାରତୀୟ ହିନ୍ଦୁ ସଭ୍ୟତାରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରିବର୍ତ୍ତନ ଆସିବାର ଲକ୍ଷ୍ୟ କରାଯାଏ । ପ୍ରାଗ୍ ବୈଦିକ ହିନ୍ଦୁ ସଭ୍ୟତାପରେ ଯେତେବେଳେ ବେଦ ସମାଜ ଉପରେ ପ୍ରଭାବ ବିସ୍ତାରକଲା ସେତେବେଳେ ଧନଧାନ୍ୟ ପ୍ରଦାୟିନୀ ଲକ୍ଷ୍ମୀ ବେଦରେ ସେହିଭଳି ସ୍ଥାନ ପାଇଲେ ନାହିଁ । ବର୍ତ୍ତମାନ ଯେଉଁଭଳି ଲକ୍ଷ୍ମୀ ଓ ଶ୍ରୀଙ୍କୁ ଏକବୋଲି ଧାରଣା କରାଯାଉଛି, ତାହା ସେହିଭଳି ଧାରଣା କରାଯାଇନଥିଲା । ଆଦିବେଦ ଋଗ୍‌ବେଦରେ ଶ୍ରୀ ଶବ୍ଦର ପ୍ରୟୋଗ ରହିଛି ଓ ଲକ୍ଷ୍ମୀଶବ୍ଦ ମଧ୍ୟ ଉଲ୍ଲେଖ ଅଛି । କିନ୍ତୁ କୌଣସିଠାରେ ଏହି ଦୁଇଟି ଶବ୍ଦ ସୌଭାଗ୍ୟ ଦେବୀ ଅର୍ଥରେ ପ୍ରଯୁକ୍ତ ହୋଇନାହିଁ । ଋଗ୍‌ବେଦରେ ଶ୍ରୀ ଶବ୍ଦର ପ୍ରୟୋଗ ପ୍ରାୟ ୮୧ଥର ରହିଛି । ଯେଉଁଠାରେ ଶ୍ରୀ ଶବ୍ଦ ପ୍ରୟୋଗ କରାଯାଇଛି, ସେଠାରେ ତାହା ଶୋଭା ବା ଶୋଭାମୟ, ସୌନ୍ଦର୍ଯ୍ୟ ବା ସୌନ୍ଦର୍ଯ୍ୟମୟ ବୁଝାଉଛି । ଶ୍ରୀ କେଉଁଠାରେ ବିଶେଷ୍ୟରୂପେ ଅଥବା କେଉଁଠାରେ ବିଶେଷଣରୂପେ ବ୍ୟବହୃତ ହୋଇଛି । ଏହାଛଡ଼ା କ୍ରିୟା ହିସାବରେ ଶ୍ରୀର ପ୍ରୟୋଗ ୨୧ଥର ଥିବାର ଜଣାଯାଏ । ମାତ୍ର ତାଣ୍ଡ୍ୟବ୍ରାହ୍ମଣରେ ଶ୍ରୀଶବ୍ଦ ସଂପଦ ଅର୍ଥରେ ବ୍ୟବହୃତ ହୋଇଛି । ଯଥା:— 'ଶ୍ରୀ ବୈ ଶ୍ରାୟନ୍ତିୟଂ ଶ୍ରୀକବମହଃ ଶ୍ରୀୟମେବ ତଚ୍ଛ୍ରିୟାଂ ପ୍ରତିଷ୍ଠାୟତି' । ଶ୍ରୟତି ଧାତୁ ନିଷ୍ପନ୍ନ ଶ୍ରୀଐଶ୍ୱର୍ଯ୍ୟ ସ୍ୱରୂପ । ତେଣୁ ଶ୍ରୀ ସଂପଦରେ ଉଦ୍‌ଗାତା ।

ଗୋ ଆଦି ପଶୁ ଓ ଶ୍ରୀ, ସଂପଦରୂପେ ଗଣ୍ୟ ହୋଇଥାଏ । ଶତବ୍ରାହ୍ମଣ ୧୩।୨।୨ କୁହେ—ଶ୍ରୀ ବୈ ପଶବଃ

ଜର୍ମାନପଣ୍ଡିତ ମୋକ୍ଷମୂଲରଙ୍କ ସଂପାଦିତ ଋଗ୍‌ବେଦର ଦଶଟି ମଣ୍ଡଳର ଅତିରିକ୍ତ ୩୨ଟି ଖିଳସୂକ୍ତ ବା ପରିଶିଷ୍ଟ ସୂକ୍ତ ସଂଯୋଜିତ ହୋଇଛି । ଖିଳସୂକ୍ତ ଅନ୍ତର୍ଗତ ଗୋଟିଏ ସୂକ୍ତ ଶ୍ରୀସୂକ୍ତ ନାମରେ ପ୍ରସିଦ୍ଧ । ଏହି ସୂକ୍ତରେ ସର୍ବଭୂତର ଈଶ୍ୱରୀ ଶ୍ରୀ ଦେବୀଙ୍କୁ ଆହ୍ୱାନ କରାହୋଇଛି ।

ଗନ୍ଧଦ୍ୱାରାଂ ଦୁରାଧର୍ଷାଂ ନିତ୍ୟ ପୁଷ୍ଟାଂକରୀଷିଣୀମ୍ ।
ଈଶ୍ୱରୀଂ ସର୍ବଭୂତାନାଂ ତାମିହୋପହ୍ୱୟେଶ୍ରିୟମ୍ ।

—ଗନ୍ଧଲକ୍ଷଣା ଦୁରାଧର୍ଷା ନିତ୍ୟପୁଷ୍ଟା (ଶସ୍ୟାଦିଦ୍ୱାରା) ପୁଷ୍ଟ ଗୋମୟବତୀ (ଅର୍ଥାତ୍ ଗୋଆଦି ପଶୁ ସମୃଦ୍ଧା) ସର୍ବଭୂତର ଈଶ୍ୱରୀ ସେହି ଶ୍ରୀ କୁ ମୁଁ ଏଠାରେ ଆହ୍ୱାନ କରୁଛି । ଏହି ଖିଳସୂକ୍ତର ୧୫ ଅନୁବାକ୍‌ରେ ଲକ୍ଷ୍ମୀ-ଦେବୀଙ୍କ ଆକୃତିର ଏକ ଆଭାସ ମିଳିଥାଏ—

ହିରଣ୍ୟବର୍ଣ୍ଣାଂ ହରିଣୀଂ ସୁବର୍ଣ୍ଣ ରଜତସ୍ରଜାମ୍ ।
ଚନ୍ଦ୍ରାଂ ହିରଣ୍ମୟୀଂ ଲକ୍ଷ୍ମୀଂ ଜାତବେଦୋ ମମାବହ ॥

ହିରଣ୍ୟବର୍ଣ୍ଣା ସୁବର୍ଣ୍ଣ ଓ ରଜତମାଳା ଧାରିଣୀ ଚନ୍ଦ୍ରା ହିରଣ୍ମୟୀ ହରିଣୀ (ହରିଣୀ ତୁଲ୍ୟା ଚଞ୍ଚଳା) ଲକ୍ଷ୍ମୀଙ୍କୁ ହେ ଅଗ୍ନି, ଆମ ଯଜ୍ଞକୁ ଆନୟନକର ।

ଶ୍ରୀ ସୂକ୍ତରେ ବର୍ଣ୍ଣିତା ଲକ୍ଷ୍ମୀ ପଦ୍ମ ଉପରେ ଦଣ୍ଡାୟମାନା । କିନ୍ତୁ ଖିଳସୂକ୍ତ ଋଗ୍‌ବେଦ ତୁଳନାରେ ଅର୍ବାଚିନ କାଳର ରଚନାବୋଲି ପଣ୍ଡିତମାନେ ଧାରଣା କରନ୍ତି । ମାତ୍ର ପରବର୍ତ୍ତୀ କାଳରେ ରଚିତ ହୋଇଥିବା ଯଜୁର୍ବେଦ ଓ ଅନ୍ୟାନ୍ୟ ବୈଦିକ ଗ୍ରନ୍ଥମାନଙ୍କରୁ ଶ୍ରୀ ସଂପର୍କରେ ବହୁତଥ୍ୟ ମିଳିଥାଏ । ଶୁକ୍ଳ ଯଜୁର୍ବେଦରେ ଶ୍ରୀ ଓ ଲକ୍ଷ୍ମୀ ଦୁଇଦେବୀ । ସେମାନେ ଆଦିତ୍ୟଙ୍କ ପତ୍ନୀ ।

ଶ୍ରୀ ଶ୍ଚ ତେ ଲକ୍ଷ୍ମୀଶ୍ଚ ପତ୍ନ୍ୟାବହୋରାତ୍ରେ ପାର୍ଶ୍ୱେ ....। ଶୁକ୍ଳଯଜୁ—୩୧-୨୨—ଆଗ୍ରର୍ଯ୍ୟ ମହୀଧର ଏହାର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି, ଯୟା ସର୍ବଜନାଶ୍ରୟଣୀୟୋ ଭବତି ସା ଶ୍ରୀଃ ଶ୍ରୟତେଽନୟା ଶ୍ରୀ ସଂପଦାତ୍ୟର୍ଥଃ । ଅର୍ଥାତ୍ ଯାହାଙ୍କଦ୍ୱାରା ସର୍ବଜନଙ୍କ ଆଶ୍ରୟ ଯୋଗ୍ୟହୁଏ, ସେ ଶ୍ରୀ—ଯାହାଙ୍କ ଦ୍ୱାରା ଆଶ୍ରିତ ସେ ମଧ୍ୟ ଶ୍ରୀ ଅର୍ଥାତ୍ ସଂପଦ । ଯାହାଦ୍ୱାରା ଲକ୍ଷିତହୁଏ ସେ ଲକ୍ଷ୍ମୀ ଅର୍ଥାତ୍ ସୌନ୍ଦର୍ଯ୍ୟ ।

କିନ୍ତୁ ଶ୍ରୀ ପାର୍ଥିବ ସଂପଦ ହେବା ସମ୍ଭବ ନୁହେଁ । ତା ନ ହେଲେ ସେ ଆଦିତ୍ୟଙ୍କ ପତ୍ନୀ ହେବେ କିପରି? ହୋଇପାରେ ଶ୍ରୀ ଏଠାରେ ଆଦିତ୍ୟଙ୍କ ସଂପଦ ଅର୍ଥାତ୍ ଶୋଭା ବା ଜ୍ୟୋତି । ଉପନିଷଦ ସମୟ ବେଳକୁ ଶ୍ରୀ ସଂପଦ ରୂପେ ଜନସମାଜରେ ପ୍ରତିଷ୍ଠିତ ହୋଇ ସାରିଲେଣି । ତେଣୁ ତୈତ୍ତିରୀୟ ଉପନିଷଦ୍‌ରେ ବସନ, ଅନ୍ନ, ପାନୀୟ ଏବଂ ଶ୍ରୀ କାମନା କରି ବେଦାନ୍ତଋଷି ଶ୍ରୀ ଅର୍ଥରେ ସଂପଦ ଅର୍ଥରେ ସଂପଦ ଅଥବା ସଂପଦର ଅଧିଷ୍ଠାତ୍ରୀ ଦେବୀଙ୍କ କଥା କହିଛନ୍ତି ।

"ବାସାଂସି ମମ ଗାବଶ୍ଚ । ଅନ୍ନପାନେ ଚ ସର୍ବଦା ।
ତତୋ ମେ ଶ୍ରିୟମାବହ ।" ତୈ: ଉ: ୧—୪

'ମୋର ପରିଚ୍ଛଦ, ଗାଭୀ, ଅନ୍ନ ଓ ପାନୀୟ ପ୍ରାପ୍ତ ହେଉ । ତା ପରେ ମୋର ଶ୍ରୀ ବହନ କରି ନେଇ ଆସ' । ବୌଧାୟନ ଧର୍ମ ସୂତ୍ରରେ ଶ୍ରୀ ସ୍ପଷ୍ଟରୂପେ ଦେବୀରୂପେ ଉଲ୍ଲିଖିତା ହୋଇଛନ୍ତି—ଶ୍ରିୟଂ ଦେବୀଂ ତର୍ପୟାମି (ବୌଧାଃ, ଧର୍ମ—୨।୫।୯।୧୦) । ବୌଧାୟନ ଧର୍ମସୂତ୍ରଭଳି ତୈତ୍ତିରୀୟ ଆରଣ୍ୟକରେ 'ଶ୍ରୀ' ଦେବୀରୂପେ ବ୍ୟକ୍ତ ହୋଇଛନ୍ତି—"ଶ୍ରିୟ ମା ବାହୟାମି ଗାୟତ୍ର୍ୟ (ତୈ:ଆ: ୧୦।୩୫) । ଏହିସବୁ ମନ୍ତ୍ରଗୁଡ଼ିକରେ ଶ୍ରୀଙ୍କର ଆବାହନ କରାଯାଇଛି ଏବଂ ଶ୍ରୀ ଭାଗ୍ୟ ବା ସଂପଦର ଦେବୀରୂପେ ପ୍ରସିଦ୍ଧ । ଆର୍ଯ୍ୟଶାସ୍ତ୍ରମାନଙ୍କରେ ଶ୍ରୀ ଓ ଲକ୍ଷ୍ମୀ ଭିନ୍ନ ଭିନ୍ନ ଦେବୀରୂପେ ଉଲ୍ଲିଖିତା । ରାମାୟଣର ଅରଣ୍ୟକାଣ୍ଡ ୪୬।୧୫ରେ ସୀତାଙ୍କୁ ରାବଣ ଅରଣ୍ୟ ମଧ୍ୟରେ ଦେଖି ମନେ କରିଥିଲେ ଏହେଉଛନ୍ତି ପଦ୍ମହୀନା ଶ୍ରୀ—'ପଦ୍ମହୀନାମିବ ଶ୍ରିୟମ୍' । ପୁଣି ତା ପରେ ରାବଣ ସୀତାଙ୍କୁ ବିଭିନ୍ନ ଦେବୀଙ୍କ ସହିତ ତୁଳନାକରି କହିଛି—

ହ୍ରୀଃ ଶ୍ରୀଃ କୀର୍ତ୍ତିଃ ଶୁଭାଲକ୍ଷ୍ମୀର ପ୍ସରା ବା ଶୁଭାନନେ ।
ଭୂତି ର୍ବା ତ୍ୱଂ ବରାରୋହେ ରତିର୍ବା ସ୍ୱୈରଚାରିଣୀ ॥
ରା: ଅ: ୪୬।୧୭

"ତୁମେ କଣ ହ୍ରୀ, ଶ୍ରୀ, କୀର୍ତ୍ତି, ଲକ୍ଷ୍ମୀ, ଅପସରା କିମ୍ବା ଭୂତି ଅଥବା ସ୍ୱେଚ୍ଛା ବିହାରିଣୀ ସାକ୍ଷାତ ରତି ଅଟ" । ମହାଭାରତରେ ସମୁଦ୍ରମନ୍ଥନ ସମୟରେ ଘୃତରୁ ଶ୍ୱେତପଦ୍ମେ ଉପବିଷ୍ଟା ଶ୍ରୀ ଆତ୍ମପ୍ରକାଶ କଲେ—

ଶ୍ରୀ ରନନ୍ତରମୁତ୍ପନ୍ନା ଘୃତାଂ ପାଣ୍ଡୁର ବାସିନୀ
ମହାଭାରତ ଆଦି—୧୮।୩୫

ଏହାପରେ ମହାଭାରତକାର କହିଛନ୍ତି, ଅମୃତ ଏବଂ ଲକ୍ଷ୍ମୀଙ୍କ ପାଇଁ ଦେବ ଓ ଦାନବଙ୍କ ମଧ୍ୟରେ ବିରୋଧତା ସୃଷ୍ଟି ହୋଇଥିଲା—"ଅମୃତାର୍ଥେ ଚ ଲକ୍ଷ୍ମ୍ୟର୍ଥେ ମହାନ୍ତଂ ବୈରମାଶ୍ରିତାଃ" ।

ଭାଗବତରେ ସମୁଦ୍ର ମନ୍ଥନରୁ ଶ୍ରୀଙ୍କର ଉତ୍ପତ୍ତି କାହାଣୀ ଉଲ୍ଲେଖ ହୋଇଛି (ଭାଗବତ ୮।୮।୮) । ଲକ୍ଷ୍ମୀଙ୍କ ଆବିର୍ଭାବ ପରେ ଚତୁର୍ଦ୍ଦିଗରେ ଉତ୍ସବହୋଇ ଦିଗ୍‌ଗଜଗଣ ପୂର୍ଣ୍ଣକଳସ ଦ୍ୱାରା ବ୍ରାହ୍ମଣ ପଠିତ ବେଦ ମନ୍ତ୍ରରେ ଦେବୀଙ୍କୁ ଅଭିଷିକ୍ତ କରାଯାଇଥିଲା (ଭାଗବତ ୮।୮।୧୪) । ଏହି ବାକ୍ୟରେ ଶ୍ରୀ ହସ୍ତିଶୁଣ୍ଡସ୍ନାତା ଗଜଲକ୍ଷ୍ମୀ । ଅଭିଷେକ ପରେ ଦେବଗଣମାନେ ଲକ୍ଷ୍ମୀଙ୍କୁ ବିଭିନ୍ନ ଅଳଙ୍କାର ପ୍ରଦାନକରି ଭୂଷିତ କରିଥିଲେ—

ହାରଂ ସରସ୍ୱତୀ ପଦ୍ମମଜୋ ନାଗଶ୍ଚ କୁଣ୍ଡଳେ ।
ଭାଗବତ ୮।୮।୧୬

ପଦ୍ମପୁରାଣ ସୃଷ୍ଟିଖଣ୍ଡ ୪।୫୮-୯ରେ ବ୍ୟକ୍ତ ହୋଇଛି, ତା'ପରେ ବିକଶିତ ପଦ୍ମ ଉପରେ ଆସୀନା ଉଦ୍‌ଭାସିତ ଜ୍ୟୋତିରେ ଭାସ୍ୱର ଶ୍ରୀ ଦେବୀ ପଦ୍ମଧାରଣକରି ଜଳରୁ ଉତ୍‌ଥିତା ହେଲେ । ମହର୍ଷିଗଣ ତାହାଙ୍କୁ ଆନନ୍ଦରେ ଶ୍ରୀସୂକ୍ତ ଦ୍ୱାରା ସ୍ତୁତିକଲେ । ସେହି ସମୟରେ ଗଙ୍ଗାଦି ନଦୀମାନେ ତାଙ୍କର ସ୍ନାନ ନିମନ୍ତେ ସମାଗତହେଲେ ଓ ଦିଗ୍‌ଗଜସମୂହ ପୂର୍ଣ୍ଣ କଳସରେ ଜଳଆଣି ଦେବୀଙ୍କୁ

ସ୍ଥାନକଲେ । ଏହାପରେ ବ୍ରହ୍ମା ଶ୍ରୀ ଙ୍କ ପତିରୂପେ ବିଷ୍ଣୁଙ୍କୁ ମନୋନୀତ କଲେ ।

ଏହି ଉକ୍ତିକୁ ଲକ୍ଷ୍ୟକଲେ ମନେ ହୋଇଥାଏ, ଶ୍ରୀ ଓ ଲକ୍ଷ୍ମୀ ପୂର୍ବେ ଭିନ୍ନ ଭିନ୍ନ ହେଲେ ମଧ୍ୟ ପରେ ଦୁହେଁ ମିଶି ଏକ ହୋଇଗଲେ । ଏହି ସମୀକରଣ ଖୁବ୍ ସମ୍ଭବତଃ ପୁରାଣ ଯୁଗରେ ହୋଇଛି । ଏହାହିଁ ଐତିହାସିକଙ୍କ ମତରେ ଗୁପ୍ତରାଜାଙ୍କ ସମୟ । ଲକ୍ଷ୍ମୀ ଓ ଶ୍ରୀ ପ୍ରଥମେ ଶୋଭା ଓ ସୌନ୍ଦର୍ଯ୍ୟର ଦେବତାଥିଲେ । କ୍ରମେ ସେ ଦୁହେଁ ମିଶି ସୌଭାଗ୍ୟର ଦେବତାରୂପେ ପ୍ରସିଦ୍ଧିଲାଭକଲେ ।

ସେ ରାଜାଙ୍କ ଗୃହରେ ଯେଉଁଭଳି ରାଜଲକ୍ଷ୍ମୀରୂପେ ଆରାଧିତା ହେଲେ ସେହିଭଳି ଗୃହୀଙ୍କ ଗୃହରେ ସୌଭାଗ୍ୟ ଦାୟିନୀ ଭାବେ ଗୃହଲକ୍ଷ୍ମୀ ରୂପେ ଆରାଧିତା ।

ବ୍ରହ୍ମବୈବର୍ତ୍ତ ପ୍ରକୃତିଖଣ୍ଡ ୩୪।୧୬–୨୨ରେ ଏବଂ ଦେବୀ ଭାଗବତ ୯।୪୦।୧୧୭–୨୨ରେ ବର୍ଣ୍ଣିତ ଅଛି, ଏହିଦେବୀ ସ୍ୱର୍ଗରେ ସ୍ୱର୍ଗଲକ୍ଷ୍ମୀ ଇନ୍ଦ୍ରଙ୍କ ସଂପଦରୂପା, ମର୍ତ୍ତ୍ୟ ଏବଂ ପାତାଳରେ ରାଜାମାନଙ୍କର ରାଜଲକ୍ଷ୍ମୀ, ଗୃହରେ ସେ ଗୃହଲକ୍ଷ୍ମୀ ଏବଂ ଅଂଶରୂପେ ସେ ଗୃହିଣୀ, ଗୃହମାନଙ୍କର ସଂପଦରୂପା ସର୍ବପ୍ରକାର ମଙ୍ଗଳକାରିଣୀ, ସେ ଗାଭୀମାନଙ୍କର ଜନନୀ ସୁରଭି, ସେ ଯଜ୍ଞପତ୍ନୀ ଦକ୍ଷିଣା, କ୍ଷୀରୋଦ ସାଗରର କନ୍ୟା, ପଦ୍ମିନୀର ଶୋଭା, ସେ ଚନ୍ଦ୍ରର ଶୋଭା, ସୂର୍ଯ୍ୟମଣ୍ଡଳର ଦ୍ୟୁତି, ଗୃହେ ସର୍ବପ୍ରକାର ଶସ୍ୟରେ, ବସ୍ତ୍ରରେ ବାସ କରନ୍ତି ।

ଓଡ଼ିଶାର ଜନସମାଜରେ ଲକ୍ଷ୍ମୀଙ୍କ ଉପାସନା କେଉଁ ଆବହମାନ କାଳରୁ ପ୍ରଚଳିତ । ଖୁବ୍ ସମ୍ଭବତଃ ସେହି ପ୍ରାଗ୍‌ବୈଦିକ ଜାତିର ସଭ୍ୟତାରୁ ଓଡ଼ିଆସମାଜ ତାହା ଗ୍ରହଣ କରିଛି । ପରେ ମୂର୍ତ୍ତିଭାବେ ଲକ୍ଷ୍ମୀ ଆତ୍ମ-ପ୍ରକାଶ କଲେ । ଓଡ଼ିଶାରେ ବିଶେଷଭାବେ ଗଜଲକ୍ଷ୍ମୀ ମୂର୍ତ୍ତି ଉପାସିତା । ଶ୍ରୀମନ୍ଦିରର ବେଢ଼ାମଧ୍ୟରେ ଲକ୍ଷ୍ମୀଙ୍କର ଯେଉଁ ମନ୍ଦିର ଅଛି ସେହି ମନ୍ଦିରରେ ଧନ ଧାନ୍ୟ ପ୍ରଦାୟିନୀ ଗଜଲକ୍ଷ୍ମୀ ଉପାସିତା । ଆଶ୍ୱିନପୂର୍ଣ୍ଣିମାଦିନ ଓଡ଼ିଶାରେ ବହୁ ଅଞ୍ଚଳରେ ମାଟିରେ ଲକ୍ଷ୍ମୀମୂର୍ତ୍ତି ଗଠିତା ହୋଇ ଉପାସିତା ହୋଇ ଆସିଛନ୍ତି । କେନ୍ଦ୍ରାପଡ଼ା ଏବଂ ଢେଙ୍କାନାଳ ପ୍ରଭୃତି ଅଞ୍ଚଳରେ କୁମାରପୂର୍ଣ୍ଣିମାଦିନ ଲକ୍ଷ୍ମୀପୂଜା ବହୁ ଆଡ଼ମ୍ବରରେ ପାଳିତହୁଏ ।

ଲକ୍ଷ୍ମୀ ଧନଧାନ୍ୟର ଦେବତା ହୋଇଥିବାରୁ ଧାନ ଅମଳ ସମୟ ମାର୍ଗଶୀର ଓ ମାଘମାସରେ ବହୁ ଓଡ଼ିଆଙ୍କ ଘରେ ମାଣବସା ନାମରେ ଲକ୍ଷ୍ମୀପୂଜା ହୁଏ । ମାର୍ଗଶୀର ମାସର ପ୍ରତି ଗୁରୁବାରଦିନ ଘର ବାହାର ଲିପାପୋଛାହୋଇ ବିଭିନ୍ନ ଚିତା ଲେଖା ହୋଇଥାଏ । ସେହି ଚିତା ମଧ୍ୟରେ ଲକ୍ଷ୍ମୀଙ୍କ ପାଦପଦ୍ମ ପ୍ରଧାନ । ଗୁରୁବାର ସକାଳହେବା ପୂର୍ବରୁ ଗୃହିଣୀମାନେ ସ୍ନାନାଦି ଶୌଚହୋଇ କୋଠିଏ ମାଣରପରେ ଧାନାଧାନ କୁଢ଼େଇ ତାଉପରେ ଧାନଦେଣ୍ଡିଦେଇ ନୂତନ ଛିଟ କନା ଘୋଡ଼ାଇ ବୋହୂଟିଏଭଳି କରନ୍ତି । ବିଭିନ୍ନ କୁସୁମରେ ଏହି ଓଢ଼ଣା ଦିଆ ବୋହୂକୁ ସଜାଯାଏ । ଦିଅଁଙ୍କ ପାଖରେ ଧୂପ ଦୀପ ଯେଉଁଭଳି ଦିଆଯାଏ ସେହିଭଳି ଏହିଠାରେ ସମସ୍ତ ପୂଜାହୁଏ । ଏହାକୁ ମାଣ କୁହାଯାଏ । ଏହିଦିନ ବିଭିନ୍ନ ପିଠାପଣା ହୋଇ ମାଣଙ୍କ ପାଖରେ ଭୋଗଲାଗେ । ବଳରାମଦାସଙ୍କ ରଚିତ ମାଣବସା ଲକ୍ଷ୍ମୀପୁରାଣ ବହିଟି ଏହି ମାଣଙ୍କ ପାଖରେ ଆମୂଳଚୂଳ ପଢ଼ାଯାଏ । ମାର୍ଗଶୀର ମାସର ସମସ୍ତ ଗୁରୁବାରରେ ମାଣ ବସିଥାଏ । ସେହିଭଳି ମାଘମାସରେ ମଧ୍ୟ ମାଣବସେ । ଏହାଛଡ଼ା କୌଣସି ଗୁରୁବାରଦିନ ଯଦି ଶୁକ୍ଳ ଦଶମୀ ପଡ଼େ ତେବେ ସ୍ତ୍ରୀଲୋକମାନେ ସୁଦଶାବ୍ରତ ନାମରେ ଲକ୍ଷ୍ମୀଙ୍କ ପୂଜା କରିଥାନ୍ତି ।

ଶ୍ରୀଜଗନ୍ନାଥ ଯେଉଁଭଳି ଆଦିବାସୀର ଦେବତା ହେଲେ ମଧ୍ୟ ବର୍ତ୍ତମାନ ହିନ୍ଦୁମାନଙ୍କର ପରମ ଆରାଧ୍ୟ ହୋଇଛନ୍ତି, ସେହିଭଳି ଲକ୍ଷ୍ମୀ ଆଦିବାସୀର ଦେବତା ହେଲେବି ଓଡ଼ିଆ ସମାଜର ପ୍ରଧାନ ଦେବୀ । ବଳରାମଦାସ ତାଙ୍କ ଲକ୍ଷ୍ମୀପୁରାଣ ଗ୍ରନ୍ଥରେ ଲେଖିଛନ୍ତି ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କ ସ୍ୱାମୀ । ଲକ୍ଷ୍ମୀ ପ୍ରତି ଗୁରୁବାରେ ଘରେ ଘରେ ବୁଲି ପୂଜା ପାଇବାହେତୁ ବଳଭଦ୍ର ଜଗନ୍ନାଥଙ୍କୁ ଲକ୍ଷ୍ମୀଙ୍କ ବିରୁଦ୍ଧରେ କହି ତାଙ୍କୁ ଶ୍ରୀମନ୍ଦିର ବାହାର କଲେ । ଲକ୍ଷ୍ମୀ ସମୁଦ୍ର କୂଳରେ ଘର କରି ରହିଲେ ଓ ସେ ଶ୍ରୀମନ୍ଦିର ତ୍ୟାଗ କରି ଆସିଥିବାରୁ ଶ୍ରୀଜଗନ୍ନାଥ ଲକ୍ଷ୍ମୀଛଡ଼ା ହୋଇ କିଛି ଖାଇବାକୁ ମିଳିଲା ନାହିଁ । ଶେଷରେ ଜଗନ୍ନାଥ ବଳଭଦ୍ର ଲକ୍ଷ୍ମୀଙ୍କ ପାଖରେ ପହଞ୍ଚି ତାଙ୍କଠାରୁ ଅନ୍ନ ଗ୍ରହଣ କରି କ୍ଷୁଧା ନିବାରଣ କଲେ । ଶେଷରେ ବଳଦେବଙ୍କ ବୋଲରେ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଧରି ବଡ଼ଦେଉଳକୁ ଫେରିଲେ ।

ଶ୍ରୀକ୍ଷେତ୍ରରେ ଲକ୍ଷ୍ମୀଙ୍କ ପ୍ରଭାବ ଯଥେଷ୍ଟ । ରଥ-ଯାତ୍ରାବେଳେ ଶ୍ରୀଜଗନ୍ନାଥ,, ବଳଭଦ୍ର, ସୁଭଦ୍ରା ରଥ ଚଢ଼ି ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ତେଣୁ ମହାଲକ୍ଷ୍ମୀ ହେରାପଞ୍ଚମୀଦିନ ଗୁଣ୍ଡିଚା ମନ୍ଦିରକୁ ବିଜେ କରି ପୁନର୍ବାର ଶୀଘ୍ର ଶ୍ରୀମନ୍ଦିରକୁ ଫେରି ଆସିବାକୁ ମିନତି କରି ଆସନ୍ତି । ବାହୁଡ଼ା ଦଶମୀ ଦିନ ରଥ ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ି ଆସିଲା ବେଳେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଯେତେବେଳେ ଚର୍ଚ୍ଚିକାଙ୍କ ମନ୍ଦିର ପାଖରେ ପହଞ୍ଚେ ସେତେବେଳେ ମହାଲକ୍ଷ୍ମୀଙ୍କୁ ପାଲିଙ୍କିରେ ବିଜେ କରାଇ ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି । ପୁଣି ଯେଉଁଦିନ ମହାପ୍ରଭୁମାନେ ଶ୍ରୀମନ୍ଦିରକୁ ଫେରନ୍ତି ସେଦିନ ଲକ୍ଷ୍ମୀ ନାରାୟଣ ବଚନିକା ହୋଇଥାଏ ।

ଲକ୍ଷ୍ମୀ ଓଡ଼ିଶାର ପ୍ରାଣ । ତା ଶସ୍ୟ କ୍ଷେତ୍ରରେ, ଧାନ ଅମାରରେ ଲକ୍ଷ୍ମୀ ବାସ କରିବା ପାଇଁ ସେ ସର୍ବଦା ପ୍ରାର୍ଥନା କରିଥାଏ । ମାର୍ଗଶୀର ମାସଠାରୁ ମାଘମାସ ପର୍ଯ୍ୟନ୍ତ ଧାନକଟା ତଥା ଧାନ ଅମଳର ସମୟ । ତେଣୁ ଏହି ସମୟରେ ଓଡ଼ିଆ ମହାଲକ୍ଷ୍ମୀଙ୍କ ଆରାଧନା କରି ଫସଲ ଘରକୁ ନିଏ । ଓଡ଼ିଆରେ ପ୍ରବାଦ ଅଛି ଲକ୍ଷ୍ମୀଛଡ଼ା । ଲକ୍ଷ୍ମୀ ଛାଡ଼ିଗଲେ ମଣିଷର ଜୀବନ ବ୍ୟର୍ଥ ହୋଇଯାଏ । ସେ ଖାଇବାକୁ ଗଣ୍ଡାଏ ପାଏନାହିଁ । ତେଣୁ ହଜାର ହଜାର ବର୍ଷଧରି ଓଡ଼ିଶାରେ ଲକ୍ଷ୍ମୀଙ୍କ ଆରାଧନା ହୋଇ ଆସିଛି ।

କ୍ୱାଟର ନଂ ୭୭, ଟାଇପ-୪
ଡେଲ୍‌ଟା କଲୋନି
ଭୁବନେଶ୍ୱର-୧୨

ସ୍ୱର୍ଗତ ବିଭୂତି କାନୁନଗୋଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି


TATE MINISTER
SHRI J.K. PATTANAIK AND
CRETARY SHRI A.N. TIWARI
AYING HOMAGE TO LATE SHRI KANUNGO



UNION MINISTER STATE SHRI MIRDHA
DISCUSSING PROGRESS OF IRRIGATION
PROJECT WITH SHRI PATTANAIK....(Oct ৭৳)

ଜଳସେଚନ ଯୋଜନାର ଅଗ୍ରଗତି ସମ୍ପର୍କରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ମିର୍ଦ୍ଧାଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଲୋଚନା....






SHRI PANDE INAUGURATING ALL INDIA ASTROLOGICAL CONFERENCE
AT KALA VIKASH KENDRA CUTTACK ON OCT. 20TH, 1983....

ରାଜ୍ୟପାଳ ପାଣ୍ଡେଙ୍କ ଦ୍ୱାରା ଅଖିଳ ଭାରତ ଜ୍ୟୋତିର୍ବିଜ୍ଞାନ ସମ୍ମେଳନ ଉଦ୍‌ଘାଟନ.....

ସ୍ୱାତୀରୁ ଏକ ଚଳଚ୍ଚିତ୍ର ଉଦ୍ଘାଟନରେ
ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ....

GOVERNOR SHRI PANDE INAUGURATING
A FILM AT SWATI





GOVERNOR SHRI PANDE INAUGURATING THE [illegible] 8TH [illegible] ANNIVERSARY OF
LATE PANDIT GODAVA[illegible] (OCT 26 [illegible])

ଓଡ଼ିଶା [illegible]

BLIND ASSOCIATION DELEGATES
CALL ON SRI PANDE. (RAJ BHAVAN)





ଜିଲ୍ଲାପାଳ ସମ୍ମେଳନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

J.B. PATTANAIK ADDRESSING COLLECTORS MEET AT BBSR ON OCT. 21st.





ଓଡ଼ିଶା ପର୍ଯ୍ୟଟନ ପାଇଁ ଆସିଥିବା ପଶ୍ଚିମବଙ୍ଗର ଛାତ୍ର ଛାତ୍ରୀଙ୍କ ଗହଣରେ
ଶ୍ରୀ ଓ ଶ୍ରୀମତୀ ବିଶ୍ୱମ୍ଭର ନାଥ ପାଣ୍ଡେ ...

SHRI B.N. PANDE WITH CHILDREN OF FRESH-AIR
EXCURSION CAMP, WEST BENGAL.




GANA KABI BAISTAMBA PANI
JAYANTI AT NURTANG
(Cuttack)




ORISSA PAVILION AT INTERNATIONAL TRADE - FAIR, NEW DELHI, 1983

ନୂଆଦିଲ୍ଲୀର ୧୯୮୩ - ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ....

(ମୁଖ୍ୟଫଟକ)

ଓଡ଼ିଶା ମଣ୍ଡପରେ ଭାରତୀୟ ବାଣିଜ୍ୟ ମେଳାର ଅଧ୍ୟକ୍ଷ ....

CHAIRMAN, TRADE FAIR AUTHORITY OF INDIA VISITS ORISSA PAVILION.





DISTINGUISHED FREEDOM FIGHTER MRS, ARUNA ASAF ALI VISITS ORISS PAVILION...

ଓଡ଼ିଶା ମଣ୍ଡପରେ ଦେଶର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀମତୀ ଅରୁଣା ଆସଫ

# ଶିଶୁ ଶ୍ରମିକ

**ଶ୍ରୀ ମୁରଲୀ ମୋହନ ଜେନା**

ଆଜିର ମାନବ ସମାଜକୁ ଯେଉଁ କେତୋଟି ସମସ୍ୟା ଅସ୍ଥିର କରିଛି ବା କରିପକାଉଛି, ତନ୍ମଧ୍ୟରୁ ଶିଶୁର କଲ୍ୟାଣ ଅନ୍ୟତମ । ଶିଶୁହିଁ ଦେଶର ଭବିଷ୍ୟତ । ଦେଶର ବିକାଶହିଁ ସର୍ବୋପରି ଶିଶୁ ଉପରେ ନିର୍ଭର କରେ । ଦେଶର ବିକାଶ ବ୍ୟତିରେକେ ଶିଶୁର ବିକାଶ ଅସମ୍ଭବ ଓ ଶିଶୁର ବିକାଶ ନ ହେଲେ ଦେଶ ଆଦୌ ଅଗ୍ରଗତି କରି ପାରିବ ନାହିଁ । ପୁନଶ୍ଚ ଆଜିର ଶିଶୁ ମଧ୍ୟ କାଲିର କର୍ଣ୍ଣଧାର । ଏକଥାକୁ କେହି ଯେପରି ଭୁଲି ନ ଯାଏ ।

ଆଜି ପୃଥିବୀର ସବୁ ଦେଶ ଶିଶୁମାନଙ୍କର ଉନ୍ନତି ପାଇଁ ସଚେତନ ହୋଇ ଉଠିଛନ୍ତି । ଫଳରେ ୧୯୭୯ ମସିହାକୁ ଆନ୍ତର୍ଜାତିକ ଶିଶୁ ଦିବସ ରୂପେ ଜାତିସଂଘ ଘୋଷଣା କରିଥିଲେ ।

ଦେଶର ମୃତ୍ୟୁ ସଂଖ୍ୟାର ପ୍ରାୟ ୪୫ ଭାଗ ହେଉଛନ୍ତି ଶିଶୁ । ତା'ର କାରଣ ଖୋଜିବା ପାଇଁ ଆମକୁ ଆଜି ବେଶି ଦୂରକୁ ଯିବାକୁ ପଡିବ ନାହିଁ । ପୁଷ୍ଟିସାର ଖାଦ୍ୟ ଅଭାବରେ ସାଧାରଣତଃ ଶିଶୁ ଅକାଳ ମୃତ୍ୟୁ ବରଣ କରିଥାଏ । ଅଳ୍ପ କୋଟୋନ ସଂଖ୍ୟକ ଶିଶୁଙ୍କୁ-ଛାଡିଦେଲେ କୋଟି କୋଟି ଶିଶୁ ଆଜି ଦୟନୀୟ ଅବସ୍ଥାରେ ରହିଛନ୍ତି । କିଏ କହିପାରେ ସେମାନେ ଉପଯୁକ୍ତ ସୁବିଧା ପାଇଲେ ହୁଏତ ଦିନେ ରବୀନ୍ଦ୍ରନାଥ ଠାକୁର, ବୈଜ୍ଞାନିକ ଆଇନ୍‌ଷ୍ଟାଇନ, କାର୍ଲ ମାର୍କସ, ଟଲଷ୍ଟୟଙ୍କ ପରି ବଡ ମଣିଷ ନ ହେବେ ? ଫୁଟିଟି ନ ଫୁଟୁଣୁ ଉପଯୁକ୍ତ ଖାଦ୍ୟସାର ଅଭାବରୁ ସେ ଦିନକୁ ଦିନ ମଉଳି ଯାଉଛି । ଏଣୁ ଏହି ପରିପ୍ରେକ୍ଷୀରେ ଶିଶୁମାନଙ୍କର ପ୍ରତିକାର ବିକାଶ ପାଇଁ ଉପଯୁକ୍ତ ପରିବେଶ ଦରକାର ।

ଏତ ଗଲା ସାଧାରଣତଃ ଶିଶୁମାନଙ୍କ କଥା । ଏମାନଙ୍କ ତୁଳନାରେ ଶିଶୁ ଶ୍ରମିକମାନଙ୍କର ଅବସ୍ଥା ଆହୁରି ବର୍ଣ୍ଣନାତୀତ । ଆମ ଦେଶ ଦାରିଦ୍ର୍ୟର ସୀମା-ରେଖା ତଳେ । ଏଣୁ ଆଜିର ପିତାମାତା ଦାରିଦ୍ର୍ୟର କଶାଘାତରେ ଜର୍ଜ୍ଜରିତ ହୋଇ ତାଙ୍କ ଶିଶୁ ପିଲମାନଙ୍କୁ ଶ୍ରମିକରୂପେ ନିଯୁକ୍ତ କରିବା ପାଇଁ ଆଗେଇ ଆସିଥାନ୍ତି । ଏଣୁ ଏହି ଦୃଷ୍ଟିରୁ ଶିଶୁ ଶ୍ରମିକ ନିଯୁକ୍ତି ଗୋଟିଏ ସାମାଜିକ ଓ ଆର୍ଥିକ ସମସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍ୱଳ୍ପ ମଜୁରୀ ହାର, ବେକାର ସମସ୍ୟା, ଅଜ୍ଞତା, ବଡ ପରିବାର, ନିମ୍ନସ୍ତରର ସାମାଜିକ ଜୀବନଧାରଣ ଓ ଶିକ୍ଷା ପାଇଁ ଉପଯୁକ୍ତ ସୁଯୋଗର ଅଭାବ ପ୍ରଭୃତି ଏହାର ପ୍ରଧାନ କାରଣ ।

ସାଧାରଣତଃ ଶିଶୁ ଶ୍ରମିକମାନେ ତାଙ୍କର ଜୀବନ-ଧାରଣ ଓ ପରିବାରର ଭରଣପୋଷଣରେ ସାହାଯ୍ୟ କରିବା ପାଇଁ କୌଣସି କୌଣସି କାର୍ଯ୍ୟରେ ସେମାନେ ନିଜକୁ ବାହେଲ କରିଥାଆନ୍ତି । ଏ ହେଲେ ମଧ୍ୟ ଶିଶୁ ଶ୍ରମିକ ନିଯୁକ୍ତି ଆଜି ଆଉ ଆର୍ଥିକ ଶୋଷଣ ହୋଇ ରହି ନାହିଁ । ପିତାମାତାଙ୍କର ଆର୍ଥିକ ଅସ୍ୱଚ୍ଛଳତାହିଁ ତାଙ୍କୁ ନିଯୁକ୍ତି ଖୋଜିବା ପାଇଁ ବାଧ୍ୟ କରୁଛି । ଆନ୍ତର୍ଜାତିକ ଶ୍ରମ ସଂସ୍ଥା ଗଣନାରୁ ଜଣାଯାଏ ଯେ ପୃଥିବୀରେ ଭାରତ-ବର୍ଷରେହିଁ ସବୁଠାରୁ ଅଧିକ ଶିଶୁ ଶ୍ରମିକ ।

୧୯୭୧ ଜନଗଣନାରୁ ଜଣାଯାଏ ଯେ ପ୍ରାୟ ୨୩୦ ଲକ୍ଷ ୧୪ ବର୍ଷର ବାଳକ ଭାରତବର୍ଷରେ ଅଛନ୍ତି । ସେମାନେ ହେଉଛନ୍ତି ସମଗ୍ର ଜନସଂଖ୍ୟାର ୪୨'୦-ଭାଗ । ଏହି ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ପ୍ରାୟ ୧୦'୭୪ ଲକ୍ଷ ଶିଶୁ ଶ୍ରମିକ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ଏମାନେ ହେଉଛନ୍ତି ଶିଶୁ ସଂଖ୍ୟାର ୪'୭ ଭାଗ ଓ ଶ୍ରମଶକ୍ତିର ୫'୯ ଭାଗ । ପ୍ରାୟ ୦'୭୪ ଲକ୍ଷ ଶିଶୁ ଶ୍ରମିକ ସହରାଞ୍ଚଳରେ ଓ ଅବଶିଷ୍ଟ ୧୦ ଲକ୍ଷ ଶ୍ରମିକ ଗ୍ରାମରେ କାର୍ଯ୍ୟ-କରିଥାନ୍ତି । ୧୦ ବର୍ଷରୁ ୧୪ବର୍ଷ ମଧ୍ୟରେ ଥିବା ଶିଶୁ ଶ୍ରମିକଙ୍କର ଶ୍ରମଶକ୍ତିରେ ଯୋଗଦାନ ସବୁଠାରୁ ଉଚ୍ଚ । ବୟସର ଏହି ଦଳରେ ଭାଗନେବା ଶିଶୁ ଶ୍ରମିକଙ୍କର ଭାଗ ହେଲା ପୁରୁଷଙ୍କର ୨୮'୮ ଭାଗ ଓ ନାରୀ ଶ୍ରମିକଙ୍କର ୨୦ ଭାଗ ।

ପୁଣି ଜନଗଣନାରୁ ଜଣାଯାଏ ଯେ ପ୍ରାୟ ୪୨'୭ ଭାଗ ଶିଶୁ ଶ୍ରମିକ କ୍ଷେତ ମଜୁରିଆ । ଏମାନଙ୍କ ସଂଖ୍ୟା ସମଗ୍ର କ୍ଷେତ ମଜୁରିଆ ଶ୍ରମିକଙ୍କସଂଖ୍ୟାର ୯'୭ ଭାଗ । ଏହି ଶ୍ରମିକଙ୍କ ମଧ୍ୟରୁ ୩୬ ଭାଗ ହେଉଛନ୍ତି ଚାଷୀ । ୮.୨ ଭାଗ ଶ୍ରମିକ ପଶୁପାଳନ, ଜଙ୍ଗଲ, ମାଛଧରା, ରୋପଣ ପ୍ରଭୃତିରେ ନିଯୁକ୍ତ ହୋଇଥାନ୍ତି । ଏମାନଙ୍କର ସଂଖ୍ୟା ହେଲା ସମଗ୍ର ଶ୍ରମିକ ଶକ୍ତିର ୨୦'୬ । ସମସ୍ତ ଶିଶୁ ଶ୍ରମିକଙ୍କର ପ୍ରାୟ ୨.୪ ଭାଗ ବ୍ୟବସାୟ, ବାଣିଜ୍ୟ, ପରିବହନ, ସଂଗ୍ରହାଗାର ଯାତାୟାତ ଏବଂ ଅବଶିଷ୍ଟ ଗୃହନିର୍ମାଣ ଓ ରାସ୍ତାତିଆରି ଶିଳ୍ପ ଖଣି ଖାଦାନ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇଥାନ୍ତି । ପୁଣି ସେଇ ଜନଗଣନାରୁ ଜଣାଯାଇଛି ଯେ ସମସ୍ତ ଶିଶୁ ଶ୍ରମିକଙ୍କର ୯୩ ଭାଗ ସାଧାରଣତଃ ଗ୍ରାମୀଣ ଶ୍ରମିକ ଓ ୭ ଭାଗ ସହରାଞ୍ଚଳ

ଶ୍ରମିକ । ଏହି ଶିଶୁ ଶ୍ରମିକଙ୍କର ସଂଖ୍ୟା ଆନ୍ଧ୍ର ପ୍ରଦେଶରେ ସର୍ବାଧିକ । କେବଳ ଏଇ ଆନ୍ଧ୍ର ପ୍ରଦେଶରେହିଁ ସମଗ୍ର ଭାରତବର୍ଷର ଶିଶୁ ଶ୍ରମିକଙ୍କର ସଂଖ୍ୟା' ହେଲା ୧୫.୨ ଭାଗ । ତା' ତଳକୁ ହେଲା କର୍ଣ୍ଣାଟକ । ଏଠାରେ ୭.୯ ଭାଗ ହେଲେ ଶିଶୁ ଶ୍ରମିକ । ରାଜସ୍ଥାନର ଶ୍ରମିକ ସଂଖ୍ୟା ହେଉଛି ସମଗ୍ର ଶ୍ରମଶକ୍ତିର ୭.୨୯ ଭାଗ ଓ ଶିଶୁ ସଂଖ୍ୟାର ୪ ଭାଗ ଓ ପ୍ରଦେଶ ଜନସଂଖ୍ୟାର ୨.୨୮ ଭାଗ । ମଧ୍ୟ ପ୍ରଦେଶରେ ସମଗ୍ର ଶ୍ରମ ଶକ୍ତିର ୭.୨୭ ଭାଗ ହେଉଛନ୍ତି ଶିଶୁ ଶ୍ରମିକ । ମଧ୍ୟ ପ୍ରଦେଶ ତଳକୁ ରହିଛି ଓଡିଶା, ଯେଉଁଠାରେକି ସମଗ୍ର ଦେଶର ଶ୍ରମ ଶକ୍ତିର ୭.୧୮ ଭାଗ ହେଉଛନ୍ତି ଶିଶୁ ଶ୍ରମିକ । ସବୁ ପ୍ରଦେଶ ତୁଳନାରେ ସବୁଠାରୁ କମ୍‌ସଂଖ୍ୟକ ଶିଶୁ ଶ୍ରମିକ କେରଳରେ ନିଯୁକ୍ତି ହୋଇଛନ୍ତି । ତାଙ୍କର ସଂଖ୍ୟା ହେଲା ସମଗ୍ର ଶ୍ରମ ଶକ୍ତିର ୧.୮୦ ଭାଗ ।

କେନ୍ଦ୍ରାଞ୍ଚଳ ଶାସିତ ଅଞ୍ଚଳ ଦାଦାର ଓ ନାଗର-ହାଭେଲିରେ ସର୍ବାପେକ୍ଷା ଅଧିକ ସଂଖ୍ୟକ ଶିଶୁ ଶ୍ରମିକ ଅଛନ୍ତି । ଏଠାରେ ତାଙ୍କର ସଂଖ୍ୟା ହେଲା ପ୍ରାୟ ଶ୍ରମ ଶକ୍ତିର ୮.୫୭ ଭାଗ ଏବଂ ସମସ୍ତ ଶିଶୁ ସଂଖ୍ୟାର ୧୧.୭୮ ଭାଗ ଓ ସମଗ୍ର ଜନସଂଖ୍ୟାର ୪. ଭାଗ । ଅରୁଣାଚଳ ପ୍ରଦେଶରେ ଶିଶୁ ଶ୍ରମିକଙ୍କର ସଂଖ୍ୟା ହେଉଛି ସମଗ୍ର ଶ୍ରମ ଶକ୍ତିର ୬.୬୭ ଭାଗ । ଚଣ୍ଡୀଗଡରେ ସବୁଠାରୁ ନିମ୍ନ ସଂଖ୍ୟକ ଶିଶୁ ଶ୍ରମିକ ନିଯୁକ୍ତ ହୋଇଛନ୍ତି । ତାଙ୍କର ସଂଖ୍ୟା ହେଲା ୧.୧୮ ଭାଗ ।

ସଂଗଠିତ ଶିଳ୍ପ କ୍ଷେତ୍ରରେ ଶିଶୁ ଶ୍ରମିକଙ୍କର ନିଯୁକ୍ତିକୁ ନିବାରଣ କରିବା ପାଇଁ ଓ ସେମାନଙ୍କର କାର୍ଯ୍ୟାବସ୍ଥା ନିୟନ୍ତ୍ରଣ ପାଇଁ ବହୁ ସଂଖ୍ୟକ ଆଇନ ଓ କାର୍ଯ୍ୟବାହୀ ଆଦେଶ ଥରକୁ ଥର ହୋଇଛି ଓ ସେହି ସମସ୍ତ ନିୟମାବଳୀ ଶ୍ରମ କଲ୍ୟାଣ ନିଯୋଜନରେ କିପରି କାର୍ଯ୍ୟକାରୀ ହୋଇଛି ବା ହେଉଛି ତାହାର ବିସ୍ତୃତ ବିବେଚନା ଏକାନ୍ତ ଆବଶ୍ୟକ ।

୧୮୮୧ ମସିହାରେ ଭାରତୀୟ କାରଖାନା ଆଇନାନୁଯାୟୀ ସର୍ବ ପ୍ରଥମେ ଶିଶୁ ଶ୍ରମିକ ଆଇନ ପ୍ରଣୟନ କରାଯାଇଥିଲା । ବିଶେଷତଃ ଏଇ ଆଇନରେ ଶିଶୁ ଶ୍ରମିକଙ୍କ ନିଯୁକ୍ତି ସଂପର୍କରେ କେତେକ ନିୟମମାନ ସଂରକ୍ଷଣ କରାଯାଇଥିଲା । ପ୍ରଥମତଃ କମ ବୟସ ଶିଶୁଙ୍କୁ କାରଖାନାରେ ନିଯୁକ୍ତି ଓ ଏକ ସମୟରେ ଦୁଇଟି କାରଖାନାରେ ନିଯୁକ୍ତିକୁ ମଧ୍ୟ କଡ଼ା କଡ଼ିଭାବେ ବାରଣ କରାଯାଇଥିଲା । ଦ୍ୱିତୀୟତଃ ସେମାନଙ୍କର ନିଯୁକ୍ତି ସମୟ, ମାସରେ ଚାରିଦିନ ଛୁଟି ଓ କାର୍ଯ୍ୟ ସମୟରେ ବିଶ୍ରାମ ପାଇଁ ମଧ୍ୟ ଆଇନରେ ଦିଆଯାଇଥିଲା । ସର୍ବୋପରି ବିପଦ କାଳର ଖରିପଟେ ନିରାପତ୍ତା ଲାଗି ବାଡ଼ ଦେବା ପାଇଁ ମଧ୍ୟ ନିୟମ ପ୍ରଣୟନ ହୋଇଥିଲା । ଏହି ଆଇନ ପ୍ରଣୟନ ହେବା ପରେ ଆହୁରି ଅନେକ ଆଇନ ଯଥା :— ଖଣି ଆଇନ ୧୯୦୧, ଭାରତୀୟ ବନ୍ଦର (ସଂଶୋଧନ) ଆଇନ, ୧୯୦୧, ତାହା ଅଞ୍ଚଳ ସ୍ୱଦେଶ-ପ୍ରେମୀ ଶ୍ରମ ଆଇନ, ୧୯୩୮, ଶିଶୁ (ପ୍ରତିଶ୍ରୁତିବଦ୍ଧ ଶ୍ରମ) ଆଇନ, ୧୯୩୩ ଏବଂ ଶିଶୁ ନିଯୁକ୍ତ ଆଇନ, ୧୯୩୮ ପ୍ରଭୃତି ପ୍ରଣୟନ ହୋଇ ଥରକୁ ଥର ସଂଶୋଧିତ ହୋଇଥିଲେ ମଧ୍ୟ ଅଳ୍ପ ସଂଖ୍ୟକ ନିରୀକ୍ଷକ ନିଯୁକ୍ତି ଯୋଗୁଁ, ଏହା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାରେ ସଂପୂର୍ଣ୍ଣ ସଫଳକାମ ହୋଇ ପାରିଲା ନାହିଁ ।

ଭାରତର ସ୍ୱାଧୀନତା ପରେ ଏ ଦିଗରେ ପ୍ରଥମ ପଦକ୍ଷେପ ହେଲା ୧୯୪୮ର କାରଖାନା ସଂଶୋଧନ ଆଇନ, ଯହିଁରେ କି ଶିଶୁ ଶ୍ରମିକଙ୍କର ନିଯୁକ୍ତିର ସର୍ବନିମ୍ନ ବୟସ ସୀମା ୧୪ ବର୍ଷକୁ ନିର୍ଦ୍ଧାରଣ କରାଗଲା । ଆନ୍ତର୍ଜାତୀୟ ଶ୍ରମସଂସ୍ଥାର ଯୁବକଙ୍କର ଅଧିକାର ପ୍ରଥାର ନିୟମ ଅନୁସାରେ ଶିଶୁ ନିଯୁକ୍ତି ଆଇନ, ୧୯୫୧ରେ ସଂଶୋଧିତ ହେଲା । ଯାହା ଫଳରେ ରେଲବାଇ ଓ ବନ୍ଦର ସଂସ୍ଥାରେ ୧୫ ବର୍ଷରୁ ୧୭ ବର୍ଷ ବୟସ ଶିଶୁ ଶ୍ରମିକମାନଙ୍କର ରାତି ନିଯୁକ୍ତିରେ ବାରଣ କରାଗଲା ଓ ମାଲିକମାନେ ଏହି ଶ୍ରମିକମାନଙ୍କର ନିଯୁକ୍ତି ବିଷୟରେ ସମସ୍ତ ତଥ୍ୟ ଖାତାପତ୍ରରେ ଲେଖିବା ପାଇଁ ବାଧ୍ୟ ହେଲେ ।

୧୨ ବର୍ଷରୁ କମ ବୟସ ଶିଶୁ ଶ୍ରମିକମାନଙ୍କର ନିଯୁକ୍ତିମାନ ଚା ବଗିଚାରେ ନିୟନ୍ତ୍ରଣ କରିବା ପାଇଁ ୧୯୫୧ରେ ବଗିଚା ଶ୍ରମ ଆଇନ ପ୍ରଣୟନ କରାଗଲା ଓ ୧୫ ବର୍ଷରୁ କମ ବୟସ ଶିଶୁ ଶ୍ରମିକଙ୍କର ନିଯୁକ୍ତି ଖଣି ଖାଦାନରେ ନିୟନ୍ତ୍ରଣ କରିବା ପାଇଁ ୧୯୫୨ ମସିହାରେ ଖଣି ଆଇନ ପ୍ରଣୟନ କରାଗଲା । ଆହୁରି ମଧ୍ୟ ଶିଶୁ ଶ୍ରମିକ-ମାନଙ୍କର ନିରାପତ୍ତା ପାଇଁ ୧୯୬୧ ମସିହାରେ ଦୁଇଟି ପ୍ରଧାନ ଆଇନ ଯଥା – ମଟର ପରିବହନ ଆଇନ ଏବଂ ଶିକ୍ଷାନବିଶ ଆଇନ ପ୍ରଣୟନ କରାଯାଇଥିଲା । ୧୯୬୬ ମସିହାରେ ବିଡ଼ି ସଂସ୍ଥାରେ ନିଯୁକ୍ତି ହେଉଥିବା ଶିଶୁ ଶ୍ରମିକମାନଙ୍କ ପାଇଁ ବିଡ଼ି ସିଗାରେଟ ଶ୍ରମିକ (ନିଯୁକ୍ତି ସର୍ତ୍ତ) ଆଇନ ପ୍ରଣୟନ କରାଯାଇଅଛି ।

ନ୍ୟାସନାଲ କମିଶନ ଅନ ଲେବର ତାଙ୍କର ମନ୍ତବ୍ୟ ପ୍ରକାଶ କରି କହିଥିଲେ ଯେ, ଶିଶୁ ଶ୍ରମିକମାନେ ଅସଂଗଠିତ ସଂସ୍ଥା ଯଥା — ଛୋଟ ଛୋଟ ବଗିଚା, ହୋଟେଲ ଓ ଜଳଖିଆ ସଂସ୍ଥା, ତୁନ୍ତାଭିଣା ଓ ଲୁଗାବୁଣା, ଗାଲିଚା ତିଆରି ପଥର ଭଙ୍ଗା, ଇଟାଭାଟି, ହସ୍ତଶିଳ୍ପ ଓ ରାସ୍ତା ତିଆରି, ପ୍ରଭୃତି ସଂସ୍ଥାରେ ବହୁଳ ପରିମାଣରେ ବାହେଲ ହେଉ ଅଛନ୍ତି । ଉପରୋକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କର ହିତସାଧନ ପାଇଁ ଭାରତ ସରକାର ୧୯୭୦ରେ ଚୁକ୍ତିବଦ୍ଧ ଶ୍ରମିକ (ନିୟନ୍ତ୍ରଣ ଏବଂ ଉଚ୍ଛେଦ) ଆଇନ ପ୍ରଣୟନ କରିଛନ୍ତି । ଏଇ ଆଇନ ଅନୁଯାୟୀ ଯେ କୌଣସି ସଂସ୍ଥା ଓ ଚୁକ୍ତିବଦ୍ଧ ସଂସ୍ଥାରେ ୨୦ କିମ୍ବା ତଦୂର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିଲେ ତାଙ୍କୁ ଏ ଆଇନ ଲାଗୁ ହେବ । ଆହୁରି ମଧ୍ୟ ପରମାଣୁ ଶକ୍ତି ଆଇନ, ୧୯୬୨, ବିକିରଣ ସୁରକ୍ଷା ନିୟମାବଳୀ, ୧୯୭୧ ଅନୁଯାୟୀ କାରଖାନା ଏବଂ ଖଣିଜ ଦ୍ରବ୍ୟ ଉତ୍ପାଦନ କରୁଥିବା ସଂସ୍ଥା,

ଯେଉଁଠାରେ କି ବିକୀରଣ କରାଯାଉଥିବ, ସେଠାରେ ୧୮ ବର୍ଷରୁ କମ ବୟସ ହୋଇଥିବା ଶିଶୁ ଶ୍ରମିକମାନଙ୍କର ନିଯୁକ୍ତିକୁ ବାରଣ କରାଯିବ ।

ଏହା ସାଙ୍ଗକୁ ପ୍ରାଦେଶିକ ସରକାର ମଧ୍ୟ ଶିଶୁ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ପ୍ରଣୟନ କରିଛନ୍ତି । ଆଇନରେ ଆସାମ, ବିହାର, ଗୁଜୁରାଟ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଓଡିଶା, ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ପ୍ରଭୃତିରେ ଶିଶୁ ଶ୍ରମିକମାନଙ୍କର ନିଯୁକ୍ତିର ବୟସ ସୀମା ୧୨ ବର୍ଷ ଏବଂ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ପଣ୍ଡିଚେରୀରେ ଶିଶୁ ଶ୍ରମକମାନଙ୍କର ବୟସ ୧୪ ବର୍ଷ (ଚଉଦ ବର୍ଷ) ଧାର୍ଯ୍ୟ କରାଯାଇଛି ।

ସର୍ବୋପରି ଭାରତ ସମ୍ବିଧାନରେ ମଧ୍ୟ ଶିଶୁ ଶ୍ରମିକଙ୍କର ସ୍ୱାର୍ଥ ସଂରକ୍ଷଣର ବ୍ୟବସ୍ଥା ରହିଛି । ସମ୍ବିଧାନର ୨୪ ଧାରା ଅନୁସାରେ ୧୪ ବର୍ଷରୁ ନିମ୍ନ କୌଣସି ଶିଶୁ ଶ୍ରମିକ କୌଣସି କାରଖାନା କିମ୍ବା ଖଣି କିମ୍ବା ଅନ୍ୟାନ୍ୟ ସଂସ୍ଥା ଯାହାକି ବିପଦସଙ୍କୁଳ କର୍ମସଂସ୍ଥା ହୋଇଥିବ, ସେଥିରେ କାର୍ଯ୍ୟ କରିବା ପାଇଁ ନିଷିଦ୍ଧ କରାଯାଇଛି । ଆହୁରି ମଧ୍ୟ ୧୫ (୩) ଧାରା ଅନୁସାରେ ଯଦି କୌଣସି ପ୍ରଦେଶ ଚାହେଁ ଯେ ନାରୀ ଓ ଶିଶୁମାନଙ୍କ ପାଇଁ ବିଶିଷ୍ଟ ନିୟମମାନ କରିବ, ଏହି ଧାରା ତାକୁ ବାଧା ଦେବ ନାହିଁ । ଶିଶୁମାନଙ୍କ କଲ୍ୟାଣ-ସାଧନ ନିମିତ୍ତ ସମ୍ବିଧାନର ୪ର୍ଥ ଅଧ୍ୟାୟରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ରହିଛି । ସମ୍ବିଧାନର ୨୯ ଧାରାରେ ଲିପିବଦ୍ଧ ହୋଇଛି ଯେ, ପ୍ରାଦେଶିକ ସରକାର ତାଙ୍କର ନୀତିକୁ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଆଗେଇ ନେବେ. ଯେପରିକି —

(୧) ନାରୀ ଶ୍ରମିକ ଓ କୋମଳମତି ଶିଶୁ ଶ୍ରମିକଙ୍କର ସ୍ୱାର୍ଥ ଓ ବଳ ଅପବ୍ୟୟ ନ ହୁଏ ଏବଂ ନାଗରିକମାନେ ଯେପରି ଆର୍ଥିକ ଆବଶ୍ୟକତା ଲାଗି ଯେଉଁ ବୃତ୍ତି ତାଙ୍କ ପାଇଁ ଉପଯୁକ୍ତ ନୁହେଁ ତାଙ୍କର ବୟସ ଓ ବଳ ଦୃଷ୍ଟିରୁ ସେପରି ବ୍ୟବସାୟରେ ନିଯୁକ୍ତ ହେବେ ନାହିଁ ।

(୨) ଶିଶୁ ଓ ଯୁବକମାନଙ୍କୁ ଶୋଷଣ କବଳରୁ ରକ୍ଷା କରାଯିବ ।

ଯଦିଓ ଏ ସଂକ୍ରାନ୍ତରେ ଆନ୍ତର୍ଜାତୀୟ ଶ୍ରମ ସଂସ୍ଥାର ପ୍ରଥା ପ୍ରଚଳିତ ରହିଛି, ଭାରତ ଆଜିବି ଶିଶୁ ଶ୍ରମିକ-ମାନଙ୍କର ନିଯୁକ୍ତି ରୋଧ କରି ପାରିନାହିଁ ; କିନ୍ତୁ ଏହା ଅବିସମ୍ବାଦିତ ଯେ ଆନ୍ତର୍ଜାତୀୟ ଶ୍ରମ ସଂସ୍ଥାର ସୁପାରିଶ-ମାନ ବିଭିନ୍ନ ଶ୍ରମ ଆଇନ ଉପରେ ଯଥେଷ୍ଟ ପ୍ରଭାବ ପକାଉଛି । ୧୯୭୫ ମସିହା ନଭେମ୍ବର ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଶିଶୁ ନିଯୁକ୍ତି ସଂପର୍କୀୟ ଆଲୋଚନାରେ କୁହାଯାଇଛି ଯେ, ଦେଶର ଅର୍ଥନୈତିକ ଦୂରବସ୍ଥା ଯୋଗୁଁ ଶିଶୁ ଶ୍ରମିକମାନଙ୍କର ନିଯୁକ୍ତିର ସଂପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ କି ବାଞ୍ଛନୀୟ ମଧ୍ୟ ନୁହେଁ । ଆମର ଲକ୍ଷ ଲକ୍ଷ ପରିବାର ଆଜି ଦାରିଦ୍ର୍ୟର ସୀମାରେଖା ତଳେ । ତେଣୁ ସେମାନେ ତାଙ୍କର ଏପରି କି ସାମାନ୍ୟତମ ଜୀବନ ଧାରଣର ସାହାଯ୍ୟ ପାଇଁ ସେମାନଙ୍କର ଶିଶୁମାନଙ୍କୁ ଶ୍ରମ ବିପଣୀରେ ବାହାର କରିବା ପାଇଁ ବାଧ୍ୟ ହୋଇଥାଆନ୍ତି । ଯଦି ସେମାନେ ତାଙ୍କର ପିଲାମାନଙ୍କୁ କୌଣସି ଶ୍ରମରେ ବାହାର ନ କରୁଛନ୍ତି, ତା ହେଲେ ଦୁଇବେଳା ଖାଇବାକୁ ତାଙ୍କ ପକ୍ଷରେ ଅସମ୍ଭବ ହୋଇ ପଡୁଛି । ତେଣୁ ଯଦି କୌଣସି ଆଇନର ପ୍ରଚଳନ କରାଯାଇ କଡ଼ାକଡ଼ିଭାବେ ଶିଶୁ ଶ୍ରମକମାନଙ୍କର ନିଯୁକ୍ତିକୁ ପୁରାପୁରି ବାତିଲ କରାଯାଏ, ତା ହେଲେ ଆମର ଦରିଦ୍ରତମ ପରିବାର ପକ୍ଷରେ ତାହାହିଁ ଅସହ୍ୟ ଦୁଃଖର କାରଣ ହୋଇଉଠିବ । ତେଣୁ ଏପରି ପରିସ୍ଥିତିରେ ଶିଶୁ କଲ୍ୟାଣ ତଥା ତାଙ୍କ କାର୍ଯ୍ୟ ସ୍ତରର ବହୁତ ଉନ୍ନତି କରି ତାଙ୍କ ମନ ପ୍ରାଣରେ କାମ ପ୍ରତି ସ୍ପୃହା ତଥା ଆଗ୍ରହ ଓ ଆନନ୍ଦର ଜୁଆର ଖେଳାଇ ପାରିଲେ ଶିଶୁ ଶ୍ରମିକ ସଂପର୍କରେ ଯେଉଁ ଶୋଷଣ ପୋଷଣ ଓ ଦୁଃଖଣର ଦୁଆ ବାରମ୍ବାର କୁହାଯାଉଛି ତାହା ଯେ ଅପସରି ଯାଇ ନୂତନ ଅଧ୍ୟାୟ ସୃଷ୍ଟି କରିବ, ଏହା ନିଶ୍ଚିତ କଥା ।



# ଶିଳ୍ପାନୁଷ୍ଠାନରେ ଶାନ୍ତି ପ୍ରତିଷ୍ଠା ଲାଗି ଶ୍ରମିକ ୟୁନିୟନର ଭୂମିକା

ଶ୍ରୀ ଏ. ଏନ୍. ବୁର୍

ବିଦେଶରୁ ଆସିଥିବା ଜଣେ ପର୍ଯ୍ୟଟକ ଏକଦା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ । ପ୍ରଶ୍ନଟି ଥିଲା, ଅହମଦାବାଦରେ ଥିବା ଲୁଗା କଳ ଶ୍ରମିକ ସଙ୍ଗଠନ ଏକ ଶ୍ରମିକ ୟୁନିଅନ ଭାବେ କ'ଣ କରୁଛି ? ଏହାର ଏକ ସାଧାସିଧା ଉତ୍ତର ଦିଆଗଲା । ଲୁଗା କଳରେ କପା ଏକ କଞ୍ଚାମାଲ ଭାବେ ବ୍ୟବହାର କରାଯାଏ । ଠିକ୍ ସେହିପରି ଇସ୍ପାତ କାରଖାନାରେ ଲୁହା ପଥର ଓ ସିମେଣ୍ଟ କାରଖାନାରେ ବାଲି ଓ ପଥର କଞ୍ଚାମାଲ ଭାବେ ବ୍ୟବହାର କରାଯାଏ । ଅହମଦାବାଦଠାରେ ଥିବା ଲୁଗାକଳଗୁଡ଼ିକରେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ଶ୍ରମ ବିକ୍ରୟ କରୁଛନ୍ତି । ଏହି ଶ୍ରମଦାନ ପାଇଁ ସେମାନଙ୍କୁ ଦରମା ମିଳୁଛି । ଦରମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ଅହମଦାବାଦ ଲୁଗାକଳ ପରିଚାଳନା କର୍ତ୍ତୃପକ୍ଷ ଏବଂ ଲୁଗାକଳ ଶ୍ରମିକ ସଙ୍ଗଠନ ମଧ୍ୟରେ କେତେକ ରାଜିନାମା ହୋଇଯାଇଛି । ଏହି ସଙ୍ଗଠନର ଶ୍ରମିକମାନେ ଗାନ୍ଧିବାଦରେ ବିଶ୍ୱାସ କରନ୍ତି । ସେମାନେ ପରିଶ୍ରମୀ ଶ୍ରମିକ, ପରିବାରର ମୁଖ୍ୟ ଏବଂ ଉତ୍ତମ ନାଗରିକ ଅଟନ୍ତି । ଏହି ଶ୍ରମିକ ୟୁନିଅନଟି ସଫଳତା ହାସଲ କରିବାର ମଧ୍ୟ ଏହା ସାହାଯ୍ୟ କରେ । ପ୍ରତ୍ୟେକ ବ୍ୟକ୍ତି ହେଉଛି, ସ୍ୱାର୍ଥପର, ନିଜସ୍ୱ ପ୍ରାଣ ଏବଂ ନିଜର ରକ୍ଷାପାଇଁ ଅନ୍ୟକୁ ଦୋଷ ଦେବା ହେଉଛି ତାହାର ପ୍ରକୃତିଗତ । କିନ୍ତୁ ସାମୂହିକ କ୍ଷେତ୍ରରେ ଏହାର ବିପରିତ ଅଟେ । ଗୋଷ୍ଠୀଗତ ଭାବେ ସେମାନେ ବିଚାର ଚାହାଁନ୍ତି । ପ୍ରାୟ ପ୍ରୀତି ତୋଷଣ ଓ ଦୁର୍ନୀତିର ସେମାନେ ବିରୋଧ କରନ୍ତି । ଏହି ଢାଞ୍ଚାରେ ଏକ ଶ୍ରମିକ ୟୁନିୟନ କାର୍ଯ୍ୟ କରିବା ଉଚିତ ।

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାସ କରୁଥିବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ କିମ୍ବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁନଥିବା ଶ୍ରମିକମାନଙ୍କର ନାନାଦି ଅସୁବିଧାମାନ ରହିଛି । ସେମାନେ ହେଉଛନ୍ତି ନିରକ୍ଷର, ଅଜ୍ଞ, ନିର୍ଭରଶୀଳ ଓ ରୁଗ୍ଣ ଏବଂ ଉତ୍ସାହହୀନ । ଏପରିକି ଶିକ୍ଷିତ ଲୋକମାନଙ୍କର ଶୀକାର ମଧ୍ୟ ସେମାନେ ହୁଅନ୍ତି ।

ଏକ ଗାନ୍ଧିବାଦୀ ଶ୍ରମିକ ୟୁନିୟନ ଦୃଢ଼ଭାବେ ବିଶ୍ୱାସ କରେ ଯେ, ଶ୍ରମିକ କିମ୍ବା ପରିଚାଳନା କର୍ତ୍ତୃପକ୍ଷ ବାଧ୍ୟ ବାଧ୍ୟକତାରେ କୌଣସି ଦାବୀ ଗ୍ରହଣ କରିବେ ନାହିଁ । କାରଣ ଏହା ଦ୍ୱାରା ମତାନ୍ତର ଓ ବିଭେଦ ମୂଳ କାରଣ ହେଲା ଯେ ଏହାର ନେତୃତ୍ୱ ତ୍ୟାଗ ଓ ନିଷ୍ଠା ଉପରେ ପର୍ଯ୍ୟବେସିତ । ସେମାନଙ୍କର ପ୍ରଚୁର ଆତ୍ମ ବିଶ୍ୱାସ ରହିଛି । ଗାନ୍ଧିବାଦୀ ଶ୍ରମିକ ୟୁନିୟନ ଆତ୍ମ ସମୀକ୍ଷା ଏବଂ ଜ୍ଞାନ ଆହରଣ ଉପରେ ବିଶ୍ୱାସ କରେ । ହୁଏତ ଅନେକ ଏହାକୁ ଗ୍ରହଣ କରିବେ ନାହିଁ । ଗାନ୍ଧିବାଦୀ ଶ୍ରମିକ ସମୟ ପାଇବା ମାତ୍ରେ ତାହାକୁ ଲେଖା ଓ ପଢ଼ାରେ ବ୍ୟବହାର କରେ । ସେ ତାହାର ସହକର୍ମୀ, ପ୍ରତିନିଧି ଓ ସରକାରୀ ପ୍ରତିନିଧି-ମାନଙ୍କଠାରୁ ମତାମତ ଶୁଣିବା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ ଆଲୋଚନା ମଧ୍ୟ କରେ । ଶ୍ରମିକ ୟୁନିୟନର କାର୍ଯ୍ୟକ୍ରମରେ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ମଧ୍ୟ ଉଦ୍ୟମ କରେ ।

ଶ୍ରମିକ ୟୁନିୟନରେ ଶ୍ରମିକର ସ୍ୱାର୍ଥପ୍ରତି ଅଗ୍ରାଧିକାର ଦିଆଯାଏ । ସାମାଜିକ ଓ ଅର୍ଥନୈତିକ ଦାୟିତ୍ୱ ତୁଲାଇବା ବେଳେ ଯେଉଁସବୁ ଅସୁବିଧାମାନ ଅଛି ତାହାକୁ ଦୂର କରିବା ପାଇଁ କିମ୍ବା ହ୍ରାସ କରିବା ପାଇଁ ଏହା ଉଦ୍ୟମ କରେ । ଶ୍ରମିକମାନଙ୍କର ଆଶା ଆକାଂକ୍ଷା ପୂରଣ ଦିଗରେ ଏବଂ ସେମାନଙ୍କର ଦାବୀ ପୂରଣ ପାଇଁ ଦେଖାଦିଏ । ଗାନ୍ଧିବାଦୀ ଶ୍ରମିକ ସଙ୍ଗଠନଗୁଡ଼ିକ ପରିଚାଳନାରେ ଥିବା ପ୍ରକୃତ ଅସୁବିଧାଗୁଡ଼ିକୁ ହୃଦୟଙ୍ଗମ କରିବା ଉଚିତ । ଉଭୟ ପକ୍ଷ ମଧ୍ୟରେ ସହଯୋଗ, ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ, ଉତ୍ତମ ବୁଝାମଣା ସୃଷ୍ଟି ହେବା ଉଚିତ । ଗାନ୍ଧିବାଦୀ ଶ୍ରମିକ ସଙ୍ଗଠନ ଏକ ସମାନ୍ତରାଳ ପରିଚାଳନା କିମ୍ବା ଏକ ଅବୁଝା ଅଂଶୀଦାର ହେବାକୁ ଚାହେଁ ନାହିଁ । ଯେତେବେଳେ ସମସ୍ୟା ଉପୁଜିବ ଏବଂ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଗ୍ରହଣୀୟ ହେବ ନାହିଁ ଠିକ୍ ସେତିକିବେଳେ ଲକ୍ଷ୍ୟ ହାସଲ ପାଇଁ ଶ୍ରମିକ ୟୁନିୟନ ବିକଳ୍ପ ପ୍ରସ୍ତାବ ଦେବା ଉଚିତ । ଅନ୍ୟ ପକ୍ଷରେ ପରିଚାଳନା ବିଭାଗ ଶ୍ରମିକ ୟୁନିୟନର ଦାବୀ ପୂରଣ ଦିଗରେ କୋହଳ ମନୋଭାବ ପ୍ରଦର୍ଶନ କରିବା ଉଚିତ । ଯଦି ଛୋଟ ଛୋଟ କାରଣରୁ ମତଭେଦ ଘଟେ ତେବେ ସେଥିରେ ବଳ ପ୍ରୟୋଗ ନ କରି ଆପୋଷ ଆଲୋଚନା ମାଧ୍ୟମରେ ତାହାର ସମାଧାନ କରିବା ଉଚିତ । ଉତ୍ପାଦନ ପାଇଁ ଉଭୟ ପକ୍ଷ ହେଉଛନ୍ତି ସମାନ ଅଂଶୀଦାର । ତେଣୁ ଦାବୀ ପୂରଣ ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ଉତ୍ପାଦନ ବାଧାପ୍ରାପ୍ତ ହେବ ନାହିଁ

କିମ୍ବା କାହାରି ଚାକିରୀ ଚାଲିଯିବାର ଭୟ ମଧ୍ୟ ରହିବ ନାହିଁ । କେତେକ କ୍ଷେତ୍ରରେ କୁହାଯାଏ ଯେ, ଶ୍ରମ ଓ ପୁଞ୍ଜି ମଧ୍ୟରେ ଯଦି ସଂଘର୍ଷ ଲାଗେ ତେବେ ଶ୍ରମିକ ୟୁନିୟନରେ ତାହା ଅଧିକ ସଂହତି ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଶକ୍ତିଶାଳୀ କରେ । ଏହା କେତେକ କ୍ଷେତ୍ରରେ ସତ୍ୟ ହୋଇ ପାରେ । ବେଳେ ବେଳେ ଶ୍ରମିକ ୟୁନିୟନ ଓ ପରିଚାଳନା ବିଭାଗ ନିଜ ନିଜର ଅନିଷ୍ଟ ସାଧନ କରିଥାଆନ୍ତି ।

ଗାନ୍ଧିବାଦୀ କିମ୍ବା ଅଣ ଗାନ୍ଧିବାଦୀ ଶ୍ରମିକ ୟୁନିୟନଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଆଭ୍ୟନ୍ତରୀଣ କନ୍ଦଳରୁ ମୁକ୍ତ ନୁହନ୍ତି । ଜାତିଆଣ, ଧର୍ମଗତ, ସାମାଜିକ ଓ ରାଜନୈତିକ କାରଣଗୁଡ଼ିକ ଏହି କନ୍ଦଳ ପାଇଁ ଇନ୍ଧନ ଯୋଗାଇ ଦିଅନ୍ତି । ତେଣୁ ଶ୍ରମିକ ୟୁନିୟନ ଗଠନ କଲାବେଳେ ଏହି ଦିଗ ପ୍ରତି ଦୃଷ୍ଟି ଦିଆଯିବା ଏକାନ୍ତ ଭାବେ ବାଞ୍ଛନୀୟ । ଯଦି ଏହି ଅସୁବିଧାଗୁଡ଼ିକ ଦୂରହୁଏ ତେବେ ଶ୍ରମିକ ୟୁନିୟନଗୁଡ଼ିକ ବେଶ୍ ଶକ୍ତିଶାଳୀ ହୋଇ ଉଠିବ । ଶ୍ରମିକ ସଙ୍ଗଠନଗୁଡ଼ିକ ମଧ୍ୟରେ ଯଦି ରାଜନୀତି ପ୍ରବେଶ କରେ ତେବେ ତାହାଦ୍ୱାରା ଅନମନୀୟତାଗୁଣ ପ୍ରକାଶ ପାଇବ । ଆନ୍ତଃ ୟୁନିୟନ ସଂଘର୍ଷ ଫଳରେ ଯେଉଁ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହେଉଛି ତାହା ଦେଶରେ ଶ୍ରମିକ ୟୁନିୟନର ଆଦର୍ଶ ପ୍ରତି ବିପଦ ସୃଷ୍ଟି କରିବା ପୂର୍ବରୁ ତାହାର ଏକ ପ୍ରତିକାର କରାଯିବା ଉଚିତ ।

ଗାନ୍ଧିବାଦୀ ଶ୍ରମିକ ୟୁନିୟନଗୁଡ଼ିକ ଶ୍ରମିକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରେ ।

ଏକ ଗାନ୍ଧିବାଦୀ ଶ୍ରମିକ ୟୁନିୟନ କଦାପି ଅସଂହତିକୁ ପ୍ରଶ୍ରୟ ଦେବ ନାହିଁ କିମ୍ବା କୌଣସିଠାରେ ବିଭାଜନର ପ୍ରଚାର କରିବ ନାହିଁ ଅଥବା ଶକ୍ତିଶାଳୀ ହେବା ପାଇଁ ସରକାରଙ୍କ ଗୋଡ଼ାଣିଆ ହେବ ନାହିଁ ।

ଶ୍ରମିକ ମଧ୍ୟ ହେଉଛି ଜଣେ ନାଗରିକ । ତାହାର ଯାହାସବୁ ଅଭାବ ଅସୁବିଧା ଅଛି ତାହାକୁ ନିଶ୍ଚିତ ଭାବେ ହଟାଇବାକୁ ହେବ । ତାହାର ଆବଶ୍ୟକତା କ'ଣ ପୂରଣ ହେବା ଉଚିତ । ଜଣେ ଗାନ୍ଧିବାଦୀ ଶ୍ରମିକ ୟୁନିୟନର ସଦସ୍ୟ ଜାତୀୟ ସଞ୍ଚୟ, ରକ୍ତଦାନ, ପରିବାର କଲ୍ୟାଣ, ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ ଇତ୍ୟାଦି ଗଠନମୂଳକ କାର୍ଯ୍ୟରେ ସାହାଯ୍ୟ କରିବା ଉଚିତ । ଏହା ବ୍ୟତୀତ ସେ ଜୁଆଖେଳ ଓ ମଦ୍ୟପାନରୁ ନିବୃତ୍ତ ହେବା ଉଚିତ । ଶ୍ରମିକମାନଙ୍କ ପାଇଁ ଖେଳ, ବ୍ୟାୟାମ, ହଷ୍ଟେଲ, ସ୍କୁଲ ଇତ୍ୟାଦି ରହିବା ଉଚିତ । ଦେଶର କୌଣସି ସ୍ଥାନରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେବ ତେବେ ସେମାନେ ସେଥିପ୍ରତି ଆଖିବୁଜି ଦେବା ଉଚିତ ନୁହେଁ । କ୍ଷମତା ଅନୁଯାୟୀ ସେମାନେ ସାହାଯ୍ୟ ଦେବା ଉଚିତ ।

ଯଦି ଏହି ସବୁ କାର୍ଯ୍ୟ ଯୋଜନାବଦ୍ଧ ଭାବେ କରାଯାଏ ତେବେ ଶ୍ରମିକ ଅଧିକ ବୋଝ ବହନ କରିବାକୁ କୁଣ୍ଠିତ ହେବ ନାହିଁ । ପରିଚାଳନା କର୍ତ୍ତୃପକ୍ଷ ଓ ସରକାର ମଧ୍ୟ ଏଥିପାଇଁ ଆର୍ଥିକ ସାହାଯ୍ୟ ଦେବା ଉଚିତ । ଦେଶର ଶିଳ୍ପାନୁଷ୍ଠାନ ନିକଟରେ ଶାନ୍ତି ବଜାଏ ରଖିବାରେ ଶ୍ରମିକ ୟୁନିୟନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏମାନେ ସାମ୍ପ୍ରଦାୟିକ ସଂଘର୍ଷ ବିରୁଦ୍ଧରେ କାର୍ଯ୍ୟ କରିବା ଉଚିତ । ସାମୂହିକ କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ପାଇଁ ସେମାନେ ଆଇନ୍ ଶୃଙ୍ଖଳା ରକ୍ଷାରେ ସାହାଯ୍ୟ କରିବା ଉଚିତ ।

ଏହା ଏକ ଦିବା ସ୍ୱପ୍ନ ନୁହେଁ । ମହାତ୍ମା-ଗାନ୍ଧୀଙ୍କ ନିର୍ଦ୍ଦେଶ କ୍ରମେ ଅହମଦାବାଦର ଲୁଗାକଳ ଶ୍ରମିକ ସଙ୍ଗଠନ ଏବଂ ଏହାର ଅନ୍ୟାନ୍ୟ ସହଯୋଗୀ ଶ୍ରମିକ ୟୁନିୟନଗୁଡ଼ିକ ଜାତୀୟ ଶ୍ରମିକ ସଙ୍ଗଠନ ସହିତ ସାମିଲ ହୋଇ ଯାଇଛନ୍ତି । ଗୁଜରାଟରେ ଶିଳ୍ପାଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏମାନେ ଅକ୍ଳାନ୍ତ ଉଦ୍ୟମ କରୁଛନ୍ତି ।



# ପ୍ରଗତି ପ୍ରସଙ୍ଗ

## ପରିବହନ ସମନ୍ୱୟ ସମିତି

ଗତ ନଭେମ୍ବର ୯ ତାରିଖରେ ଭୁବନେଶ୍ୱରଠାରେ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପରିବହନ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଶ୍ରୀ ଦୀକ୍ଷିତ କହିଲେ ଯେ ରେଳବାଇ ମନ୍ତ୍ରଣାଳୟ ସୁପାରିଶ ସହ ସମ୍ବଲପୁର- ତାଳଚେର ରେଳପଥ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ ପାଇଁ ଯୋଜନା କମିଶନଙ୍କ ନିକଟକୁ ପଠାଇଛନ୍ତି । ଏହି ପ୍ରସ୍ତାବିତ ରେଳପଥ ନିର୍ମିତ ହୋଇ ଗଲେ ରାଜ୍ୟର ଆର୍ଥିକ ସ୍ଥିତିରେ ଦ୍ରୁତ ଉନ୍ନତି ଘଟିବ । କୋରାପୁଟ ରାୟଗଡ଼ା ରେଳପଥର ଦ୍ୱିତୀୟ ପର୍ଯ୍ୟାୟର ବ୍ୟୟ ଅଟକଳ ପ୍ରସ୍ତାବ ରେଳବାଇ ମନ୍ତ୍ରଣାଳୟର ସକ୍ରିୟ ବିଚାରାଧୀନ ରହିଛି । ଇତି ମଧ୍ୟରେ ଏହାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ମୁନିଗୁଡ଼ା ପର୍ଯ୍ୟନ୍ତ ଚାଲିଛି । ଯଖପୁରା—ବାଂଶପାଣି ରେଳପଥ ପାଇଁ ଜମି ଦଖଲ ଓ ଏହାର ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି । ଖୋର୍ଦ୍ଧାରୋଡ଼ଠାରୁ ନୟାଗଡ଼, ଦଶପଲ୍ଲା ଓ ବଉଦ—ଫୁଲବାଣୀ ଦେଇ ବଲାଙ୍ଗୀର ପର୍ଯ୍ୟନ୍ତ ଏକ ନୂତନ ରେଳପଥର ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଆସନ୍ତା ଡିସେମ୍ବର ମାସରେ ଆରମ୍ଭ କରାଯିବ । ଏଥିପାଇଁ ରେଳବାଇ ମନ୍ତ୍ରଣାଳୟ ୩୩ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

କଟକ ଓ ବାଲେଶ୍ୱରର ରୋଡ଼ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ବେଶ ସନ୍ତୋଷଜନକଭାବେ ଆଗେଇ ଚାଲିଛି । ଏହି ଦୁଇଟିଯାକର କାର୍ଯ୍ୟ ୧୯୮୪ରେ ସଂପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ମଂଚେଶ୍ୱର ରେଳଡବା ମରାମତି କାରଖାନାର ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ୨୦ କୋଟି ଟଙ୍କା ବ୍ୟୟ ହେଉଥିବା ଏହି ପ୍ରୋଜେକ୍ଟର କାମ ଆହୁରି କ୍ଷିପ୍ର ଗତିରେ ଆଗେଇ ନେବା ପାଇଁ ସେ ପରାମର୍ଶ ଦେଇଥିଲେ ।

ସପ୍ତମ ଯୋଜନା ମଧ୍ୟରେ ୧୯୮୭-୮୮ରେ ପୂର୍ବ ଉପକୂଳରେ ଖଡ଼୍ଗପୁରଠାରୁ ଖୋର୍ଦ୍ଧାରୋଡ଼ ପର୍ଯ୍ୟନ୍ତ ଓ ୧୯୮୯-୯୦ ମଧ୍ୟରେ ଖୋର୍ଦ୍ଧାରୋଡ଼ଠାରୁ ଓ୍ୱାଲଟିୟର ପର୍ଯ୍ୟନ୍ତ ଯାତାୟତ କରୁଥିବା ରେଳଗାଡ଼ିଗୁଡ଼ିକୁ ବିଦ୍ୟୁତ୍ ଦ୍ୱାରା ଚାଳୁ କରିବା ପାଇଁ ପ୍ରସ୍ତାବ ରହିଛି । ଏହା ଫଳରେ ଦ୍ରୁତ ଗତିରେ ଯାତ୍ରୀ ଓ ମାଲ ପରିବହନ ହୋଇ ପାରିବ ବୋଲି ଶ୍ରୀ ଦୀକ୍ଷିତ କହିଥିଲେ ।

ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଟିଟିଲାଗଡ଼ ଓ ଭୁବନେଶ୍ୱର କିମ୍ବା କଟକ ବା ତାଳଚେର ମଧ୍ୟରେ ମହାନଦୀ ଏକ୍ସପ୍ରେସ୍ ଟ୍ରେନ୍, ଟିଟିଲାଗଡ଼ ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ଯାତ୍ରୀବାହୀ ଟ୍ରେନ୍ ଚଳାଇବା ପାଇଁ ଓ କଟକ-ପାରାଦୀପ ସଟଲକୁ ଭଦ୍ରକ ପର୍ଯ୍ୟନ୍ତ ସଂପ୍ରସାରଣ କରିବା ନିମନ୍ତେ ସେ ରେଳବାଇ କର୍ମକର୍ତ୍ତାମାନଙ୍କୁ କହିଥିଲେ । ସମ୍ବଲପୁର, ଝାରସୁଗୁଡ଼ା, ବେଲପାହାଡ଼, ରାଜଗାଙ୍ଗପୁର, ରାଉରକେଲା, ଭଦ୍ରକ, ଭୁବନେଶ୍ୱର, କଟକ, ତାଳଚେର ଭଳି ପ୍ରଧାନ ପ୍ରଧାନ ଷ୍ଟେସନଗୁଡ଼ିକରେ ଅଧିକ ବର୍ଥ ନିର୍ମାଣ କରିବା ନିମନ୍ତେ ଏହି ବୈଠକରେ ସେ ଦାବୀ କରିଥିଲେ ।

ବାଲୁଗାଁଠାରେ ମାନ୍ଦ୍ରାଜ-ହାଵଡ଼ା ମେଲ ଅଟକିବା ପାଇଁ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ଶ୍ରୀ ଦୀକ୍ଷିତ କହିଥିଲେ । ଭୁବନେଶ୍ୱରଠାରେ ରେଲୱେ ସର୍ଭିସ୍ କମିଶନ୍ କାର୍ଯ୍ୟାଳୟ ସ୍ଥାପନ କରାଯାଇ ଲୋକ ନିଯୁକ୍ତି କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ । ସମ୍ବଲପୁର-ଝାରସୁଗୁଡ଼ା ଯାତ୍ରୀବାହୀ ଟ୍ରେନ ରାଉରକେଲା ପର୍ଯ୍ୟନ୍ତ ଯାତାୟତ କରିବା ପାଇଁ ସୁବିଧା ଦେଇଥିବାରୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ସେ ଧନ୍ୟବାଦ ଜଣାଇଥିଲେ ।

ଏହି ବୈଠକରେ କୋଇଲା ଉତ୍ପାଦନ ଓ ଯୋଗାଣ ; ରେଲୱେ ସାଇଡ଼ିଂ; ଜଂଗଲଜାତ ଦ୍ରବ୍ୟର ପରିବହନ, କଞ୍ଚାମାଲ ପରିବହନ, ବରଗଡ଼ ଓ ରାଜଗାଙ୍ଗପୁର ସିମେଣ୍ଟ ଚାଲାଣ, ବ୍ରଜରାଜନଗର, ରାୟଗଡ଼ା, ଚୌଦ୍ୱାରରୁ କାଗଜ ଓ କଞ୍ଚାମାଲ ଚାଲାଣ, ବିଶାଖାପାଟଣାଠାରୁ କୋରାପୁଟ, ରାୟଗଡ଼ା ଓ ମେରାମଣ୍ଡଳୀକୁ ନାଲକୋର ମେସିନ ଯନ୍ତ୍ରପାତି ଚାଲାଣ, ସମ୍ବଲପୁର, ବ୍ରଜରାଜନଗର, ଝାରସୁଗୁଡ଼ା, ତାଳଚେର, ଢେଙ୍କାନାଳ, ଧାନମଣ୍ଡଳ, ଭୁବନେଶ୍ୱର, ବାଲେଶ୍ୱର, ରାୟଗଡ଼ା ରେଳ ଷ୍ଟେସନର ଉନ୍ନତି ବିଧାନ, ଟିଟିଲାଗଡ଼ଠାରୁ ଭୁବନେଶ୍ୱର ମଧ୍ୟରେ ମହାନଦୀ ଏକ୍ସପ୍ରେସ୍ ଯାତାୟତ, କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଟ୍ରେନ ଚଳାଚଳ, ନୀଳାଚଳ ଏକ୍ସପ୍ରେସର ଦୈନିକ ଯାତାୟତ, ପୁରୀ ଓ ହାଵଡ଼ା ମଧ୍ୟରେ ପର୍ଯ୍ୟଟକ ଏକ୍ସପ୍ରେସ୍ ଯାତାୟତ , ରାଜ୍ୟର ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳରେ ଥିବା ଷ୍ଟେସନଗୁଡ଼ିକର ଉନ୍ନତି ବିଧାନ, ଝାରସୁଗୁଡ଼ାଠାରେ ଗୀତାଞ୍ଜଳି ଏକ୍ସପ୍ରେସ୍‌ର ରହଣି ସଂପର୍କରେ ଆଲୋଚନା କରାଯାଇଥିଲା ।

## ପାରଳାଖେମୁଣ୍ଡିରେ ମତ୍ସ୍ୟଜୀବୀଙ୍କ ସମେତ ଦରିଦ୍ର ଲୋକଙ୍କୁ ସାହାଯ୍ୟ ବଣ୍ଟନ

ଶିଳ୍ପ କାରଖାନା ସ୍ଥାପନ କରିବା ଏବଂ ମହିଳା ଓ ଶିକ୍ଷିତ ଯୁବକମାନଙ୍କ ପାଇଁ କର୍ମଯୋଗାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ରାଜ୍ୟର ପୁଞ୍ଜିଭୂତ ଦାରିଦ୍ର୍ୟ ତଥା ବେକାରୀ ସମସ୍ୟା ବିରୁଦ୍ଧରେ ସରକାରଙ୍କ ଅଭିଯାନ ଅବ୍ୟାହତ ରହିଛି ବୋଲି ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଅକ୍ଟୋବର ୩୧ ତାରିଖ ଅପରାହ୍ନରେ ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡିଠାରେ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟଙ୍କ ସମେତ ଇ. ଆର. ଆର. ପି. ଏବଂ ଆଇ. ଆର. ଡି. କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ବ୍ୟକ୍ତିମାନଙ୍କୁ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ ଏହା କହିଥିଲେ । ସେ ପୁଣି କହିଲେ ଯେ ଅତୀତରେ ରାଜ୍ୟରେ ବିପୁଳ ପ୍ରାକୃତିକ ସଂପଦର ସଦୁପଯୋଗ ହେଉନଥିବାରୁ ଏବଂ ରାଜ୍ୟରେ ରାଜନୈତିକ ଅସ୍ଥିରତା ଲାଗି ରହିଥିବାରୁ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି ପାଇଛି । ବର୍ତ୍ତମାନ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନହିତକର ଏବଂ ଅର୍ଥନୈତିକ କାର୍ଯ୍ୟକ୍ରମ ରାଜ୍ୟବାସୀଙ୍କ ଦ୍ୱାରା ବିଶେଷ ଆଦୃତ ହେଉଛି ବୋଲି ଦର୍ଶାଇ ଶ୍ରୀ ଶ୍ରୀ ବିଶ୍ୱାଳ କହିଲେ ଯେ ପୂର୍ବତନ ସରକାରଙ୍କର ସେପରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନଥିବାରୁ ତାହା ଅକାଳରେ ଭାଙ୍ଗିପଡ଼ିଲା । ରାଜ୍ୟର ୧୦ ହଜାର ଶିକ୍ଷିତ ବେକାରଙ୍କୁ ଆତ୍ମ ନିଯୁକ୍ତି ଯୋଜନା ଅନୁସାରେ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ, ପ୍ରତି ବ୍ଲକ୍‌ରେ ଅଧିକ ୧ ହଜାର ଏକର ଜମିରେ ଜଳସେଚନ ଏବଂ ପ୍ରତ୍ୟେକ ଗ୍ରାମକୁ ସ୍ଥାନୀୟ ଉନ୍ନୟନ କାର୍ଯ୍ୟ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ସରକାରଙ୍କ ନିଷ୍ପତ୍ତି ସଂପର୍କରେ ସେ ବୁଝାଇ ଥିଲେ । ସଂକୀର୍ଣ୍ଣ ପ୍ରାଦେଶିକତା, ଜାତିଆଣ ଓ ଆଞ୍ଚଳିକ ମନୋଭାବ କିପରି ଜାତୀୟ ଐକ୍ୟ ତଥା ସଂହତି କ୍ଷୁର୍ଣ୍ଣ କରୁଛି, ତାହା ସୂଚନା ଦେଇ ଏପରି ମନୋଭାବକୁ ଉତ୍ସାହିତ କରୁଥିବା ବିଭେଦକାରୀ ଶକ୍ତିଙ୍କ ପ୍ରତି ସତର୍କ ରହିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ସ୍ଥାନୀୟ ସମସ୍ୟା ସଂପର୍କରେ ଉଲ୍ଲେଖ କରି ଶ୍ରୀ ବିଶ୍ୱାଳ କହିଲେ ଯେ ପାରଳାଖେମୁଣ୍ଡି ପୌରସଂସ୍ଥା ଅନ୍ତର୍ଗତ ବିଭିନ୍ନ ଜଳାଶୟଙ୍କୁ ଏଣିକି ଆଉ ନିଲାମ କରାନଯାଇ ଦରିଦ୍ର ମତ୍ସ୍ୟଜୀବୀମାନଙ୍କୁ ୨/୩ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦିଆଯିବ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ ।

ବିଧାୟକ ଶ୍ରୀ ଗୋରାସାଙ୍ଗ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ସମାବେଶରେ ବିଧାୟକ ଶ୍ରୀ ଘନଶ୍ୟାମ ବେହେରା ସ୍ଥାନୀୟ ମତ୍ସଜୀବୀମାନଙ୍କର ବିଭିନ୍ନ ଅଭାବ ଅସୁବିଧା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଶେଷରେ ଶ୍ରୀ ବିଶ୍ୱାଳ ସ୍ଥାନୀୟ ତହସିଲର ୬୬ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨୬ ଜଣ ମତ୍ସ୍ୟଜୀବୀଙ୍କୁ ଜାଲ, ରାୟଗଡ଼ା ବ୍ଲକ୍‌ର ୧୪ ଜଣଙ୍କୁ ଜମିପଟ୍ଟା, ୧୧୧ ଜଣଙ୍କୁ ସିଲିଂ ବହିର୍ଭୂତ ଜମି ଓ ଘରଡ଼ିହ ପଟ୍ଟା, ଗୋସାଣୀ ବ୍ଲକର ୩୬ ଜଣଙ୍କୁ ଓ ରାୟଗଡ଼ା ବ୍ଲକ୍‌ର ୨୦ ଜଣଙ୍କୁ ଇ. ଆର. ଆର. ପି. ଅନୁଯାୟୀ କାଜୁବାଦାମ ସୃଷ୍ଟ ହୋଇଥିବା ଜମିର ପଟ୍ଟା ଏବଂ ଆଇ. ଆର ଡି.. ଅନୁଯାୟୀ ୧୨ ଜଣଙ୍କୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ ।

## ବ୍ୟାନର ପରିକଳ୍ପନାରେ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ

**—ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ**

ବ୍ୟାନର ପରିକଳ୍ପନାରେ ଯୋଗଦେଇଥିବା ଘରୋଇ ବସ୍‌ଗୁଡ଼ିକର ଯେଉଁ ମାଲିକ, ଡ୍ରାଇଭର ବା କଣ୍ଡକ୍ଟରମାନେ ଜନସାଧାରଣଙ୍କୁ ହଇରାଣ ହରକତ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସତର୍କ କରାଇ ଦେଇଛନ୍ତି ।

ଗତ ଅକ୍ଟୋବର ୩୦ ତାରିଖ ସଂଧ୍ୟାରେ ରାଜ୍ୟରେ ବ୍ୟାନର ପରିକଳ୍ପନାର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବ୍ୟାନର ପରିକଳ୍ପନା ପ୍ରବର୍ତ୍ତନ ପରେ କେତେକ ଅଞ୍ଚଳରେ ଘରୋଇ ବସ୍‌ଗୁଡ଼ିକର ମାଲିକ, ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କର ଅସହଯୋଗମୂଳକ ମନୋବୃତ୍ତି ଫଳରେ ଯାତ୍ରୀମାନେ ଘୋର ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିବା ସମ୍ପର୍କରେ ବହୁ ଆପତ୍ତି ଅଭିଯୋଗ ତାଙ୍କ ନିକଟରେ ଉପସ୍ଥାପିତ କରାଯାଇଛି । ଏହି ପରିକଳ୍ପନାର ସୁଯୋଗ ନେଇ ଅଧିକ ମୁନାଫା ଉଠାଇବା ଉଦ୍ଦେଶ୍ୟରେ ଏବଂ ଏହି ଜନହିତକର ପରିକଳ୍ପନାକୁ ଭଣ୍ଡୁର କରିବାର ଅଭିସନ୍ଧି ନେଇ ଘରୋଇ ବସ୍‌ଗୁଡ଼ିକର ଯେଉଁ ମାଲିକ, ଡ୍ରାଇଭର ବା କଣ୍ଡକ୍ଟରମାନେ ଜନସାଧାରଣଙ୍କୁ ଏଭଳି ହଇରାଣ ହରକତ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେ କହିଲେ ଯେ ଏହି ପରିକଳ୍ପନା ବିରୁଦ୍ଧରେ ପ୍ରତିବାଦ କରିବା ଉଦ୍ଦେଶ୍ୟରେ କେତେକ ଡ୍ରାଇଭର ପ୍ରତ୍ୟକ୍ଷଭାବେ ଅସହଯୋଗ ବା ଧର୍ମଘଟ କରିପାରନ୍ତି ବୋଲି ତାଙ୍କ ନିକଟରେ ସମ୍ବାଦ ପହଞ୍ଚିଛି । ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂପୃକ୍ତ ଡ୍ରାଇଭରଙ୍କ ଲାଇସେନ୍‌ସ ରଦ୍ଦ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇ ତାଙ୍କ ସ୍ଥାନରେ ସ୍ଥାୟୀଭାବରେ ନୂଆ ଡ୍ରାଇଭର ନିଯୁକ୍ତ

କରାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହାଛଡ଼ା, ସଂପୃକ୍ତ ମାଲିକଙ୍କୁ ମଧ୍ୟ ପରିକଳ୍ପନାରୁ ବାଦ ଦିଆଯାଇ ତାଙ୍କର ପରମିଟ ରଦ୍ଦ କରାଯିବା ବିଷୟ ବିଚାର କରାଯିବ ବୋଲି ସେ ଘୋଷଣା କରିଥିଲେ ।

ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାନର ପରିକଳ୍ପନା ଅନୁସାରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ସମୟନିର୍ଘଣ୍ଟ, ରୁଟ୍, ବସ୍ ଅଟକିବା ସ୍ଥାନ ଓ ରାତ୍ରୀ ରହଣି ସ୍ଥଳ ସମ୍ପର୍କରେ ଜନସାଧାରଣଙ୍କୁ ଅବହିତ କରାଇବାପାଇଁ ଏ ସଂପର୍କୀୟ ତଥ୍ୟ ବହୁଳଭାବରେ ପ୍ରଚାର କରାଯିବ ଏବଂ ଏସବୁରେ ଖିଲାପ କଲେ ସଂପୃକ୍ତ ବ୍ୟକ୍ତିମାନଙ୍କ ପ୍ରତି ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଥିଲା । ସମୟନିର୍ଘଣ୍ଟ ଅନୁସାରେ ବସ୍ ନ ଚଳାଇବା ଏବଂ ବସ ଅଟକିବାର ନିର୍ଦ୍ଦିଷ୍ଟ ସ୍ଥାନରେ ବସ୍ ନ ଅଟକାଇବା ସମ୍ପର୍କରେ ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ଓଡ଼ିଶା ରାଜ୍ୟ ପରିବହନ ନିଗମରେ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯିବ ଏବଂ ଏଭଳି ଆପତ୍ତି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ ବୋଲି ମଧ୍ୟ ଏହି ବୈଠକରେ ସ୍ଥିର କରାଯାଇଥିଲା ।

ଏହି ବୈଠକରେ ରାଜ୍ୟ ମୁଖ୍ୟଶାସନ ସଚିବ ଶ୍ରୀ ଜ୍ଞାନଚନ୍ଦ, ଓଡ଼ିଶା ରାଜ୍ୟ ପରିବହନ ନିଗମ ଓ ଓଡ଼ିଶା ସଡ଼କ ପରିବହନ ନିଗମର ଅଧ୍ୟକ୍ଷ, କଟକ, ପୁରୀ, ଗଞ୍ଜାମ ଓ ବାଲେଶ୍ୱର ଜିଲାର ଜିଲାପାଳମାନେ ଏବଂ ଅନ୍ୟାନ୍ୟ ସଂପୃକ୍ତ ପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ ।

---

## ଦରିଦ୍ର ରୋଗୀଙ୍କ ସେବା କରିବାକୁ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ଆହ୍ୱାନ

ସଂକୀର୍ଣ୍ଣ ଭେଦାଭେଦ ଓ ରାଜନୈତିକ ଚିନ୍ତାଧାରାର ଊର୍ଦ୍ଧ୍ୱରେ ରହି ସମାଜର ଦୁସ୍ଥ ତଥା ଦରିଦ୍ର ରୋଗିମାଙ୍କର ସେବା କରିବାକୁ ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ବଦାନ୍ୟ ବ୍ୟକ୍ତିମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଗତ ନଭେମ୍ବର ୫ ତାରିଖ ଦିନ କଟକ ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ସାରଳା ମନ୍ଦିର ନିକଟସ୍ଥ 'କରୁଣା ନିବାସ' ଧର୍ମଶାଳାଠାରେ କଟକ ରୋଟାରୀ କ୍ଲବ୍ ଉଦ୍ୟମରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ, ପ୍ରଧାନ ମନ୍ତ୍ରୀଙ୍କ କୋଡ଼ିଏସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସରକାର କୁଷ୍ଠ ଓ ଯକ୍ଷ୍ମା ଏବଂ ଅନ୍ଧତ୍ୱ ନିରାକରଣ ଦିଗରେ ସକ୍ରିୟ ପଦକ୍ଷେପ ନେଇଛନ୍ତି । ଏହିସବୁ ରୋଗର ବ୍ୟାପକତା ସଂପର୍କରେ ଉଲ୍ଲେଖ କରି ଶ୍ରୀ ବିଶ୍ୱାଳ କହିଲେ ଯେ ଓଡ଼ିଶାରେ ଥିବା ୬୦ ହଜାର ଚକ୍ଷୁ ରୋଗୀଙ୍କର ପରଳ ଅସ୍ତ୍ରୋପଚାର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । କଟକ ରୋଟାରୀ କ୍ଲବର ଉଦ୍ୟମରେ ଚଳିତ ବର୍ଷ ୧ ହଜାର ଚକ୍ଷୁ ରୋଗୀଙ୍କ ସମେତ ରାଜ୍ୟର ୩୪ଟି ରୋଟାରୀ କ୍ଲବ୍ ଦ୍ୱାରା ସମୁଦାୟ ୬ ହଜାର ରୋଗୀଙ୍କର ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ହୋଇଥିବାରୁ ମନ୍ତ୍ରୀ କ୍ଲବ୍ କର୍ତ୍ତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଚଳିତ ଡିସେମ୍ବର ମାସରେ କୃଷ୍ଣାନନ୍ଦପୁର ଓ ରାହାମାଠାରେ ୨ଟି ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ଏବଂ ସେଥିପାଇଁ ସେ ଆର୍ଥିକ ସହାୟତା କରିବେ ବୋଲି ସୂଚନା ଦେଇଥିଲେ । ସେ ପୁଣି କହିଲେ ଯେ ସାରଳା ମନ୍ଦିର ନିକଟସ୍ଥ ପୁଷ୍କରିଣୀର ପଂକୋଦ୍ଧାର ତଥା ଉନ୍ନତି ପାଇଁ ବଦାନ୍ୟ ବ୍ୟକ୍ତିମାନେ ୭୦ ହଜାର ଟଙ୍କା ସାହାଯ୍ୟ କରିଛନ୍ତି ।

ପ୍ରାରମ୍ଭିକ ଭାଷଣ ଦେଇ ରୋଟାରୀ କ୍ଲବ୍ ସଭାପତି ତଥା ଭିଜିଲାନ୍‌ସ୍ ଆ. ଜି. ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେନାପତି କହିଲେ ଯେ ଗ୍ରାମାଞ୍ଚଳରେ ରୋଟାରୀ କ୍ଲବ୍ ତରଫରୁ ଏହିପରି ଚକ୍ଷୁ ଚିକିତ୍ସା ଶିବିର ଏବଂ ମିଳିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଦରିଦ୍ର ରୋଗୀଙ୍କର ସେବା କରିବାକୁ ସ୍ଥିର ହୋଇଛି । ଏହି ଶିବିରକୁ ମିଶାଇ ତିର୍ତ୍ତୋଲ ବ୍ଲକ୍‌ରେ ୪ଟି ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହେଲଣି । ଶିବିର ହୋଇଥିବା ସ୍ଥାନମାନଙ୍କର ନାମ ହେଲ:—ଜଗନ୍ନାଥପୁର, ମଣିଜଙ୍ଗା ଓ କୋଲର । ପ୍ରତ୍ୟେକ ଶିବିରରେ ସ୍ଥାନୀୟ ଗ୍ରାମବାସୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୪।୫ ହଜାର ଚକ୍ଷୁ ରୋଗୀଙ୍କର ଚକ୍ଷୁ ପରୀକ୍ଷା ଓ ଚିକିତ୍ସା କରାଯାଇଥାଏ ବୋଲି ଶ୍ରୀ ସେନାପତି ସୂଚନା ଦେଇଥିଲେ । ସେ ପୁଣି କହିଲେ ଯେ କଟକ ମେଡ଼ିକାଲ କଲେଜର ଚକ୍ଷୁ, ନାସା ଓ ଗଳା, ଚର୍ମ, ଶିଶୁରୋଗ ଏବଂ ଦନ୍ତରୋଗ ଇତ୍ୟାଦି ବିଭାଗଗୁଡ଼ିକର ବିଶେଷଜ୍ଞମାନଙ୍କ ସହାୟତାରେ ଏହି ବ୍ଲକ୍‌ରେ ୨ଟି ମିଳିତ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଯାଇଛି । ରୋଟାରୀ କ୍ଲବ୍‌ର ଏହିସବୁ ସେବାମୂଳକ କାର୍ଯ୍ୟ ପୂର୍ତ୍ତମନ୍ତ୍ରୀଙ୍କର ଅକୁଣ୍ଠିତ ସାହାଯ୍ୟ ତଥା ଆନ୍ତରିକ ସହଯୋଗ ଫଳରେ ସଫଳ ହୋଇ ପାରିଥିବାରୁ ଶ୍ରୀ ସେନାପତି କୃତଜ୍ଞତା ଜ୍ଞାପନ କରିଥିଲେ ।

ଏହି କନକପୁର ଶିବିରରେ ୫୪୧ ଜଣ ଚକ୍ଷୁ ରୋଗୀକୁ ପରୀକ୍ଷା କରାଯାଇ ୫୧ ଜଣ ପରଳ ରୋଗୀଙ୍କର ଅସ୍ତ୍ରୋପଚାର କରାଯାଇଛି । ଚକ୍ଷୁଚିକିତ୍ସା ବିଶେଷଜ୍ଞ ଡ଼ଃ ବ୍ରଜ ସୁନ୍ଦର ମିଶ୍ର, ଡ଼ଃ ଅରୁଣ ମହାପାତ୍ର ଓ ଡ଼ଃ ବସନ୍ତ ସ୍ୱାଇଁ ସେମାନଙ୍କର ସହକର୍ମୀମାନଙ୍କର ସହାୟତାରେ ଅସ୍ତ୍ରୋପଚାର କରିଛନ୍ତି ।

ଶେଷରେ ମନ୍ତ୍ରୀ ଚକ୍ଷୁ ରୋଗୀମାନଙ୍କୁ ଚଷମା ବଣ୍ଟନ କରିଥିଲେ ଏବଂ ଔଷଧ ଓ ଫଳ କିଣିବା ବାବଦରେ ଆର୍ଥିକ ସାହାଯ୍ୟ ଦେଇଥିଲେ ।

ରୋଟାରୀଆନ୍ ତଥା ଏସ୍. ଇ. ଶ୍ରୀ ଶିବ ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

OGP—MP-VI (I. & P. R.) 49—10,000—2-3-1984



ଚନ୍ଦକା ଶିଳ୍ପାଞ୍ଚଳରେ ମୁଖ୍ୟମନ୍ତ୍ରୀ
ଶ୍ରୀ ପଟ୍ଟନାୟକଙ୍କ ଇଲେକ୍ଟ୍ରୋନିକ୍ସ
କାଳଘଣ୍ଟି କାରଖାନା ଉଦଘାଟନ କରୁଛନ୍ତି।

C.M SHRI PATTANAIK INAUGURATING
63 LAKH ELECTRONIC WATCH FACTORY
AT CHANDAKA..




ସଚିବାଳୟ ସେବା ସଂଗଠନ
ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ
ଶ୍ରୀ ପଟ୍ଟନାୟକଙ୍କ ଉଦ୍‌ବୋଧନ....



URBAN DEVELOPMENT MINISTER
SHRI BISWAL PLANTING TREE
AT SATICHAURA...

ସତୀଚଉରା ଠାରେ ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ
ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ବୃକ୍ଷରୋପଣ...

Vol. XL No. 4/5 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment

